# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୬/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, December 16/2025 | Page 16 | ₹ 7.00

୫୨ଶ ଭାଗ ୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 23 | ମୂଲ୍ୟ ₹୭/-




**ଶେଫାଳି ପ୍ଲେୟର ଅଫ୍ ଦି ମନ୍ଥ୍**

ନଭେମ୍ବର ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି ଭାରତୀୟ ମହିଳା ବ୍ୟାଟର ଶେଫାଳି ବର୍ମା।

**୧୬ ୦୨**

**୨ ସନ୍ତାନ ପରେ ପ୍ରେମିକାଙ୍କ ସହ ନିର୍ବନ୍ଧ କଲେ ଅର୍ଜୁନ ରାମପାଲ**

ଅଭିନେତା ଅର୍ଜୁନ ରାମପାଲ ତାଙ୍କର ଦୀର୍ଘକାଳୀନ ପ୍ରେମିକା ଗାବ୍ରିଏଲା ଡେମେଟ୍ରିଏଡେସ ସହିତ ୬ ବର୍ଷ ଡେଟିଂ ଏବଂ ୨ ସନ୍ତାନ ଜନ୍ମ ପରେ ନିର୍ବନ୍ଧ କରିଛନ୍ତି।





କେନ୍ଦୁଝର ଜିଲା କାଞ୍ଜିପାଣି ଘାଟିରେ ଏକ ଟ୍ରେଲର ଗତ ୩ ଦିନ ହେଲା ଓଲଟି ପଡ଼ିଛି। ଫଳରେ ରାଜପଥର ଗୋଟିଏ ଲେନ୍ ଅବରୋଧ ହୋଇ ରହିଥିବାରୁ ଯାତାୟାତ ପ୍ରଭାବିତ ହେଉଛି।

# ଏମ୍‌ଜିଏନ୍‌ଆର୍‌ଇଜିଏ ନାମ ବଦଳାଇବାକୁ ବିଲ୍ ଆଣିବ କେନ୍ଦ୍ର

**ଗ୍ରାମାଞ୍ଚଳର ଲୋକଙ୍କୁ ନିଶ୍ଚିତ ରୋଜଗାର ଯୋଗାଇବା ଲକ୍ଷ୍ୟ ନେଇ ୨୦୦୫ରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସଂସଦରେ ଏନ୍‌ଆର୍‌ଇଜିଏ(ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ) ବିଲ ଗୃହୀତ କରାଇଥିଲେ। ୨୦୦୬ରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏଥିପାଇଁ ପ୍ରଥମେ ୧୧,୩୦୦ କୋଟି ଟଙ୍କାର ବଜେଟ ରଖାଯାଇଥିବାବେଳେ ୨୦୨୫-୨୬ରେ ଏହା ୮୬,୦୦୦ କୋଟିରେ ପହଞ୍ଚିଛି। ଗ୍ରାମାଞ୍ଚଳରେ ଲୋକଙ୍କୁ ୧୦୦ ଦିନ କାମ ଯୋଗାଇବାକୁ ଉଦ୍ଦିଷ୍ଟ ଏହି ଯୋଜନାର ନାଁର ଆରମ୍ଭରେ ୨୦୦୯ରେ ମହାତ୍ମା ଗାନ୍ଧୀଙ୍କ ନାମ ଯୋଡ଼ଯାଇଥିଲା। ସେବେଠାରୁ ଏହା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ(ଏମ୍‌ଜିଏନ୍‌ଆରଇଜିଏ) ଭାବେ ପରିଚିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ସୋମବାର ଏହି ଯୋଜନାର ନାମ ପରିବର୍ତ୍ତନ କରି ଭିବି-ଜି ରାମ୍ ଜି(ବିକଶିତ ଭାରତ- ରୋଜଗାର ଗ୍ୟାରେଣ୍ଟି ଓ ଅଜୀବିକା ମିଶନ(ଗ୍ରାମୀଣ) ରଖିବାକୁ ଯାଉଛନ୍ତି। 'ଏମ୍‌ଜିଏନ୍‌ଆରଇଜିଏ' ଯୋଜନାରେ କେନ୍ଦ୍ର ସରକାର ସମସ୍ତ ଖର୍ଚ୍ଚ ବହନ କରୁଥିବାବେଳେ ବର୍ତ୍ତମାନ ଏହାର ଆର୍ଥିକ ବୋଝ ରାଜ୍ୟ ଓ କେନ୍ଦ୍ରଶାସିତ ରାଜ୍ୟ ଉପରେ ପଡ଼ିବ।**

ନୂଆଦିଲ୍ଲୀ,୧୫।୧୨

**ରାଜ୍ୟ ଉପରେ ପଡ଼ିବ ୪୦% ପାଣ୍ଠି ବୋଝ**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) ନାମକୁ ବଦାଇବା ପାଇଁ କେନ୍ଦ୍ର ସରକାର ଚଳିତ ସପ୍ତାହରେ ଲୋକ ସଭାରେ ବିଲ୍ ଆଣିବା ଆଶା କରାଯାଉଛି। ଏହି ବିଲ୍ ନାଁ ରହିଛି ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ବିଲ୍, ୨୦୨୫। ଏଥିରେ ଗ୍ରାମାଞ୍ଚଳର ପରିବାରଗୁଡ଼ିକୁ ଗୋଟିଏ ଆର୍ଥିକ ବର୍ଷରେ ୧୦୦ ଦିନ ☞ପୃଷ୍ଠା-୪

# ୧ ଡଲାର= ୯୦.୭୪ ଟଙ୍କା

ମୁମ୍ବାଇ,୧୫।୧୨(ପି.ଟି.)




ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ସର୍ବନିମ୍ନ ସ୍ତର ୯୦.୮୦ ଛୁଇଁବା ପରେ ୯୦.୭୪ରେ ବନ୍ଦ ରହିଛି। ଅର୍ଥାତ୍ ୧ ଡଲାର ମୂଲ୍ୟ ୯୦ ଟଙ୍କା ୭୪ ପଇସା ହୋଇଛି। ପୂର୍ବଦିନ ତୁଳନାରେ ଟଙ୍କା ମୂଲ୍ୟ ୨୫ ପଇସା ହ୍ରାସ ପାଇଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମାକୁ ନେଇ ଅନିଶ୍ଚିତତା ବଢୁଥିବାବେଳେ ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ପୁଞ୍ଜି ଉଠାଇ ନେଉଥିବାରୁ ଟଙ୍କା ମୂଲ୍ୟ ନିମ୍ନଗାମୀ ହୋଇଚାଲିଛି। କ୍ଷତି ଆଶଙ୍କା ଥିବା ବଜାର ମନୋଭାବ ସାଙ୍ଗକୁ ଆମେରିକୀୟ ଡଲାର ପ୍ରତି ଆମଦାନିକାରୀଙ୍କ ଚାହିଦା ବଢୁଥିବାରୁ ନିବେଶକଙ୍କ ମନୋଭାବ ଆହୁରି ଦୁର୍ବଳ ହେଉଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଦିବସ ଆରମ୍ଭରେ ୯୦.୫୩ ଥିଲାବେଳେ ପରେ ରେକର୍ଡ ଇଣ୍ଟ୍ରା-ଡେ ନିମ୍ନ ସ୍ତର ୯୦.୮୦କୁ ଖସିଥିଲା। କାରବାର ଶେଷରେ ଏହା ସାମୟିକ ଭାବେ ୯୦.୭୪ରେ ସ୍ଥିର ରହିଥିଲା। ସୂଚନାଯୋଗ୍ୟ, ଗତ ଶୁକ୍ରବାର ଟଙ୍କା ମୂଲ୍ୟ ୧୭ ପଇସା ହ୍ରାସ ପାଇ ୯୦.୪୯ରେ ପହଞ୍ଚିଥିଲା।

# ପ୍ରେମିକାକୁ ବିଷ ପିଆଇବା ପରେ ପିଟି ମାରିଦେଲେ

ନୟାଗଡ/ଶରଣକୁଳ,୧୫।୧୨
(ଲୋକନାଥ ମିଶ୍ର/ଦୀପକ କର)

ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଚାଲିଯାଇଛି ୨ଟି ଜୀବନ। ପ୍ରେମରେ ଅସଫଳ ହେବାରୁ ସୋମବାର ଜଣେ ଯୁବକ ମନ୍ଦିର ପରିସରରେ ଜଣେ ନାବାଳିକାଙ୍କୁ ବିଷ ପିଆଇ ଲୁହା ପାଇପ୍(ଫୁଙ୍କନଳି)ରେ ପିଟି ହତ୍ୟା କରିଛନ୍ତି। ନାବାଳିକାଙ୍କୁ ରକ୍ତାକ୍ତ ଅବସ୍ଥାରେ ମନ୍ଦିରର ପାଚେରି ବାହାରକୁ ଫିଙ୍ଗି ଦେବା ପରେ ନିଜେ ବିଷ ପିଇ ଆମ୍ବୁଲାନ୍ସକୁ ଫୋନ୍ କରି ଜଣାଇଥିଲେ। ଘଟଣାଟି ଶରଣକୁଳ ଥାନା ଅନ୍ତର୍ଗତ ସାବିଦେଇପୁର ମନ୍ଦିର ପରିସରରେ ଘଟିଥିବାବେଳେ ଆକ୍ରମଣକାରୀ ଯୁବକ ହେଉଛନ୍ତି ନୟାଗଡ଼ ଜିଲା ଶରଣକୁଳ ଥାନା ମଗରବନ୍ଧ ଗାଁର ପୂର୍ଣ୍ଣଚନ୍ଦ୍ର ନାୟକ ଓରଫ ମିଥୁନ(୨୩)। ଉଭୟ ପୂର୍ଣ୍ଣଚନ୍ଦ୍ର ଏବଂ ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିବାବେଳେ ପୂର୍ଣ୍ଣଚନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ରଙ୍କ ମଧ୍ୟ ରାତିରେ ମୃତ୍ୟୁ ଘଟିଥିବା ଟାଉନ୍ ଥାନା ଆଇଆଇସି ରଶ୍ମୀରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ନାବାଳିକା ବାପାଙ୍କ ଅଭିଯୋଗ ଅନୁସାରେ ଥାନାରେ ନଂ.୨୬୮/୨୫ରେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଶରଣକୁଳ ଥାନା ଆଇଆଇସି ସୁଜିତ କୁମାର ଦାସ କହିଛନ୍ତି।

ସୂଚନା ଅନୁସାରେ, ପୂର୍ଣ୍ଣଚନ୍ଦ୍ର ଗତ ୨ବର୍ଷ ହେଲା ଉକ୍ତ ନାବାଳିକାଙ୍କୁ ଭଲ ପାଉଥିଲେ। ପରିବାର ପକ୍ଷରୁ ଏହାକୁ ବିରୋଧ ପରେ ନାବାଳିକା ପୂର୍ଣ୍ଣଚନ୍ଦ୍ରଙ୍କଠାରୁ ସମ୍ପର୍କ କାଟି ଦେଇଥିଲେ। ହେଲେ ପୂର୍ଣ୍ଣଚନ୍ଦ୍ର ଏକତରଫା ଭାବେ ନାବାଳିକାଙ୍କୁ ଭଲପାଇ ଆସୁଥିଲେ। ଘଟଣା ସମ୍ପର୍କରେ ପୂର୍ଣ୍ଣଚନ୍ଦ୍ରଙ୍କ ମା'ବାପାଙ୍କୁ ନାବାଳିକାଙ୍କ ପରିବାର ଲୋକେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ମୃତ ନାବାଳିକାଙ୍କ ବାପା ଥାନାରେ କରିଥିବା ଅଭିଯୋଗ ଅନୁସାରେ, ତାଙ୍କ ଝିଅ ଦଶମ ଶ୍ରେଣୀରେ ପଢ଼େ। ସୋମବାର ସକାଳ ୭ଟାରେ ସେ ସାବିଦେଇପୁର ଶିବ ମନ୍ଦିରକୁ ଯାଇଥିଲା। ମଗରବନ୍ଧର ପୂର୍ଣ୍ଣଚନ୍ଦ୍ର ମନ୍ଦିର ପରିସରରେ ଝିଅକୁ ଟଣାଓଟରା କରିଥିଲେ।

### ବିଷ ପିଇ ଚିକିତ୍ସାଧୀନ ଅବସ୍ଥାରେ ପ୍ରେମିକଙ୍କ ମୃତ୍ୟୁ

ସେ ରାଜି ନ ହେବାରୁ ତାଙ୍କୁ ବିଷ ପିଆଇ ମନ୍ଦିରରେ ପଡ଼ିଥିବା ଏକ ଫୁଙ୍କନଳିରେ ମୁଣ୍ଡକୁ ପିଟି ଫିଙ୍ଗି ଦେଇଥିଲେ। ଏହାପରେ ନିଜେ ମଧ୍ୟ ବିଷ ପିଇ ଦେଇଥିଲେ। ପୂଜକ ଓ ସାବିଦେଇପୁର ଗାଁର କେତେକ ଲୋକ ଏହା ଜାଣିଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ମୃତ ନାବାଳିକାଙ୍କ ମା'ଙ୍କ କହିବା ହେଲା, ଝିଅ ଟିଉଶନ ଯାଇଥିଲା। କିନ୍ତୁ ସାର୍ କହିଲେ ଝିଅ ଆସି ନାହିଁ। ସାର୍‌ଙ୍କଠାରୁ ଖବର ପାଇ ଖୋଜାଖୋଜି କରିବାକୁ ଗଲାବେଳେ ଝିଅକୁ ସାବିଦେଇପୁର ମନ୍ଦିରରେ ଫୁଙ୍କନଳିରେ ପୂର୍ଣ୍ଣଚନ୍ଦ୍ର ପିଟିଥିବା ଖବର ପାଇଲୁ। ପାଖରେ ରକ୍ତଲଗା ଫୁଙ୍କନଳି ପଡ଼ିଥିଲା। ଖବରପାଇ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଦେଖିଲୁ ଝିଅ ନାହିଁ। ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ଦେଖିବାକୁ ପାଇଲୁ ବୋଲି ମା' କହିଛନ୍ତି। ଅପରପକ୍ଷରେ ପୂର୍ଣ୍ଣଚନ୍ଦ୍ରଙ୍କ ଭିଣୋଇ ଅଶୋକ ନାୟକ କୁହନ୍ତି, ଉଭୟ ପରସ୍ପରକୁ ପ୍ରାୟ ୨ବର୍ଷ ହେବ ଭଲ ପାଉଥିଲେ। ଏକତରଫା ପ୍ରେମ ବୋଲି ଝିଅ ଘର ଯେଉଁ ଅଭିଯୋଗ ଆଣିଛନ୍ତି ତାହା ମିଛ। ପୋଲିସ ତଦନ୍ତ ପରେ ସବୁ କିଛି ଜଣାପଡ଼ିବ। ଅପରପକ୍ଷରେ ଡାକ୍ତର ପୁରାଲି ସାହୁ କୁହନ୍ତି, ନାବାଳିକା ଏବଂ ଯୁବକ ୨ଜଣ ବିଷ ପିଇଥିଲେ। ଚିକିତ୍ସାଳୟକୁ ଆସିବାବେଳେ ଉଭୟେ ଗୁରୁତର ଥିଲେ। ନାବାଳିକାଙ୍କ ମୃତ୍ୟୁ ହୋଇଛି। ଯୁବକଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି ବୋଲି ଡାକ୍ତର ସାହୁ କହିଛନ୍ତି।

# ଶିମିଳିପାଳ ସମ୍ବେଦନଶୀଳ ଅଞ୍ଚଳରେ ସ୍ଥାୟୀ ନିର୍ମାଣ

**ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନର ଇକୋ ସେନ୍‌ସିଟିଭ ଜୋନ୍ (ପରିବେଶ ସମ୍ବେଦନଶୀଳ ଅଞ୍ଚଳ)ରେ ଆଦିବାସୀଙ୍କ ଜମିକୁ ଲିଜ୍‌ସୂତ୍ରରେ ନିଆଯାଇ କେତେକ ବେଆଇନ ନିର୍ମାଣ ଜାରି ରହିଛି। ବ୍ୟବସାୟ ପାଇଁ ଆଦିବାସୀଙ୍କୁ ହାତବାରିସି କରି ପୁଞ୍ଜିପତିମାନେ ମାଲାମାଲ ହେଉଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ପିଠାବଟାରେ ଲୁଲୁଙ୍ଗସ୍ଥିତ ସମ୍ବେଦନଶୀଳ ଅଞ୍ଚଳରେ ଜଣେ ଗରିବ ଶ୍ରେଣୀ ଲୋକଙ୍କ ଜମିରେ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ସଂଯୋଗ କରାଯାଇ ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ରିସର୍ଟ ନିମନ୍ତେ କୋଠା ନିର୍ମାଣ କାର୍ଯ୍ୟ କରାଯାଉଛି। ନିୟମ ଅନୁଯାୟୀ ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବଡ଼ ନିର୍ମାଣକୁ ସୁପ୍ରିମ୍‌କୋର୍ଟ ନିଷେଧ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଉଥିବାବେଳେ ଆଦିବାସୀଙ୍କ ଜମିରେ ନିର୍ମାଣ କାର୍ଯ୍ୟ ହେଉଥିବାରୁ ଏନେଇ ଜିଲା ପ୍ରଶାସନ ନୀରବ ରହୁଛି। ଫଳରେ ଶିମିଳିପାଳର ଜୈବବିବିଧତା ପ୍ରତି ବଡ଼ ବିପଦ ଘନେଇଛି। ରିସର୍ଟ ପାଇଁ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ସରିବା ଏବଂ କୋଠା ନିମନ୍ତେ କଂକ୍ରିଟ୍ କାର୍ଯ୍ୟ ଆରମ୍ଭ ହେବା ପରେ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସଦଳବଳ ପହଞ୍ଚି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଏହାସହିତ କାହା ଦ୍ୱାରା ଏହି ନିର୍ମାଣ ହେଉଛି, ତା'ର ତଦନ୍ତ କରିବା ପାଇଁ ଗୋଗିନେନୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।**

ବାରିପଦା,୧୫।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଶ୍ୱରେ କଳାବାଘ ରହୁଥିବା ଶିମିଳିପାଳରେ ପର୍ଯ୍ୟଟକଙ୍କ ରହିବା, ଖାଇବା ଏବଂ ଆମୋଦପ୍ରମୋଦ ପାଇଁ କେତେକ ହୋଟେଲ ଓ ରିସର୍ଟ ନିର୍ମାଣ କାର୍ଯ୍ୟ ପ୍ରଶାସନର ବିନା ଅନୁମତିରେ ଚାଲୁ ରହିଛି। ଲୁଲୁଙ୍ଗସ୍ଥିତ ସମ୍ବେଦନଶୀଳ ଅଞ୍ଚଳରେ ଜଣେ ଆଦିବାସୀଙ୍କ ଜମିରେ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସିଛି। ଏହା ସହିତ ରିସର୍ଟ ନିର୍ମାଣ ପାଇଁ କଂକ୍ରିଟ କାର୍ଯ୍ୟ ଚାଲିଥିଲା। ଏହାକୁ ନେଇ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ସଂରକ୍ଷିତ ଜଙ୍ଗଲରୁ ୧ କି.ମି. ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ତଥାପି ନିରବଚ୍ଛିନ୍ନ ଭାବେ ଚାଲିଥିବା ବେଆଇନ ନିର୍ମାଣ ପ୍ରତି ଜିଲା ପ୍ରଶାସନର ଦୃଷ୍ଟି ପଡୁନାହିଁ। ଅଞ୍ଚଳରେ କୌଣସି କାର୍ଯ୍ୟ କରିବା ପୂର୍ବରୁ ଜିଲାପାଳଙ୍କ ଅନୁମତିର ଆବଶ୍ୟକତା ରହିଛି। ଏପରିକି ବନ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଏକ କମିଟି ମାଧ୍ୟମରେ ନିୟମକୁ ଅନୁପାଳନ ପୂର୍ବକ ଅନୁମତି ଦେବାର ବ୍ୟବସ୍ଥା ରହିଛି। ୨୦୨୨ରେ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ପ୍ରତ୍ୟେକ ସଂରକ୍ଷିତ ଅଞ୍ଚଳରେ ଅତି କମ୍‌ରେ ☞ପୃଷ୍ଠା-୪

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା



ଆଦିବାସୀଙ୍କ ଜମିରେ ନିର୍ମାଣ ହୋଇଥିବା ବିଦ୍ୟୁତ୍ ଷ୍ଟ୍ରକ୍‌ଚର।

# ବଢ଼ିଲା ଆୟୁର୍ବେଦିକ, ହୋମିଓପାଥିକ କଲେଜର ପିଜି ଛାତ୍ରୀଛାତ୍ରଙ୍କ ଭତ୍ତା

- ପିଜି ଛାତ୍ରଙ୍କ ଲାଗି ଜାନୁଆରୀ, ହାଉସସର୍ଜନଙ୍କ ପାଇଁ ଅଗଷ୍ଟ ପହିଲାରୁ ଲାଗୁ ହେବ

ଭୁବନେଶ୍ୱର,୧୫।୧୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଭିନ୍ନ ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ କଲେଜରେ ପଢୁଥିବା ପିଜି ଛାତ୍ରୀଛାତ୍ରଙ୍କ ପାଇଁ ମିଳୁଥିବା ଷ୍ଟାଇପେଣ୍ଡ(ଭତ୍ତା)ରେ ବ୍ୟାପକ ବୃଦ୍ଧି କରିଛନ୍ତି। ଆୟୁର୍ବେଦ ଓ ହୋମିଓପାଥିକ ଚିକିତ୍ସା କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଉଭୟ ପାଠ୍ୟକ୍ରମରେ ପିଜି କରୁଥିବା ୧୨୦ ଛାତ୍ରୀଛାତ୍ର ଉପକୃତ ହେବେ। ଏହି ନୂତନ ଷ୍ଟାଇପେଣ୍ଡ ୨୦୨୬ ଜାନୁଆରୀ ପହିଲାରୁ ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସରକାରଙ୍କ ଏହି ନିଷ୍ପତ୍ତି ଅନୁଯାୟୀ ପିଜି ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡରେ ୫୫% ବୃଦ୍ଧି କରାଯାଇଛି। ପୂର୍ବରୁ ସେମାନଙ୍କ ମାସିକ ଷ୍ଟାଇପେଣ୍ଡ ☞ପୃଷ୍ଠା-୪

**କଂଗ୍ରେସରୁ ମୋକିମ୍ ବହିଷ୍କୃତ**

ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

**ଜଗନ୍ନାଥ ଗ୍ରହଣୀୟ**

# ଦୟାନଦୀ ନିକଟରେ ନାବାଳିକାଙ୍କୁ ଗଣବଳାତ୍କାର

ଭୁବନେଶ୍ୱର,୧୫।୧୨(ସତ୍ୟଜିତ ରାଉତ)

- ୨ ଅଭିଯୁକ୍ତ ଗିରଫ
- ଧଉଳିରୁ ଫେରିବାବେଳେ ପୁରୁଷବନ୍ଧୁଙ୍କ ସାମ୍ନାରେ କାଣ୍ଡ ଘଟାଇଲେ ଅଭିଯୁକ୍ତ

ରାଜଧାନୀରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ପୁରୁଷବନ୍ଧୁଙ୍କ ସହ ଧଉଳି ବୁଲିବାକୁ ଯାଇଥିବା ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ୫ ଦିନ ତଳେ ଦୟା ନଦୀ ନିକଟରେ ଏହି ଘଟଣା ଘଟିଥିବାବେଳେ ସୋମବାର ପୋଲିସ ଏହି ମାମଲାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବାପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟଙ୍କ ପରିଚୟକୁ ପୋଲିସ ଗୋପନ ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ୧୭ ବର୍ଷୀୟା ନାବାଳିକା ଜଣକ ଯୁକ୍ତ ୨ରେ ପଢୁଛନ୍ତି। ଗତ ୧୦ ତାରିଖରେ ପୁରୁଷବନ୍ଧୁଙ୍କ ସହ ପୀଡ଼ିତା ଜଣକ ଧଉଳି ବୁଲିବାକୁ ଯାଇଥିଲେ। ସେମାନେ ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ଏଭଳି ଅପରାଧର ଶିକାର ହୋଇଥିଲେ। ଦୟା ନଦୀ ପଠା ଲିଙ୍ଗିପୁର ଗ୍ରାମ ନିକଟରେ ଏକ ଶୂନଶାନ୍ ସ୍ଥାନରେ ଗିରଫ ଅଭିଯୁକ୍ତଦ୍ୱୟ ଏବଂ ତାଙ୍କ ସହଯୋଗୀମାନେ ନାବାଳିକା ଏବଂ ପୁରୁଷ ବନ୍ଧୁଙ୍କୁ ଅଟକାଇଥିଲେ। ☞ପୃଷ୍ଠା-୪

# ୨ ନୂତନ ପ୍ରଜାତିର କୀଟ ସନ୍ଧାନ

ବ୍ରହ୍ମପୁର,୧୫।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥାର ବୈଜ୍ଞାନିକ ଓ ଗବେଷକମାନେ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ଅନ୍ତର୍ଗତ ଦିଘା ଓ ବାଙ୍କିପୁଟ ବଙ୍ଗୋପସାଗର ଉପକୂଳ ଅଞ୍ଚଳରୁ ୨ଟି ନୂତନ ସମୁଦ୍ର କୀଟର ସନ୍ଧାନ ପାଇଛନ୍ତି। ଏହି ୨ଟି ନୂତନ ପ୍ରଜାତିର କୀଟ ନାମ 'ନାମାଲିକାଷ୍ଟିସ ସୋଲେନୋଟୋଗ୍ନାଥା' ଓ 'ନେରେଇସ ଧ୍ରିତିୟେ' ରଖାଯାଇଛି। ବଙ୍ଗୋପସାଗର ଅଞ୍ଚଳରୁ ନେରେଇଡିଡ ପରିବାରର ଏହି ୨ଟି ନୂତନ ପ୍ରଜାତିର କୀଟ ସମ୍ବନ୍ଧୀୟ ଗବେଷଣାପତ୍ର ଭାବେ ଏକ ଅନ୍ତର୍ଜାତୀୟ ବୈଜ୍ଞାନିକ ପତ୍ରିକାରେ ପ୍ରକାଶ ପାଇଛି। ପୃଥିବୀରେ ପ୍ରଥମଥର ପାଇଁ ଏହି କୀଟର ସନ୍ଧାନ ମିଳିଛି ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଅନିଲ ମହାପାତ୍ର କହିଛନ୍ତି। ନାମାଲିକାଷ୍ଟିସ ସୋଲେନୋଟୋଗ୍ନାଥା ପ୍ରଜାତି



ନାମାଲିକାଷ୍ଟିସ ସୋଲେନୋଟୋଗ୍ନାଥା



ନେରେଇସ ଧ୍ରିତିୟେ

ଗଡ଼ିପଡ଼ିଥିବା ହେନ୍ତାଳ ଗଛ, ଗଛର ଛେଲି ଓ କଠିନ ମାଟି ସହିତ ସମ୍ପୃକ୍ତ। ନେରେଇସ ଧ୍ରିତିୟେ ପ୍ରଜାତି ବାଲୁକାମୟ ସମୁଦ୍ରତଟରେ ପଡ଼ିଥିବା କାଠ ଟୁକୁଡ଼ା ମଧ୍ୟରେ ବାସ କରେ। ଯାହା ଉଚ୍ଚ ଜୁଆର ସମୟରେ ଜଳମଗ୍ନ ହୋଇଯାଏ। ଏହି ପ୍ରଜାତିଗୁଡ଼ିକ ପରିବେଶର ସ୍ଥିତି ଚିହ୍ନଟ କରିବାରେ ସୂଚକ ଭାବେ ମଧ୍ୟ ଉପଯୋଗୀ ହୋଇପାରନ୍ତି। ଅଧ୍ୟୟନରୁ ପ୍ରକାଶ ପାଇଛି ଯେ ଏହି ପ୍ରଜାତିଗୁଡ଼ିକ ଅଧିକାଂଶ ଦୂଷିତ ଉପକୂଳୀୟ ଅଞ୍ଚଳ ଓ ମାନବ ସୃଷ୍ଟ କାର୍ଯ୍ୟକଳାପରେ ପ୍ରଭାବିତ କ୍ଷେତ୍ରରେ ମିଳିଥାନ୍ତି। ଗବେଷକ ଜ୍ୟୋତ୍ସ୍ନା ପ୍ରଧାନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଅନିଲ ମହାପାତ୍ର ଏବଂ ମେକ୍ସିକୋର ବୈଜ୍ଞାନିକ ଟୁଲିଓ ଭିଲାଲୋବୋସଗୁ ଏରେରୋ କହିଛନ୍ତି ଯେ ବଙ୍ଗୋପସାଗରର ଉତ୍ତର ଅଞ୍ଚଳରେ କୀଟମାନଙ୍କ ଜୈବ ବିବିଧତା ଓ ତାହାର ପରିସ୍ଥିତିଗତ ଗୁରୁତ୍ୱ ବୁଝିବାରେ ଏହି ଆବିଷ୍କାର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ।

## ସଞ୍ଜୟ ସରାଓଗି ବିହାର ଭାଜପାର ନୂଆ ସଭାପତି

ନୂଆଦିଲ୍ଲୀ/ପାଟନା,୧୫।୧୨(ପି.ଟି.): ପୂର୍ବତନ ମନ୍ତ୍ରୀ ସଞ୍ଜୟ ସରାଓଗିଙ୍କୁ ବିହାରର ଭାଜପା ସଭାପତି ଭାବେ ସୋମବାର ନିଯୁକ୍ତି ଦିଆଯାଇଛି। ଏହି ପଦବୀରେ ଦିଲୀପ ଜୟସ୍ୱାଲ ୨ ବର୍ଷରୁ କମ୍ ସମୟ ରହିଥିବାବେଳେ ସରାଓଗି ତାଙ୍କ ସ୍ଥାନ ନେଇଛନ୍ତି। ୫୭ ବର୍ଷୀୟ ସରାଓଗି ବିହାର ଦରଭଙ୍ଗା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଅଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ତାଙ୍କୁ ବିହାରର ଭାଜପା ସଭାପତି ଭାବେ ନିଯୁକ୍ତି ଦେଇଥିବା ଦଳର ସାଧାରଣ ସମ୍ପାଦକ ଅରୁଣ ସିଂ ଏକ ବିଜ୍ଞପ୍ତିରେ କହିଛନ୍ତି।



**ଦିଲ୍ଲୀରେ ଆଜି**



ଭାଜପାର ନବନିଯୁକ୍ତ ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ନୀତିନ ନବୀନ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନୀତିନଙ୍କୁ ଦଳୀୟ ଏମ୍‌ପି ଡି. ପୁରନ୍ଦେଶ୍ୱରୀ ଓ ଅନ୍ୟମାନେ ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟକୁ ସ୍ୱାଗତ କରୁଛନ୍ତି। (ଫଟୋ: ଚମନ ଗୌତମ)

# ପହଲଗାମ୍ ମାମଲାରେ ଚାର୍ଜଶିଟ୍ ଦାଖଲ କଲା ଏନ୍‌ଆଇଏ

ନୂଆଦିଲ୍ଲୀ,୧୫।୧୨

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଗତ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ସୋମବାର ଜମ୍ମୁର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ପାକିସ୍ତାନୀ ପରିଚାଳକ ସାଜିଦ ଜାଟଙ୍କ ସମେତ ୭ ଜଣଙ୍କୁ ଅଭିଯୁକ୍ତ କରାଯାଇଛି। ଲଶ୍କର-ଇ-ତୋଇବା ଏବଂ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍)କୁ ମଧ୍ୟ ଅଭିଯୁକ୍ତ ତାଲିକାରେ ସାମିଲ କରାଯାଇଛି। ଅନ୍ୟମାନେ ହେଲେ ଗତ ଜୁଲାଇରେ ଶ୍ରୀନଗରର ଦାଚିଗାମ୍‌ରେ ଅପରେଶନ ମହାଦେବ ବେଳେ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହୋଇଥିବା ୩ ପାକିସ୍ତାନୀ ଆତଙ୍କବାଦୀ ଫୈଜଲ ଜାଟ ଓରଫ ସୁଲେମାନ୍ ଶାହ, ହବିବ ତାହିର ଓରଫ ଜିବ୍ରାନ୍ ଏବଂ ହାମ୍‌ଜା ଆଫଗାନି। ସୂଚନାଯୋଗ୍ୟ, ପହଲଗାମର ବୈସରନ ଉପତ୍ୟକାରେ ପାକସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ ଥିଲେ। ଏହାର ପ୍ରତିଶୋଧ ନେବାକୁ ଯାଇ ଭାରତୀୟ ସେନା ମେ' ୭ରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଭିତ୍ତିଭୂମିଗୁଡ଼ିକୁ ଟାର୍ଗେଟ କରି ଅପରେଶନ ସିନ୍ଦୂର ଆରମ୍ଭ କରିଥିଲା।

# ଆଣବିକ କ୍ଷେତ୍ରରେ ଘରୋଇ କମ୍ପାନୀଙ୍କୁ ମିଳିବ ଅନୁମତି

ନୂଆଦିଲ୍ଲୀ,୧୫।୧୨(ପି.ଟି.)

**ଲୋକ ସଭାରେ ଆସିଲା ବିଲ୍**

ଭାରତର ବେସାମରିକ ଆଣବିକ ସେକ୍ଟର ପରିଚାଳନା ପାଇଁ ଥିବା ଆଇନରେ ପରିବର୍ତ୍ତନ ନିମନ୍ତେ କେନ୍ଦ୍ର ସରକାର ଲୋକ ସଭାରେ ନୂଆ ବିଲ୍ ଆଣିଛନ୍ତି। ପ୍ରସ୍ତାବିତ ସଂଶୋଧନରେ ଘରୋଇ ସଂସ୍ଥାକୁ ଆଣବିକ ସେକ୍ଟର ପରିଚାଳନା ଅନୁମତି ମିଳିବ। ସଷ୍ଟେନ୍‌ବଲ୍ ହାର୍ସେନିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ ବିଲ୍, ୨୦୨୫କୁ ଭାରତର ପୂର୍ଣ୍ଣ ଆଣବିକ ଶକ୍ତି ସାମର୍ଥ୍ୟକୁ ନିୟନ୍ତ୍ରଣ କରିବାରେ ଏକ ବିସ୍ତୃତ ଆଇନ ଭାବେ ଦେଖାଯାଉଛି। ଆଣବିକ ଶକ୍ତି ଆଇନ, ୧୯୬୨ ଏବଂ ସିଭିଲ୍ ଲାଏବିଲିଟି ଫର୍ ନ୍ୟୁକ୍ଲିୟର ଡ୍ୟାମେଜ୍ ଆକ୍ଟ, ୨୦୨୦ ସ୍ଥାନରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏହି ବିଲ୍ ଆଣବିକ କ୍ଷତି ପାଇଁ ବ୍ୟାବହାରିକ ନାଗରିକ ଦାୟିତ୍ୱ ବ୍ୟବସ୍ଥା ଦେଇପାରିବ ଏବଂ ଆଣବିକ ଶକ୍ତି ନିୟାମକ ବୋର୍ଡକୁ ବୈଧାନିକ ପାହ୍ୟା ଦେବ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ସେହିପରି ବ୍ୟବହାରରେ ଲାଗୁ ନ ଥିବା ୭୧ଟି ପୁରୁଣା ଆଇନକୁ ଉଚ୍ଛେଦ କରିବା ନିମନ୍ତେ ଲୋକ ସଭାରେ ସୋମବାର ଏକ ବିଲ୍ ଆଗତ ହୋଇଛି।

# ହଲିଉଡ୍ ନିର୍ଦ୍ଦେଶକ ରବ୍ ରେଇନର, ସ୍ତ୍ରୀଙ୍କୁ ହତ୍ୟା

ଲସ୍ ଏଞ୍ଜେଲ୍ସ,୧୫।୧୨

**ପୁଅ ଗିରଫ**



ରବ୍ ରେଇନର ଓ ସ୍ତ୍ରୀ ମିଶେଲ

ହଲିଉଡ୍ ନିର୍ଦ୍ଦେଶକ ତଥା ଅଭିନେତା ରବ୍ ରେଇନର ଏବଂ ତାଙ୍କ ସ୍ତ୍ରୀ ମିଶେଲଙ୍କ ମୃତଦେହ ରବିବାର ଲସ୍ ଏଞ୍ଜେଲ୍ସସ୍ଥିତ ଘରୁ ମିଳିବା ପରେ ସେମାନଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୁଅ ନିକ୍‌ଙ୍କୁ ଗିରଫ କରାଯାଇଛି। ୭୮ ବର୍ଷୀୟ ରବ୍ ଏବଂ ୬୮ ବର୍ଷୀୟା ମିଶେଲଙ୍କ ଦେହରେ ଛୁରିମାଡ଼ର କ୍ଷତ ରହିଥିବାରୁ ତଦନ୍ତକାରୀ ଅଫିସରମାନେ ନିକ୍‌ଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ଜଣେ ଅଭିନେତା, ନିର୍ଦ୍ଦେଶକ ଏବଂ ଚଳଚ୍ଚିତ୍ର ନିର୍ମାତା ଭାବେ ରବ୍ ହଲିଉଡ୍‌କୁ ବହୁ ଲୋକପ୍ରିୟ ଚଳଚ୍ଚିତ୍ର ଦେଇଛନ୍ତି। ସେ ୧୯୮୪ରୁ ନିର୍ଦ୍ଦେଶନା ଦେଇଆସୁଥିଲେ। ଏହା ପୂର୍ବରୁ ସେ ଅଭିନୟରେ ଖ୍ୟାତି ଅର୍ଜନ କରିଥିଲେ। ହାରି ମେଟ୍ ସାଲି ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେବା ଅବସରରେ ରବ୍‌ଙ୍କର ମିଶେଲଙ୍କ ସହିତ ଭେଟ ହୋଇଥିଲା। ୧୯୮୯ରେ ସେମାନେ ବିବାହ କରିଥିଲେ। ଉଭୟଙ୍କର ୩ ସନ୍ତାନ ରହିଛନ୍ତି।

# ପାର୍ଟନରଙ୍କ ମୁଣ୍ଡକାଟ କଲେ ଟ୍ୟାକ୍ସି ଡ୍ରାଇଭର

ଲକ୍ଷ୍ନୌ,୧୫।୧୨

ଉତ୍ତରପ୍ରଦେଶରେ ଏକ ବୀଭତ୍ସ ହତ୍ୟା ଘଟଣା ଘଟିଛି। ଜଣେ ଟ୍ୟାକ୍ସି ଡ୍ରାଇଭର ତାଙ୍କ ସ୍ତ୍ରୀ ଉମା(୩୦)ଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଜଙ୍ଗଲ ମଧ୍ୟରେ ଫିଙ୍ଗିଦେଇଥିଲେ। ଏହା ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିବାକୁ ଗାଁକୁ ଯାଇଥିଲେ। ଉମାଙ୍କ ମୃତଦେହ ହରିୟାଣାର କାଲେସର ଜାତୀୟ ଉଦ୍ୟାନ ନିକଟରୁ ମିଳିଛି। ଫଳରେ ପୋଲିସ ଆନ୍ତଃରାଜ୍ୟ ତଦନ୍ତ ଆରମ୍ଭ କରିଛି। ତଦନ୍ତରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୬ ତାରିଖରେ ଟ୍ୟାକ୍ସି ଡ୍ରାଇଭର ବିଲାଲ ଏକ ସ୍ୱିଫ୍ଟ କାର୍‌ରେ ସ୍ତ୍ରୀ ଉମାଙ୍କୁ ବସାଇ ୬ ଘଣ୍ଟା ଚଳାଇବା ପରେ କାଲେସ ଜଙ୍ଗଲର ଏକ ନିଛାଟିଆ ସ୍ଥାନକୁ ନେଇ ମୁଣ୍ଡ କାଟି ହତ୍ୟା କରିଥିଲେ। ପରେ ସେ ସାହରନପୁରସ୍ଥିତ ଘରକୁ ଯାଇ ଆମାଗୀ ବିବାହ ପାଇଁ କିଣାକିଣି କରିଥିଲେ। ପୋଲିସ ସନ୍ଦେହରେ ବିଲାଲଙ୍କୁ ନେଇଯାଇ ଜେରା କରିବା ସହ ତାଙ୍କୁ ଗିରଫ କରିଛି।

# ୨୨୮ ବିମାନ ଉଡ଼ାଣ ବାତିଲ

**ଅଧିକ ଖରାପ ହେଉଛି ଦିଲ୍ଲୀ ବାୟୁ**

ନୂଆଦିଲ୍ଲୀ,୧୫।୧୨(ପି.ଟି.)



ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳର ବାୟୁ ପ୍ରଦୂଷଣ ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ସୋମବାର ସକାଳେ ରାଜଧାନୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୯୮ରେ ପହଞ୍ଚିଥିଲା। ଧୂଆଁ ଓ ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନ ଶୂନ ନିକଟତର ହୋଇଥିଲା। ଫଳରେ ଗାଡ଼ିଗୁଡ଼ିକ ମନ୍ଥର ଗତିରେ ଚାଲିବା ଯୋଗୁ ସକାଳେ ଦିଲ୍ଲୀର ରାସ୍ତା ଜାମ୍ ରହିଥିଲା। ଦିଲ୍ଲୀ ଇନ୍ଦିରା ଗାନ୍ଧୀ ବିମାନବନ୍ଦରରେ ବିମାନ ଚଳାଚଳ ଅତ୍ୟଧିକ ପ୍ରଭାବିତ ହୋଇଛି। ଦିଲ୍ଲୀ ସମେତ ଉତ୍ତର ଭାରତର ବିଭିନ୍ନ ଏୟାରପୋର୍ଟରେ ସୋମବାର ୨୨୮ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ବାତିଲ ହୋଇଥିବାବେଳେ ୫ଟିର ରୁଟ୍ ପରିବର୍ତ୍ତନ କରାଯାଇଛି। ଏଥିସହିତ ଦିନ ସାରା ବହୁ ବିମାନ ବିଳମ୍ବରେ ଉଡ଼ାଣ କରିଥିଲା। ଦିଲ୍ଲୀର ୪୦ଟି ବାୟୁ ଗୁଣବତ୍ତା ପର୍ଯ୍ୟବେକ୍ଷଣ କେନ୍ଦ୍ର ମଧ୍ୟରୁ ୩୮ଟିରେ ଏକ୍ୟୁଆଇ ଅତ୍ୟନ୍ତ ନିକୃଷ୍ଟ ସ୍ତରରେ ରହିଥିଲା। ୪୯୮ ଏକ୍ୟୁଆଇ ସହ ଜାହାଙ୍ଗୀରପୁରୀ ସବୁଠୁ ପ୍ରଦୂଷିତ ଅଞ୍ଚଳ ରହିଛି। ରବିବାର ଦିଲ୍ଲୀ ବାୟୁ ଗୁଣବତ୍ତା ସୂଚକାଙ୍କ ୪୬୧ ରହିଥିଲା, ଯାହା ଦିଲ୍ଲୀକୁ ଶୀତଋତୁର ସବୁଠୁ ପ୍ରଦୂଷିତ ଦିନରେ ପରିଣତ କରିଥିଲା। ଏହା ଡିସେମ୍ବରରେ ବର୍ତ୍ତମାନ ସୁଦ୍ଧା ଦ୍ୱିତୀୟ ସବୁଠୁ ଖରାପ ବାୟୁ ଗୁଣବତ୍ତା ରେକର୍ଡ। ପ୍ରତିକୂଳ ପାଗ ଯୋଗୁ ପ୍ରଦୂଷଣ ସ୍ତର ଅଧିକ ବଢ଼ିଯାଇଛି।

# ସଡ଼କ ଦୁର୍ଘଟଣା ରୋକିବାକୁ ଗାଇଡ୍‌ଲାଇନ ଆଣିପାରନ୍ତି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୧୨(ପି.ଟି.)

ରାଜସ୍ଥାନର ଫାଲୋଡ଼ିରେ ଏକ ସଡ଼କ ଦୁର୍ଘଟଣାରେ ୧୫ ଜଣଙ୍କ ଜୀବନ ଯାଇଥିଲା। ତେଣୁ ଏକ୍ସପ୍ରେସ୍‌ୱେ ଏବଂ ଜାତୀୟ ରାଜପଥଗୁଡ଼ିକରେ ସଡ଼କ ଦୁର୍ଘଟଣା ରୋକିବା ନିମନ୍ତେ ସାରା ଦେଶ ପାଇଁ ଏକ ମାର୍ଗଦର୍ଶିକା ଆଣିବା ନିମନ୍ତେ ସୁପ୍ରିମକୋର୍ଟ ବିଚାର କରୁଥିବା ସୋମବାର କହିଛନ୍ତି। ଜାତୀୟ ରାଜପଥ ଏବଂ ଏକ୍ସପ୍ରେସ୍‌ୱେଗୁଡ଼ିକର ଉଭୟ ପାର୍ଶ୍ୱରେ ବେଆଇନ ଢାବା ନିର୍ମାଣ ସଡ଼କ ଦୁର୍ଘଟଣାର ସମ୍ଭାବ୍ୟ କାରଣ ହୋଇପାରେ ବୋଲି ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବୈଧାନିକ ନିୟମାବଳୀ ଉପସ୍ଥାପନ କରିବା ନିମନ୍ତେ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଛନ୍ତି। ଏନ୍‌ଏଚ୍‌ଏଆଇ ତରଫରୁ ମେହେଟ୍ଟା କୋର୍ଟରେ ଉପସ୍ଥିତ ଥିଲେ। ବେଆଇନ ଢାବା ଖୋଲିଥିବା ଲୋକମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଏଥିପାଇଁ କିଏ ଉତ୍ତରଦାୟୀ ଏବଂ କେଉଁ ସଂସ୍ଥା ଉକ୍ତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିନାହାନ୍ତି, ଜଣାଇବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆମିକସ୍ କ୍ୟୁରି ଏବଂ ସଲିସିଟର ଜେନେରାଲଙ୍କ ମଧ୍ୟରେ ଆଲୋଚନା ପରେ ମାମଲାର ସମାଧାନ ହୋଇଛି, ଯାହା ଗାଇଡ୍‌ଲାଇନ ପ୍ରସ୍ତୁତ କରିବା ଓ ଜାରି କରିବାରେ ସହାୟକ ହୋଇପାରେ। ମେହେଟ୍ଟା କହିଥିଲେ, ରାସ୍ତାପାର୍ଶ୍ୱ ବେଆଇନ ଢାବା ଏବଂ ହୋଟେଲଗୁଡ଼ିକୁ ହଟାଇଦିଆଯିବା କ୍ଷମତା ଆମ ପାଖରେ ରହିଛି। ତେବେ ସ୍ଥାନୀୟ ଜିଲାପାଳଙ୍କୁ ଏଥିପାଇଁ କ୍ଷମତା ଦିଆଯାଇଛି। ସ୍ଥାନୀୟ ପୋଲିସ ଓ କର୍ତ୍ତୃପକ୍ଷ ତାଙ୍କ ନିର୍ଦ୍ଦେଶରେ କାମ କରିଥାନ୍ତି, ଯାହାକି ଏନ୍‌ଏଚ୍‌ଏଆଇର ନାହିଁ। ତେଣୁ ଏହାର ସମାଧାନ କରିବାକୁ ହେବ ବୋଲି ମେହେଟ୍ଟା କହିଥିଲେ।

# ବୈଜୟନ୍ତ ପଣ୍ଡା ଆସାମ ନିର୍ବାଚନ ପ୍ରଭାରୀ

ନୂଆଦିଲ୍ଲୀ,୧୫।୧୨

**ପୀୟୂଷ ଗୋୟଲଙ୍କୁ ତାମିଲନାଡୁ ଦାୟିତ୍ୱ**

ଆସନ୍ତାବର୍ଷ ହେବାକୁ ଥିବା ତାମିଲନାଡୁ ଓ ଆସାମ ବିଧାନସଭା ନିର୍ବାଚନ ପାଇଁ ଭାଜପା ସୋମବାର ପ୍ରଭାରୀ ଏବଂ ସହପ୍ରଭାରୀ ନିଯୁକ୍ତ କରିଛି। କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ପ୍ରଭାରୀ ନିଯୁକ୍ତ କରିଥିବାବେଳେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ମୁରଲୀଧର ମୋହୋଲ ସହପ୍ରଭାରୀ ନିଯୁକ୍ତ ହୋଇଛନ୍ତି। ସେହିପରି ଲୋକ ସଭା ସଦସ୍ୟ ବୈଜୟନ୍ତ ପଣ୍ଡାଙ୍କୁ ଆସାମ ନିର୍ବାଚନ ପାଇଁ ପ୍ରଭାରୀ ନିଯୁକ୍ତ କରାଯାଇଥିବାବେଳେ ଜମ୍ମୁ-କଶ୍ମୀର ବିଧାନସଭାର ବିରୋଧୀ ଦଳ ନେତା ସୁନୀଲ କୁମାର ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦର୍ଶନ ବେନ୍ ଜାରଡୋଷ ସହପ୍ରଭାରୀ ନିଯୁକ୍ତ ହୋଇଛନ୍ତି।

# ବନ୍ଧୁକ ଆଇନ କଡ଼ାକଡ଼ି କରିବ ଅଷ୍ଟ୍ରେଲିଆ

ସିଡ୍‌ନୀ,୧୫।୧୨

**ସିଡ୍‌ନୀ ଆକ୍ରମଣକାରୀ ବାପ-ପୁଅ ପାକିସ୍ତାନୀ ମୂଳ ବାସିନ୍ଦା**

ଅଷ୍ଟ୍ରେଲିଆର ସିଡ୍‌ନୀସ୍ଥିତ ବଣ୍ଡାଇ ବିଚ୍‌ରେ ରବିବାର ଯିହୁଦୀଙ୍କ ହାନୁକ୍କା ଉତ୍ସବର ପ୍ରଥମ ଦିନରେ ୨ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ୧୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଅଷ୍ଟ୍ରେଲିଆରେ ପ୍ରାୟ ୩୦ ବର୍ଷ ମଧ୍ୟରେ ଏହା ସବୁଠୁ ବଡ଼ ଗଣଗୁଳିକାଣ୍ଡ ଘଟଣା। ଏହି ଗୁଳିକାଣ୍ଡ ପଛରେ ବାପପୁଅ ସମ୍ପୃକ୍ତ ଥିବା ପୋଲିସ କହିବା ପରେ ଅଷ୍ଟ୍ରେଲିଆ ସରକାର ବନ୍ଧୁକ ଆଇନକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଛନ୍ତି।

ପୋଲିସ ଗୁଳିରେ ୫୦ ବର୍ଷୀୟ ବନ୍ଧୁକଧାରୀ ସାଜିଦ ଆକ୍ରମ ନିହତ ହୋଇଥିବାବେଳେ ତାଙ୍କ ୨୪ ବର୍ଷୀୟ ପୁଅ ନଭିଦ ଆକ୍ରମ ଗୁରୁତର ଆହତ ହୋଇଥିଲେ। ସାଜିଦ ସେଠାରେ ରହି ଫଳ ଦୋକାନ କରିଥିଲେ। ସେମାନେ ପାକିସ୍ତାନୀ ମୂଳବାସିନ୍ଦା ହୋଇଥାଇ ପାରନ୍ତି ବୋଲି ଆମେରିକା ଗୋଇନ୍ଦା ବିଭାଗ କହିଛି। ପୋଲିସ କହିବା ଅନୁଯାୟୀ, ଆକ୍ରମଣକାରୀ ୨୦୧୫ରୁ ବନ୍ଧୁକ ସମେତ ୬ଟି ପଞ୍ଜୀକୃତ ଅସ୍ତ୍ର ପାଇଁ ଲାଇସେନ୍ସ ହାସଲ କରିଥିଲେ। ଗୁଳିମାଡ଼ରେ ଆହତ ୪୦ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ପୋଲିସ ଅଫିସର ରହିଛନ୍ତି।

ଦେଶର ବନ୍ଧୁକ ଆଇନ କଠୋର କି ନୁହେଁ, ତାହା ସମୀକ୍ଷା କରିବା ଆବଶ୍ୟକ ହୋଇପଡ଼ିଛି। ଇହୁଦୀଙ୍କୁ ଟାର୍ଗେଟ କରି ହୋଇଥିବା ଏହି ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ଜାତୀୟ ବନ୍ଧୁକ ଆଇନକୁ ଅଧିକ କଡ଼ାକଡ଼ି କରିବା ନିମନ୍ତେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ୍‌ଙ୍କ କ୍ୟାବିନେଟ ସହମତ ହୋଇଛି।

**ଫୁରସତ୍**

# ସମସ୍ତେ ଏକାଠି ଭୋଜନ କରୁଥିବା ଗାଁ

ଶତାବ୍ଦୀ ଧରି ଭାରତୀୟ ଗ୍ରାମଗୁଡ଼ିକ ସେମାନଙ୍କର ସରଳତା ଏବଂ ପରମ୍ପରା ପାଇଁ ଜଣାଶୁଣା। ଏପରି ଏକ ଗ୍ରାମ ଗୁଜରାଟରେ ଅଛି, ଯେଉଁଠାରେ କାହାରି ଘରେ ରୋଷେଇ ଘର କିମ୍ବା ଚୁଲି ନାହିଁ, ତଥାପି ସମଗ୍ର ଗ୍ରାମବାସୀ ଏକାଠି ବସି ଖାଆନ୍ତି ଏବଂ କେହି ଭୋକିଲା ରୁହନ୍ତି ନାହିଁ।

ଏହି ଗ୍ରାମକୁ 'ଚନ୍ଦକି' କୁହାଯାଏ। ପ୍ରାୟ ୧,୦୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମର ସାମୂହିକ ରୋଷେଇ ଘରର ଏକ ଅନନ୍ୟ ପରମ୍ପରା ଅଛି। ଏଠାରେ ପ୍ରତିଦିନ ଗୋଟିଏ ସ୍ଥାନରେ ସମଗ୍ର ଗ୍ରାମ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଏ ଏବଂ ସମସ୍ତ ଗ୍ରାମବାସୀ ଏକାଠି ବସି ଖାଆନ୍ତି। ଏହି ବ୍ୟବସ୍ଥା କେବଳ ଖାଦ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଗ୍ରାମର ଏକତା ଏବଂ ସାମାଜିକ ସମନ୍ୱୟର ପ୍ରତୀକ।

ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସୂଚନା ଅନୁଯାୟୀ, ଯେତେବେଳେ ଗ୍ରାମର ଯୁବକମାନେ ସହର ଏବଂ ବିଦେଶରେ ବସବାସ କରିବାକୁ ଲାଗିଲେ, ସେତେବେଳେ ଗ୍ରାମରେ ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଲା। ପ୍ରତ୍ୟେକ ପରିବାର ପାଇଁ ପୃଥକ ଭାବରେ ରୋଷେଇ କରିବା କଷ୍ଟକର ହୋଇଗଲା। ତେଣୁ ସମସ୍ତେ ଏକାଠି ରୋଷେଇ କରିବା ଏବଂ ଖାଇବା ଆରମ୍ଭ କଲେ। ସମୟ ସହିତ ଏହି ପରମ୍ପରା ଗ୍ରାମର ପରିଚୟ ହୋଇଗଲା। ଗ୍ରାମବାସୀ ଦୈନନ୍ଦିନ ରୋଷେଇ ଦାୟିତ୍ୱ ବାଣ୍ଟି ନିଅନ୍ତି। ପର୍ବ ଏବଂ ବିଶେଷ ଅବସର ପାଇଁ ବିଭିନ୍ନ ପ୍ରକାରର ଖାଦ୍ୟ ମଧ୍ୟ ପ୍ରସ୍ତୁତ କରାଯାଏ।



ଚନ୍ଦକିର ସାମୂହିକ ରୋଷେଇ ଘର ଏବେ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଛି। ପରିଦର୍ଶକମାନେ କେବଳ ଖାଦ୍ୟର ମଜା ନେଉନାହାଁନ୍ତି ବରଂ ଗାଁର ସଂସ୍କୃତି, ଏକତା ଏବଂ ସହାବସ୍ଥାନର ଅନୁଭବ ମଧ୍ୟ କରନ୍ତି। ଚନ୍ଦାକିର ଲୋକମାନେ ବିଶ୍ୱାସ କରନ୍ତି ଯେ, ଏଠାରେ କେହି ଏକା ନୁହଁନ୍ତି। ସୁଖ ଏବଂ ଦୁଃଖରେ ପରସ୍ପରକୁ ସମର୍ଥନ କରିବାର ପରମ୍ପରା ସମଗ୍ର ଗାଁକୁ ଏକ ପରିବାରରେ ପରିଣତ କରିଛି।

# ୨ ସନ୍ତାନ ପରେ ପ୍ରେମିକାଙ୍କ ସହ ନିର୍ବନ୍ଧ କଲେ ଅର୍ଜୁନ ରାମପାଲ

ମୁମ୍ବାଇ

ଅଭିନେତା ଅର୍ଜୁନ ରାମପାଲ ଶେଷରେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚାଲିଥିବା ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି। ଫିଲ୍ମ ସେ ତାଙ୍କର ଦୀର୍ଘକାଳୀନ ପ୍ରେମିକା ଗାବ୍ରିଏଲା ଡେମେଟ୍ରିଏଡେସ ସହିତ ନିର୍ବନ୍ଧ କରିଛନ୍ତି। ଅର୍ଜୁନ ୬ ବର୍ଷ ଡେଟିଂ ଏବଂ ଦୁଇଟି ସନ୍ତାନ ଜନ୍ମ କରିବା ପରେ ନିର୍ବନ୍ଧ କରିଥିବା ଖୁଲାସା କରିଛନ୍ତି।

ଅର୍ଜୁନ ରିଆ ଚକ୍ରବର୍ତ୍ତୀଙ୍କ ପୋଡକାଷ୍ଟରେ ଏହି ଖୁସି ଖବର ଶେୟାର କରିଛନ୍ତି। ଅର୍ଜୁନ ଏବଂ ଗାବ୍ରିଏଲା ପ୍ରାୟ ୬ ବର୍ଷ ଧରି ଏକାଠି ଅଛନ୍ତି ଏବଂ ସେମାନଙ୍କର ଦୁଇଟି ପୁଅ ଅଛି। ସେମାନଙ୍କର ବଡ଼ପୁଅ ଆରିକ ଏପ୍ରିଲ ୨୦୧୯ରେ ଏବଂ ସାନପୁଅ ଆରିଭ ୨୦୨୩ରେ ଜନ୍ମଗ୍ରହଣ କରିଥିଲେ। ସର୍ବସାଧାରଣ ବ୍ୟକ୍ତିତ୍ୱ ହେବା ସତ୍ତ୍ୱେ, ଦୁହେଁ ସେମାନଙ୍କର ପାରିବାରିକ ଜୀବନକୁ ପ୍ରାୟତଃ ବ୍ୟକ୍ତିଗତ ରଖିଛନ୍ତି।

୨୦୨୪ ପ୍ରାରମ୍ଭରେ ଅର୍ଜୁନ ବିବାହ ବିଷୟରେ ଖୋଲାଖୋଲି କହିଥିଲେ। ସେ କହିଥିଲେ ଯେ, ବିବାହ ତାଙ୍କ ପାଇଁ 'କେବଳ ଏକ କାଗଜ ଖଣ୍ଡ'। ତାଙ୍କ ଅନୁସାରେ, ସେ ଏବଂ ଗାବ୍ରିଏଲା ଉଭୟ ବିଶ୍ୱାସ କରନ୍ତି ଯେ ସେମାନଙ୍କର ସମ୍ପର୍କ ସମ୍ପୂର୍ଣ୍ଣ ଏବଂ ଦୃଢ଼, କୌଣସି ଆଇନଗତ ଔପଚାରିକତା ବିନା ମଧ୍ୟ। ସେମାନେ ସେମାନଙ୍କର ସମ୍ପର୍କକୁ ସ୍ୱାଭାବିକ ଭାବରେ, କୌଣସି ଚାପ କିମ୍ବା ଲେବଲ ବିନା ବୃଦ୍ଧି କରିବାକୁ ଚାହାଁନ୍ତି। ଗାବ୍ରିଏଲାଙ୍କ ପୂର୍ବରୁ ଅର୍ଜୁନ ରାମପାଲ ମଡେଲ ମେହର ଜେସିଆଙ୍କୁ ବିବାହ କରିଥିଲେ। ଏହି ସମ୍ପର୍କରୁ ସେମାନଙ୍କର ଦୁଇଟି ଝିଅ, ମାହିକା ଏବଂ ମାଇରା ଅଛନ୍ତି। ଅର୍ଜୁନ ତାଙ୍କ ପିଲାମାନଙ୍କ ପାଇଁ ପୂର୍ବତନ ପତ୍ନୀଙ୍କ ସହିତ ଏକ ସୁସ୍ଥ ସମ୍ପର୍କ ବଜାୟ ରଖିଛନ୍ତି।



ଅର୍ଜୁନ ରାମପାଲଙ୍କ ସହ ପ୍ରେମିକା ଗାବ୍ରିଏଲା ଡେମେଟ୍ରିଏଡେସ

DSPL-394

ODISHA
NEW OPPORTUNITIES



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ODISHA PHARMA SUMMIT

16 DECEMBER 2025, BHUBANESWAR

## ଫାର୍ମା ଏବଂ ମେଡିକାଲ୍ ଡିଭାଇସ୍ କ୍ଷେତ୍ରରେ ନୂତନ ପୁଞ୍ଜି ବିନିଯୋଗ, ଓଡ଼ିଶାରେ ସୃଷ୍ଟି ହେବ ରୋଜଗାରର ନୂଆ ସୁଯୋଗ

### ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ , ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

### ମୁଖ୍ୟ ଆକର୍ଷଣ

- ଫାର୍ମା ଏବଂ ମେଡିକାଲ୍ ଡିଭାଇସ୍ ଶିଳ୍ପନୀତିର ଉନ୍ମୋଚନ
- ଫାର୍ମାସ୍ୟୁଟିକାଲ୍ ପାର୍କର ଶୁଭାରମ୍ଭ
- ମେଡିକାଲ୍ ଡିଭାଇସ୍ ପାର୍କର ଶୁଭାରମ୍ଭ
- ୨୦୦ ରୁ ଅଧିକ ଶିଳ୍ପପତିଙ୍କ ସମାଗମ ଓ ଏକାଧିକ MoU ସ୍ୱାକ୍ଷର

୧୬ ଡିସେମ୍ବର ୨୦୨୫ | ଦିବା ୧୦ ଘଟିକା
ହୋଟେଲ ତାଜ୍ ଭିଭାନ୍ତା, ଭୁବନେଶ୍ୱର

ଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-14005/13/0077/2526

ScarecrowM&CSaatchi/2025/Dec

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିଏମ୍‌ସି ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ୟୁନିଟ୍ ୪ ବଜାର, ସମୟ: ସକାଳ ୭ଟା।
- ଓଡ଼ିଶା ଫାର୍ମା ସମିଟ୍, ସ୍ଥାନ: ହୋଟେଲ ତାଜ୍ ଭିଭାନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ ପକ୍ଷରୁ ବିଧାୟକଙ୍କ ଦରମା ବୃଦ୍ଧି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଇଷ୍ଟ କୋଷ୍ଟ ରେଲ୍‌ୱେ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଆଇଟିୟୁ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବିଶ୍ୱବିଦ୍ୟାଳୟ ସେମିନାର୍ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟା ଫାଉଣ୍ଡେଶନ୍ ପକ୍ଷରୁ ଓଡ଼ିଆ ଅସ୍ମିତାର ପରିଚୟ 'ଅ ରୁ କ୍ଷ' ପ୍ରତିଯୋଗୀତା, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।
- ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସ୍କୁଲ ପରିସର, ପୋଖରୀପୁଟ, ସମୟ: ଅପରାହ୍ନ ୫ଟା।
- ଡିଲାଇଟ୍ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ସଙ୍ଗୀତ ଆସର, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୫ଟା ୩୦।

**କଟକ**
- କଟକ ଜିଲା କ୍ୟାରମ ସଂଘ ଦ୍ୱାରା ଏବଂ କ୍ୟାରମ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ କ୍ୟାରମ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ରାଣୀହାଟ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ସଂସଦ ପକ୍ଷରୁ ୬୬ତମ ଶିଶିର ଉତ୍ସବ ଓ ଓଡ଼ିଆ ଲେଖକ ସମ୍ମେଳନର ଦ୍ୱିତୀୟ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୫ଟା।
- ଜଷ୍ଟିସ୍ ରାଜକିଶୋର ଦାସଙ୍କ ବାର୍ଷିକ ସ୍ମୃତିସଭା, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**
- ଭାରତ ସ୍କାଉଟ୍ସ ଓ ଗାଇଡ୍ସର ୨୭ତମ ଜିଲାସ୍ତରୀୟ କ୍ୟାମ୍ପୋରୀ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ, ସମୟ: ସକାଳ ୯ଟା।

**ପୁରୀ**
- ପଣ୍ଡିତ ସିଂହାରୀ ହରିହର କରଙ୍କ ସ୍ମୃତି ଉତ୍ସବ, ସ୍ଥାନ: ଭିତର ସେବାୟତ ନିଯୋଗ ପରିସର, ସମୟ: ସନ୍ଧ୍ୟା ୭ଟା।
- ନାଟକ ପ୍ରତିଯୋଗିତା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।

**ବାଲେଶ୍ୱର**
- ସାଇବର ସଚେତନତା କର୍ମଶାଳା, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- କୋଶମ୍ବ ମେଳା ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ରାଷ୍ଟ୍ରୀୟ ଧ୍ୱଜାରୋହଣ ଉତ୍ସବ ଓ ବାଇକ୍ ଶୋଭାଯାତ୍ରା, ସ୍ଥାନ: ନିଉଇଣ୍ଡିଆସାହିସ୍ଥିତ ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ କାର୍ଯ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୮ଟା।

**କେନ୍ଦୁଝର**
- ମହିଳା ମହାବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ, ସ୍ଥାନ: ଛେନାପଦି, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମୀନାରାୟଣ ପୂଜା, ସ୍ଥାନ: ଢେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୦ ଟା।

**ମୟୂରଭଞ୍ଜ**
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଦୁର୍ଗାପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଶୀତ ମହୋତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୫ଟା।

**ଗଞ୍ଜାମ**
- କିଶୋରୀ ଅନ୍ୱେଷଣ କାର୍ଯ୍ୟକ୍ରମ,ସ୍ଥାନ: ମିଶନ ଶକ୍ତି ଭବନ, ଆସିକା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ୩୭ତମ ଜୁନିୟର ରେଡକ୍ରସ ତାଲିମ ଶିବିର ଉଦଘାଟନ ସମାରୋହ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସୁନ୍ଦରିଖୋଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ସାଢେ ୧୧ଟା।

**ଅନୁଗୋଳ**
- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିଅମ ଖେଳ ପଡ଼ିଆ,ସମୟ: ସକାଳ ୮ ଟା ୩୦।

**ଜଗତ୍‌ସିଂହପୁର**
- ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବାଜପେୟୀ ମେମୋରିଆଲ ଟ୍ରଷ୍ଟ, ନୁଆବଜାର ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ପହିଲି ଭୋଗ ଅର୍ପଣ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୪ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀମହାପୁରୁଷ ମଧୁସୂଦନ ଦାସ ପୀଠ, କଣ୍ଠିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।

**ଯାଜପୁର**
- ଇଣ୍ଟର କଲେଜ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ। ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ପଡ଼ିଆ। ସମୟ: ସକାଳ ସାଢେ ୭ଟା।
- ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣଙ୍କ ଚତୁର୍ଦ୍ଦଶତମ ମହୋତ୍ସବ। ସ୍ଥାନ: କୋରେଇ ବ୍ଲକ ଶର୍ଙ୍ଗିଳା ହାଟ ପଡ଼ିଆ। ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ; ପ୍ରଥମ ସେମି ଫାଇନାଲରେ ସମ୍ବଲପୁର ବନାମ ଭୁବନେଶ୍ୱର ସାଇ ଏକାଦଶ, ସ୍ଥାନ: ଭାପୁର ବ୍ଲକ ଫତେଗଡ ନାଳିସାଗର ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଧନୁଯାତ୍ରା ମହୋତ୍ସବରେ 'ଭାଗ୍ୟ ଖେଳୁଛି ଖେଳ'ସାମାଜିକ ନାଟକ, ସ୍ଥାନ: ଭାପୁର ବ୍ଲକ ଧାନଚାଙ୍ଗଡା ଧାଙ୍ଗେଡି ପାହାଡ ବିଶ୍ୱାବସୁ ପୀଠ, ସମୟ: ରାତ୍ର ୯ଟା।

**ରାୟଗଡ଼ା**
- ମୁନିଗୁଡ଼ା ନୋଡାଲ ହାଇୟର ସେକେଣ୍ଡାରୀ ସ୍କୁଲରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ, ସ୍ଥାନ: ସ୍କୁଲ ଖେଳ ପଡିଆ, ସମୟ: ସକାଳ ୯ଟା।

**ନବରଙ୍ଗପୁର**
- ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ, ସ୍ଥାନ: ନବରଙ୍ଗପୁର ବଡ଼ ମସିଗାଁ ହାଇସ୍କୁଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ଦେଓମାଳି ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଦେଓମାଳି ପର୍ଯ୍ୟଟନସ୍ଥଳୀ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶାସନ ଦିବସ ପାଳନ ନେଇ ନନ୍ଦପୁର ଭାଜପାର ପ୍ରସ୍ତୁତି ବୈଠକ, ସ୍ଥାନ: ଭେଜା ପଥପ୍ରାନ୍ତ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- ବିଜେଡିର ରାଜ୍ୟସ୍ତରୀୟ ନେତା ଓ କର୍ମୀମାନଙ୍କ ଗସ୍ତ, ସ୍ଥାନ: ମାଲକାନଗିରି ଏମ୍‌ଭି-୨୬ ଓ ରାଖାଲଗୁଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ସମ୍ବଲପୁର ବନ୍ଦ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ନାଟକ ପ୍ରସ୍ତୁତି ବୈଠକ, ସ୍ଥାନ : ଝାଡୁଆପଡାସ୍ଥିତ ଯୁବ ଉଦୟନ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ୍ ଉଦ୍‌ଘାଟନୀ, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।

**ରାଉରକେଲା**
- ରାଧାମାଧବ ବେଶ, ସ୍ଥାନ: ଡୁମକେଲା ମନ୍ଦିର, ସମୟ: ସକାଳ ୬ଟା।
- ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି ନିଳାଦ୍ରୀ ବିହାରୀ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ପଥପ୍ରାନ୍ତ ବୈଠକ, ସ୍ଥାନ: ବିଶ୍ରା ଛକ, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଲିଙ୍ଗଭିତ୍ତିକ ହିଂସା ଉପରେ ସଚେତନତା ସୃଷ୍ଟି କରିବା ପାଇଁ ୧୬ ଦିନିଆ ସକ୍ରିୟତା ଅବଧି ପାଳନର ସମାପନୀ କାର୍ଯ୍ୟକ୍ରମ, ସ୍ଥାନ: ସଦଭାବନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସଂସଦ ଖେଳ ମହୋତ୍ସବର ସମାପନୀ ସମାରୋହ, ସ୍ଥାନ: ଭବାନୀପୁର କ୍ରୀଡା କମ୍ପ୍ଲେକ୍ସ, ସମୟ:ପୂର୍ବାହ୍ନ ୧୧ଟା।
- ଜିଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟନ ସମାରୋହ, ସ୍ଥାନ: ସୁନ୍ଦରଗଡ ନାରୀ କଲ୍ୟାଣ କେନ୍ଦ୍ର ପଡ଼ିଆ,ସମୟ: ପୂର୍ବାହ୍ନ ୧୨ଟା।

**ବରଗଡ଼**
- ଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ- ନିଷ୍ଠା, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ,ସ୍ଥାନ: ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।

**କଳାହାଣ୍ଡି**
- ଜୁନାଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

**ବୌଦ୍ଧ**
- ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ସରସରା, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ସପ୍ତମ ସନ୍ଧ୍ୟା ଓ କଂସବଧ ନାଟ୍ୟାଭିନୟ, ସ୍ଥାନ: ଭୈରବୀ ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ମଠସାହିସ୍ଥିତ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଧାନମଣ୍ଡିରେ ପୂଜାର୍ଚ୍ଚନା ଓ ଶୁଭାରମ୍ଭ, ସ୍ଥାନ: ବହଳପଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୨ଟା।

**ନୂଆପଡ଼ା**
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଫୁଟ୍‌ବଲ ଖେଳପଡିଆ ତରବୋଡ, ସମୟ: ସନ୍ଧ୍ୟା ୬ଟା।

# ଭୁବନେଶ୍ୱରରେ ହେବ 'ଗ୍ଲୋବାଲ ଭିଜା ଆପ୍ଲିକେଶନ ସେଣ୍ଟର'

**ଭୁବନେଶ୍ୱର,୧୫।୧୨(ସୁନିତ୍ ମିଶ୍ର)**

ଭୁବନେଶ୍ୱରଠାରେ ଗ୍ଲୋବାଲ ଆପ୍ଲିକେଶନ ସେଣ୍ଟର ସ୍ଥାପନ ହେବ। ଭିଏଫ୍‌ଏସ୍ ଗ୍ଲୋବାଲ ନାମକ ଏକ ଘରୋଇ ସଂସ୍ଥା ଏହି କାର୍ଯ୍ୟାଳୟ ପ୍ରତିଷ୍ଠା କରିବ। ଏହି ସଂସ୍ଥା ଜରିଆରେ ଓଡ଼ିଶାର ଲୋକମାନେ ଯେଉଁ ଦେଶକୁ ଯିବେ ସେଥିଲାଗି ଭିଜା ପାଇଁ ଆବେଦନ କରିପାରିବେ। ପୂର୍ବରୁ ବିଭିନ୍ନ ଏମ୍ବାସି ଏବଂ କନ୍‌ସୁଲେଟ୍‌ସ ପାଖରେ ଭିଜା ପାଇଁ ଲୋକଙ୍କୁ ବହୁ ଲମ୍ବା ଧାଡ଼ି ଲଗାଇବାକୁ ପଡୁଥିଲା। ଫଳରେ ଏହି ସମସ୍ୟାର ସମାଧାନ କରିବାକୁ ଯାଇ କେତେକ ଦେଶ ମିଳିତ ଭାବେ ଭିଏଫଏସ୍ ଗ୍ଲୋବାଲ

**■ ଭିଏଫ୍‌ଏସ୍ ଗ୍ଲୋବାଲ ଘରୋଇ ସଂସ୍ଥା ଯୋଗାଇବ ସେବା**

ନାମକ ଏକ ସଂସ୍ଥାକୁ ଭିଜା ଆବେଦନ କରିବାକୁ ଦାୟିତ୍ୱ ଦେଇଛନ୍ତି। ପୂର୍ବରୁ ଏହି ସଂସ୍ଥା ଭାରତର ଦିଲ୍ଲୀ, ହାଇଦ୍ରାବାଦ ଓ କୋଲକାତା ଭଳି କେତେକ ରାଜ୍ୟରେ ନିଜର କାର୍ଯ୍ୟାଳୟ କରିବାକୁ ଅନୁମତି ପାଇ ସେବା ଯୋଗାଇ ଆସୁଛି। ବର୍ତ୍ତମାନ ଏହି ସଂସ୍ଥା ପକ୍ଷରୁ ଓଡ଼ିଶାରେ କାର୍ଯ୍ୟାଳୟ ଖୋଲିବାକୁ ଆବେଦନ କରିଥିବା ବେଳେ ତାକୁ ଅନୁମୋଦନ ମିଳିଛି। ଫଳରେ ଓଡ଼ିଶା ଲୋକଙ୍କ ଭିଜା ପାଇବା ପାଇଁ ଏବେ ଅନ୍ୟ ରାଜ୍ୟକୁ ଯିବାକୁ ପଡ଼ି ନ ପାରେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ 'ଗ୍ଲୋବାଲ ଭିଜା ଆପ୍ଲିକେଶନ ସେଣ୍ଟର' ସ୍ଥାପନ ପାଇଁ ଅନୁମୋଦନ କରିଥିବା ବିଷୟ ତାଙ୍କ ଅଫିସ୍ ସୋମବାର ସୂଚନା ଦେଇଛି। ଏହି ପ୍ରସ୍ତାବିତ ଭିଜା ସେଣ୍ଟର ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲ୍ ବିଲ୍ଡିଂରେ କାର୍ଯ୍ୟକ୍ଷମ ହେବ। ଯାହା ପାଇଁ ଓଡ଼ିଶା ସରକାର ୩ ହଜାର ବର୍ଗଫୁଟରେ ଜାଗା ଯୋଗାଇ ଦେବେ ବୋଲି ଜଣାପଡ଼ିଛି। ଭୁବନେଶ୍ୱରରେ ଏକ ଭିଜା ସେଣ୍ଟର ସ୍ଥାପନ କରିବା ପାଇଁ ରାଜ୍ୟବାସୀଙ୍କ ପକ୍ଷରୁ ବହୁ ଦିନରୁ ଦାବି ରହିଆସୁଥିଲା। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଏମ୍‌ଜିଏନ୍‌ଆର୍‌ଇଜିଏ ନାମ...

ପରିବର୍ତ୍ତେ ୧୨୫ ଦିନ କାମ ଯୋଗାଇଦେବାର ପ୍ରସ୍ତାବ ରହିଛି। ଏଥିରେ ସବୁଠୁ ବଡ଼ ପରିବର୍ତ୍ତନ ହେଉଛି ସଂଶୋଧିତ ପାଣ୍ଠି ଶେୟାରିଂ ଢାଞ୍ଚା। ଯୋଜନାର ଆର୍ଥିକ ଦାୟିତ୍ୱର ଏକ ବଡ଼ ଭାଗ ରାଜ୍ୟଗୁଡ଼ିକୁ ବହନ କରିବାକୁ ପଡ଼ିବ। ବିଲ୍ ଅନୁଯାୟୀ, କେନ୍ଦ୍ର ସରକାର ଯୋଜନାର ୬୦ ପ୍ରତିଶତ ବ୍ୟୟ ବହନ କରିବାକୁ ଥିବାବେଳେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ୪୦ ପ୍ରତିଶତ ବହନ କରିବେ। ଅନ୍ୟପକ୍ଷରେ ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ଜମ୍ମୁ-କଶ୍ମୀର ଆଦି ହିମାଳୟାନ ରାଜ୍ୟଗୁଡ଼ିକ ଯୋଜନା ପାଣ୍ଠିର ୧୦ ପ୍ରତିଶତ ଦେବାକୁ ଥିବାବେଳେ କେନ୍ଦ୍ର ୯୦ ପ୍ରତିଶତ ଭରଣା କରିବ।

କେନ୍ଦ୍ରର ଉପା ସରକାର ୨୦୦୫ରେ ଏମ୍‌ଜିଏନ୍‌ଆର୍‌ଇଜିଏ ଆଣିଥିଲା। ଏହି ଯୋଜନାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବ୍ୟୟ ବହନ କରୁଥିଲେ। ନୂଆ ବିଲ୍‌ରେ ପାଣ୍ଠି ଯୋଗାଣ ଢାଞ୍ଚାରେ ପରିବର୍ତ୍ତନ କରାଯାଇଛି। ପ୍ରସ୍ତାବିତ ବିଧେୟକରେ କେନ୍ଦ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାଉନ୍‌ସିଲ୍ ଏବଂ ରାଜ୍ୟ ଗ୍ରାମୀଣ ଗ୍ୟାରେଣ୍ଟି କାଉନ୍‌ସିଲ୍ ଗଠନ ବ୍ୟବସ୍ଥା ରହିଛି। ଏହି କାଉନ୍‌ସିଲ୍‌ଗୁଡ଼ିକ ଯୋଜନାର ସମୀକ୍ଷା ଓ ଅନୁଧ୍ୟାନ କରିବା ସହ ଏହାର ପ୍ରଭାବୀ କାର୍ଯ୍ୟକାରିତା ଦେଖିବ। ମାନକ ଆବଣ୍ଟନ ଏବଂ ଅନ୍ୟାନ୍ୟ କାର୍ଯ୍ୟକାରିତା ପ୍ରସଙ୍ଗରେ ସୁପାରିସ କରିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଷ୍ଟିୟରିଂ କମିଟି ରହିବ। ଅନ୍ୟ ଏକ ଉଲ୍ଲେଖନୀୟ ବ୍ୟବସ୍ଥା ହେଲା ବ୍ୟସ୍ତବହୁଳ କୃଷି ଋତୁ ଯଥା ବୁଣାବୁଣି ଏବଂ ଫସଲ ଅମଳ ସମୟରେ ରାଜ୍ୟଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ପାଇଁ ବିଜ୍ଞପ୍ତି ପ୍ରକାଶ କରି ଯୋଜନାର କାମକୁ ବନ୍ଦ ରଖିପାରିବେ। ଫଳରେ କୃଷିକାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ କୃଷି ଶ୍ରମିକ ଉପଲବ୍ଧ ହୋଇପାରିବେ। ଏହା ବ୍ୟତୀତ ମହିଳା, ବୟସ୍କ, ଭିନ୍ନକ୍ଷମ ଏବଂ ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଏହି ଯୋଜନାରେ ଉପଯୁକ୍ତ କାର୍ଯ୍ୟକୁ ସାମିଲ କରାଯିବ, ଯେପରି ସେମାନେ ଭାଗନେଇପାରିବେ। ଆବେଦନର ୧୫ ଦିନ ମଧ୍ୟରେ ଯଦି କାମ ଯୋଗାଇ ଦିଆ ନ ଯାଏ, ତେବେ ଦୈନିକ ବେରୋଜଗାର ଭତ୍ତା ପ୍ରଦାନ ବ୍ୟବସ୍ଥା ରହିବ। ଏହି ଖର୍ଚ୍ଚ ସମ୍ପୃକ୍ତ ରାଜ୍ୟ ସରକାର ବହନ କରିବେ।

ବିଲ୍ ଗୃହୀତ କରାଇବା ପାଇଁ ଭାଜପା ଏମ୍‌ପିମାନଙ୍କୁ ପାର୍ଲାମେଣ୍ଟରେ ଉପସ୍ଥିତ ରହିବା ଲାଗି ହ୍ୱିପ୍ ଜାରି କରାଯାଇଛି। ସରକାରଙ୍କ କହିବା ଅନୁଯାୟୀ ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନ ପୂରଣ କରିବା ଲକ୍ଷ୍ୟରେ ନୂଆ ବିଲ୍ ଅଣିବାକୁ ସରକାର ଯୋଜନା ରଖିଥିବା କହିଛନ୍ତି। ନୂଆ ଜି ରାମ ଜି ଯୋଜନାରେ ପ୍ରସ୍ତାବିତ ବାର୍ଷିକ ବ୍ୟୟ ୧.୫୧ ଲକ୍ଷ କୋଟି ଟଙ୍କା ରହିବ। ସେଥିରୁ ୯୫.୬୯୨ କୋଟି ଟଙ୍କା କେନ୍ଦ୍ର ଯୋଗାଇଦେବ। ତେବେ ବିଲ୍ ପଛର ଲକ୍ଷ୍ୟକୁ ନେଇ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରଶ୍ନ କରିଛନ୍ତି। ସେମାନେ କାହିଁକି ମହାତ୍ମା ଗାନ୍ଧୀଙ୍କ ନାମକୁ ହଟାଉଛନ୍ତି। ନାଁ ହଟାଇ କେବଳ କାଗଜକଲମରେ ଅନେକ ବ୍ୟୟ କରାଯାଇଛି। ଏହାର ଲକ୍ଷ୍ୟ କ'ଣ ବୁଝିହେଉନାହିଁ ବୋଲି ପ୍ରିୟଙ୍କା କହିଛନ୍ତି। ଏଭଳି ଏକ ପ୍ରସଙ୍ଗରେ ଆଲୋଚନା କରାଯାଉନାହିଁ। ଜନସାଧାରଣଙ୍କ ଟଙ୍କାର ଅପଚୟ ହେଉଥିବା କଂଗ୍ରେସ ନେତ୍ରୀ କହିଛନ୍ତି। ସେହିପରି କଂଗ୍ରେସ ଏମ୍‌ପି ରଞ୍ଜିତ ରଞ୍ଜନ କହିଛନ୍ତି, ଜବାହରଲାଲ୍ ନେହେରୁ ଏବଂ ଇନ୍ଦିରା ଗାନ୍ଧୀଙ୍କୁ ନେଇ ଭାଜପାର ପୂର୍ବରୁ ସମସ୍ୟା ଥିଲା। ଏବେ ବାପୁଙ୍କୁ ନେଇ ସେମାନଙ୍କର ସମସ୍ୟା ଦେଖାଯାଇଥିବା ଦେଶ ଦେଖୁଛି। ଏମ୍‌ଜିଏନ୍‌ଆର୍‌ଇଜିଏରେ ରାଜ୍ୟଗୁଡ଼ିକୁ ଠିକ୍ ସମୟରେ ପାଣ୍ଠି ଯୋଗାଣ ସୁନିଶ୍ଚିତ କରିବାକୁ ରଞ୍ଜିତ କହିଛନ୍ତି।

## ବଢ଼ିଲା ଆୟୁର୍ବେଦିକ...

୩୧ ହଜାର ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୪୮ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ୨ୟ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ଏହା ୩୨ ହଜାରରୁ ୫୨ ହଜାରକୁ ବୃଦ୍ଧି ପାଇଛି। ଏହା ହେଉଛି ୬୨% ବୃଦ୍ଧି। ୩ୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଷ୍ଟାଇପେଣ୍ଡ ପରିମାଣ ମାସକୁ ୩୩ ହଜାରରୁ ୫୫ ହଜାରକୁ ବୃଦ୍ଧି ପାଇଛି, ଏହାଦ୍ୱାରା ୬୭% ବଢ଼ିଛି। ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜର ହାଉସ୍ ସର୍ଜନମାନଙ୍କ ଷ୍ଟାଇପେଣ୍ଡ ୧୭ ହଜାରରୁ ୩୦ ହଜାରକୁ ବୃଦ୍ଧି କରାଯାଇଛି। ଏହା ୨୦୨୬ ଅଗଷ୍ଟ ପହିଲାରୁ ଲାଗୁହେବ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଶିକ୍ଷା ଓ ରୋଗୀ ସେବାରେ ଅଧିକ ମନୋନିବେଶ କରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ଦୟାନଦୀ ନିକଟରେ...

ସେମାନେ ଉଭୟଙ୍କୁ ଭୟଭୀତ କରି ଧମକଚମକ ଦେଇଥିଲେ। ଏଥିସହ ସେମାନେ ଉଭୟଙ୍କ ଠାରୁ ପର୍ସ, ମୋବାଇଲ ଓ ଟଙ୍କା ଆଦି ଲୁଟି ନେଇଥିଲେ। ଏଥିସହ ୨୦ ଗ୍ରାମର ସୁନା ଚେନ୍ ଓ ୫ ଗ୍ରାମର ରୁପା ଅଳଙ୍କାର ମଧ୍ୟ ନେଇଯାଇଥିଲେ। ଏହାକୁ ନାବାଳିକା ଏବଂ ତାଙ୍କ ପୁରୁଷ ବନ୍ଧୁ ବିରୋଧ କରିଥିଲେ। ଅଭିଯୁକ୍ତମାନେ ଉତ୍କ୍ଷିପ୍ତ ହୋଇ ପୁରୁଷବନ୍ଧୁଙ୍କୁ ଘେରିଯାଇ ମାଡ଼ ମାରିଥିଲେ। ଏହାପରେ ନାବାଳିକାଙ୍କୁ ପୁରୁଷ ବନ୍ଧୁଙ୍କ ସାମ୍ନାରେ ଗଣବଳାତ୍କାର କରିଥିଲେ। ନାବାଳିକା ଏହାକୁ ପ୍ରତିରୋଧ କରିଥିଲେ ମଧ୍ୟ ଅଭିଯୁକ୍ତମାନେ କିଛିବି ଶୁଣି ନଥିଲେ। ଏହାପରେ ଉଭୟ ନାବାଳିକା ଏବଂ ପୁରୁଷ ବନ୍ଧୁଙ୍କୁ ନିସ୍ତୁକ ମାଡ଼ ମାରି ଫେରାର ହୋଇଯାଇଥିଲେ। ଏନେଇ ଖୋର୍ଦ୍ଧାରେ ରହୁଥିବା ନାବାଳିକାଙ୍କ ମା' ୧୧ ତାରିଖ ସକାଳେ ଧଉଳି ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଝିଅ ଧଉଳିରୁ ଫେରୁଥିବାବେଳେ ଲୁଟ୍‌ର ଶିକାର ହୋଇଥିବା କହିଥିଲେ। ପୋଲିସ ଏନେଇ ଏକ ଲୁଟ୍ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ପରବର୍ତ୍ତୀ ସମୟରେ ମହିଳା ଜଣକ ତାଙ୍କ ପୀଡିତା ଝିଅକୁ ନେଇ ପୁଣି ଥାନାକୁ ନେଇ ଯାଇଥିଲେ। ଅଭିଯୁକ୍ତଦ୍ୱୟ ପୀଡିତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ କରିଥିଲେ। ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ପଚରାଉଚରା କରିଥିଲା। ଏଥିସହ ପୀଡ଼ିତା ଓ ପୁରୁଷବନ୍ଧୁଙ୍କ ବୟାନ ମଧ୍ୟ ରେକର୍ଡ କରିଥିଲା। ତେବେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ପ୍ରମାଣ ସଂଗ୍ରହ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଘଟଣାରେ ଆଉ କିଛି ଅଭିଯୁକ୍ତ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି।

## ଶିମିଳିପାଳ ସମ୍ବେଦନଶୀଳ...

୧ କି.ମି. ପର୍ଯ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ରହିବ ବୋଲି ନିର୍ଦ୍ଦେଶ ରହିଛି। ମାତ୍ର ତାହାକୁ ଅବମାନନା କରି ବେଧଡ଼କଭାବେ ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିଛି। ପରିବେଶଗତ କ୍ଷତିକୁ ରୋକିବା ଏବଂ ବିକାଶମୂଳକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରି ସଂରକ୍ଷିତ ଅଞ୍ଚଳକୁ ସୁରକ୍ଷା ଯୋଗାଇବା ନେଇ ୨୦୧୧ ଗାଇଡ୍‌ଲାଇନ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଣିଜ୍ୟ, ଖଣି ଖନନ, ପ୍ରଦୂଷଣ ସୃଷ୍ଟି କରୁଥିବା ଉଦ୍ୟୋଗ, ବଡ଼ ଜଳବିଦ୍ୟୁତ ପ୍ରକଳ୍ପ, ନୂତନ ଉଚ୍ଚତା ବିଶିଷ୍ଟ ହୋଟେଲ କିମ୍ବା ରିସର୍ଟ ସ୍ଥାୟୀ ନିର୍ମାଣକୁ ଉକ୍ତ ଅଞ୍ଚଳରେ ନିଷେଧ କରାଯାଇଛି। ସେହିପରି ନିୟନ୍ତ୍ରିତ କାର୍ଯ୍ୟକଳାପ କ୍ଷେତ୍ରରେ ହୋଟେଲ ଏବଂ ରିସର୍ଟ ନିର୍ମାଣ, ବୃକ୍ଷ କାଟିବା, ବାଣିଜ୍ୟିକ ଜଳ ବ୍ୟବହାର, ରାସ୍ତା ବୃଦ୍ଧି ସହିତ ନୂତନ କଂକ୍ରିଟ ନିର୍ମାଣ, କୃଷି ପ୍ରଣାଳୀରେ ବଡ଼ ପରିବର୍ତ୍ତନ ଭଳି କାର୍ଯ୍ୟଗୁଡ଼ିକ ପାଇଁ ମନିଟରିଂ କମିଟି ବା ସମ୍ବନ୍ଧିତ ଅଧିକାରୀଙ୍କଠାରୁ ଅନୁମତିର ଆବଶ୍ୟକତା ରହିଛି।

ଅନ୍ୟପକ୍ଷେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଏକ ଡ୍ରାଫ୍ଟ ନୋଟିଫିକେସନ ୨୦୧୯ ଜାନୁଆରୀରେ ପ୍ରକାଶ ପାଇଥିଲା। ଏଥିରେ ୦-୧୦କି.ମି. ପର୍ଯ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ ପରେ ଏହା ୦-୫ କି.ମି. ପର୍ଯ୍ୟନ୍ତ ସଂଶୋଧିତ ହୋଇଥିଲା। ଉକ୍ତ ଘଟଣାକୁ ନେଇ ଅଦ୍ୟାବଧି ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ରହିଥିବା ବେଳେ ଖଣି, ପର୍ଯ୍ୟଟନ ଏବଂ ସ୍ଥାନୀୟ ବିକାଶ ସହ ଜଡ଼ିତ ବିବାଦ ରହିଛି। ଅନ୍ତିମ ନୋଟିଫିକେସନ ପ୍ରକାଶ ପାଇ ନ ଥିବାରୁ ପ୍ରସ୍ତାବିତ ଅଞ୍ଚଳରେ ଅନିୟନ୍ତ୍ରିତ କାର୍ଯ୍ୟକଳାପକୁ ନେଇ ଅଭିଯୋଗ ଉଠିଛି। ଏହାକୁ ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଅତିରିକ୍ତ ସଚିବଙ୍କୁ ତଦନ୍ତ ପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସଂକ୍ରାନ୍ତରେ ଆରସିସିଏଫ ଗୋଗିନେନୀ କହିଛନ୍ତି, ବେଆଇନ ନିର୍ମାଣକୁ ରୋକ ଲଗାଇବା ପାଇଁ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବ। ଏପରିକି ବିଦ୍ୟୁତ୍ ସଂଯୋଗ କରୁଥିବା ଟିପିଏନ୍‌ଓଡିଏଲ ସଂସ୍ଥା ପକ୍ଷରୁ କୌଣସି ଅନୁମତି ନ ନେଇ ଏଭଳି କାର୍ଯ୍ୟକଳାପ ଜାରି ରହିଥିବାରୁ ବିଭାଗକୁ ଜଣାଯାଇଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର କ୍ଷେତ୍ର ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି, ଶିମିଳିପାଳ ଜାତୀୟ ଉଦ୍ୟାନର ସମ୍ବେଦନଶୀଳ ଅଞ୍ଚଳକୁ ନେଇ ଏକ ପ୍ରସ୍ତାବ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦିଆଯାଇଛି। କେଉଁ ଅଞ୍ଚଳ କେତେ ଦୂର ମଧ୍ୟରେ ସମ୍ବେଦନଶୀଳ ଭାବେ ରଖାଯିବ, ତାହା ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ ହୋଇଛି। କେନ୍ଦ୍ର ଜଳବାୟୁ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ୍ ନୋଟିଫିକେଶନ ପ୍ରକାଶିତ ହୋଇ ନ ଥିବାରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ ହୋଇ ପାରୁନାହୁଁ ବୋଲି କହିଥିଲେ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ତରରେ ଆଇନଗତ ଭାବେ ବୈଧ ସରକାରୀ ଡକ୍ୟୁମେଣ୍ଟ ମାଧ୍ୟମରେ ନୂତନ ଆଇନ, ନିୟମ, ସଂଶୋଧନ, ନିଯୁକ୍ତି କିମ୍ବା ଗୁରୁତ୍ୱପୂର୍ଣ୍ଣ ଧାରାକୁ ଘୋଷଣା କରାଯାଇଥାଏ। ଏହା ଦ୍ୱାରା ସାଧାରଣରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଏବଂ ଯାଞ୍ଚ ପୂର୍ବକ ଆଇନଗତ ପ୍ରମାଣଭାବେ କାର୍ଯ୍ୟ କରିବା ପାଇଁ ସରକାରଙ୍କ ପକ୍ଷରୁ ଗେଜେଟ୍ ପ୍ରକାଶ କରାଯାଇଥାଏ। ଏହା ହୋଇ ନ ଥିବାରୁ ନୂତନ ହୋଟେଲ, ରେଷ୍ଟୁରାଣ୍ଟ ଗଢ଼ି ଉଠୁଥିବା ସଂସ୍ଥା ଉପରେ କୌଣସି ପ୍ରକାର ରୋକ ଲାଗିପାରୁନାହିଁ। ଜିଲା ପ୍ରଶାସନର ପୂର୍ଣ୍ଣ ମାତ୍ରାରେ ଦାୟିତ୍ୱ ରହିଥିବା ବେଳେ କମିଟି ଗଠନ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କୁହାଯାଉଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି, ଆଦିବାସୀ ଜମି ଲିଜ୍ ଦେବା ଭଳି କୌଣସି ପ୍ରକ୍ରିୟା ହୋଇନାହିଁ। ଏଭଳି ଘଟଣା ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଳୁକୁଟି ବୋଲ ମାଳୁକୁଟି ବୋଲ,**
**ଭାତ ପରି କିଏ ହେବରେ,**
**ମାଉସୀ ବୋଲ ପିଉସୀ ବୋଲ,**
**ମାଆ ପରି କିଏ ହେବରେ ?**

ଯେତେ ଜଳଖିଆ ଖାଇଥିଲେ ମଧ୍ୟ ଭାତ ଯଦି ଖିଆଯାଇ ନ ଥାଏ ତେବେ ପେଟ ପୂରିଲା ଭଳି ଲାଗି ନ ଥାଏ। ସେହିପରି ମାଉସୀ ଏବଂ ପିଉସୀ ଯେତେ ସ୍ନେହ ଶ୍ରଦ୍ଧା କଲେ ମଧ୍ୟ ସେମାନେ ମା' ପରି କେବେ ହୋଇପାରି ନ ଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଆଖୁ ଖଣ୍ଡିଏ ଦବୁନି**
**ଗୁଡ଼ ଖଣ୍ଡିଏ ଦବୁ।**

ଅଳ୍ପ ନ ଦେଇ ବହୁତ ଦେବା। ମଣିଷର ଅପରିଣାମଦର୍ଶିତା ପାଇଁ ପାଞ୍ଚ ଜାଗାରେ ବେଳେ ବେଳେ ପଚିଶ ଖର୍ଚ୍ଚ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ଅଳ୍ପରେ ଋଣମୁକ୍ତ ନ ହୋଇ ବହୁ ଅର୍ଥ ଦେବାକୁ ବାଧ୍ୟ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ସପ୍ତମ ଚନ୍ଦ୍ର ପ୍ରଭାବରେ ବନ୍ଧୁଙ୍କ ସହ ଯାତ୍ରାରମ୍ଭ କରି ଖୁସି ମନେଇବେ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ କାମକୁ ଆସିବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ କେତେକାଂଶରେ ମନକୁ ବୁଝାଇବାରେ ସମର୍ଥ ହୋଇପାରନ୍ତି। ବନ୍ଧୁଙ୍କ ସହ ଆଲୋଚନାରେ ଯୁକ୍ତିଯୁକ୍ତ କଥା କହି ବିବାଦ ଭିତରକୁ ପଶିଯାଇପାରନ୍ତି।

**ବୃଷ** ରାଶି ପାଇଁ ଚନ୍ଦ୍ରଙ୍କ ସ୍ଥିତି ଆତ୍ମୀୟ, ସହକର୍ମୀ କିମ୍ବା ପଡୋଶୀଙ୍କ ସମର୍ଥନ ଲାଭ କରାଇବ। ଚଳିତ ପରିସ୍ଥିତି ଭଲ ନ ଥିବାରୁ ଯାହା କହିଲେ ଅନ୍ୟମାନେ ଭୁଲ୍ ବୁଝିବେ। ବାରମ୍ବାର ଚେଷ୍ଟା ବିଫଳତାଜନିତ ଟେନ୍ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇ ଦେଇପାରେ।

**ମିଥୁନ** ମଙ୍ଗଳଙ୍କ ଅଷ୍ଟମଦୃଷ୍ଟି ମୁଖଭାବକୁ ଥିବାରୁ ଆପଣଙ୍କ କଡ଼ା କଥା ଓ ଅଶାଳୀନ ବ୍ୟବହାରରୁ ସମସ୍ୟା ଉପୁଜିବ। ଆର୍ଥିକ ଉନ୍ନତି ପରିପ୍ରେକ୍ଷୀରେ ବିଭିନ୍ନ ଧନ୍ଦା ସକାଶେ ବନ୍ଧୁ ପ୍ରୋତ୍ସାହିତ କରିପାରନ୍ତି। ଜଣାଶୁଣା ବ୍ୟକ୍ତିଙ୍କ ଦ୍ୱାରା ପରିବହନ ସମସ୍ୟା ସମାଧାନ ହେବ। ମାଲିମକଦ୍ଦମା, ସଭାସମିତି, କ୍ରୀଡ଼ା ଓ ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ନବମଭାବସ୍ଥ ଶନିଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ସମ୍ପର୍କକୁ ତିକ୍ତ କରିବାର ଆଶଙ୍କା ରହିଛି। ସାଧାରଣ କଥାକୁ ବଡ କରି ନିକଟସ୍ଥ ବ୍ୟକ୍ତି ଜଣେ କଳହର ମାତ୍ରାକୁ ବଢାଇବେ। ଅବଶ୍ୟ ଆପଣ ପରକ୍ଷଣରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ଶୁଣି ଖୁସି ହେବେ।

**ସିଂହ** ପରିବାର ସକାଶେ ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ସନ୍ତୁଷ୍ଟ ହେବେ ନାହିଁ। ଏକା ସାଙ୍ଗରେ ଅନେକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ବନ୍ଧୁ ମିଳନ ଓ ନୂତନ ଅତିଥିଙ୍କ ଆଗମନ ଯୋଗୁ ହସଖୁସିର ସୁଅ ଛୁଟିବାର ସୂଚନା ରହିଛି। ମାଲିମକଦ୍ଦମା, ଜମିଜମା ସମସ୍ୟା, ଚୁକ୍ତିପତ୍ର ପ୍ରଭୃତିରେ ସଫଳତା ପାଇପାରିବେ।

**କନ୍ୟା** ଧନ ସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି ହେତୁ ବନ୍ଧୁଙ୍କ ଆଦର, ବକେୟା ଅର୍ଥ, କର୍ମକ୍ଷେତ୍ରରେ ସମ୍ମାନ ଓ ବିଳାସବ୍ୟସନର ସୁଯୋଗ ଜୁଟିପାରେ। ମାଙ୍ଗଳିକ କାମ ସକାଶେ ଗୃହ ସାଜସଜ୍ଜା, ଗାଡି ମରାମତି କରିବାରେ ମନୋନିବେଶ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ତୁଳା** ଚନ୍ଦ୍ରଙ୍କ ସୁପ୍ରଭାବରୁ ଆଜି ଦିନଟି ଶୁଭଦାୟକ ରହିବ। ପାରିବାରିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କଚେରି ମାମଲା କ୍ଷେତ୍ରରେ ପାରସ୍ପରିକ ବୁଝାମଣା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ରାଜନୈତିକ କ୍ଷେତ୍ର କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ବିଛା** ଦ୍ୱିତୀୟସ୍ଥ ମଙ୍ଗଳଜନିତ ଅପ୍ରିୟ ସତ୍ୟ ଭାଷଣ ବନ୍ଧୁଙ୍କ ମନରେ ଆଘାତ ଦେବ। ଅଭାବ ଦୂରେଇବାକୁ କରଜ କରିବାକୁ ମନସ୍ଥ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରି ଲକ୍ଷ୍ୟପୂରଣରେ ସମର୍ଥ ହୋଇପାରନ୍ତି।

**ଧନୁ** କଠୋର ବାକ୍ୟାଳାପଜନିତ ବନ୍ଧୁଙ୍କ ସହ ମନାନ୍ତର କାରଣରୁ ସୁସମ୍ପର୍କରେ ବ୍ୟାଘାତ ସୃଷ୍ଟି ହେବ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ଆମଦାନୀ କାରବାର କ୍ଷେତ୍ରରେ ଖୁସି ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆନନ୍ଦ ଲଭିବେ।

**ମକର** ଚତୁର୍ଥଭାବ ପ୍ରତି ଚନ୍ଦ୍ରଙ୍କ ଶୁଭଦୃଷ୍ଟି ନୂତନ ଭାବନାରେ ନିମଜ୍ଜିତ କରାଇପାରେ। ଧର୍ମକାର୍ଯ୍ୟ, ବନ୍ଧୁପ୍ରୀତି, ଶୁଭ ଖବର ଓ ପାରିବାରିକ ସମର୍ଥନରେ ଅଗ୍ରଗାମୀ ହେବେ। ସାଧାରଣ କଥାକୁ ନେଇ ସମ୍ପର୍କୀୟଙ୍କ ଆକ୍ଷେପୋକ୍ତି ମନରେ ଭାବାନ୍ତର ସୃଷ୍ଟି କରିବ। ବିଳାସବ୍ୟସନ ପ୍ରତି ବିଶେଷ ଅନୁରକ୍ତି ଜାଗ୍ରତ ହେବାର ମଉକା ପାଇପାରିବେ।

**କୁମ୍ଭ** ରାହୁ ପ୍ରଭାବରେ ବୃଥାସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପରିବାରରେ ମତଭେଦ ଉପୁଜିପାରେ। ପର୍ଯ୍ୟଟନ, ତୀର୍ଥାଟନ, ଦୂର ଯାତ୍ରା ଏବଂ କର୍ମନିଯୁକ୍ତି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପରିବହନ କିମ୍ବା ବ୍ୟବସାୟରେ ବକେୟା ଆଦାୟରେ ସକ୍ଷମ ହେବେ। ଭୂ-ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦର ସୂତ୍ରପାତ ହୋଇପାରେ।

**ମୀନ** ଭାଗ୍ୟସ୍ଥ ସପ୍ତମାଧିପତି ଯୋଗୁ ଆଜିର ଯାତ୍ରା, ବାଣିଜ୍ୟ, ମକଦ୍ଦମାରେ ସଫଳତା ପାଇବେ। କିନ୍ତୁ ସଂଗଠନ, ଲେଖାପଢ଼ା ଓ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ସମସ୍ୟା ଲାଗି ରହିବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ରାଜନୈତିକ କ୍ଷେତ୍ରରେ ସ୍ଥିତିକୁ ସୁଦୃଢ଼ ରଖିବାରେ ସମର୍ଥ ହୋଇପାରନ୍ତି।

ଆଜି ଡିସେମ୍ବର ୧୬ ତାରିଖ, ଧନୁସଂକ୍ରାନ୍ତି, ଶ୍ରୀମନ୍ଦିରରେ ପହିଲିଭୋଗ ଆରମ୍ଭ, ବୈଷ୍ଣବସମ୍ମତ ପକ୍ଷବର୍ଦ୍ଧିନୀ ଏକାଦଶୀ ଉପବାସ, ପୌଷ କୃଷ୍ଣ ଦ୍ୱାଦଶୀ ମଙ୍ଗଳବାର, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଦିବା ଘ.୦୬।୧୭ ମି. ଗତେ, ଘ.୦୭।୦୧ ଗତେ, ଘ.୦୯।୦୦ ଗତେ, ଘ.୧୧।୨୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨।୨୪ ଗତେ, ଘ.୦୩।୪୫ ମଧ୍ୟେ ରାହୁକାଳ।

**ଓଟିଇଟି ପରୀକ୍ଷାସୂଚୀରେ ସାମାନ୍ୟ ପରିବର୍ତ୍ତନ**

କଟକ,(କାର୍ତ୍ତିକ ସାହୁ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ୨୦୨୫ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ହେଲେ ଦିନକ ପୂର୍ବରୁ ବୋର୍ଡ କର୍ତ୍ତୃପକ୍ଷ ପରୀକ୍ଷାସୂଚୀରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ଉକ୍ତ ଦିନ ୨ଟି ପର୍ଯ୍ୟାୟରେ ପରୀକ୍ଷା ହେବ। ସକାଳ ୯ଟାରୁ ୧୧.୩୦ ଯାଏ ପେପର-୧ ପରୀକ୍ଷା ହେବ। ମାତ୍ର ଅପରାହ୍ନ ୨ଟାରୁ ୪.୩୦ ପର୍ଯ୍ୟନ୍ତ ହେବାକୁ ଥିବା ପେପର-୨ ପରୀକ୍ଷା ଅପରାହ୍ନ ୧.୩୦ରେ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।



‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀଙ୍କ ଉପସ୍ଥିତିରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସୋମବାର ଧରିତ୍ରୀ ମୁଖ୍ୟାଳୟଠାରେ ସମୁଦ୍ର ତଟ ଅଞ୍ଚଳକୁ ପ୍ଲାଷ୍ଟିକ୍ ଆବର୍ଜନାମୁକ୍ତ ଦିଗରେ କାର୍ଯ୍ୟ କରୁଥିବା ବାପି ଗୋଛାୟତଙ୍କୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୫ର ‘କ୍ଲାଇମେଟ୍ ଗ୍ରାଣ୍ଟ (ବ୍ୟକ୍ତିଗତ ବର୍ଗ)’ ବିଜେତା ବାବଦରେ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟାଳୟଠାରେ ସୋମବାର ‘ଧରିତ୍ରୀ’ଏବଂ ‘ଓଡ଼ିଶା ପୋଷ୍ଟ’ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଚିତ୍ରାନନ୍ଦ ବିଶ୍ୱାଳଙ୍କୁ ‘ସ୍ୱତନ୍ତ୍ର ଗ୍ରାଣ୍ଟ’ ବାବଦରେ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

# କଂଗ୍ରେସରୁ ମୋକିମ ବହିଷ୍କୃତ

## ମୋକିମ୍‌ଙ୍କୁ ଚିଠି ମହଙ୍ଗା

### ବିଚାରଧାରାରୁ କେହି ଦୂରେଇପାରିବେ ନାହିଁ: ମୋକିମ୍

ଭୁବନେଶ୍ୱର/କଟକ,୧୫।୧୨ (ରବିନାରାୟଣ ଜେନା/ ଶିଳ୍ପା ପ୍ରିୟଦର୍ଶିନୀ)

ନୂଆପଡ଼ା ଉପନିର୍ବାଚନ ପରେ କଂଗ୍ରେସରେ ଏକପ୍ରକାର ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। କିଛିଦିନ ପୂର୍ବରୁ କଂଗ୍ରେସର ଜାତୀୟ ଏବଂ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ଉପରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ପ୍ରଶ୍ନ ଉଠାଇବା ମହଙ୍ଗା ସାବ୍ୟସ୍ତ ହୋଇଛି। ପିସିସିର ସୁପାରିସକୁ ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ଅନୁମୋଦନ କରିବା ପରେ ପିସିସି ସଭାପତି ଭକ୍ତ ଚରଣ ଦାସ ଦଳର ପ୍ରାଥମିକ ସଦସ୍ୟ ପଦରୁ ମୋକିମ୍‌ଙ୍କୁ ବହିଷ୍କାର କରିଛନ୍ତି। ଏସଂକ୍ରାନ୍ତରେ ଡିସେମ୍ବର ୧୩ରେ ଭକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ମୋକିମ୍‌ଙ୍କ ଏଭଳି ହୁଙ୍କାପିଟା ନୀତିକୁ କେତେକ ବରିଷ୍ଠ କଂଗ୍ରେସ ନେତା ସମାଲୋଚନା କରୁଥିବାବେଳେ ଆଉ କେତେକ ଏହାର ପୁନର୍ବିଚାର କରିବା ଦଳ ପାଇଁ ଠିକ୍ ହେବ ବୋଲି କହୁଛନ୍ତି। ଏହି ପରିପ୍ରେକ୍ଷୀରେ ମୋକିମ୍ ଖବରଦାତା ସମ୍ମିଳନୀରେ କହିଛନ୍ତି, ମୁଁ ରାଜନୀତିରେ ଥିଲି, ଅଛି ଏବଂ ଆଗକୁ ରହିବି। ସେ କହିଛନ୍ତି, ୨୪ ଘଣ୍ଟା ସମାଜ ପାଇଁ କାମ କରିବି, ରାଜନୀତି ଗୋଟିଏ ପ୍ଲାଟଫର୍ମ। ତେବେ ସମର୍ଥକ, ଶୁଭେଚ୍ଛୁଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସେ କହିଛନ୍ତି, ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କଟକ ଓ ଓଡ଼ିଶାବାସୀଙ୍କ ପାଇଁ କାମ କରିବି। ଜାତୀୟ ଏବଂ ରାଜ୍ୟ ନେତୃବୃନ୍ଦଙ୍କୁ



ମହମ୍ମଦ ମୋକିମ୍

ନେଇ ଯେଉଁ ପ୍ରଶ୍ନ ଉଠାଇଛି ତାହା କେବଳ ଦଳକୁ ଆଗାମୀ ଦିନରେ ସୁସଂଗଠିତ କରିବାପାଇଁ ବୋଲି ମୋକିମ୍ କହିଛନ୍ତି।

ସେ କହିଛନ୍ତି, କଂଗ୍ରେସ ମୋତେ ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରିଛି, କିନ୍ତୁ ମୋ ବିଚାରଧାରାରୁ କଂଗ୍ରେସକୁ କେହି ଦୂରେଇ ପାରିବେ ନାହିଁ। ଦଳକୁ ଆଇନ ଦେଖାଇବାରୁ ଯଦି କାର୍ଯ୍ୟାନୁଷ୍ଠାନ ହୋଇଛି, ଏହାକୁ ଗ୍ରହଣ କରୁଛି। ଆମେ ରାହୁଲଙ୍କୁ ଅନୁସରଣ କରୁଥିଲୁ। ସେ କୁହନ୍ତି କଂଗ୍ରେସ କାହାକୁ ଡରେନାହିଁ। ତେଣୁ ମୁଁ କାହାକୁ ନ ଡରି ଚିଠି ଲେଖିଥିଲି, କିନ୍ତୁ ମୋ ଉପରେ କାର୍ଯ୍ୟାନୁଷ୍ଠାନ ହେଲା। ଯାହା କରିଛି ସେଥିରେ ଅନୁଶୋଚନା ନାହିଁ, ଆଗକୁ କଂଗ୍ରେସ ପାଇଁ ଭଲ ହେବ ବୋଲି ଆଶା କରୁଛି।

# ଭାଜପାର କ୍ରୀଡ଼ନକ ସାଜିଛନ୍ତି ମୋକିମ୍: କଂଗ୍ରେସ

ଭୁବନେଶ୍ୱର,୧୫।୧୨ (ରବିନାରାୟଣ ଜେନା)

ନିଜ ଦଳର ସଭାପତିଙ୍କ ପ୍ରତି ଅସୌଜନ୍ୟମୂଳକ ଟିପ୍ପଣୀ ଦେଉଥିବା ରାଜନେତାଙ୍କୁ କେଉଁ ଆଧାରରେ ଦଳପ୍ରତି ସମର୍ପିତ ମନେକରିବା ବୋଲି କଂଗ୍ରେସ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି। ରାଜ୍ୟ କଂଗ୍ରେସ ଭବନରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୋକିମଙ୍କ ବକ୍ତବ୍ୟକୁ ନେଇ ଅରବିନ୍ଦ କହିଛନ୍ତି, ଯେତେବେଳେ ସାରା ଦେଶର କଂଗ୍ରେସ ନେତା ଓ କର୍ମୀ ଦିଲ୍ଲୀର ରାମଲୀଳା ମୈଦାନଠାରେ ‘ଭୋଟ୍ ଚୋର ଗାଦି ଛାଡ଼’ ପାଇଁ ବ୍ୟାପକ ପ୍ରସ୍ତୁତିରେ ମାତିଥିଲେ ସେତେବେଳେ ଭାଜପାର ବ୍ୟାଖ୍ୟାନକୁ ଆଗକୁ ନେବା ପାଇଁ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମାତିଥିଲେ। ଏହା କେଉଁ ସଚ୍ଚୋଟ କଂଗ୍ରେସ କର୍ମୀଙ୍କ ଲକ୍ଷଣ ? ପିସିସି ସଭାପତି ହେଲେ ଯାଇ ଦଳରେ ରହିବେ ନ ହେଲେ ବିଦ୍ରୋହ କରିବେ, ଏଇଟା କି ପ୍ରକାର ଆନୁଗତ୍ୟ ବୋଲି ଅରବିନ୍ଦ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ସବୁବେଳେ ଦଳରେ ବିଶୃଙ୍ଖଳା ସୃଷ୍ଟି ପାଇଁ ମୋକିମ ଚେଷ୍ଟା କରିଛନ୍ତି। ରାଷ୍ଟ୍ରପତି ନିର୍ବାଚନ ବେଳେ ଭାଜପା ପ୍ରାର୍ଥୀଙ୍କୁ ଭୋଟ୍ ଦେବା ସହିତ ଦଳରେ ବିଶୃଙ୍ଖଳା ସୃଷ୍ଟି କରିବା ଏକ ଶୃଙ୍ଖଳିତ ସଦସ୍ୟଙ୍କ କାର୍ଯ୍ୟ ନୁହେଁ ବୋଲି କହିବା ସହିତ ମୋକିମଙ୍କ ବହୁ ଗୁମର ଲୋକଲୋଚନକୁ ଆଣିଛନ୍ତି।





# ନୂଆ ବଜେଟ ସମୀକ୍ଷା କରିବେ ନିର୍ମଳା

## ସବୁ ବିଭାଗଠାରୁ ଲୋଡ଼ାଗଲା ସ୍ୱତନ୍ତ୍ର ପ୍ରସ୍ତାବ

ଭୁବନେଶ୍ୱର,୧୫।୧୨ (ରବିନାରାୟଣ ଜେନା)

ବିଧାନସଭାର ଶୀତ ଅଧିବେଶନ ଶେଷ ହେବାର ସପ୍ତାହେ ନ ପୂରୁଣୁ ୨୦୨୬-୨୭ ଆର୍ଥିକବର୍ଷ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ବଜେଟ ଅଧିବେଶନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ରାଜ୍ୟ ବଜେଟରେ ଯେଉଁ ପରିମାଣର କେନ୍ଦ୍ରୀୟ ଅଂଶଧନର ପ୍ରାବଧାନ କରାଯାଉଛି ତାହା ବାସ୍ତବକ୍ଷେତ୍ରରେ ମିଳୁ ନ ଥିବାରୁ ବିରୋଧୀମାନେ ଗୃହରେ ହଟ୍ଟଗୋଳ କରୁଛନ୍ତି; ଯାହାର ଚିତ୍ର ନିକଟରେ ୨୦୨୫-୨୬ବର୍ଷର ଅତିରିକ୍ତ ବଜେଟ ଅଧିବେଶନକାଳରେ ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ରାଜ୍ୟ ସରକାର କିଭଳି ଏକ ଜନହିତକର ବଜେଟ ଆଣିବେ ସେଥିନେଇ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛନ୍ତି। ତେବେ ଆସନ୍ତା ବଜେଟ ଅଧିବେଶନ ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନୂତନ ପ୍ରାକ୍‌ବଜେଟ ବୈଠକ ନେବେ। କେଉଁ ବିଭାଗ କି ପ୍ରକାର କେନ୍ଦ୍ରୀୟ ଅନୁଦାନ ଚାହୁଁଛନ୍ତି, ଖର୍ଚ୍ଚ କରୁଛନ୍ତି ଏବଂ ରାଜ୍ୟ ପାଇଁ ଆଉ ଅଧିକ କେଉଁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ରହିଛି ତାକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ନିର୍ମଳା ପରାମର୍ଶ ଦେବାର ରହିଛି ବୋଲି ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମସ୍ତ ବିଭାଗୀୟ ସଚିବଙ୍କୁ ଅବଗତ କରାଇଛନ୍ତି।

ସଚିବସ୍ତରୀୟ ବୈଠକରେ ମୁଖ୍ୟସଚିବ କହିଛନ୍ତି, କେନ୍ଦ୍ର ଅର୍ଥମନ୍ତ୍ରୀ ସମସ୍ତ ଅଂଶୀଦାରଙ୍କ ସହିତ ଏକ ପ୍ରାକ୍ ବଜେଟ ବୈଠକ କରିବେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ମେମୋରାଣ୍ଡମ୍ ପ୍ରଦାନ କରାଯିବାକୁ ରହିଛି। ତେଣୁ ବିଭାଗୀୟ ସଚିବମାନେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା(ସିଏସ୍‌ଏସ୍)କୁ ନେଇ ସେମାନଙ୍କର ପ୍ରସ୍ତାବ ତୁରନ୍ତ ପଠାଇବାକୁ ମୁଖ୍ୟସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ଅତ୍ୟନ୍ତ କମ୍ ଖର୍ଚ୍ଚ କରୁଥିବା ବିଭାଗଗୁଡ଼ିକ ଓ ଯେଉଁ ବିଭାଗରେ ରାଜସ୍ୱ ସଂଗ୍ରହ ସମସ୍ୟା ରହିଛି ସେସବୁ ବିଭାଗର ସମୀକ୍ଷା ପରବର୍ତ୍ତୀ ପର୍ଯ୍ୟାୟରେ କରାଯିବ।

ସୂଚନାଯୋଗ୍ୟ, ଚଳିତ ଆର୍ଥିକବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ଅଂଶଧନକୁ ଦୃଷ୍ଟିରେ ରଖି ଯେଉଁ ୧ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଥିଲା, ସେଥିମଧ୍ୟରୁ ଅକ୍ଟୋବର ଶେଷ ସୁଦ୍ଧା ଅଧିକାଂଶ ବିଭାଗର ଖର୍ଚ୍ଚ ନୈରାଶ୍ୟଜନକ ରହିଛି। ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ସରକାର ୨୨ହଜାର ୭୪୧କୋଟି ଟଙ୍କାର ବଜେଟ ପ୍ରାବଧାନ କରିଥିବାବେଳେ ବିଭାଗ ସେଥିରୁ ୯୬୦୭କୋଟି ଟଙ୍କା ଖର୍ଚ୍ଚ କରିବାରେ ସମର୍ଥ ହୋଇଥିଲା। ସେହିପରି ଗୃହ ନିର୍ମାଣ ବିଭାଗ ୯୯୮୪.୭୦କୋଟି ମଧ୍ୟରୁ ୩୨୮୭.୬୫କୋଟି ଖର୍ଚ୍ଚ କରିଥିବାବେଳେ ଗୃହ ବିଭାଗ ୧୦ହଜାର ୮୪୦କୋଟିରୁ ୪୭୯୦କୋଟି, ସାଧାରଣ ପ୍ରଶାସନ ୧୯୧୩କୋଟିରୁ ୮୮୪କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୩୧ହଜାର ୧୮୫କୋଟିରୁ ୧୩ହଜାର ୩୬୬କୋଟି, ପଞ୍ଚାୟତିରାଜ ବିଭାଗ ୨୯ହଜାର ୨୦୧କୋଟି ମଧ୍ୟରୁ ୬୭୭୭କୋଟି, ଜଳସମ୍ପଦ ବିଭାଗର ୧୪ହଜାର ୯୦୧କୋଟିରୁ ୪୩୨୬କୋଟି, କୃଷି ବିଭାଗ ୧୫ହଜାର ୯୫୦କୋଟିରୁ ୫୬୫୬କୋଟି, ଗ୍ରାମ୍ୟ ଉନ୍ନୟନ ବିଭାଗ ୧୦ହଜାର ୨୦କୋଟିରୁ ମାତ୍ର ୨୯୫୪କୋଟି ଏବଂ ଶକ୍ତି ବିଭାଗ ୩୯୬୨କୋଟିରୁ ୧୧୪୩କୋଟି ଟଙ୍କା ଖର୍ଚ୍ଚ କରିବାରେ ସକ୍ଷମ ହୋଇଥିବା ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତମାସ ୮ରେ ଗୃହକୁ ଜଣାଇଛନ୍ତି।

# ୬ମାସରେ ୩.୩୦ ଲକ୍ଷ ଜରିମାନା

## ସୂଚନା ଆୟୁକ୍ତ କୋର୍ଟ-୩

ଭୁବନେଶ୍ୱର,୧୫।୧୨(ରବିନାରାୟଣ ଜେନା)

ରାଜ୍ୟ ସୂଚନା ଆୟୋଗର କୋର୍ଟ-୩ ଗତ ୬ମାସ ମଧ୍ୟରେ ୨୫ଟି ମାମଲାରେ ୩ଲକ୍ଷ ୩୦ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଥିବା ରାଜ୍ୟ ସୂଚନା ଆୟୁକ୍ତ ପ୍ରଣବିନ୍ଦୁ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ନଗର ଉନ୍ନୟନ, ପଞ୍ଚାୟତିରାଜ, କୃଷି, ଶ୍ରମ ଓ ନିୟୋଜନ ଏବଂ ପୂର୍ତ୍ତ ବିଭାଗକୁ ନେଇ ସୂଚନା ଆଇନ ଅଧିକାର ବଳରେ ମଗାଯାଉଥିବା ତଥ୍ୟରେ ଅଧିକାରୀମାନେ ଅବହେଳା କରୁଛନ୍ତି। ଏନେଇ ଆଗତ ୨୫ଟି ମାମଲାରେ ସମ୍ପୃକ୍ତ ଅଧିକାରୀଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଆଚାର୍ଯ୍ୟଙ୍କ ତଥ୍ୟ ଅନୁଯାୟୀ, ପଞ୍ଚାୟତିରାଜ ବିଭାଗ ଅଧିକାରୀମାନେ ତଥ୍ୟ ପ୍ରଦାନରେ ସବୁଠୁ ଅଧିକ ଅବହେଳା କରୁଥିବା ବେଳେ ଏହାପଛକୁ ନଗର ଉନ୍ନୟନ ବିଭାଗ ରହିଛି। ୨୫ଟି ମାମଲା ମଧ୍ୟରୁ ପଞ୍ଚାୟତିରାଜ ବିଭାଗର ୧୧ଟିରେ ୧ଲକ୍ଷ ୩୫ହଜାର ଟଙ୍କାର ଜରିମାନା ରହିଥିବାବେଳେ ଅବଶିଷ୍ଟ ଅନ୍ୟ ବିଭାଗର ମାମଲାରେ କରାଯାଇଥିବା ଜଣାଯାଇଛି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକାରୀଙ୍କ ଦରମାରୁ ଆଦାୟ କରାଯିବ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ନୂଆଦିଲ୍ଲୀଠାରେ ଭାରତୀୟ ଜନତା ପାର୍ଟିର ନବନିଯୁକ୍ତ ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧକ୍ଷ ନୀତିନ ନବୀନଙ୍କୁ ସାକ୍ଷାତ୍ କରି ଶୁଭେଚ୍ଛା ଜଣାଇଛନ୍ତି। ନୀତିନଙ୍କ ଦୀର୍ଘ ରାଜନୈତିକ ଅଭିଜ୍ଞତା ଏବଂ ସଂଗଠନ ପ୍ରତି ଥିବା ପ୍ରତିବଦ୍ଧତା ନିଶ୍ଚିତ ଭାବରେ ଦଳର ରାଷ୍ଟ୍ରୀୟ ରଣନୀତିକୁ ଆହୁରି ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

# ଦନ୍ତା ହାତୀ ମୃତଦେହ ଠାବ

## ଶିକାରୀ ଗୁଳି କରିଥିବା ଚର୍ଚ୍ଚା

ବନ୍ତଲା,୧୫।୧୨ (ସୁଶିତ ସାହୁ)

ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ପୋକୁଣ୍ଡା ସେକ୍ସନ ମାଣିକଯୋଡ଼ି ପଞ୍ଚାୟତ ବାଲିଆପଶିଠାରେ ସୋମବାର ସକାଳେ ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି। ଖବରପାଇ ବନ ବିଭାଗ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ସକାଳୁ ବାଲିଆପଶି ଗ୍ରାମବାସୀ ଶୌଚ ପାଇଁ ଯିବାବେଳେ ଏକ ଦନ୍ତା ହାତୀ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ବନ ବିଭାଗର ଅବହେଳାରୁ ଶିକାରୀଙ୍କ ଗୁଳିରେ ହାତୀର ମୃତ୍ୟୁ ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ କେଉଁ ପରିସ୍ଥିତିରେ ହାତୀର ମୃତ୍ୟୁ ହେଲା, ବ୍ୟବଚ୍ଛେଦ ଓ ତଦନ୍ତ ପରେ ଜଣାପଡ଼ିବ ବୋଲି ଅନୁଗୋଳ ଡିଏଫ୍‌ଓ ନୀତିଶ କୁମାର କହିଛନ୍ତି। ସୂଚନାଯୋଗ୍ୟ, ଅନୁଗୋଳ ବନଖଣ୍ଡ ଡିମିରିପାଳ ଗାଁରେ ଶିକାରୀଙ୍କ ଫାଶରେ ପଡ଼ି ଗତ ୯ ରେ ଏକ କଲରାପତରିଆ ବାଘର ମୃତ୍ୟୁକୁ ନେଇ ବିବାଦ ଥମି ନ ଥିବାବେଳେ ଏକ ଦନ୍ତା ହାତୀର ମୃତ୍ୟୁ ଉଦ୍‌ବେଗର ବିଷୟ ହୋଇଛି।

# ୨୧ରେ ଆସିପାରନ୍ତି ଶାହା

ଭୁବନେଶ୍ୱର, ୧୫।୧୨(ସୁନିତ୍ ମିଶ୍ର)

ସମବାୟ ବିଭାଗର ଏକ କାର୍ଯ୍ୟକ୍ରମ ଆସନ୍ତା ୨୧ ତାରିଖରେ ଜନତା ମଇଦାନଠାରେ ହେବାକୁ ଯାଉଛି। ଏଥିରେ ଯୋଗଦେବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଅନୁରୋଧ କରାଯାଇଛି। ତେଣୁ ଶାହା ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି। ହେଲେ ଏନେଇ ଶାହାଙ୍କ କାର୍ଯ୍ୟାଳୟ ପକ୍ଷରୁ କିଛି ଚୂଡ଼ାନ୍ତ ସୂଚନା ଦିଆଯାଇ ନାହିଁ। ପୂର୍ବରୁ ରାଜ୍ୟ ସରକାରଙ୍କ କେତେକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଶାହା ଆସିବାକୁ ଥିଲେ ମଧ୍ୟ ବିଭିନ୍ନ କାରଣ ପାଇଁ ଶେଷ ମୁହୂର୍ତ୍ତରେ ସେସବୁ ବାତିଲ ହୋଇଛି। ଶେଷଥର ଲାଗି ସେ ଓଡ଼ିଶାରେ ଆୟୋଜିତ ହୋଇଥିବା ଡିଜିପି ସମ୍ମିଳନୀରେ ଯୋଗଦେଇଥିଲେ। ଏଥର ଶାହା ଓଡ଼ିଶା ଗସ୍ତରେ ଆସି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ତାଙ୍କ ମନ୍ତ୍ରଣାଳୟ ପକ୍ଷରୁ ଯେ ପର୍ଯ୍ୟନ୍ତ ଚୂଡ଼ାନ୍ତ ସୂଚନା ନ ଆସିଛି ସେତେବେଳ ଯାଏ କିଛି କୁହାଯାଇପାରିବ ନାହିଁ ବୋଲି ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ କହିଛନ୍ତି।



ଅମିତ ଶାହା

ଅନ୍ୟପଟେ ରାଜ୍ୟରେ ଭାଜପା ଶାସନକୁ ଆସିବାର ୧୭ ମାସ ପୂରଣ ହୋଇସାରିଥିବା ବେଳେ ଏଯାଏ ୬ଟି ମନ୍ତ୍ରୀ ପଦ ଖାଲି ପଡ଼ିଛି। ଅନେକ ଦିନରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେଇପାରେ ବୋଲି ଚର୍ଚ୍ଚା ହୋଇଆସୁଛି। ସେହିପରି ବୋର୍ଡ ଏବଂ ନିଗମରେ ଥଇଥାନ ପ୍ରକ୍ରିୟା ଏଯାଏ ହୋଇପାରି ନ ଥିବାବେଳେ ଏନେଇ ଦଳୀୟ ନେତାମାନଙ୍କ ଭିତରେ ସାମାନ୍ୟ ଅସନ୍ତୋଷ ରହୁଛି। ତେଣୁ ଶାହା ଆସିଲେ ଏହିସବୁ ଚର୍ଚ୍ଚା ଆଗକୁ ବଢ଼ିପାରେ ବୋଲି କୁହାଯାଉଛି।

# ବାଦ୍‌ପଡ଼ିବେ ‘ଅଯୋଗ୍ୟ ନିର୍ଦ୍ଦେଶକ’

## ଅର୍ଥ ମନ୍ତ୍ରଣାଳୟର ନୂଆ ପଦକ୍ଷେପ

ଭୁବନେଶ୍ୱର,୧୫।୧୨ (ରବିନାରାୟଣ ଜେନା)

ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଏଣିକି ଅଯୋଗ୍ୟ ନିର୍ଦ୍ଦେଶକଙ୍କୁ ଚିହ୍ନଟ କରାଯିବା ସହିତ ସେମାନଙ୍କୁ ବ୍ୟବସ୍ଥାରୁ ବାଦ୍ ଦିଆଯିବ। ତେବେ ଯେଉଁମାନଙ୍କଠାରେ ଆର୍ଥିକ, କୃଷି ଏବଂ ଆଇନର ଅନୁଭବ ନ ଥିବ ସେମାନେ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ରହିପାରିବେ ନାହିଁ। ଯଦି କୌଣସି ବ୍ୟାଙ୍କରେ ଏଭଳି ‘ଅଯୋଗ୍ୟ ନିର୍ଦ୍ଦେଶକ’ ରହିଥିବେ ସେମାନଙ୍କୁ ମଧ୍ୟ ବାଦ୍ ଦିଆଯିବ। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଡିସେମ୍ବର ୧୦ରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଛି।

ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଯୁଗ୍ମ ସଚିବ ଶାଳିନୀ ପଣ୍ଡିତ ଦର୍ଶାଇଛନ୍ତି, ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ବ୍ୟାଙ୍କିଙ୍ଗ ରେଗୁଲେଶନ (ସହକାରୀ ସମିତି) ନିୟମ-୧୯୬୬ରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଛି। ଏହା ମାଧ୍ୟମରେ ଏଣିକି ସହକାରୀ ବ୍ୟାଙ୍କଗୁଡ଼ିକରେ ଅଯୋଗ୍ୟ ନିର୍ଦ୍ଦେଶକମାନଙ୍କୁ ଚିହ୍ନଟ କରାଯିବା ସହିତ କେଉଁ ନିର୍ଦ୍ଦେଶକଙ୍କୁ ପଦ ଛାଡ଼ିବାକୁ ପଡ଼ିବ ସେଥିପାଇଁ ସ୍ପଷ୍ଟ ପ୍ରକ୍ରିୟା ନିର୍ଦ୍ଧାରଣ କରାଯାଇପାରିବ। ଏହି ନୂତନ ନିୟମଗୁଡ଼ିକ ୧୫ ଡିସେମ୍ବର ୨୦୨୫ଠାରୁ ସହରାଞ୍ଚଳ, ରାଜ୍ୟ ଓ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ଉପରେ ଲାଗୁ ହେବ। ତେବେ ବ୍ୟାଙ୍କିଙ୍ଗ ରେଗୁଲେଶନ ଆଇନର ଧାରା ୧୦-ଏ(୨) (କ) ଏବଂ (ଖ) ଅନୁଯାୟୀ, ଯୋଗ୍ୟତା ପୂରଣ କରୁ ନ ଥିବା କୌଣସି ନିର୍ଦ୍ଦେଶକଙ୍କୁ ଅଯୋଗ୍ୟ ନିର୍ଦ୍ଦେଶକ ବୋଲି ଗଣାଯିବ । ନିୟମ ଅନୁଯାୟୀ, ବ୍ୟାଙ୍କର ମୋଟ ନିର୍ଦ୍ଦେଶକ ମଣ୍ଡଳୀର ଅତି କମ୍‌ରେ ୫୧% ସଦସ୍ୟଙ୍କଠାରେ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିଶେଷ ଜ୍ଞାନ କିମ୍ବା ବ୍ୟବହାରିକ ଅନୁଭବ ରହିଥିବା ଆବଶ୍ୟକ। ସେଥିମଧ୍ୟରେ ହିସାବ ରଖିପାରୁଥିବା ଜ୍ଞାନ ସହିତ କୃଷି ଓ ଗ୍ରାମୀଣ ଅର୍ଥନୀତି, ବ୍ୟାଙ୍କିଙ୍ଗ, ସହକାରିତା, ଅର୍ଥନୀତି, ଆର୍ଥିକ ବ୍ୟବସ୍ଥା, ଆଇନ ଏବଂ ଛୋଟ ଶିଳ୍ପ ସମ୍ବନ୍ଧୀୟ ଜ୍ଞାନ ରହିଥିବା ଆବଶ୍ୟକ। ବୋର୍ଡ ପୁନର୍ଗଠନ ସମୟରେ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ ଯେତେବେଳେ ବୋର୍ଡର ଗଠନ ପରିବର୍ତ୍ତନ କରିବାକୁ ଆଗକୁ ଯିବେ ସେ କ୍ଷେତ୍ରରେ ଏଭଳି ଅଯୋଗ୍ୟ ନିର୍ଦ୍ଦେଶକମାନେ କିପରି ପଦ ଛାଡ଼ିବେ, ତାହା ପାଇଁ ସରକାର ଏବେ ଔପଚାରିକ ପ୍ରକ୍ରିୟା ନିର୍ଦ୍ଧାରଣ କରିବାକୁ ହେବ। ନୂତନଭାବେ ଯୋଡ଼ାଯାଇଥିବା ନିୟମ ୫-ଏ ଅଯୋଗ୍ୟ ନିର୍ଦ୍ଦେଶକମାନଙ୍କ ମଧ୍ୟରୁ କେଉଁମାନେ ପଦ ଛାଡ଼ିବେ ସେନେଇ ବିଜ୍ଞପ୍ତିରେ ସ୍ପଷ୍ଟ ଦର୍ଶାଯାଇଛି। ଯେପରି କି, ପ୍ରଥମେ ଅଯୋଗ୍ୟ ନିର୍ଦ୍ଦେଶକମାନଙ୍କୁ ସେମାନେ କେତେ ସମୟ ଧରି ପଦରେ ଅଛନ୍ତି ସେମାନଙ୍କୁ ନେଇ ଏକ ତାଲିକା ପ୍ରସ୍ତୁତ କରାଯିବ । ଯଦି ଦୁଇଟି କିମ୍ବା ଦୁଇଟିଠାରୁ ଅଧିକ ସଂଖ୍ୟକ ରହିଥାନ୍ତି, ତେବେ ସବୁଠାରୁ କମ୍ ସମୟ ପଦଧାରଣ କରିଥିବା ବ୍ୟକ୍ତିବିଶେଷଙ୍କୁ ବାଦ୍ କରାଯିବ। ଯଦି ଏପରି ବାଦ୍ ଦେବାରେ ଅପସାରଣ ପାଇଁ ଆବଶ୍ୟକ ସଂଖ୍ୟାଠାରୁ କମ୍ ନାମ ରହିଯାଏ, ତେବେ ଏହି ବାଦ୍ ପ୍ରକ୍ରିୟା ଲାଗୁ ହେବ ନାହିଁ । ଲଟେରି ପାଇଁ ଯୋଗ୍ୟ ନାମଗୁଡ଼ିକ ଶେଷ ହେବା ପରେ, ସମ୍ବନ୍ଧିତ ଆଇନ ଧାରା ଅନୁଯାୟୀ ନିର୍ଦ୍ଦେଶକ ମଣ୍ଡଳୀ କିମ୍ବା ରିଜର୍ଭ ବ୍ୟାଙ୍କର ଅନୁମୋଦିତ ଅଧିକାରୀ ଲଟେରି କରିବେ। ସେହିପରି ବିଜ୍ଞପ୍ତିରେ ଷ୍ଟାଣ୍ଡିଂ ଡିପୋଜିଟ୍ ଫାସିଲିଟି ଅଧୀନରେ ରଖାଯାଇଥିବା ଜମାରାଶିକୁ ସାମିଲ କରିବା ପାଇଁ ମଧ୍ୟ ଏକ ଅତିରିକ୍ତ ଏଣ୍ଟ୍ରି ଯୋଡ଼ାଯାଇଥିବା ଜଣାଯାଇଛି।

# ଜଗନ୍ନାଥ ଗ୍ରହଣୀୟ

'ନାମରେ କ'ଣ ଅଛି ? ଯାହାକୁ ଆମେ ଗୋଲାପ କହୁଛୁ, ଅନ୍ୟ କୌଣସି ନାମରେ ଡାକିଲେ ମଧ୍ୟ ତା'ର ସୁଗନ୍ଧ ସେହିପରି ମିଠା ରହିବ।' ନାମକୁ ନେଇ କେତେବେଳେ ଯଦି ଚର୍ଚ୍ଚା ହୋଇଥାଏ ସେକ୍ସପିୟରଙ୍କ ପ୍ରସିଦ୍ଧ ନାଟକ 'ରୋମିଓ ଆଣ୍ଡ୍ ଜୁଲିଏଟ୍'ରୁ ଉଦ୍ଧୃତ ହୋଇଥିବା ଏହି ବାକ୍ୟକୁ ଅନେକେ ବ୍ୟବହାର କରିଥାଆନ୍ତି। କେନ୍ଦ୍ର ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ)ର ଏବେ ନାମ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହାର ଅବତାରଣା କରାଯାଇପାରେ। ୨୦୦୫ରେ ତତ୍କାଳୀନ ଉପା ସରକାର ଅମଳରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏନ୍‌ଆର୍‌ଇଜିଏ) ପ୍ରଣୟନ କରାଯାଇଥିଲା। ପ୍ରଥମେ କେନ୍ଦ୍ର ବଜେଟରେ ଏଥିଲାଗି ୧୧,୩୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ୨୦୦୯ରେ ଏହାର ନାମରେ ମହାତ୍ମା ଗାନ୍ଧୀ ଯୋଡ଼ାଯାଇଥିଲା। ସେତେବେଳେ 'କାର୍ଯ୍ୟ କରିବାର ଅଧିକାର'କୁ ସିଦ୍ଧ କରିବା ସକାଶେ ଗ୍ରାମୀଣ ଭାରତର ଲୋକଙ୍କୁ ଜୀବିକା ନିର୍ବାହ ଲାଗି ବର୍ଷକୁ ୧୦୦ ଦିନର କାମ ଦେବାକୁ ସୁନିଶ୍ଚିତ କରିବା ଲାଗି ଏହି ଆଇନ ଅଭିପ୍ରେତ ଥିଲା। ଏବେ ତାହାର କ୍ରମବିକାଶ କଥା ଦେଖିଲେ ୧୨ ଡିସେମ୍ବରରେ କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆର୍‌ଇଜିଏ ନାମ ପରିବର୍ତ୍ତନ କରି ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (ପିବିଜିଆର୍‌ୱାଇ) ଭାବେ ତାହାକୁ ନାମିତ କରିଥିବା ନେଇ କେତେକ ଜାତୀୟ ସ୍ତରୀୟ ଘରୋଇ ଗଣମାଧ୍ୟମରୁ ଜଣାପଡ଼ିଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏକୁ ବଦଳାଇ କେନ୍ଦ୍ର ସରକାର 'ଭିବି-ଜି ରାମ୍ ଜି' ବିଲ୍ ୨୦୨୫ ଆଣିବାକୁ ୧୫ ଡିସେମ୍ବରରେ ନିଷ୍ପତ୍ତି ନେଇଛନ୍ତି। ନୂଆ ବିଲ୍‌ର ପୂରା ନାମ ହେଉଛି 'ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ (ଗ୍ରାମୀଣ) ବିଲ୍-୨୦୨୫। ଏହି ବିଲ୍‌ରେ ଥିବା ବ୍ୟବସ୍ଥା ଅନୁଯାୟୀ ପୂର୍ବରୁ ଥିବା ୧୦୦ ଦିନର ଗ୍ୟାରେଣ୍ଟି ବଦଳରେ ମଜୁରିଆଙ୍କୁ ୧୨୫ ଦିନର କାମ ମିଳିବ। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରାଯାଇଆସୁଥିବା ସମ୍ପୂର୍ଣ୍ଣ ଅର୍ଥ ଏବେ ନୂଆ ବିଲ୍‌ରେ ରାଜ୍ୟ ଉପରେ ବୋଝ ପଡ଼ିବ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ 'ଭିବି-ଜି ରାମ୍ ଜି'ରେ ଉତ୍ତରପୂର୍ବାଞ୍ଚଳ, ହିମାଳୟ ସନ୍ନିବେଷ୍ଟିତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳ ଯଥା ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଜମ୍ମୁ ଓ କଶ୍ମୀର ପାଇଁ କେନ୍ଦ୍ର-ରାଜ୍ୟ ଅନୁପାତ ୯୦:୧୦ ରଖାଯାଇଛି। ଅନ୍ୟ ରାଜ୍ୟ କ୍ଷେତ୍ରରେ ଲୋକଙ୍କୁ ଦିଆଯିବାକୁ ଥିବା ସମ୍ପୂର୍ଣ୍ଣ ମଜୁରିର ୬୦ ପ୍ରତିଶତ କେନ୍ଦ୍ର ଦେବାକୁ ଥିବା ବେଳେ ରାଜ୍ୟଗୁଡ଼ିକୁ ୪୦ ପ୍ରତିଶତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ।

'ଭିବି-ଜି ରାମ୍ ଜି' ବିଲ୍ ଯେତେବେଳେ ଆଇନରେ ପରିଣତ ହେବ ସେତେବେଳେ ସେଥିରେ ଥିବା ବ୍ୟବସ୍ଥା ବିଷୟରେ ଅଧିକ ଜାଣିହେବ। କିନ୍ତୁ ମହାତ୍ମା ଗାନ୍ଧୀଙ୍କ ଜାଗାରେ 'ରାମ୍ ଜି' ଭଳି ନାମକରଣର ଯଥାର୍ଥତା କ'ଣ ହୋଇପାରେ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହାର ନିର୍ଦ୍ଦିଷ୍ଟ ଉତ୍ତର ନ ମିଳିଲେ ମଧ୍ୟ ସରକାର ଗ୍ରାମୀଣ ଭାରତର ଲୋକଙ୍କ ସାମାଜିକ ସୁରକ୍ଷା ପରିସର ବଢ଼ାଇବାରେ ଏହା ସହାୟକ ହେବ ବୋଲି କହିପାରନ୍ତି। ଏହି ସନ୍ଧିକ୍ଷଣରେ ଅନେକଙ୍କ ମନରେ ଚିନ୍ତା ଜନ୍ମୁଛି ଯେ, ଯଦି ମହାତ୍ମା ଗାନ୍ଧୀଙ୍କ ନାମ ବଦଳାଯାଇ ରାମ ଜି କରାଯାଉଛି, କାଲି ହୁଏତ ଅନ୍ୟ ସରକାର ଆସିଲେ ଅଲଗା ନାମ କରିଦେଇପାରନ୍ତି। ଥରେ ପୁରୁଣା ଯୋଜନାର ନାମ ବଦଳିଲେ ତାହା ଏକ ଦୃଷ୍ଟାନ୍ତ ସୃଷ୍ଟି କରିଥାଏ ଏବଂ ପରବର୍ତ୍ତୀ ସମୟରେ ଏହି 'ଜି ରାମ ଜି' ବଦଳାଇବାକୁ ଅନ୍ୟମାନେ ମଧ୍ୟ ତତ୍ପର ହୋଇପାରନ୍ତି। ପୁରୁଣା ପରିବର୍ତ୍ତେ ନୂଆ ଯୋଜନା କରି ଏଭଳି ନାମ ଦେଇଥିଲେ ସମ୍ଭବତଃ ଭବିଷ୍ୟତରେ କାହାରି ପାଇଁ ଏହା ଆଖିଦୃଶିଆ ହୋଇ ନ ଥାଆନ୍ତା। ନାମ ପରିବର୍ତ୍ତନ ସଉକ ଦେଶର ବିଭିନ୍ନ ରାଜ୍ୟ, ନଗର ଓ ସହର ଆଦି କ୍ଷେତ୍ରରେ ପୂର୍ବରୁ ଢେର ଦେଖାଯାଇ ଆସିଛି। ତେଣୁ ଏଭଳି ସ୍ଥଳେ ଆମେ ଓଡ଼ିଶାବାସୀ ଖୁସି ହୋଇଥାଆନ୍ତୁ 'ରାମ' ପରିବର୍ତ୍ତେ 'ଜଗନ୍ନାଥ' ହୋଇଥାଆନ୍ତା। ଉତ୍ତର ଭାରତର ରାମ-ଆଲ୍ଲା ବିବାଦଠାରୁ ଜଗନ୍ନାଥ ଅଧିକ ଧର୍ମନିରପେକ୍ଷ ହେବେ। ଏମିତି ଦେଖିଲେ ୨୦୨୪ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ କେନ୍ଦ୍ର ସରକାରଙ୍କୁ ସ୍ଥିର ରଖିବାରେ ଓଡ଼ିଶାରୁ ଯାଇଥିବା ୨୦ ଏମ୍‌ପିଙ୍କ ଯୋଗଦାନ ଗୁରୁତ୍ୱ ବହନ କରିଥିଲା। ସେତେବେଳେ ଭାଜପାକୁ ଓଡ଼ିଶାରୁ ବିପୁଳ ସମର୍ଥନ ମିଳିବା ପରେ ନୂଆଦିଲ୍ଲୀ ସ୍ଥିତ ପାର୍ଟି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ଥର 'ଜୟ ଜଗନ୍ନାଥ' ଉଚ୍ଚାରଣ କରିଥିଲେ। ସେହି ଦୃଷ୍ଟିରୁ ଦେଖିଲେ ଜଗନ୍ନାଥଙ୍କ ନାମ ମଧ୍ୟ ସର୍ବମତେ ଗ୍ରହଣୀୟ ହୋଇଥାଆନ୍ତା।

ଆଜି ବିଶ୍ୱର ବୃହତ୍ ଦେଶକୁ ଦେଖିଲେ ବିଭିନ୍ନ କ୍ଷେତ୍ରରେ ପ୍ରଯୁକ୍ତି, ଗବେଷଣା ଓ ଅଭିନବତ୍ୱକୁ ଗୁରୁତ୍ୱ ଦିଆଯାଇ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ଦିଗରେ ସେମାନେ ଧାବମାନ। ହେଲେ ଏଠାରେ ବାସ୍ତବ କାର୍ଯ୍ୟ ଅପେକ୍ଷା ସୁନ୍ଦର ଶବ୍ଦ ବ୍ୟବହାର କରାଯାଇ ସମସ୍ତଙ୍କୁ ସଙ୍ଖୁଳିବାର ପ୍ରଚେଷ୍ଟା ଏବଂ ଅଦ୍ଭୁତ ନାମକରଣରେ ସରକାର ମଜ୍ଜିଯାଇଥିବା ଭଳି ମନେ ହେଉଛି। ରଙ୍ଗ କିମ୍ବା ନାମ ବଦଳାଇବାକୁ ସମାଲୋଚନା କରାଯାଆନ୍ତା ନାହିଁ ଯଦି ତାହା ଦ୍ୱାରା ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ହୁଅନ୍ତା।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | 6 | 5 | | | |
| | | 2 | | | | 1 | 3 | |
| | | 1 | | | 8 | | | |
| | 4 | | 5 | | | 6 | | 7 |
| | 9 | | | | 6 | 4 | | |
| | | | | 7 | | | | |
| | | | | | | 5 | | |
| | | | | 9 | 2 | 3 | | |
| | 2 | 3 | | | | 7 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 8 | 3 | 4 | 6 | 2 | 7 | 1 |
| 4 | 2 | 7 | 5 | 9 | 1 | 8 | 6 | 3 |
| 3 | 1 | 6 | 2 | 8 | 7 | 9 | 4 | 5 |
| 6 | 7 | 2 | 4 | 1 | 5 | 3 | 8 | 9 |
| 1 | 8 | 9 | 6 | 2 | 3 | 4 | 5 | 7 |
| 5 | 3 | 4 | 8 | 7 | 9 | 6 | 1 | 2 |
| 7 | 4 | 5 | 9 | 6 | 2 | 1 | 3 | 8 |
| 2 | 6 | 3 | 1 | 5 | 8 | 7 | 9 | 4 |
| 8 | 9 | 1 | 7 | 3 | 4 | 5 | 2 | 6 |

ଗତକାଲିର ଉତ୍ତର

# ସରକାର ଚାହୁଁଛନ୍ତି



ଅକ୍ଷୟ କୁମାର ମିଶ୍ର

ଲୋକଙ୍କର ଉପକାରରେ ଆସୁ ବା ନ ଆସୁ ରାଜ୍ୟର ଲାଭ ହେଉ ବା କ୍ଷତି, ବ୍ୟବସ୍ଥାରେ କିଛି ପରିବର୍ତ୍ତନ ହେଉ ବା ନ ହେଉ ସରକାର ଚାହୁଁଛନ୍ତି ମାନେ ହେବ। ଏହାଦ୍ୱାରା ଭବିଷ୍ୟତ ପିଢ଼ି କେତେ ଉପକୃତ ହେବେ ସେ ସମ୍ପର୍କରେ ବିଚାରବିମର୍ଶ ହେଉ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ ସବୁ କ୍ଷେତ୍ରରେ ସମାନ କଥା। ତଳ ସ୍ତରରେ ଥିବା ଲୋକଙ୍କର ମତାମତ ନିଆଯାଉ ନାହିଁ। ବିଶେଷଜ୍ଞ, ବୁଦ୍ଧିଜୀବୀଙ୍କ ଉପଦେଶ ଗ୍ରହଣ କରାଯାଉ ନାହିଁ। ଗଣସଂଗଠନ କିମ୍ବା ବିରୋଧୀ ଦଳଙ୍କ ଅଭିଯୋଗକୁ ଶୁଣାଯାଉନାହିଁ। ଯିଏ ଯେତେବେଳେ ସରକାରରେ ରହିଲେ ସେ ତାଙ୍କ ଦୃଷ୍ଟିଭଙ୍ଗୀକୁ ଜନସାଧାରଣଙ୍କ ଉପରେ ଲଦିଦେଲେ। ଫଳରେ ସାମଗ୍ରିକ ବିକାଶ ହେଉନାହିଁ। ବିଫଳତାକୁ ଲକ୍ଷ୍ୟକରି ବାରମ୍ବାର ମତ, ମାର୍ଗ, ନୀତି ବଦଳୁଛି। ଏହାର କୁପ୍ରଭାବ ସବୁଠାରୁ ଶିକ୍ଷା ବିଭାଗ ଉପରେ ପଡ଼ିଛି। ନିକଟ ଅତୀତରେ ଏବଂ ବର୍ତ୍ତମାନ କେମିତି ଘଡ଼ିକେ ଘୋଡ଼ା ଛୁଟୁଛି ସେ ସମ୍ପର୍କରେ ସମ୍ୟକ ଆଲୋଚନା କରିବା।

୨୦୦୯ ମସିହାରେ ଶିକ୍ଷା ଅଧିକାର ଆଇନ ଲୋକସଭାରେ ଗୃହୀତ ହେଲା। ୮୬ ତମ ସମ୍ବିଧାନ ସଂଶୋଧନ ଜରିଆରେ ଏହା ପ୍ରତ୍ୟେକ ଶିଶୁର ମୌଳିକ ଅଧିକାର ବୋଲି ୨୧ଏରେ ଲିପିବଦ୍ଧ ହେଲା। ନିର୍ଦ୍ଦେଶିତ ହେଲା - ଏଣିକି ୬ ରୁ ୧୪ ବର୍ଷର ପ୍ରତ୍ୟେକ ଶିଶୁଙ୍କୁ ମାଗଣା ଶିକ୍ଷା ଦେବାର ଦାୟିତ୍ୱ ଦେଶର ଅର୍ଥାତ୍ ସରକାରଙ୍କର। ସେଥିରେ ଛାତ୍ର ଓ ଶିକ୍ଷକର ଅନୁପାତ ସ୍ଥିର ହେଲା। ବିଦ୍ୟାଳୟ ଏକ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ହେଲା, କୌଣସି ପରିସ୍ଥିତିରେ ପିଲାଙ୍କୁ ଶ୍ରେଣୀ ପଦୋନ୍ନତିରୁ ରୋକାଯାଇପାରିବ ନାହିଁ ବୋଲି ନିୟମ ହେଲା। ନିୟମିତ ଓ ନିରନ୍ତର ମୂଲ୍ୟାୟନ ବ୍ୟବସ୍ଥା ଲାଗୁହେଲା। ଏହି ଆଇନକୁ ୨୦୧୦ରେ ଆମ ରାଜ୍ୟରେ କାର୍ଯ୍ୟକାରୀ କରାଗଲା।

ଆଇନ ସିନା କାର୍ଯ୍ୟକାରୀ ହେଲା କିନ୍ତୁ ସରକାର ନିଜର ଉତ୍ତରଦାୟିତ୍ୱ ପାଳନ କଲେନାହିଁ। ଅବଶ୍ୟ ପିଲାମାନେ କେମିତି ବିଦ୍ୟାଳୟକୁ ଆସିବେ ସେଥିପାଇଁ ମଧ୍ୟାହ୍ନଭୋଜନ, ମାଗଣା ପୁସ୍ତକ, ପୋଷାକ, ବ୍ୟାଗ୍, ଜୋତା ଦେବାର ବ୍ୟବସ୍ଥା ହେଲା। କିନ୍ତୁ ଯେତିକି ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦେବା କଥା ତାହା କଲେ ନାହିଁ। ଫଳରେ ପାଠପଢ଼ା କେମିତି ଚାଲିଛି କେହି ଦେଖିବାକୁ ନାହାନ୍ତି। ପୁସ୍ତକ ଯୋଗାଇବା ଦାୟିତ୍ୱ ସରକାର ନେଲେ କିନ୍ତୁ ପିଲାଙ୍କ ନିକଟରେ ପୁସ୍ତକ ପହଞ୍ଚିଲା ବେଳକୁ ଅଧା ବରଷ ଅତିକ୍ରମ କରିଯାଏ। ପୁଣି ସବୁ ପୁସ୍ତକ ମିଳେ ନାହିଁ। ଏଣେ ନିୟମ ଅଛି କେହି ପିଲା ଫେଲ୍ ହେବେ ନାହିଁ। ଯଦି କେହି ଶିକ୍ଷକ ସାହସ କରି ଉପର ଅଫିସରଙ୍କୁ ପଚାରିଲେ, ''ସାର୍, ମୁଁ କରିବି କ'ଣ ? ମଧ୍ୟାହ୍ନଭୋଜନ କଥା ବୁଝିବି କେତେବେଳେ, ଗଦାଏ ଖାତା କାମ କରିବି କେତେବେଳେ, ପିଲାଙ୍କୁ ପଢ଼ାଇବି କେତେବେଳେ ଆଉ ନିୟମିତ ଓ



ନିରନ୍ତର ପରୀକ୍ଷଣକରି ପିଲାଙ୍କୁ ମୂଲ୍ୟାୟନ କରିବି କେତେବେଳେ ?'' ଉତ୍ତର ଆସିଲା, 'ସରକାର ଚାହୁଁଛନ୍ତି'। ନବମ ଶ୍ରେଣୀ ପର୍ଯ୍ୟନ୍ତ କେହି ଛାତ୍ରୀ କିମ୍ବା ଛାତ୍ର ଫେଲ୍ ହେବେ ନାହିଁ କି ଅଧାରୁ ପାଠପଢ଼ା ଛାଡ଼ିବେ ନାହିଁ। ଯାହା କରୁଛ କର। ଏହାପରେ ଯାହା ହେବାକଥା ତାହା ହିଁ ହେଲା। ବିଦ୍ୟାଳୟ ନ ଆସିଲେ ବି କାଗଜପତ୍ରରେ ପିଲାମାନଙ୍କର ନାମ ରହିଲା। ଅକ୍ଷର ଚିହ୍ନିପାରୁ ବା ନ ପାରୁ, ମିଶାଣ, ଫେଡ଼ାଣ, ଗୁଣନ, ହରଣ ଜାଣିଥାଉ ବା ନ ଥାଉ, ଓଡ଼ିଆ ଲେଖିପାରୁ ବା ନ ପାରୁ, ଇଂରାଜୀ ପଢ଼ିପାରୁ ବା ନ ପାରୁ ପ୍ରଥମରୁ ଦଶମ ଯାଏଁ କେଉଁଠି ପ୍ରତିବନ୍ଧକ ନାହିଁ। ଏହା ଦେଖି ବହୁ ଅଭିଭାବକ ତାଙ୍କ ପିଲାଙ୍କ ଭବିଷ୍ୟତ କଥା ଚିନ୍ତାକରି ଘରୋଇ ବିଦ୍ୟାଳୟକୁ ନେଇଯିବାକୁ ଉଚିତ ମଣିଲେ। ଫଳରେ କ୍ରମଶଃ ସରକାରୀ ବିଦ୍ୟାଳୟରେ ପିଲା ସଂଖ୍ୟା କମିବାକୁ ଲାଗିଲା। ସରକାର ଚାହିଁଲେ ଯେଉଁଠି ପିଲା ସଂଖ୍ୟା କମ୍ ସେହି ବିଦ୍ୟାଳୟକୁ ନିକଟବର୍ତ୍ତୀ ବିଦ୍ୟାଳୟ ସହ ମିଶାଇ ଦେବେ କିମ୍ବା ବନ୍ଦ କରିଦେବେ। ୨୦୨୨ରେ ତତ୍କାଳୀନ ସରକାର ରାଜ୍ୟରେ ୭୪୭୮ଟି ବିଦ୍ୟାଳୟକୁ ବନ୍ଦ କରିଦେବା ପାଇଁ ଚାହିଁଥିଲେ। କିନ୍ତୁ ଜାଣିବାକୁ ଚାହିଁଲେ ନାହିଁ, ଏହି ସବୁ ବିଦ୍ୟାଳୟର ପିଲା ସଂଖ୍ୟା କମିଲା କାହିଁକି ? ବନ୍ଦ କରିଦେଲେ ସେ ଅଞ୍ଚଳର ପିଲାମାନେ ପଢ଼ିବେ କେଉଁଠି ? ସରକାରଙ୍କ ଇଚ୍ଛାର ଲଗାମ ଶିକ୍ଷା ଅଧିକାର ଆଇନକୁ ଲଗାମ ଦେଇଦେଲା।

ସରକାର ବଦଳିଲା। ନୂତନ ସରକାର କହିଲେ, ବିଦ୍ୟାଳୟ ବନ୍ଦ ହେବ ନାହିଁ। ସେଠାକାର ଲୋକମାନେ ଖୁସି ହେଲେ। କିନ୍ତୁ ଏବେ ପୁଣି ଶୁଣିବାକୁ ମିଳିଲାଣି ସରକାର ଚାହୁଁଛନ୍ତି ୨୦ ରୁ କମ୍ ପିଲା ସଂଖ୍ୟା ଥିବା ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବେ। ଏମାନଙ୍କ ସଂଖ୍ୟା ୫୬୩୦। ପୁଣି ପଶ୍ଚିମ ଓଡ଼ିଶାରେ ବନ୍ଦ ହେବ ୧୮୫୬ଟି ବିଦ୍ୟାଳୟ, ପାହାଡ଼ ପର୍ବତ ଘେରା ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୩୯୭। ଦୁର୍ଭାଗ୍ୟଜନକ ବିଷୟ ତତ୍କାଳୀନ ସରକାର ତର୍ଜମା କରି ନ ଥିଲେ, ବର୍ତ୍ତମାନର ସରକାର ମଧ୍ୟ ପିଲା ସଂଖ୍ୟା ହ୍ରାସ ହେବାର କାରଣ ଖୋଜିଲେ ନାହିଁ।

ପିଲାଙ୍କ ପାସ୍ ଫେଲ୍‌କୁ ନେଇ ପ୍ରଚାର ହେଲା ସରକାର ଚାହୁଁଛନ୍ତି ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ। ୫ମ ଓ ୮ମ ଶ୍ରେଣୀରେ ପିଲାଙ୍କୁ ବୋର୍ଡ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ଯିଏ ଏଥିରେ ପାସ୍ କରିବ ସେ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବ, ନ ହେଲେ ସେହି ଶ୍ରେଣୀରେ ପଢ଼ିବାକୁ ହେବ। ଏହା ଶୁଣି ଶିକ୍ଷାବିତ୍‌ଙ୍କ ମତ ହେଲା, ଶିକ୍ଷା ଅଧିକାର ଆଇନର ଏହା ପରିପନ୍ଥୀ। ମାନବାଧିକାର କର୍ମୀମାନେ କହିଲେଣି, ଅଧାରୁ ପାଠପଢ଼ା ଛାଡ଼ିବେ ଏହି ଧରଣର ପିଲାମାନେ। ପୁଣି ସରକାର ଚାହିଁଲେଣି ପରୀକ୍ଷାରେ ଯିଏ ଅକୃତକାର୍ଯ୍ୟ ହେବ ତା' ପାଇଁ ଏକ ସପ୍ଲିମେଣ୍ଟାରି ପରୀକ୍ଷାର ବ୍ୟବସ୍ଥା ରହିବ। ଏହି ପରୀକ୍ଷା ଦେବା ପରେ ସେ ଉତ୍ତୀର୍ଣ୍ଣ ହେବ। ଏଭଳି ପରୀକ୍ଷା ନିରୀକ୍ଷା ଶିକ୍ଷାର ଗୁଣାତ୍ମକ ମାନ ବଢ଼ାଇବ ନା ଯଥା ପୂର୍ବଂ ତଥା ପରମ୍ ସ୍ଥିତିରେ ଆମେ ରହିବା ତାହା ଭବିଷ୍ୟତରେ ଜଣାପଡ଼ିବ।

ସରକାର ବଦଳିବା କ୍ଷଣି ଶିକ୍ଷାନୁଷ୍ଠାନର ରୂପ ଢାଞ୍ଚା ବଦଳି ଯାଉଛି। ଶିକ୍ଷାର ବିକାଶ ନାମରେ କିଏ ନନ୍‌ଫରମାଲ ବିଦ୍ୟାଳୟ ଖୋଲିବାର ନିଷ୍ପତ୍ତି ନେଲେ ତ କିଏ ନବୋଦୟ ବିଦ୍ୟାଳୟ। କିଏ ପ୍ରତି ବ୍ଲକ୍‌ରେ ଗୋଟିଏ ଆଦର୍ଶ ବିଦ୍ୟାଳୟ ପୁଣି କିଏ ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଖୋଲି ଗୁଣାତ୍ମକ ଶିକ୍ଷା ପ୍ରଦାନର ପରିକଳ୍ପନା କଲେଣି। କିଏ କହିଲେ ୧୦ + ୨ + ୩ ଢାଞ୍ଚାରେ ବିଦ୍ୟାଳୟ ଗଢ଼ି ଉଠିବା ଆବଶ୍ୟକ। କିଏ ଚାହିଁଲେଣି ନା ଏମିତି ନୁହେଁ ବରଂ ୫ + ୩ + ୩ + ୪ ଢାଞ୍ଚାରେ ବିଦ୍ୟାଳୟ ହେଲେ ଶିକ୍ଷା ଆଗକୁ ବଢ଼ିବ। କିଏ ଚାହିଁଲେ ୬ ବର୍ଷ ହେବା ପରେ ଶିଶୁ ବିଦ୍ୟାଳୟ ଆସୁ, ଆଉ କାହାର ଇଚ୍ଛା ୩ ବର୍ଷ ଠାରୁ ଶିଶୁର ବିଦ୍ୟାରମ୍ଭ ହେବା ଜରୁରୀ। କିନ୍ତୁ ଚିନ୍ତାର ବିଷୟ ହେଉଛି କୌଣସି ପୂର୍ବ ପ୍ରସ୍ତୁତି ବିନା ହଠାତ୍ ଏଭଳି ନିଷ୍ପତ୍ତି ନେବା ରାତାରାତି ରୋମ ନଗରୀ ଗଢ଼ିବାକୁ ଇଚ୍ଛା ପ୍ରକଟ କରିବା ଭଳି। ଏଇ ଯେମିତି ୩ ବର୍ଷର ଶିଶୁଟିଏ ବିଦ୍ୟାଳୟକୁ ଆସିଲେ ତା'ର ଯତ୍ନ ନେବ କିଏ, ସେ କ'ଣ ପଢ଼ିବ, ତାକୁ କିଏ ପଢ଼ାଇବ ଏ ସବୁର ବ୍ୟବସ୍ଥା ନ କରି ଚଳିତ ବର୍ଷ ଆମ ରାଜ୍ୟରେ ୪୫ ହଜାର ଶିଶୁବାଟିକା ଖୋଲାଯାଇଛି। ଅସ୍ୱାସ୍ଥ୍ୟକର ପରିବେଶ, ଅସୁରକ୍ଷିତ ଅବସ୍ଥା ତଥା ଚରମ ଅବହେଳାରେ ଅତିବାହିତ ଶୈଶବ କେତେ ବାଟ ଯାଇପାରିବ ?

ବେଳେ ବେଳେ ଶୁଣାଯାଏ ସରକାର କୁଆଡ଼େ ଚାହୁଁଛନ୍ତି ବୋର୍ଡ ପରୀକ୍ଷାରେ କେତେ ଶତକଡ଼ା ପରୀକ୍ଷା ଫଳ ହେବ। ଅବଶ୍ୟ ବିଗତ ୪/୫ ବର୍ଷର ବୋର୍ଡ ପରୀକ୍ଷା ଫଳକୁ ଅନୁଧ୍ୟାନକଲେ ଅଭିଯୋଗଟିକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରାଯାଇପାରିବ ନାହିଁ। ଗୋଟିଏ ପଟେ କୁହାଯାଉଛି ପିଲାଙ୍କର ବୌଦ୍ଧିକ ବିକାଶ ଅତ୍ୟନ୍ତ ନିମ୍ନମାନର ଅନ୍ୟ ପଟେ ବୋର୍ଡ ପରୀକ୍ଷାର ଫଳ ଶତ ପ୍ରତିଶତର ନିକଟତର। ଏମିତି କେମିତି ହେବ ? ଏ ପ୍ରକାର ଅସଂଗତିର ପରିସମାପ୍ତି କେବେ ? ପରୀକ୍ଷାଫଳ କଥା ହେଉ, ପାଠ୍ୟ ଖସଡ଼ା କଥା ହେଉ, ବିଦ୍ୟାଳୟ ଖୋଲିବା ଏବଂ ବନ୍ଦହେବା କଥା ହେଉ, ଶିକ୍ଷକ ନିଯୁକ୍ତି କଥା ହେଉ ସବୁକଥା ଯଦି ସରକାରଙ୍କ ଚାହିଁବା ନ ଚାହିଁବା ଉପରେ ନିର୍ଭରକରିବ ତେବେ ବ୍ୟବସ୍ଥାଟି ଏକ ନିର୍ଦ୍ଦିଷ୍ଟ ମତର ଅନୁଗାମୀ ହେବ।

**ସଭାପତି, ଓଷ୍ଟା**
**ମୋ: ୯୯୩୮୭୬୩୨୩୭**

# ଦୁର୍ଘଟଣାର କାରଣ ପଥ ସମ୍ମୋହନ



ଜଗନ୍ନାଥ ବେହେରା

ବର୍ତ୍ତମାନ ସହଜ ଗମନାଗମନ ବ୍ୟବସ୍ଥା ପାଇଁ ମଣିଷ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ନିମନ୍ତେ ସମୟ କମ୍ ହୋଇଯାଇଛି। ବିଶ୍ୱର ଗୋଟିଏ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ଥିବା ଦୂରତା ଦିନକୁ ଦିନ କମିଯାଉଛି। ବର୍ଷ ବର୍ଷର ପାଦଚଲା ରାସ୍ତା ବର୍ତ୍ତମାନ କିଛି ଘଣ୍ଟାର ରାସ୍ତାକୁ ବଦଳି ଯାଇଛି। ଯେତେ ଦୂର ହେଉନା କାହିଁକି ସକାଳୁ ଯାଇ ସନ୍ଧ୍ୟାରେ ଘରକୁ ଫେରିବା ପରେ ବି ବେଳ ବଳକା ହେଉଛି। ଏପରି ସୁବ୍ୟବସ୍ଥା ଏବଂ ସୁରକ୍ଷା, ସରଳ ହେବା ପଛରେ ଯାନବାହନ ସହିତ ଡ୍ରାଇଭରଙ୍କ ହାତ ଯଥେଷ୍ଟ ଅଧିକ ରହିଛି। ଅର୍ଥନୀତି କ୍ଷେତ୍ରରେ ଡ୍ରାଇଭରଙ୍କ ଭୂମିକା ପରୋକ୍ଷ ଏବଂ ପ୍ରତ୍ୟକ୍ଷରେ ଅନେକାଂଶରେ ନିର୍ଭର କରୁଛି। ଏହା ଭାରତୀୟ ଅର୍ଥ ଶାସ୍ତ୍ରବିତ୍‌ମାନେ ମାନିବାକୁ ବାଧ୍ୟ।

ଛୋଟ ଛୋଟ କାମଠାରୁ ଆରମ୍ଭ କରି ବଡ଼ ବଡ଼ କାମ ସବୁ ଡ୍ରାଇଭରଙ୍କ ହାତରେ କରାଯାଉଛି। ବସ୍ ହେଉ କି ଟ୍ରେନ୍, ଜଣେ ଡ୍ରାଇଭର ହାତରେ ଦେଇ ଆମେ ନିର୍ଭୟରେ ଘୁଙ୍ଗୁଡ଼ି ମାରି ଶୋଇ ଯାଉ। ସଡ଼କ ହେଉ ବା ଜଳ ପରିବହନ କ୍ଷେତ୍ରରେ ରାତି ରାତି ଡ୍ରାଇଭରଙ୍କୁ ଅନିଦ୍ରା ହେବାକୁ ପଡ଼େ। ଅନେକ ମାସ ଧରି ସେମାନେ ଘରଠୁ ଦୂରରେ ରହନ୍ତି। ହେଲେ ଦୁର୍ଘଟଣା ଘଟିଲେ ଆମେ ଡ୍ରାଇଭରମାନଙ୍କୁ ନିନ୍ଦା କରୁ ଏବଂ ଦରକାର ପଡ଼ିଲେ ମାରଧର କରିଥାଉ। ବାସ୍ତବରେ ଡ୍ରାଇଭରଙ୍କ ନିକଟରେ ଥିବା ମାନବିକତା ଆମ ପାଖରେ ନ ଥାଏ। ରାସ୍ତାରେ ଏଣ୍ଡୁଅଟିଏ ବା ସାପ ଟିଏ ଅତିକ୍ରମ କରୁଥିଲେ ମଧ୍ୟ ଜଣେ ଡ୍ରାଇଭର ଗାଡ଼ିର ବ୍ରେକ୍ ମାରିଥାଏ। ମଣିଷ ଛାଡ଼, କୁକୁର ବିଲେଇକୁ ମଧ୍ୟ ଗାଡ଼ି ମୁହଁରୁ ବଞ୍ଚାଇବା ପାଇଁ ଚେଷ୍ଟା କରନ୍ତି। ବିଶେଷ କରି ରାତ୍ରିକାଳରେ ରାସ୍ତାରେ ଯିବା ଆସିବା କରୁଥିବା ବନ୍ୟଜନ୍ତୁଙ୍କୁ ଡ୍ରାଇଭରମାନେ ବଞ୍ଚାଇବାକୁ ଆପ୍ରାଣ ଚେଷ୍ଟା କରନ୍ତି। ଦୁର୍ଭାଗ୍ୟର କଥା ଡ୍ରାଇଭରଙ୍କ ଅଜାଣତରେ ବେଳେ ବେଳେ କିଛି ଅଘଟଣ ଘଟିଯାଏ। କିଛି ନ ବୁଝି ବିଚାରି ଆମେ ଡ୍ରାଇଭର କହି ମାଡ଼ ମାରି ଥାଉ।

ବିଗତ ଚାରି ପାଞ୍ଚ ବର୍ଷକୁ ଲକ୍ଷ୍ୟକଲେ ଭାରତରେ ରାସ୍ତା ଦୁର୍ଘଟଣା ଅତ୍ୟଧିକ ବଢ଼ିଛି। ସରକାରଙ୍କ ତଥ୍ୟ ଅନୁଯାୟୀ ଏହା ଯୋଗୁ ଭାରତରେ ଏବାର୍ଷିକ ହାରାହାରି ୧,୬୮,୪୯୧ ଲୋକଙ୍କ ଜୀବନ ହାନି ହେଉଛି। ଏତେ ଜୀବନ ଯିବା ପଛରେ କେବଳ ନିଶାସକ୍ତ ଡ୍ରାଇଭର ନୁହନ୍ତି ବରଂ ଅନେକ କାରଣ ରହିଛି। ଗାଡ଼ି ଦୁର୍ଘଟଣାକୁ ବିଶ୍ଳେଷଣ କଲେ ଜଣା ପଡେ ଯେ ଗାଡ଼ିର ଦ୍ରୁତଗତି ପାଇଁ ଜୀବନ ଯାଇଛି। ସେହିପରି ରଙ୍ଗ୍ ସାଇଡ ବା



ଭୁଲ୍ ପଥରେ ଯିବା କିମ୍ବା ଗୋଟିଏ ଗାଡ଼ି ଅନ୍ୟ ଗାଡ଼ିକୁ ଅତିକ୍ରମ କରିବା କାରଣରୁ ଦୁର୍ଘଟଣା ଘଟି ଲୋକଙ୍କ ମୃତ୍ୟୁ ଘଟୁଛି। ବର୍ତ୍ତମାନ ଭୟଙ୍କର ରାସ୍ତା ଦୁର୍ଘଟଣାର କାରଣ ହୋଇଯାଇଛି ମୋବାଇଲ। ଅନେକ ଲୋକ ସରକାରଙ୍କ ବାରମ୍ବାର ଅନୁରୋଧ ଏବଂ ସଚେତନ ବାର୍ତ୍ତା ପରେ ମଧ୍ୟ ଗାଡ଼ି ଚାଳନା କରୁଥିବା ବେଳେ ମୋବାଇଲ ବ୍ୟବହାର କରୁଛନ୍ତି। ପ୍ରତି ବର୍ଷ ସଡ଼କ ସୁରକ୍ଷା ସପ୍ତାହରେ ପଥ ପ୍ରାନ୍ତ ନାଟକ ସହ ବିଭିନ୍ନ ସହରରେ ବଡ଼ ବଡ଼ ରାଲି ବାହାର କରି ସଚେତନ ବାର୍ତ୍ତା ଦିଆଯାଉଛି। ମୋଟର ସାଇକେଲବାଲାଙ୍କୁ ହେଲମେଟ୍ ପିନ୍ଧିବାକୁ କୁହାଯାଇଛି। ଡ୍ରାଇଭରଙ୍କୁ ସିଟ୍ ବେଲ୍ଟ ପିନ୍ଧିବାକୁ ଅନୁରୋଧ କରାଯାଉଛି। ଦ୍ରୁତ ଗତି ରୋଧ ପାଇଁ ରୋଡ୍ ଦୁଇ ପାଖରେ ହୋର୍ଡିଂ ଲଗାଯାଇଛି। ହେଲେ ବେପରୁଆ ଗାଡ଼ି ଚାଳନା ପାଇଁ ଦୁର୍ଘଟଣା ଘଟୁଛି। ବେଳେ ବେଳେ ନିଶାସକ୍ତ ଡ୍ରାଇଭରଙ୍କୁ ରାସ୍ତାର ନିୟମ ମାନି ନ ଚାଲିଲେ ଜରିମାନା ଦେବାକୁ ପଡୁଛି।

ଭିଏଟନାମ ପରି ଦେଶରେ ୩୦% ଲୋକ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ମୁଖରେ ପଡୁଥିବା ବେଳେ ଭାରତରେ ଏହା ୧୫.୬% । ବାଂଲାଦେଶରେ ଏହା ୧୬% ଏବଂ ପାକିସ୍ତାନରେ ୧୩% ରହିଛି। ଆଶ୍ଚର୍ଯ୍ୟର କଥା ବ୍ରାଜିଲରେ ଏହାର ସ୍ଥିତି ୧୬% ଏବଂ ଚାଇନାରେ ୧୭% ରହିଛି। ଦୁର୍ଘଟଣାରେ ଧନଜୀବନ କ୍ଷତି ସହିବାକୁ ପଡ଼େ। ବେଳେ ବେଳେ ଟ୍ରକ୍ ସହ ସବୁ ପାର୍ଶଲ ଜଳି ପୋଡି ପାଉଁଶ ହୋଇଯାଉଛି। ଟ୍ରେନ୍ ଦୁର୍ଘଟଣାରେ ଅନେକ ଜୀବଜନ୍ତୁଙ୍କ ଜୀବନ ଚାଲିଯାଉଛି। ସରୀସୃପ ଜାତୀୟ ପ୍ରାଣୀ ରାସ୍ତାଦୁର୍ଘଟଣା ଯୋଗୁ ଲୋପ ହେବାକୁ ବସିଲେଣି। ଏହି ସବୁ ହିସାବ କଲେ ଭାରତୀୟ ଅର୍ଥନୀତିକୁ ନିଶ୍ଚୟ ପ୍ରଭାବିତ କରୁଛି ବୋଲି ମନେହୁଏ।

ଯେ କୌଣସି ଦୁର୍ଘଟଣା କୌଣସି ଡ୍ରାଇଭର ଜାଣି ଜାଣି କରନ୍ତି ନାହିଁ କି କରିବାକୁ ଚାହାନ୍ତି ନାହିଁ। କିଛି ଅସାବଧାନତାରୁ ଦୁର୍ଘଟଣା ଘଟେ। ଯାହାକୁ ଆମେ 'ପଥ ସମ୍ମୋହନ' ବା ଇଂଲିଶରେ 'ରୋଡ୍ ହିପ୍ନୋସିସ୍' କହୁ । ଯେ କୌଣସି ବ୍ୟକ୍ତି ଆଖିରେ ଦେଖୁଥିଲେ ମଧ୍ୟ ମସ୍ତିଷ୍କ ଅବଚେତନକୁ ଚାଲିଯାଏ । ଆଖି ଠିକ୍ କାମ କରୁଥିବାର ଭାବୁଥିଲେ ମଧ୍ୟ ମସ୍ତିଷ୍କ ଶୋଇଯାଏ। କାରଣ ମଣିଷ ଆହାର, ନିଦ୍ରାକୁ କୌଣସି ମତେ ରକ୍ଷା କରିପାରିବ ନାହିଁ। ଏଭଳି ଅବସ୍ଥାରେ ଅନେକ ରୋଡ୍ ଦୁର୍ଘଟଣା ଘଟିଥାଏ। ଏହି ସମୟରେ ଡ୍ରାଇଭରମାନଙ୍କୁ ବାରମ୍ବାର ମୁହଁ ଧୋଇବା, ଚା ପିଇବା ପରି କାର୍ଯ୍ୟ କରିବାକୁ ପଡ଼ିବ। ଗାଡ଼ି ରଖି କିଛି ବାଟ ଚାଲିବାକୁ ପଡ଼ିବ ।

**ଗାୟତ୍ରୀ ନଗର, ନବରଙ୍ଗପୁର**
**ମୋ: ୯୪୩୭୬୭୮୫୧୫୮**

## ଏଇ ଭାରତରେ

ଜୈବିକ ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି ଝାଡ଼ଖଣ୍ଡର ବରକୁଲି ଗାଁର ମହିଳା ଜ୍ଞାନଲତା ହେମ୍ବ୍ରମ୍ । ଏହି ଚାଷ କରି ସେ ୧୦ ଲକ୍ଷ ଟଙ୍କାର ବିଜ୍‌ନେସ୍ କରିପାରିଛନ୍ତି। ଜ୍ଞାନଲତା ୬ ଏକର ଜମିରେ ଟମାଟୋ, ବାଇଗଣ, ଲଙ୍କା, କୋବି, କ୍ୟାପ୍‌ସିକମ୍ ଆଦି ଚାଷ କରୁଛନ୍ତି। ୨୦୨୧ରେ ସେ ପ୍ରଫେଶନାଲ ଆସିଟୋନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ ନାମକ ସଂସ୍ଥା ସହଯୋଗରେ ଜୈବିକ ଚାଷ ଆରମ୍ଭ କରିଥିଲେ ଏବଂ ଏବେ ନିଜ ଅଞ୍ଚଳରେ ଏହି ସଂସ୍ଥାର ଦାୟିତ୍ୱରେ ରହିବା ପରେ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୧୨୦୦ ମହିଳାଙ୍କୁ ଜୈବିକ ଚାଷ ପ୍ରତି ଆକୃଷ୍ଟ କରିପାରିଛନ୍ତି। ଏହା ମାଧ୍ୟମରେ ମହିଳାମାନେ ଜିଆଖତ ପ୍ରସ୍ତୁତ କରି ଲାଭ ପାଉଛନ୍ତି। ପ୍ରଫେଶନାଲ ଆସିଟୋନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ୍ ଦ୍ୱାରା ପରିଚାଳିତ ବାୟୋ ରିସୋର୍ସ ସେଣ୍ଟର(ବିଆର୍‌ସି) ମାଧ୍ୟମରେ ଜ୍ଞାନଲତା ୬୦,୦୦୦ ଟଙ୍କାର ବିଜ୍‌ନେସ କରିଥିବାବେଳେ ଏବେ ଏହା ୧୦ ଲକ୍ଷ ଟଙ୍କାରେ ପହଞ୍ଚିଗଲାଣି। ସେ ଚାଷୀଙ୍କୁ ଶସ୍ତାରେ ବିଭିନ୍ନ ପନିପରିବା ଚାରାଗଛ ଯୋଗାଇ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୬ ଡିସେମ୍ବର ୧୯୭୬**

- ଆଇନ ଏବଂ କମ୍ପାନୀ ବ୍ୟପାର ମନ୍ତ୍ରଣାଳୟର ଜଏଣ୍ଟ ସେକ୍ରେଟାରୀ ଭି.ଭି. ଭାଦେ ବୈଦେଶିକ ବିନିମୟ ମୁଦ୍ରା ନିୟନ୍ତ୍ରଣ ଅପିଲ ବୋର୍ଡର ଚେୟାର୍‌ମ୍ୟାନ୍ ନିଯୁକ୍ତ।
- ଦେଶରୁ ମ୍ୟାଲେରିଆ ରୋଗର ନିରାକରଣ କାର୍ଯ୍ୟକୁ ଦ୍ରୁତ ଓ ଫଳପ୍ରସୂ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ବୋର୍ଡ ଗଠନ କରିଛନ୍ତି।

## ଚିରନ୍ତନୀ

ଦୁନିଆ ଭିତରେ ଚାଲିଯିବି ଆଗପରି
ଉଦାସ ଗତିରେ ଏକାକୀ ପଥଟି ଧରି
ତୁମେ ହସିଦେଇ ପୋଛିଦେବ ପଛ କଥା
ନିମେଷ ସ୍ୱପନ ସମାନ ଗୋ ସୁନାଗୋରୀ !
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷିତ ବେକାରଙ୍କୁ ଭତ୍ତା ମିଳୁ

ମହାଶୟ,

ବର୍ତ୍ତମାନ ଓଡ଼ିଶା ବିଧାୟକମାନଙ୍କର ମାସିକ ଦରମା ଓ ବିଭିନ୍ନ ପ୍ରକାରର ଭତ୍ତା ମିଶି ୩ ଗୁଣ ଟଙ୍କା ହେଲା । ଥରେ ମାତ୍ର ବିଧାୟକ ହୋଇଥିବା ପୂର୍ବତନ ବିଧାୟକଙ୍କ ମାସିକ ପେନ୍‌ସନ ମଧ୍ୟ ବଢ଼ିଗଲା। ଏମାନେ ଏତେ ଟଙ୍କା ଭତ୍ତା ପାଇବେ କାହିଁକି ? ବର୍ତ୍ତମାନ ଏକାଧିକ ଥର ବିଧାୟକ ହୋଇଥିବା ବହୁ କୋଟି ଟଙ୍କାର ମାଲିକ ନେତାଙ୍କୁ ସର୍ବାଧିକ ମାସିକ ଭତ୍ତା ପ୍ରଦାନ କରାଯିବ। ଏଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବୈତନିକ ସେବା କରିବା କଥା ଉଲ୍ଲେଖଯୋଗ୍ୟ। ତତ୍କାଳୀନ ଇଂରେଜ ସରକାର ଏକଥା ଉପରେ ସହମତ ନ ହେବାରୁ ମଧୁସୂଦନ ଦାସ ବିହାର ବିଧାନସଭାରୁ ଇସ୍ତଫା ପ୍ରଦାନ କରିଥିଲେ। ଆଜିର କ୍ଷମତାପାଗଳ ନେତାଗଣ ଏପରି ଆଦର୍ଶକୁ ଗ୍ରହଣ ନ କରି ଦରିଦ୍ର ଓଡ଼ିଶାର ଲୋକଙ୍କ ଦୁଃଖର ବୋଝ ଉପରେ ନଳିତା ବିଡ଼ା ସଦୃଶ ଅତିରିକ୍ତ ଆର୍ଥିକ ବୋଝକୁ ଲଦି ଦେଉଛନ୍ତି। ଯଦି ସରକାର ଏକଥାକୁ ପାରିତ କଲେ, ତେବେ ରାଜ୍ୟର ଗରିବ ପରିବାରର ଉଚ୍ଚ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ମାସିକ ଅନ୍ତତଃ ୩୦ ହଜାର ଟଙ୍କାର ବେକାରି ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା କରନ୍ତୁ। ନଚେତ୍ ଏହା ତେଲିଆ ମୁଣ୍ଡରେ ଅଧିକ ତେଲ ଢାଳିବା ଉଦାହରଣ ହେବ। ଓଡ଼ିଶାର ୪ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସ୍ୱାଧୀନତାର ଦୀର୍ଘ ୭୮ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ମୌଳିକ ଆବଶ୍ୟକତାରୁ ବଞ୍ଚିତ। ବର୍ତ୍ତମାନ ରାଜ୍ୟର ଋଣ ଭାର ପ୍ରାୟ ୧ ଲକ୍ଷ ୫୦ ହଜାର କୋଟି ଟଙ୍କା। ଋଣ କରାଯାଇ ରାଜ୍ୟର ବିକାଶ କରାଯାଉଥିବାବେଳେ ଆଇନ ପ୍ରଣୟନ କରୁଥିବା ଲୋକଙ୍କର ଏଭଳି ପଦକ୍ଷେପ ଗ୍ରହଣୀୟ ନୁହେଁ। ସୁତରାଂ, ଓଡ଼ିଶା ସରକାର ତୁରନ୍ତ ଏଭଳି ଦରମା ଓ ଭତ୍ତା ବୃଦ୍ଧି ଆଇନକୁ ପ୍ରତ୍ୟାହାର କରନ୍ତୁ ; ନଚେତ୍ ରାଜ୍ୟର ଅନେକ କୋଟି ଶିକ୍ଷିତ ବେକାର ମାସିକ ଭତ୍ତା ପାଇଁ ଆନ୍ଦୋଳନ କରିବେ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କ୍ରିପ୍ଟୋଗ୍ରାଫି ତଥ୍ୟର ଗୋପନୀୟତା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

## ଅନ୍ତର୍ଜାତୀୟ ସମ୍ମିଳନୀ 'ଇଣ୍ଡୋକ୍ରିପ୍ଟ ୨୦୨୫'

ଭୁବନେଶ୍ୱର, ୧୫।୧୨ (ସୁଚିସ୍ମିତା ସାହୁ)

ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଆଇଆଇଆଇଟି) ଭୁବନେଶ୍ୱର ପକ୍ଷରୁ କ୍ରିପ୍ଟୋଗ୍ରାଫି ଓ ସୂଚନା ସୁରକ୍ଷା ଉପରେ ଚାରିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ 'ଇଣ୍ଡୋକ୍ରିପ୍ଟ ୨୦୨୫' ପ୍ରତିଷ୍ଠାନ ପରିସରରେ ଆରମ୍ଭ ହୋଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଥିରେ ଅଧ୍ୟକ୍ଷତା କରି କହିଲେ, ଡିଜିଟାଲ ପରିବର୍ତ୍ତନ ସହିତ ଆଇନଗତ ଢାଞ୍ଚା ଓ ଉନ୍ନତ ପ୍ରଯୁକ୍ତିବିଦ୍ୟା ରାଜ୍ୟର ବିକାଶ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରକାଶ କରେ। ଡିଜିଟାଲ ସେବା, କ୍ଲାଉଡ୍ କମ୍ପ୍ୟୁଟିଂ, ଫିନ୍‌ଟେକ, ଇ-ଶାସନ, ବ୍ଲକ୍‌ଚେନ ଓ ପୋଷ୍ଟ-କ୍ୱାଣ୍ଟମ କମ୍ପ୍ୟୁଟିଂ ପରି ଉନ୍ନତ ପ୍ରଯୁକ୍ତିବିଦ୍ୟାଗୁଡ଼ିକର ବିସ୍ତାର କ୍ରିପ୍ଟୋଗ୍ରାଫି ତଥ୍ୟର ଗୋପନୀୟତା ଓ ଜାତୀୟ ସାଇବର ସୁରକ୍ଷାରେ କେନ୍ଦ୍ରୀୟ ଭୂମିକା ନେଇଛି। ଏହି ସମ୍ମିଳନୀ ଡିଜିଟାଲ ବିଶ୍ୱକୁ ସୁରକ୍ଷିତ କରିବା ପାଇଁ ଆଧୁନିକ ଗବେଷଣା, ଚ୍ୟାଲେଞ୍ଜ ଓ ଭବିଷ୍ୟତ ଦିଗଗୁଡ଼ିକୁ ଆଲୋଚନା କରିବାରେ ଏକ ମୁଖ୍ୟ ମଞ୍ଚ ପ୍ରଦାନ କରିବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସମ୍ମିଳନୀର ପ୍ରଥମ ଦିନରେ ବିଶ୍ୱବିଖ୍ୟାତ ବିଶେଷଜ୍ଞଙ୍କ ଦ୍ୱାରା ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରାୟୋଗିକ ଅଧିବେଶନ ଆୟୋଜିତ ହୋଇଥିଲା। ଯୁକ୍ତରାଷ୍ଟ୍ର ନାଭାଲ ପୋଷ୍ଟଗ୍ରାଜୁଏଟ୍ ସ୍କୁଲର ପ୍ରଫେସର ପାଣ୍ଟେଲିମନ ଷ୍ଟାନିକା, ରୁର୍କି ଆଇଆଇଟିର ପ୍ରଫେସର ସୁଗତା ଗଙ୍ଗୋପାଧ୍ୟାୟ ଓ ୟୁରୋପ ଆଇବିଏମ୍‌ର ରିସର୍ଚ୍ଚର ଡା. ଲୁକା ଡି ଫେଓ ଯୋଗଦେଇ ନିଜର ଗବେଷଣା ଓ ଅନୁଭୂତି ଉପରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀ ବିଶ୍ୱ ସାଇବର ସୁରକ୍ଷା ଗବେଷଣାରେ ଭାରତର ସ୍ଥାନକୁ ଶକ୍ତିଶାଳୀ କରିବା ସହିତ ଆଧୁନିକ ଡିଜିଟାଲ ଯୁଗର ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବାରେ ଏକ ପ୍ରମୁଖ ଭୂମିକା ନେବ। ଶିକ୍ଷା, ଶିଳ୍ପ ଓ ସରକାରଙ୍କ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହନ ଦେବା ସହ ଇଣ୍ଡୋକ୍ରିପ୍ଟ ନୀତିଗତ ସୁଧାର, ସୁରକ୍ଷିତ ଡିଜିଟାଲ ପ୍ରଣାଳୀ ଓ ନବୀନତା-ଚାଳିତ ବିକାଶରେ ଅର୍ଥପୂର୍ଣ୍ଣ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି। ଏହି ସମ୍ମିଳନୀ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।



ସମ୍ମିଳନୀରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ବିଭିନ୍ନ ଦେଶର ବିଶେଷଜ୍ଞମାନେ।

# 'ରିଫର୍ମସ ଇନ୍ ଇନ୍‌ଡାଇରେକ୍ଟ ଟାକ୍ସେସ୍ ଇନ୍ ଓଡ଼ିଶା: ଫ୍ରମ୍ ସେଲ୍‌ସ ଟାକ୍ସ ଟୁ ଭାଟ୍ ଆଣ୍ଡ ଜିଏସ୍‌ଟି' ପୁସ୍ତକ ଲୋକାର୍ପିତ




ଭୁବନେଶ୍ୱର, ୧୫।୧୨ (ବନ୍ଦନା ସେଠୀ)

ପ୍ରଦୀପ କୁମାର ବିଶ୍ୱାଳ ଓ ସତ୍ୟପ୍ରିୟ ରଥଙ୍କ ଲିଖିତ 'ରିଫର୍ମସ ଇନ୍ ଇନ୍‌ଡାଇରେକ୍ଟ ଟାକ୍ସେସ୍ ଇନ୍ ଓଡ଼ିଶା: ଫ୍ରମ୍ ସେଲ୍‌ସ ଟାକ୍ସ ଟୁ ଭାଟ୍ ଆଣ୍ଡ ଜିଏସ୍‌ଟି' ପୁସ୍ତକ ରବିବାର ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ଏହାକୁ ଲୋକାର୍ପଣ କରିବା ସହ ବିଗତ ଦୁଇ ଦଶନ୍ଧିରେ ଓଡ଼ିଶାର ଆର୍ଥିକ ପ୍ରଗତିର ରୂପରେଖ ଉପରେ ଆଲୋକପାତ କରିଥିଲେ। ବିକ୍ରିକର ବ୍ୟବସ୍ଥାର ସଂସ୍କାର କିପରି ରାଜ୍ୟ ରାଜସ୍ୱ ବୃଦ୍ଧିରେ ସହାୟକ ହୋଇଥିଲା ତାହା ଉଲ୍ଲେଖ କରିଥିଲେ। ଏଥିସହ ଏହି ପୁସ୍ତକ ସମସ୍ତଙ୍କ ପାଇଁ ଉପାଦେୟ ହେବ ବୋଲି ସେ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅର୍ଥ ସଚିବ ଡ. ରବି ନାରାୟଣ ସେନାପତି ପୁସ୍ତକର ଭୂୟସୀ ପ୍ରଶଂସା କରିବା ସହ ଲେଖକ ଦ୍ୱୟଙ୍କୁ ଅଭିନନ୍ଦନ ଜଣାଇଥିଲେ। ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଦିଲୀପ କୁମାର ବିଶୋୟୀ ପୁସ୍ତକର ସମୀକ୍ଷା କରିଥିବାବେଳେ ବାଣିଜ୍ୟକର ଅଧିକାରୀ ଲୋପାମୁଦ୍ରା ସିଂହ ଏହାର ଉପାଦେୟତା ସମ୍ପର୍କରେ କହିଥିଲେ। ଉଭୟ ଲେଖକ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରକାଶକ ପରେଶ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭିଙ୍ଗାରପୁରରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

# ୧୨୧ ଅଭିଯୋଗ ପଞ୍ଜୀକୃତ

ବାଲିଅନ୍ତା, ୧୫। ୧୨ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ପଞ୍ଚାୟତର କଲ୍ୟାଣ ମଣ୍ଡପ ପରିସର ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଓ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୨୧ଟି ଲିଖିତ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରୁ ଗ୍ରାମୀଣ ଗୃହ, ଭତ୍ତା, ଯୋଗାଣ ସମ୍ବନ୍ଧୀୟ ଓ ୪୫ଟି ଅନ୍ୟାନ୍ୟ ଅଭିଯୋଗ ହିତାଧିକାରୀମାନେ ଶିବିରରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। ଏହି ଶିବିରରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଖୋର୍ଦ୍ଧାର ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଉପଜିଲାପାଳ ମନୋରଞ୍ଜନ ସାହୁ, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ବିଡିଓ ରଶ୍ମିତା ନାଥ, ତହସିଲଦାର ଲିଲନ ପ୍ରସାଦ ସାହୁ, ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ଏମ୍‌ପିଙ୍କ ପ୍ରତିନିଧି ରୂପେ ବିଜୟ କୁମାର ମହାରଣା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ୨ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ। ପରେ ବିଧାୟକ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ କଲ୍ୟାଣ ମଣ୍ଡପ ପରିସରରେ ଖୋଲାଯାଇଥିବା ଗ୍ରାମୀଣ ବ୍ୟାୟାମଶାଳା ଓ ଯୋଗ ଅଭ୍ୟାସ କେନ୍ଦ୍ର ଗୃହକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ବିଭାଗ ଓ ଏସ୍‌ଏସ୍‌ଜି ପକ୍ଷରୁ ଖୋଲାଯାଇଥିବା ଷ୍ଟଲକୁ ଅତିଥିମାନେ ବୁଲି ଦେଖିଥିଲେ। ଶିବିରକୁ ସ୍ଥାନୀୟ ସରପଞ୍ଚ ହୃଷୀକେଶ ବେହେରା, ସମିତିସଭ୍ୟ ଗଗନବିହାରୀ ସାହୁ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଜୟ ସୁନ୍ଦରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ବିଧାୟକ ନବକିଶୋର ମଲ୍ଲିକ, ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ସହ ଅନ୍ୟ ଅଧିକାରୀ।

# ଶିଶୁ କର୍କଟ ଚିକିତ୍ସା ଅଧିକ ସୁଦୃଢ଼ ହେବ

## ସ୍ୱାସ୍ଥ୍ୟ ବିଭାଗ ଓ କ୍ୟାନକିଡ୍ସ କିଡ୍ସକ୍ୟାନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର




ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଏବଂ କ୍ୟାନକିଡ୍ସ କିଡ୍ସକ୍ୟାନ ପ୍ରତିଷ୍ଠାତା ଅଧ୍ୟକ୍ଷ ପୁନମ ବାଗାଇଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୧୫।୧୨ (ବନ୍ଦନା ସେଠୀ)

ଶିଶୁ କର୍କଟ ଚିକିତ୍ସାକୁ ଅଧିକ ସୁଦୃଢ଼ କରିବା ପାଇଁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଉଏକ ପ୍ରୟାସ ଆରମ୍ଭ ହୋଇଛି। ଏନେଇ ବିଭାଗ ଓ କ୍ୟାନକିଡ୍ସ କିଡ୍ସକ୍ୟାନ ଅନୁଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ସୋମବାର ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଏବଂ କ୍ୟାନକିଡ୍ସ କିଡ୍ସକ୍ୟାନ ପ୍ରତିଷ୍ଠାତା ଅଧ୍ୟକ୍ଷ ପୁନମ ବାଗାଇ ଚୁକ୍ତି ସ୍ୱାକ୍ଷର କରିଥିଲେ। ବୁଝାମଣାପତ୍ରରେ ଶିଶୁ କର୍କଟ ରୋଗ ଯତ୍ନର ସମ୍ପୂର୍ଣ୍ଣ ରୂପରେଖ ଯଥା ପ୍ରାରମ୍ଭିକ ଚିହ୍ନଟ ଓ ରେଫରାଲ, ନିର୍ଣ୍ଣୟ ଓ ଚିକିତ୍ସା ସୁବିଧା, ଶିଶୁ ଓ ତା'ର ପରିବାର ପାଇଁ ଆର୍ଥିକ ସୁରକ୍ଷା, ଯତ୍ନ, ସଚେତନତା ଏବଂ ରୋଗୀ-କେନ୍ଦ୍ରିକ ଗବେଷଣା ଆଦି ଅନ୍ତର୍ଭୁକ୍ତ ରହିଛି। ତେବେ ଏହାର ସଫଳ ରୂପାୟନ ପରେ ଓଡ଼ିଶା ପୂର୍ବ ଭାରତରେ ଶିଶୁ କର୍କଟ ଚିକିତ୍ସା ପାଇଁ ଏକ ଆଞ୍ଚଳିକ କେନ୍ଦ୍ର ରୂପେ ସ୍ଥାନ ପାଇବ ବୋଲି ପୁନମ ମତ ଦେଇଛନ୍ତି। କାର୍ଯ୍ୟକ୍ରମକୁ ଅତିରିକ୍ତ ନିର୍ଦ୍ଦେଶକ ଡା. ସୁଶାନ୍ତ ସାଇଁ ପରିଚାଳନା କରିଥିବାବେଳେ ନ୍ୟାଶନାଲ ସୋସାଇଟି ଫର୍ ଚେଞ୍ଜ ଫର୍ ଚାଇଲ୍ଡହୁଡ୍ କ୍ୟାନସର ଇନ୍ ଇଣ୍ଡିଆ, ବରିଷ୍ଠ ସରକାରୀ ଅଧିକାରୀ, ଚିକିତ୍ସା ପ୍ରତିଷ୍ଠାନର ପ୍ରତିନିଧି, ଶିଶୁ ଅଙ୍କୋଲୋଜିଷ୍ଟ, ଶୈଶବ କର୍କଟ ରୋଗରୁ ବଞ୍ଚିଥିବା ବ୍ୟକ୍ତି, କ୍ୟାନ୍‌କିଡ୍ସ ଏବଂ ଏହାର ସ୍ଥାନୀୟ ନାଗରିକ ସମାଜ ଅଂଶୀଦାର ଉମିଦେଁ ଉପସ୍ଥିତ ଥିଲେ।

# ଆଜି 'ବିଜୟ ଦିବସ'

ଭୁବନେଶ୍ୱର, ୧୫।୧୨ (ବନ୍ଦନା ସେଠୀ)




୧୯୭୧ ଯୁଦ୍ଧରେ ପାକିସ୍ତାନ ଉପରେ ଭାରତର ବିଜୟ ବାର୍ତ୍ତା ବହନ କରୁଛି 'ବିଜୟ ଦିବସ'। ଏହି ଯୁଦ୍ଧରେ ୯୩ହଜାର ପାକିସ୍ତାନୀ ସୈନିକ ଆତ୍ମସମର୍ପଣ କରିଥିବାବେଳେ ପ୍ରାୟ ୩ହଜାର ୯ଶହ ଭାରତୀୟ ସୈନିକ ବୀରଗତି ଲାଭ କରିଥିଲେ ଏବଂ ୯ହଜାର ୮୫୧ ଆହତ ହୋଇଥିଲେ। ଏହାକୁ ଭାରତର ସବୁଠାରୁ ବଡ଼ ବିଜୟ ବୋଲି ବିବେଚନା କରାଯାଉଛି। ଏଥିସହ ଭାରତ ପାଇଁ ଏକ ଏକ ଐତିହାସିକ ଯୁଦ୍ଧ ଭାବେ ପରିଗଣିତ ହେବା ସହିତ ଭାରତୀୟଙ୍କ ହୃଦୟରେ ଦେଶଭକ୍ତିର ବହ୍ନି ଜାଗ୍ରତ କରିଥାଏ। ତେଣୁ ପ୍ରତିବର୍ଷ ଡିସେମ୍ବର ୧୬କୁ 'ବିଜୟ ଦିବସ' ଭାବେ ପାଳନ କରାଯାଉଛି। ସୂଚନାଯୋଗ୍ୟ, ୧୯୭୧ ଡିସେମ୍ବର ୩ରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇ ୧୩ଦିନ ପର୍ଯ୍ୟନ୍ତ ଚାଲିଥିଲା। ଭାରତ ଏବଂ ବଙ୍ଗଳାଦେଶର ସଂଯୁକ୍ତ ସେନା ପାକିସ୍ତାନକୁ ପରାଜିତ କରିଥିବାବେଳେ ଡିସେମ୍ବର ୧୬ରେ ଯୁଦ୍ଧ ଶେଷ ହୋଇଥିଲା। ଶେଷରେ ପାକିସ୍ତାନ ଭାରତ ଆଗରେ ଆତ୍ମସମର୍ପଣ କରିଥିଲା। ଏହାପରେ ପୂର୍ବ ପାକିସ୍ତାନ ସ୍ୱତନ୍ତ୍ର ହୋଇଥିଲା ଏବଂ ବର୍ତ୍ତମାନର ବଙ୍ଗଳାଦେଶ ନାମରେ ପରିଚିତ ଲାଭ କରିଥିଲା।


**Government of Odisha, e-Procurement Notice**

**INVITATION FOR BIDS (IFB)**

**Bid Identification No. C.C.E.Dkl. (R&B) 12/2025-26**

**Email Id - sedklpwd@gmail.com**

**Letter No. 2561/Dt. 09.12.2025**

**No.B-824** : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Road works as detailed below :

| | | |
|---|---|---|
| 1 | Name of the work | : Road works |
| 2 | No. of works | : 02 (Two) Nos. |
| 3 | Estimated cost | : **Rs. 4.97 Crore to 5.12 Crore (as given in column No. 03 of table)** |
| 4 | Cost of tender paper | : Rs. 10,000.00 |
| 5 | Class of contractor | : 'A' Class **(as given in column No. 07 of table)** |
| 6 | Period of completion of work | : 09 (Nine) Calendar months **(as given in column No. 08 of table)** |
| 7 | Date and time of availability of bid document in the website | : From Dt. 16.12.2025 to 05.00 P.M. of Dt. 30.12.2025 |
| 8 | Date of opening of bid | : Dt. 31.12.2025 at 11.00 A.M. |

The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal

OIPR-34132/11/0045/2526



**कार्यपालक अभियंता का कार्यालय, लघु सिंचाई प्रमण्डल, बोकारो**

**शुद्धि पत्र**

इस कार्यालय के पत्रांक 699 दिनांक 29.11.2025 एवं निविदा आमंत्रण सूचना सं0– **WRD/MID/BOKARO/ B.D/M.M.S. L.I-02/2025- 26** द्वारा आमंत्रित निविदा जिसका पी0 आर0 संख्या **367452** दिनांक 02.12.2025 (Minor Irrigation) 25-26 है, जिसमें निम्नलिखित संशोधित किया जाता है :–

(I) Date of Publication of Tender on website:
19.12.2025_2:00 P.M.

(ii) Last date/Time for receipt of bids online:
29.12.2025 Up to 2.00 P.M.

(iii) Date of Opening of Tender on website:
31.12.2025_3:00 P.M.

निविदा की अन्य नियम एवं शर्ते पूर्ववत् रहेंगें।

कार्यपालक अभियंता,
लघु सिंचाई प्रमण्डल, बोकारो

PR 368600 Minor Irrigation(25-26).D


## ଖଣ୍ଡା ବୁଲାଇ ଆତଙ୍କ

# ଅଭିଯୁକ୍ତ ଗିରଫ, ଖଣ୍ଡା ଜବତ

ଭୁବନେଶ୍ୱର, ୧୫। ୧୨ (ତ୍ରିନାଥ ମହାନ୍ତି)

ନୟାପଲ୍ଲୀ ଥାନା ମଇଳାଟାଙ୍କି ଛକ ନିକଟରେ ଖଣ୍ଡା ବୁଲାଇ ଆତଙ୍କ ରଚିଛନ୍ତି ଜଣେ ଯୁବକ। ଏପରି କି ଯୁବକଙ୍କ ଏଭଳି ଆତଙ୍କରେ ଉକ୍ତ ରାସ୍ତା ଦେଇ ଯାଉଥିବା ଯାତ୍ରୀମାନେ ଭୟରେ ଏଣେ ତେଣେ ପଳାଇ ଯାଇଥିଲେ। ଖବର ପାଇ ଥାନା ପାଟ୍ରୋଲିଂ ଗାଡ଼ି ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ପ୍ରଫୁଲ୍ଲ କୁମାର ସେଠୀ ଓରଫ ସୁଶାନ୍ତଙ୍କୁ କାବୁ କରିବା ସହ ଖଣ୍ଡା ଜବତ କରିଛି।

ସୂଚନାଯୋଗ୍ୟ ଯେ, ରବିବାର ସନ୍ଧ୍ୟାରେ ଅଭିଯୁକ୍ତ ପ୍ରଫୁଲ୍ଲ ବିଜୁପଟ୍ଟନାୟକ କଲେଜ ଓ ମଇଳା ଟାଙ୍କି ଅଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଏକ ଖଣ୍ଡା ଧରି ସର୍ବସାଧାରଣରେ ଆତଙ୍କ ସୃଷ୍ଟି କରୁଥିଲେ। ଏନେଇ ବିଶସ୍ତ ସୂତ୍ରରୁ ସୂଚନା ପାଇ ପାଟ୍ରୋଲିଂ ଟିମ୍ ଘଟଣା ସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତ ପ୍ରଫୁଲ୍ଲଙ୍କୁ କାବୁ କରିଥିଲେ। ତଲାସିବେଳେ ପୋଲିସ ଅଭିଯୁକ୍ତଙ୍କ ହେପାଜତରୁ ଏକ ଖଣ୍ଡା ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଦାଦାବଟି ଆଦାୟ କରିବା ତଥା ଲୋକଙ୍କୁ ଦେଖାଇ ଭୟଭୀତ କରି ସମ୍ପୃକ୍ତ ଅଞ୍ଚଳରେ ପ୍ରଭାବ ବିସ୍ତାର କରିବା ଉଦ୍ଦେଶ୍ୟରେ ଖଣ୍ଡାକୁ ୟୁନିଟ-୧ ଅଞ୍ଚଳରୁ ସଂଗ୍ରହ କରି ଆଣିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

# ସେମିଫାଇନାଲରେ ଓଡ଼ିଶା ପୋଲିସ ଦଳ

## ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟ

### ଗ୍ରାମାଞ୍ଚଳ କ୍ୱାର୍ଟରରେ ସାଇଁଶୋ, ଉତ୍ତମପୁର, ମା' ମଙ୍ଗଳା ସ୍ୱର୍ଣ୍ଣଦେବୀ

ବାରଙ୍ଗ, ୧୫।୧୨ (ଲିଙ୍ଗରାଜ ରାଉତ)



ବାରଙ୍ଗସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ୨୩ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସାମାଜିକ କର୍ମୀ ବିନୋଦ କୁମାର ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ବିକାଶ ଅଗ୍ରୱାଲ ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳ ବିଭାଗର ବି ଡିଭିଜନର ପ୍ରଥମମ୍ୟାଚ୍ ସାଇଁଶୋ ଫୁଟ୍‌ବଲ କ୍ଲବ ଓ ଅତଶପୁରର ଜୟଦେବ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ସାଇଁଶୋ ୫-୪ ଟ୍ରାଇବ୍ରେକରରେ ଜୟଦେବ କ୍ଲବକୁ ପରାସ୍ତ କରିଥିଲା। ସେହିଭଳି ଗ୍ରାମାଞ୍ଚଳର ଦ୍ୱିତୀୟ ମ୍ୟାଚ ଉତ୍ତମପୁର ଫୁଟବଲ କ୍ଲବ ଓ ନରିଶୋ କଣ୍ଟାପଡ଼ା ମଧ୍ୟରେ ହୋଇଥିଲା। ଏଥିରେ ଉତ୍ତମପୁର ୬-୫ ଟ୍ରାଇବ୍ରେକରରେ କଣ୍ଟାପଡାକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ଗ୍ରାମାଞ୍ଚଳ ବିଭାଗର ଏ ଡିଭିଜନର ପ୍ରଥମ ମ୍ୟାଚ ଗୋଠପୁରର ମା' ମଙ୍ଗଳା କ୍ଲବ ୫-୪ ଟ୍ରାଇବ୍ରେକରରେ ୟୁନିଭରସାଲ କ୍ଲବ କୁରଙ୍ଗକୁ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ଦଳ ପକ୍ଷରୁ ଖେଳାଳି ଅଜିତ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ସ୍ୱର୍ଣ୍ଣଦେବୀ କ୍ଲବ ବାଉଲକୁଦ ୪-୦ ଗୋଲରେ କୁଜିମହଲକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଦଳପକ୍ଷରୁ ଦୀନବନ୍ଧୁ ଦାସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସେହିପରି ସହରାଞ୍ଚଳ ବିଭାଗ ତରଫରୁ ଓଡ଼ିଶା ପୋଲିସ ଦଳ ସହ ସନରାଇଜ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ଓଡ଼ିଶା ପୋଲିସ ଦଳ ପକ୍ଷରୁ ଖେଳର ୨୫ ମିନିଟରେ ଜର୍ସି ନମ୍ବର ୯ ଗୁରୁସେନ ଟୁଡୁ ଏକ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୭୪ତମ ମିନିଟରେ ସନ୍‌ରାଇଜ କ୍ଲବ ପକ୍ଷରୁ ଜର୍ସି ନମ୍ବର ୧୦ ବିଷ୍ଣୁ ପ୍ରଧାନ ଏକ ଗୋଲ ଦେଇ ଖେଳକୁ ସମାନ ସ୍ତରକୁ ଆଣିଥିଲେ। ଫଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଟ୍ରାଇବ୍ରେକର ଜରିଆରେ ଓଡ଼ିଶା ପୋଲିସ ୮- ୭ ଗୋଲରେ ସନ୍‌ରାଇଜ କ୍ଲବକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ୟୁନାଇଟେଡ ୟୁଥ ସ୍ପୋର୍ଟସ କ୍ଲବର ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ସୋମବାର ଅନୁଷ୍ଠିତ ଆରାଧନା ଡ୍ୟାନ୍ସ ଏକାଡେମୀର ବାର୍ଷିକ ନୃତ୍ୟ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ 'ତ୍ରିବିଦ୍ୟା ସମ୍ମାନ'ରେ ସମ୍ମାନିତ ବ୍ୟକ୍ତିତ୍ୱମାନେ। (ଫଟୋ: ବିକାଶ ନାୟକ)


**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
**JUIDCO Bhawan, Kutchery Road, Ranchi-834001, Jharkhand.**
**Ph No.: +91-651-2225878,**
**CIN: U45200JH2013SGC001752, e-mail Id-juidcolimited@gmail.com**

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1
This is for information of all the bidders that following Corrigendum is being made in tender for **"Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand".**
The bidders are advised to take into account the following Corrigendum before submission of their bids against this tender.

**Corrigendum - 1**

| Sl. No. | Bid Document Ref. | Description | As per NIT | As per Corrigendum 1 |
|---|---|---|---|---|
| 1. | NIT | Last Date & Time of submission of Bid, Tender Fee and EMD online | 16.12.2025 at 17:00 Hrs | 24.12.2025 at 17:00 Hrs |
| 2. | | Date & Time of Bid Opening | 17.12.2025 at 17:00 Hrs | 26.12.2025 at 17:00 Hrs |

Note: Other terms and conditions remain unchanged.

Sd/-
Project Director (Technical)
JUIDCO Ltd.

PR 368643 Urban Development(25-26).D

## ସଂକ୍ଷେପରେ

### ବୃଦ୍ଧାଶ୍ରମରେ ଶୀତବସ୍ତ୍ର ବଣ୍ଟନ

ତାଳବସ୍ତ, ୧୫।୧୨(ସୁବ୍ରତ କୁମାର ନାୟକ): ବାଙ୍କୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆଦିବାସୀ ହରିଜନ ଆଞ୍ଚଳିକ ବିକାଶ ପରିଷଦ ଏବଂ ବରିଷ୍ଠ ନାଗରିକ ସଂଘର ପ୍ରାଣ ପ୍ରତିଷ୍ଠାତା ସାମାଜିକ କର୍ମୀ କେଶବ ଚନ୍ଦ୍ର ବେହେରାଙ୍କ ଦ୍ୱାରା ପରିଚାଳିତ ଘାସି ପୁଟସ୍ଥିତ ବୃଦ୍ଧାଶ୍ରମ ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରାଯାଇଛି। ତାଳବସ୍ତ ସେବା ସମବାୟ ସମିତି ସଭାପତି ଅକ୍ଷୟ କୁମାର ବେହେରା ଏବଂ ମହିଳା ଯୁବ ଉଦ୍ୟୋଗୀ ଶକୁନ୍ତଳା ମୁଦୁଲିଙ୍କ ତରଫରୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା ପ୍ରାରମ୍ଭରେ ଯୋଗଦେଇଥିବା ଅତିଥିମାନଙ୍କ ଦ୍ୱାରା ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀମାନଙ୍କ ସହିତ ଏକ ଭାବବିନିମୟ କାର୍ଯ୍ୟକ୍ରମ କରାଯାଇଥିଲା। ରହୁଥିବା ମାଉସୀ ମଉସାଙ୍କ ମନରେ କେବେ ଦୁଃଖ କି ଅନୁଶୋଚନା ନ ରହିବା ପାଇଁ ଆଶ୍ରମ ତରଫରୁ ଖାଦ୍ୟ, ରହିବା ଏବଂ ସ୍ୱାସ୍ଥ୍ୟ ପ୍ରତି ସମସ୍ତ ପ୍ରକାର ସୁ ବନ୍ଦୋବସ୍ତ କରାଯାଇଛି ବୋଲି ପ୍ରତିଷ୍ଠାତା ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ତାଳବସ୍ତ ମାଟି ପାତ୍ର ଉଦ୍ୟୋଗୀ ରମେଶ ମୁଦୁଲି, ନାରୀନେତ୍ରୀ ରିତାଞ୍ଜଳି ମୁଦୁଲି ପ୍ରମୁଖ ଉପସ୍ଥିତ ରହି କମ୍ବଳ ବଣ୍ଟନରେ ସହଯୋଗ କରିଥିଲେ।

### ଶ୍ରୀରାମ କମିଟି ତାଳବସ୍ତକୁ ରାଜ୍ୟସ୍ତରୀୟ ସମ୍ମାନ

ବାଙ୍କୀ,୧୫।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀରାମ କମିଟିକୁ ସୋମବାର ରାଜ୍ୟସ୍ତରୀୟ 'ଶକ୍ତି ଟିଭି ସେବା ସମ୍ମାନ' ପ୍ରଦାନ କରାଯାଇଛି। ଶକ୍ତି ଟିଭି ପକ୍ଷରୁ ରାଜ୍ୟସ୍ତରୀୟ ପଞ୍ଚମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କଳାହାଣ୍ଡି ଜିଲ୍ଲାସ୍ଥ ଭବାନୀ ପାଟଣାସ୍ଥ ଟାଉନହଲଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶକ୍ତି ଟିଭି ପ୍ରତିଷ୍ଠାତା ଡ. କୃଷ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ଶ୍ରୀରାମ କମିଟି ତରଫରୁ ବରିଷ୍ଠ ସଦସ୍ୟା ରାଜିଆ ବେନୋ ଉପସ୍ଥିତ ରହି ମାନପତ୍ର, ଉପଢ଼ୌକନ, ଟ୍ରଫି ଓ ପୁରସ୍କାର ଗ୍ରହଣ କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ଅନ୍ୟତମ ସଦସ୍ୟା ଅଧ୍ୟାପିକା ଶୁଭସ୍ମିତା ମିଶ୍ର ଉପସ୍ଥିତ ଥିଲେ। ବିଶେଷକରି ଶ୍ରୀରାମ କମିଟି ଦୀର୍ଘ ଦିନ ହେଲା ସମାଜସେବା, ବୃକ୍ଷରୋପଣ, ସ୍ୱଚ୍ଛଭାରତ, ଗରିବ ଖଟିଖିଆ ବ୍ୟକ୍ତିମାନଙ୍କୁ ଖାଦ୍ୟ ଓ ବସ୍ତ୍ର ଯୋଗାଇ ଆସୁଛି। ଏତାଦୃଶ କାର୍ଯ୍ୟ ପାଇଁ ଏହି ଅନୁଷ୍ଠାନ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବାରୁ ଅନୁଷ୍ଠାନ ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ଉପଦେଷ୍ଟା ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ ଅକ୍ଷୟ କୁମାର ସାମଲ ପ୍ରମୁଖ ଶକ୍ତି ଟିଭି ଅନୁଷ୍ଠାନକୁ ଧନ୍ୟବାଦ ଜଣାଇଥିଲେ।

### 'ମୁଁ ନଥିବା ବେଳେ' ପୁସ୍ତକ ଉନ୍ମୋଚିତ

ବାଙ୍କୀ,୧୫।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ମାଟିର ସୁଯୋଗ୍ୟ ଗାଳ୍ପିକ ବିପ୍ଳବଙ୍କ ଗଳ୍ପ ସଂକଳନ 'ମୁଁ ନଥିବା ବେଳେ' ଭୁବନେଶ୍ୱରଠାରେ ଆୟୋଜିତ ୭ମ ଓ ରାଜ୍ୟ ପୁସ୍ତକ ମହୋତ୍ସବର ପଶ୍ଚିମା ପବ୍ଲିକେଶନ ଷ୍ଟଲରେ ଔପନ୍ୟାସିକ ତଥା ଗାଳ୍ପିକ ଅଜୟ ସ୍ୱାଇଁଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ କବି ପ୍ରତୀକ୍ଷା ଜେନା, ଗାଳ୍ପିକ ସୁଧାକର ମହାନ୍ତି, ସାମାଜିକ କର୍ମୀ ଲକ୍ଷ୍ମୀପ୍ରସାଦ ରାଉତ ଓ ଅଧ୍ୟାପକ ଆଲୋକରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ମାସରେ ଉଠିଲା ପିଚୁ, ଗୋଡ଼ି

**ସାଲେପୁର-ଛତିଆ ପୂର୍ତ୍ତବିଭାଗ ରାସ୍ତା ଉନ୍ନତିକରଣ**

- ୪୧ କୋଟି ୪୮ ଲକ୍ଷ ବ୍ୟୟ ହୋଇଛି
- ବ୍ୟାପକ ଅନିୟମିତତା ଅଭିଯୋଗ
- ଢଲେଇ ରାସ୍ତା ଉପରେ ରହିଗଲା ୧୧ କେଭି ଲୁହା ବିଦ୍ୟୁତ୍ ଖୁଣ୍ଟ

ମାହାଙ୍ଗା,୧୫।୧୨ ( ଅଜୟ କୁମାର ମହାନ୍ତି )

ସାଲେପୁର – ଛତିଆ ପୂର୍ତ୍ତ ବିଭାଗ ରାସ୍ତା ଉନ୍ନତିକରଣ କରାଯାଇ ସମ୍ପ୍ରସାରିତ କରାଯାଇଛି। ମାତ୍ର ନିମ୍ନମାନର କାମ ଯୋଗୁ ନିର୍ମାଣ ହେବାର ୬ ମାସ ନ ପୂରୁଣୁ ପିଚୁ ଓ ଢଲେଇ ଉଠିଗଲାଣି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୩ ମେ'ମାସରେ ରାସ୍ତା କାମ ଆରମ୍ଭ ହୋଇଥିବାବେଳେ ୨୦୨୫ମେ'ରେ ଶେଷ ହୋଇଛି। ଏହି ରାସ୍ତା ନିର୍ମାଣରେ ୪୧ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟ ହୋଇଛି। କିନ୍ତୁ ନବନିର୍ମିତ ଏହି ରାସ୍ତାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ , ସାଲେପୁର – ଛତିଆ ପୂର୍ତ୍ତ ରାସ୍ତାର ସାଲେପୁର ଉପଖଣ୍ଡ ଅଧୀନରେ ୨୬ କିମି ଓ ୭୮୪ ମିଟର ଲମ୍ବ ଓ ୭ ମିଟର ଚଉଡ଼ା ରାସ୍ତା ନୂତନ ଭାବେ ନିର୍ମାଣ କରାଯାଇଛି। ଏଥିମଧ୍ୟରୁ ଢଲେଇ ରାସ୍ତା ୭ କିମି. ୪୪୫ ମିଟର ଏବଂ ପିଚୁ ରାସ୍ତା ୧୯ କିମି. ୩୩୯ ମିଟର କରାଯାଇଛି। ଢଲେଇ ୨୦୦ ଏମ୍‌ଏମ. ପଡ଼ିଥିବା ବେଳେ ପିଚୁ ୮୦ ଏମ୍‌ଏମ୍ କରାଯାଇଛି।



ନୂତନ ଢଲେଇ ରାସ୍ତାରୁ ଗୋଡ଼ି ଉଠିଯାଇଛି।

ତେବେ କାର୍ଯ୍ୟସ୍ଥଳରେ ଠିକାସଂସ୍ଥା ପକ୍ଷରୁ ସୂଚନା ଫଳକ ଲଗାଯାଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ଅନେକ ସମୟରେ ସେଠାରେ ବିଭାଗୀୟ ଯନ୍ତ୍ରୀ ରହୁ ନ ଥିବାରୁ ସମ୍ପୃକ୍ତ ଠିକାଦାର ମନମୁଖିଭାବେ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ଏପରିକି ମଲ୍ଲିପୁରାଠାରେ ଏକ ୧୧ କେ.ଭି ବିଦ୍ୟୁତ୍ ଖୁଣ୍ଟ ରାସ୍ତା ଉପରେ ଛିଡ଼ାହୋଇଛି।

ନିମ୍ନମାନର ରାସ୍ତା କାମ ଯୋଗୁ ଢଲେଇ ରାସ୍ତାର ସାଲେପୁର ବଜାର, ଅଦାଲତ ସମ୍ମୁଖ, ହାଟ ପାଖ, ଲୁଣାହାର ରାଧାକୃଷ୍ଣ ମନ୍ଦିର ପାଖ, ବୋଦମୁଣ୍ଡାଇ ବଜାର, ଶନି ମନ୍ଦିର ସାମ୍ନା, ମନୋହରପୁର, ସାଇଗୋଡା, କୁସନ୍ଧି ବଜାର, ଧୂଆଁସାହି, ରାଇସୁଙ୍ଗୁଡ଼ା, ଗଙ୍ଗେଶ୍ୱର ବଜାର, ଖନ୍ଦୋଳ ବଜାର, ଗୌଡପଡା ବଜାର, ଛାତ୍ରତୋଟା ବଜାର, ମଲ୍ଲିପୁରା, କୁଆଁପାଳ ବଜାର, କଲ୍ୟାଣପୁର ବଜାରର ଅନେକ ଜାଗାରୁ ସିମେଣ୍ଟ ଛାଡି ଗୋଡ଼ି ବାହାରିଗଲାଣି। ଜଗନ୍ନାଥପୁର ସ୍ୱାସ୍ଥ୍ୟ କେନ୍ଦ୍ର ରାସ୍ତାରେ ଢଲେଇ ଭାଙ୍ଗି ଖାଲ ହେଇଗଲାଣି ବୋଲି ଗୁରୁତର ଅଭିଯୋଗ ହୋଇଛି। ସେହିପରି ନୂଆ ପିଚୁ ରାସ୍ତାରେ ଧର୍ମଗଡପୁର ଠାରେ ତାଳି ପଡ଼ିଛି। ଏହାଛଡ଼ା ପାଖାପାଖି ୨/୩ ଜାଗାରୁ ପିଚୁ ଉଠିଯାଇଥିବା ବୋଲି ଅଭିଯୋଗ ହୋଇଛି । ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟ ମୋଡ଼ ରାସ୍ତାରେ ପିଚୁ ରାସ୍ତା ଦବିଯାଇଛି ଓ ରାସ୍ତା ଫାଟି ଆଁ କରିଛି। ସେଇ ପାଖରେ ୪/୫ ଟି ଜାଗାରୁ ପିଚୁ ଉଠିଯାଇ ଖାଲଖମାରେ ପୁରିଯାଇଛି। ପୁରୁଣା ରାସ୍ତାକୁ ନ ଭାଙ୍ଗି ସେଇ ପୁରୁଣା ରାସ୍ତା ଉପରେ ପୁନର୍ବାର ପିଚୁ ପକାଯାଇଥିବାରୁ ଏଭଳି ଅବସ୍ଥା ହୋଇଥିବା ଚର୍ଚ୍ଚା ହେଉଛି। ମାତ୍ର ୬ ମାସରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯିବାରୁ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ବିଭାଗରେ ସମନ୍ୱୟ ଅଭାବରୁ ରାସ୍ତା ଅବସ୍ଥା ଏପରି ହୋଇଥିବା କୁହାଯାଇଛି।

ଏ ସମ୍ପର୍କରେ ସାଲେପୁର ପୂର୍ତ୍ତ ବିଭାଗ ସହକାରୀ ଅଧୀକ୍ଷଣ ଯନ୍ତ୍ରୀ କହୁଛନ୍ତି ଯେ, ପାନୀୟଜଳ ବିଭାଗ ମନମୁଖି ଭାବେ ରାସ୍ତା ଖୋଳିବା କାରଣରୁ ରାସ୍ତା ଖରାପ ହେଉଛି। ପାନୀୟଜଳ ବିଭାଗ ସହକାରୀ ଅଧିକ୍ଷଣ ଯନ୍ତ୍ରୀ ଏଲିଜା ମଲ୍ଲିକ କହିଛନ୍ତି ଯେ, ପାନୀୟ ଜଳ ଯୋଗାଣର ପ୍ରାଥମିକତାକୁ ଗୁରୁତ୍ୱ ଦେଇ ଚିଠି କରାଯାଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ସେମାନେ କାମ କରିବାକୁ ବାଧ ହେଉଛନ୍ତି।

ବିଦ୍ୟୁତ୍ ଖୁଣ୍ଟ ରାସ୍ତାରୁ ଅପସାରଣ ସମ୍ପର୍କରେ ଏହି ଡିଭିଜନର ଜେନେରାଲ ମ୍ୟାନେଜର କହିଛନ୍ତି ଯେ, ବିଦ୍ୟୁତ୍ ଖୁଣ୍ଟି ଉଠାଇବା କାମ ପୂର୍ତ୍ତ ବିଭାଗର । ୨ ବର୍ଷ ହେବ ଉକ୍ତ ବିଭାଗରୁ ଏଷ୍ଟିମେଟ ମଞ୍ଜୁର କରିଦିଆଯାଇଛି। ସେମାନେ କାମ କଲା ବେଳେ ଆମେ ଖାଲି ଶର୍ଟ ଡାଉନ ଦବା ଛଡ଼ା ସେଥିରେ କିଛି ଭୂମିକା ନାହିଁ ବୋଲି ପ୍ରକାଶ କରିଥିଲେ। ଖାଲଖମା ଓ ବିଦ୍ୟୁତ୍ ଖୁଣ୍ଟ ଯୋଗୁ ଉକ୍ତ ରାସ୍ତାରେ ଗମନାଗମନ ଏବେ ବିପଦପୂର୍ଣ୍ଣ ହୋଇଯାଇଛି। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଜନସାଧାରଣ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, କଟକ ଜିଲାପାଳ, ପୂର୍ତ୍ତ ମନ୍ତ୍ରୀ, ଶକ୍ତି ମନ୍ତ୍ରୀ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

ଏ ସମ୍ପର୍କରେ ସାଲେପୁର ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ଦେବାଶିଷ ବେହେରାଙ୍କୁ ପଚାରିବାରେ ଠିକାଦାରଙ୍କୁ ନିଜ ଖର୍ଚ୍ଚରେ ମରାମତି କରିବା ପାଇଁ କୁହାଯାଇଥିବା ପ୍ରକାଶ କରିଛନ୍ତି।

# କଟକ ୨–୧ ଗୋଲରେ ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ନିଶ୍ଚିନ୍ତକୋଇଲି, ୧୫।୧୨ (ଅଶୋକ କୁମାର ମହାପାତ୍ର)

କଟକ ଜିଲା କ୍ରୀଡ଼ା ସଂସଦ ବଚନ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ–୨୦୨୫ର ଦ୍ୱିତୀୟ ମ୍ୟାଚ ପଞ୍ଚାୟତ ପ୍ରହଲ୍ଲାଦ କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି।

ମାହାଙ୍ଗା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମ୍ୟାଚ କଟକ ଓ କଟକ ବୈୟାଳିଶ ମୌଜା ମଧ୍ୟରେ ଖେଳାଯାଇଥିଲା। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ କଟକ ଟିମ୍ କଟକ ବୈୟାଳିଶ ମୌଜା ଟିମ୍‌ଠାରୁ ୨–୧ ଗୋଲରେ ବିଜୟୀ ହୋଇଛି। ମାହାଙ୍ଗା ଆଥ୍‌ଲେଟିକ ଆସୋସିଏଶନ ସଭାପତି ସୁଦୁ ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମ୍ୟାଚରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କଲେଜ ଅଧ୍ୟକ୍ଷା ଡ. ତରୁଲତା ଦେବୀ, ରାଜ୍ୟ ଫୁଟବଲ ଆସୋସିଏଶନ ଉପସଭାପତି ସହଦେବ ରାଉତ, ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳି ଓ କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିଥିଲେ।

# ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ବାଙ୍କୀ,୧୫।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡକ୍ରସ ଆନୁକୂଲ୍ୟରେ ଜାନୁଆରୀ ୨୦୨୬ ତୃତୀୟ ସପ୍ତାହରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସର କାଉନ୍‌ସିଲର ଅଧ୍ୟାପିକା ସରସ୍ୱତୀ ଦେଉରୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ବୈଠକରେ ଉପାଧ୍ୟକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ଡ. ସନ୍ଧ୍ୟାରାଣୀ ମହାନ୍ତି, ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପକ ଯୁଗୋଳ କିଶୋର ମଣ୍ଡଳ, କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ମତାମତ ପ୍ରଦାନ କରିଥିଲେ। ଅନ୍ୟତମ ଯୁବ ରେଡକ୍ରସ କାଉନ୍‌ସିଲର ଅଧ୍ୟାପକ ରାକେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଟଳ ସେନା, ସାଲେପୁର ମଣ୍ଡଳ କାର୍ଯ୍ୟକର୍ତ୍ତା ସମ୍ମିଳନୀ

# ଭୋଗ ବଦଳରେ ତ୍ୟାଗ କରିବାକୁ ଆହ୍ୱାନ

ସାଲେପୁର,୧୫।୧୨(ଅରବିନ୍ଦ ଭୂୟାଁ):

ଅଟଳ ସେନା, ସାଲେପୁର ମଣ୍ଡଳ ତରଫରୁ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ସାଲେପୁର ନିକଟସ୍ଥ ଶାରଳା ମଣ୍ଡପଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ କାର୍ଯ୍ୟକାରୀ ସଭାପତି ତୁଷାରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମ୍ମିଳନୀକୁ ଅଟଳ ସେନା ବୁଦ୍ଧିଜୀବୀ ସଂଘ ରାଜ୍ୟ ସଭାପତି ଡ. ଉମେଶ ଚନ୍ଦ୍ର ପତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସେନାର ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ଓଝା ଯୋଗଦେଇ ଅଟଳ ସୈନିକମାନଙ୍କୁ ଭୋଗ ବଦଳରେ ତ୍ୟାଗର ପ୍ରତିଯୋଗିତା କରିବାକୁ ଆହ୍ୱାନ ଦେଇଥିଲେ। ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ ଡିସେମ୍ବର ୨୫ରେ ହେବାକୁ ଥିବା ସେନାର ପ୍ରତିଷ୍ଠା ଦିବସ ଏବଂ ଅଟଳଜୀଙ୍କ ଜୟନ୍ତୀ ପାଳନ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଚିନ୍ତନ ପରିଷଦର ଉପାଧ୍ୟକ୍ଷ ପ୍ରଭାତ କିଶୋର ନାୟକ , ସଂଗଠନ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ଉପଦେଷ୍ଟା ଧ୍ରୁବ ଚରଣ ବେହେରା, ଅବତନ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ବିଶ୍ୱାଳ, ରାଜ୍ୟ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ମହିଳା ସଂଘ ସଭାନେତ୍ରୀ ମିନତି ନାୟକ ପ୍ରମୁଖ ପଞ୍ଚାୟତ ସଭାପତିମାନେ ଉପସ୍ଥିତ ଥିଲେ ।

# ବ୍ଲକ ପ୍ରଶାସନର ପକ୍ଷପାତିତା ପ୍ରତିବାଦରେ ବିଜେଡିର ଧାରଣା




ପଞ୍ଚାୟତ ସମିତି ସମ୍ମୁଖରେ ଧାରଣାରେ ବସିଥିବା ବିଜେଡି ନେତା ଓ କର୍ମୀମାନେ।

ନିଶ୍ଚିନ୍ତକୋଇଲି, ୧୫।୧୨ (ଅଶୋକ କୁମାର ମହାପାତ୍ର )

କଟକ ଜିଲା ନିଶ୍ଚିନ୍ତାକୋଇଲି ବ୍ଲକ ପ୍ରଶାସନର ଅପାରଗତା ପାଇଁ ବହୁ ଟଙ୍କା ଫେରିଯାଇଛି। ଫଳରେ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି। ଏଭଳି ଅଭିଯୋଗ କରି ସୋମବାର ବ୍ଲକ ବିଜେଡି ପକ୍ଷରୁ ପଞ୍ଚାୟତ ସମିତି ସମ୍ମୁଖରେ ଧାରଣା ଦିଆଯାଇଛି। ବ୍ଲକ ବିଜେଡି ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। ଧାରଣାରେ ଜିଲାପରିଷଦ ସଦସ୍ୟ ବିପ୍ଲବ କାପ, ଜସ୍ମିତା ସେଠୀ, ସରପଞ୍ଚ ଜୟଦେବ ରାଉତ, ବିନୋଦ ସାମଲ ପ୍ରମୁଖ ଯୋଗଦେଇ ସ୍ଥାନୀୟ ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ, ବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସମାଲୋଚନା କରିଥିଲେ। ସେମାନେ ଅଭିଯୋଗ କରିଥିଲେ ସରକାରଙ୍କ ପ୍ରଗତିର ବାଧକ ସାଜିଛନ୍ତି ବ୍ଲକ ବାବୁ। ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଆସିଥିବା ୮କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଫେରାଇବା ଓ ପଞ୍ଚାୟତରେ ପଡିରହିଥିବା ଅର୍ଥ ବିନିଯୋଗରେ ପ୍ରଶାସନ ବାଧକ ସାଜିଛି ବୋଲି ସେମାନେ ଅଭିଯୋଗ କରି ପ୍ରଶାସନ ବିରୋଧରେ ନାରାବାଜି ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ ସଂଯୋଜନା କରିଥିଲେ।

# ପାରିବାରିକ ଅଶାନ୍ତିରୁ ଯୁବକଙ୍କ ଆତ୍ମହତ୍ୟା

ସାଲେପୁର,୧୫।୧୨ (ଅରବିନ୍ଦ ଭୂୟାଁ)

ପାରିବାରିକ ଅଶାନ୍ତିକୁ ନେଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ସାଲେପୁର ଥାନା ଅଧୀନ ଚନ୍ଦ୍ରାଦେଇପୁର ପଞ୍ଚାୟତ ଲୁଣାହାର ଗ୍ରାମର ଶତ୍ରୁଘ୍ନ ବେହେରାଙ୍କ ସାନ ପୁଅ ସତ୍ୟବ୍ରତ ବେହେରା(୩୪)। ରବିବାର ରାତିରେ ପାରିବାରିକ ବିବାଦ ଯୋଗୁ ସତ୍ୟବ୍ରତ ଘର ପଛପଟ ବେଲଗଛରେ ଲୁଗା ବାନ୍ଧି ଝୁଲି ପଡ଼ିଥିଲେ। ପରିବାର ଲୋକ ତୁରନ୍ତ ତାଙ୍କୁ ନେଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସତ୍ୟବ୍ରତଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ସାଲେପୁର ପୋଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ. ୨୪/୨୫) ରୁଜୁ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ସତ୍ୟବ୍ରତଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଭାଇ ସତ୍ୟ ପ୍ରସାଦ ବେହେରା ମୁଖାଗ୍ନି ଦେଇଥିଲେ।

# ଶାରୀରିକ କ୍ରୀଡ଼ା କଲେଜ ବିଜୟୀ

**ମହାବିଦ୍ୟାଳୟସ୍ତରୀୟ ପୁରୁଷ ଖୋ-ଖୋ ଟୁର୍ନାମେଣ୍ଟ**

ବାଙ୍କୀ,୧୫।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ପୁରୁଷ ଖୋ–ଖୋ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଭୁବନେଶ୍ୱର ସରକାରୀ ଶାରୀରିକ କ୍ରୀଡ଼ା ମହାବିଦ୍ୟାଳୟ ବିଜେତା ହୋଇଥିବା ବେଳେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଉପବିଜେତା ହୋଇ ପୁରସ୍କୃତ ହୋଇଛନ୍ତି। କଲେଜ ପ୍ରଶାସନିକ ଅଧିକାରୀ ତଥା କ୍ରୀଡ଼ା କ୍ଲବର ଉପସଭାପତି ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ଖେଳାଳିମାନଙ୍କ କ୍ରୀଡ଼ା ନୈପୁଣ୍ୟତାକୁ ପ୍ରଶଂସା କରିଥିଲେ।



ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଉଛି।

ସମ୍ମାନିତ ଅତିଥିଭାବେ ବାଙ୍କୀ କଲେଜର ପୂର୍ବତନ କ୍ରୀଡ଼ା କ୍ଲବ ଉପସଭାପତି ତଥା ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ ଏଥିରେ ଯୋଗଦେଇଥିବା ଖେଳାଳିମାନେ ଉତ୍କଳ ବିଶ୍ୱବିଦ୍ୟାଳୟର ସୁନାମ ରଖିବା ସହିତ ସାରା ଭାରତରେ ବିଶ୍ୱବିଦ୍ୟାଳୟକୁ ଅଗ୍ରଣୀ ଭାବେ ଜିତାଇ ପରାକାଷ୍ଠା ଦେଖାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଅତିଥିଭାବେ ଡ. ପ୍ରବୀର କୁମାର ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟର ହରି ବେହେରା, କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା, ଚୌଧୁରୀ ପାର୍ଥ ସାରଥି ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବାଙ୍କୀ କଲେଜ କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ରାଣୀ ଶୁକଦେଇ ମହିଳା କଲେଜର କ୍ରୀଡ଼ା ଶିକ୍ଷକ ନିରଞ୍ଜନ ସାହୁ, କୃପାସିନ୍ଧୁ ପ୍ରଧାନ, ଦିଲୀପ କୁମାର ସାହୁ, ଜିତେନ୍ଦ୍ର ଦେଓ, ଶୁଭେନ୍ଦୁ ପ୍ରଧାନ, କୁମାରୀ ପତ୍ରପୁଷ୍ପା, ଜଗନ୍ନାଥ ଦଳେଇ ପ୍ରମୁଖ ପରିଚାଳନା କରିଥିଲେ। ଫାଇନାଲ ଟୁର୍ନାମେଣ୍ଟରେ ସରକାରୀ ଶାରୀରିକ କ୍ରୀଡ଼ା ମହାବିଦ୍ୟାଳୟ ବିଜେତା, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଉପବିଜେତା ଏବଂ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ କେ.ବି.କଲେଜ ବାରଙ୍ଗ ଓ ଗାଦିବ୍ରହ୍ମା କଲେଜ ଡେଲାଙ୍ଗ। ଏହି ଅବସରରେ ମୁଖ୍ୟ ଅତିଥି ସମସ୍ତ ଖେଳାଳିଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୪ଟି ଦଳ ଭାଗନେଇଥିଲେ। ଅଧ୍ୟାପକ ଅଦ୍ୱୈତ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**Government of Odisha, e-Procurement Notice**

**INVITATION FOR BIDS (IFB)**

**Bid Identification No. C.C.E.Dkl. (R&B) 12/2025-26**

**Email Id - sedklpwd@gmail.com**

**Letter No. 2561/Dt. 09.12.2025**

**No.B-824** : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Road works as detailed below :

| | | |
|---|---|---|
| 1 | Name of the work | : Road works |
| 2 | No. of works | : 02 (Two) Nos. |
| 3 | Estimated cost | : **Rs. 4.97 Crore to 5.12 Crore (as given in column No. 03 of table)** |
| 4 | Cost of tender paper | : Rs. 10,000.00 |
| 5 | Class of contractor | : 'A' Class **(as given in column No. 07 of table)** |
| 6 | Period of completion of work | : 09 (Nine) Calendar months **(as given in column No. 08 of table)** |
| 7 | Date and time of availability of bid document in the website | : From Dt. 16.12.2025 to 05.00 P.M. of Dt. 30.12.2025 |
| 8 | Date of opening of bid | : Dt. 31.12.2025 at 11.00 A.M. |

The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal

OIPR-34132/11/0045/2526

**कार्यपालक अभियंता का कार्यालय, लघु सिंचाई प्रमण्डल, बोकारो**

**शुद्धि पत्र**

इस कार्यालय के पत्रांक 699 दिनांक 29.11.2025 एवं निविदा आमंत्रण सूचना सं0– **WRD/MID/BOKARO/ B.D/M.M.S. L.I-02/2025- 26** द्वारा आमंत्रित निविदा जिसका पी0 आर0 संख्या **367452** दिनांक 02.12.2025 (Minor Irrigation) 25-26 है, जिसमें निम्नलिखित संशोधित किया जाता है :–

(I) Date of Publication of Tender on website: 19.12.2025 _2:00 P.M.

(ii) Last date/Time for receipt of bids online: 29.12.2025 Up to 2.00 P.M.

(iii) Date of Opening of Tender on website: 31.12.2025 _3:00 P.M.

निविदा की अन्य नियम एवं शर्तें पूर्ववत् रहेंगें।

कार्यपालक अभियंता,
लघु सिंचाई प्रमण्डल, बोकारो

**PR 368600 Minor Irrigation(25-26).D**

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
**JUIDCO Bhawan, Kutchery Road, Ranchi-834001, Jharkhand.**
**Ph No.: +91-651-2225878,**
**CIN: U45200JH2013SGC001752, e-mail Id-juidcolimited@gmail.com**

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1
This is for information of all the bidders that following Corrigendum is being made in tender for **"Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand".**
The bidders are advised to take into account the following Corrigendum before submission of their bids against this tender.

**Corrigendum - 1**

| Sl. No. | Bid Document Ref. | Description | As per NIT | As per Corrigendum 1 |
|---|---|---|---|---|
| 1. | NIT | Last Date & Time of submission of Bid, Tender Fee and EMD online | 16.12.2025 at 17:00 Hrs | 24.12.2025 at 17:00 Hrs |
| 2. | | Date & Time of Bid Opening | 17.12.2025 at 17:00 Hrs | 26.12.2025 at 17:00 Hrs |

Note: Other terms and conditions remain unchanged.

Sd/-
Project Director (Technical)
JUIDCO Ltd.

**PR 368643 Urban Development(25-26).D**

# ସେବା, ଶୃଙ୍ଖଳା ଜୀବନରେ ଗଭୀର ରେଖାପାତ କରେ

## ୨୭ତମ ଜିଲାସ୍ତରୀୟ କ୍ୟାମ୍ପୋରୀ ଉଦ୍‌ଘାଟିତ



୨୭ତମ ଜିଲାସ୍ତରୀୟ କ୍ୟାମ୍ପୋରୀ ଉଦ୍‌ଘାଟନ ଦିବସରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା,୧୫।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଆନୁକୂଲ୍ୟରେ ସୋମବାର ୨୭ତମ ଜିଲାସ୍ତରୀୟ କ୍ୟାମ୍ପୋରୀ-୨୦୨୫ ବକ୍ସି ଜଗବନ୍ଧୁ ବିଦ୍ୟାଧର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ୟାମ୍ପୋରୀ ଉଦ୍‌ଘାଟନ ସହ ସମ୍ମିଳିତ ପରେଡରେ ଅଭିଭାଦନ ଗ୍ରହଣ କରି କହିଥିଲେ ଯେ, ସେବା ଓ ଶୃଙ୍ଖଳା ଜୀବନରେ ଗଭୀର ରେଖାପାତ କରିଥାଏ। ଶୃଙ୍ଖଳିତ ଜୀବନଶୈଳୀ, ଅନ୍ୟ ପ୍ରତି ସ୍ନେହଶ୍ରଦ୍ଧା, ଭଲପାଇବା ଜୀବନରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ଏକ ଶୃଙ୍ଖଳିତ ସମାଜ ଗଠନ ଦିଗରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ୨୦୩୬ ବିକଶିତ ଓଡ଼ିଶା, ୨୦୪୭ ସ୍ୱାଧୀନତାର ଶତାବ୍ଦୀ ବର୍ଷରେ ଦେଶର କର୍ଣ୍ଣଧାର ହେବାକୁ ପରାମର୍ଶ ଦେଇଥିଲେ।

ଜିଲା ଶିକ୍ଷାଧିକାରୀ ତଥା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଜିଲା ମୁଖ୍ୟ କମିଶନର ସୋନାମିକା ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଜୀବନରେ ମା'ଙ୍କ ପ୍ରେରଣା, ସଂସ୍କାର ଏବଂ ପିତାଙ୍କ ସଂଘର୍ଷମୟ କାହାଣୀରୁ ପ୍ରେରଣା ନେଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥବଲେ। ଭଲପାଠ ପଢ଼, ବିଦ୍ୟାଳୟ, ମାତାପିତାଙ୍କ ଗୌରବ ରଖ। ସେବା ମନୋଭାବ ରଖି ଆଗକୁ ସହଯୋଗର ହାତ ବଢାଅ। ସେବାରେ ଆନନ୍ଦ ରହିଛି। ଏଭଳି ପ୍ଲାଟଫର୍ମ ଅନ୍ତର୍ନିହିତ ପ୍ରତିଭା ବିକାଶ ବାଟ ଦେଖାଇଥାଏ ବୋଲି କହିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା କହିଲେ ଯେ, ଦେଶ ପାଇଁ ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। ସେବା, ଶୃଙ୍ଖଳାଜ୍ଞାନ, ଦୃଢ଼ ଆତ୍ମବିଶ୍ୱାସ, ସମାୟାନୁବର୍ତ୍ତିତା ଜଣେ ଉତ୍ତମ ଛାତ୍ରର ଲକ୍ଷଣ ବୋଲି କହିଥିଲେ। ଅତିରିକ୍ତ ଶିକ୍ଷାଧିକାରୀ ଡ.ପ୍ରଜ୍ଞା ପାରମିତା ଜେନା କହିଥିଲେ ଯେ, ଶିକ୍ଷା ମାନବଚେତନାର ଭାବକୁ ଜାଗ୍ରତ କରିଥାଏ। ପାଠପଢା ସହ ସ୍କାଉଟ୍ସ ଓ ଗାଇଡ୍ସର ଏକ ପ୍ରମୁଖ ଭୂମିକା ରହିଛି। ଜୀବନରେ ଆଗକୁ ବଢିବାକୁ ହେଲେ ଶୃଙ୍ଖଳାଜ୍ଞାନ ଜରୁରୀ। ଅନ୍ୟତମ ଶିକ୍ଷାଧିକାରୀ ରଶ୍ମିବାଳା ପରିଡା, ବିଜୟ ବେହେରା ପ୍ରମୁଖ ଉତ୍ତମ ଚରିତ୍ର ଗଠନ, ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ।

ସଭାପତିତ୍ୱ ଭାଷଣରେ ଜିଲା ଶିକ୍ଷାଧିକାରୀ ରାୟ କହିଥିଲେ ଯେ, କାମ୍ପୋରୀ ଶାରିରିକ, ମାନସିକ, ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ। ନିଷ୍ଠା, ଏକାଗ୍ରତା, କଠିନ ପରିଶ୍ରମ ସଫଳତା ଆଣିଥାଏ। ଲକ୍ଷ୍ୟ ସ୍ଥଳରେ ନ ପହଞ୍ଚିବା ପର୍ଯ୍ୟନ୍ତ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଜିଲା ସ୍କାଉଟ ଓ ଗାଇଡ୍ସର ଜିଲା ସମ୍ପାଦକ ସୁଧାକର ମହାପାତ୍ର କାମ୍ପୋରୀ ବିବରଣୀ ପାଠ କରିଥଲେ। ୩ଦିନ ଧରି ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ବିଭିନ୍ନ ପ୍ରସଙ୍ଗରେ ପ୍ରଶିକ୍ଷଣ ଦିଆଯିବ। ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ତଥା ଜିଲା କମିଶନର ବିଭୂପ୍ରସାଦ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ସ୍କାଉଟ୍ସ ଗାଇଡ୍ସ ଶିକ୍ଷକ, ମାଷ୍ଟରମାନେ ଏହାକୁ ପରିଚାଳନା କରିଥିଲେ। ଏହି କ୍ୟାମ୍ପୋରୀରେ ୬୬୭ ଜଣ ସ୍କାଉଟ୍ସ ଓ ଗାଇଡ୍ସ ଯୋଗଦେଇଥିବା ବେଳେ ୧୧୦ଜଣ ଗାଇଡ ଶିକ୍ଷକ, କ୍ୟାପଟେନ ଯୋଗଦେଇଛନ୍ତି। ପୂର୍ବତନ ଜିଲା କମିଶନର ପୀତାବସ ପଟ୍ଟନାୟକ, ଦିବାକର ପଟ୍ଟନାୟକ, ରମେଶ ବଳିୟାରସିଂ, ଶିକ୍ଷକ ଅଗାଧୁ ସେଠୀ, ସୁରେଶ ବିଶ୍ୱାଳ, ପ୍ରସନ୍ନ ମହାପାତ୍ର, ଶରତ ରାଉତ, ଗଣେଶ୍ୱର ମିଶ୍ର ଏବଂ ଅନ୍ୟମାନେ ପରିଚାଳନା କରିଥିଲେ।

# ୨୮ ମୋବାଇଲ ଫେରାଇଲା ପୋଲିସ





ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ମୋବାଇଲ ପ୍ରଦାନ କରୁଛନ୍ତି।

**ଖୋର୍ଦ୍ଧା,୧୫।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୋଲିସ ବିଭିନ୍ନ ସମୟରେ ଚୋରି ଯାଇଥିବା ୨୮ଟି ମୋବାଇଲ ଫୋନ ଜବତ କରି ସମ୍ପୃକ୍ତ ମାଲିକମାନଙ୍କୁ ହସ୍ତାନ୍ତର କରିଛି। ଏନେଇ ସୋମବାର ଜିଲା ପୋଲିସ ମୁଖ୍ୟାଳୟଠାରେ ସ୍ୱତନ୍ତ୍ର ମୋବାଇଲ ମେଳା ଅନୁଷ୍ଠିତ ହୋଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ମୋବାଇଲ ଫୋନଗୁଡ଼ିକୁ ସମ୍ପୃକ୍ତ ମାଲିକଙ୍କୁ ପ୍ରଦାନ କରିଥିଲେ। ଆବଶ୍ୟକ ଔପଚାରିକତା ପରେ ସମସ୍ତ ମାଲିକଙ୍କୁ ଫୋନ ହସ୍ତାନ୍ତର କରାଯାଇଥିଲା। ଚୋରି ଯାଇଥିବା ମୋବାଇଲ ଫୋନ ପାଇବା ପରେ ସମ୍ପୃକ୍ତ ମାଲିକମାନେ ଖୁସି ବ୍ୟକ୍ତ କରିବା ସହ ପୋଲିସର ତ୍ୱରିତ ଏବଂ କାର୍ଯ୍ୟକାରୀ ପଦକ୍ଷେପ ପାଇଁ କୃତଜ୍ଞତା ଜଣାଇଥିଲେ। ଅତିରିକ୍ତ ଏସ୍‌ପି ଅନାଦି ଚରଣ ସେଠୀ, ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ହେଡ୍‌କ୍ୱାର୍ଟର ଡିଏସ୍‌ପି ଅନିଲ ମହାନ୍ତି, ସାଇବର ଅପରାଧ ସେଲ୍ ଇନ୍ସପେକ୍ଟର ସୁଚିତ୍ରା ଜେନା, ରିଜର୍ଭ ଇନ୍ସପେକ୍ଟର ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋର୍ଦ୍ଧାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଯାଉ

**ଖୋର୍ଦ୍ଧା,୧୫।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିଚାଲିଛି। ବେପାର ଆଳରେ ଖୋର୍ଦ୍ଧା ତଥା ଆଖପାଖ ଅଞ୍ଚଳରେ ଆଡ୍ଡା ଜମାଇ ରହିଛନ୍ତି। ଏମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏମାନଙ୍କୁ ଚିହ୍ନଟ କରି ଖୋର୍ଦ୍ଧାରୁ ବିତାଡ଼ିତ କରିବା ପାଇଁ ବଜରଙ୍ଗ ଦଳ ଖୋର୍ଦ୍ଧା ପ୍ରଖଣ୍ଡ ପକ୍ଷରୁ ଆଦର୍ଶ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ମଙ୍ଗଳବାରଠାରୁ ସପ୍ତଦିନ ବ୍ୟାପୀ ଖୋର୍ଦ୍ଧା ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବରେ ବେପାର ଆଳରେ ଏବେ ଖୋର୍ଦ୍ଧାରେ ବହୁ ବାଂଲାଦେଶୀ ସହରରେ ପ୍ରବେଶ କରିଛନ୍ତି। ଫୁଲ ଚାରା, ବେଲୁନ, ଖେଳଣା, ଘରକରଣା ସାମଗ୍ରୀ ବିକ୍ରି ଆଳରେ ସହରର ଚାରିଆଡେ ବୁଲୁଛନ୍ତି। ଏମାନଙ୍କ ମଧ୍ୟରେ ବହୁ ସନ୍ଦିଗ୍ଧ ବ୍ୟକ୍ତି ରହିଥିବା ଜଣାପଡିଛି। ଏମାନଙ୍କ ପରିଚୟପତ୍ର ଯାଞ୍ଚ କରାଯାଉ। ଜାଲ୍ ଆଧାରକାର୍ଡ ଧରି ପଶ୍ଚିମବଙ୍ଗ ବାସିନ୍ଦା ବୋଲି ପରିଚୟ ଦେଇ ବେପାର ଆଳରେ ବୁଲୁଛନ୍ତି। କୌଣସି ଅଘଟଣ ପୂର୍ବରୁ ଏମାନଙ୍କୁ ଚିହ୍ନଟ କରି ଏଠାରୁ ହଟାଇବା ପାଇଁ ବଜରଙ୍ଗ ଦଳ ପ୍ରଖଣ୍ଡ ସଂଯୋଜକ ସତ୍ୟଜିତ ବେହେରା, ସହ ଜିଲା ସଂଯୋଜକ ଏସ୍.ଏମ୍ ଦିବ୍ୟପ୍ରକାଶ ପ୍ରମୁଖ ଦାବି କରିଛନ୍ତି।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ





**ଖୋର୍ଦ୍ଧା,୧୫।୧୨(ପ୍ରଭାତ ପାଣିଗ୍ରାହୀ)**

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଖୋର୍ଦ୍ଧା ଶାଖା ପକ୍ଷରୁ ସୋମବାର ବିଭିନ୍ନ ଦାବିରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ନୂଆ ବସ୍‌ଷ୍ଟାଣ୍ଡଠାରୁ ଏକାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ଖୋର୍ଦ୍ଧା ସଙ୍ଗଠନ ସମ୍ପାଦକ ଅଶୋକ ସାହୁଙ୍କ ନେତୃତ୍ୱରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବେହେରା, ଜୟନ୍ତ ମହାନ୍ତି, ଶ୍ରୀକାନ୍ତ ନାୟକ, ଅବିନାଶ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଖୋର୍ଦ୍ଧା ଜିଲାରେ ହାତୀ, ବାର୍‌ହାଙ୍କ ଉପଦ୍ରବ ଫଳରେ ଚାଷୀଙ୍କ ଫସଲ କ୍ଷତି ହେଉଛି। ସରକାର ଏହା ଉପରେ ପଦକ୍ଷେପ ଗ୍ରହଣ କରନ୍ତୁ। ବସ୍ତି ବାସିନ୍ଦାଙ୍କୁ ମିଳିଥିବା ପଟା ରେକର୍ଡଭୁକ୍ତ କରାଯାଉ। ପାଚିକାମାନଙ୍କ ଦରମା ବୃଦ୍ଧି, ଦଶ ମାସ ବଦଳରେ ବାର ମାସ ଦରମା ଦିଆଯାଉ। ଖୋର୍ଦ୍ଧାରେ ମେଡିକାଲ କଲେଜ ପ୍ରତିଷ୍ଠା ଆଦି ଦାବି ରହିଛି।

# ଡିଏସ୍‌ପି ପାହ୍ୟା ଅଧିକାରୀ କରିବେ ତଦନ୍ତ

## ପୋଲିସ ହେପାଜତରେ ଛବୀନ୍ଦ୍ରଙ୍କ ମୃତ୍ୟୁ ଘଟଣା

**ଖୋର୍ଦ୍ଧା,୧୫।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ବାଣପୁର ଥାନା ପୋଲିସ ହେପାଜତରେ ଦାଶରଥିପୁରର ଛବୀନ୍ଦ୍ର ନାୟକଙ୍କ ମୃତ୍ୟୁକୁ ନେଇ ବିବାଦ ଉପୁଜିଛି। ଶନିବାର ରାତିରେ ପୋଲିସ ଛବୀନ୍ଦ୍ରଙ୍କୁ ଘରୁ ଉଠାଇ ଥାନାକୁ ଆଣିଥିବା ବେଳେ ରବିବାର ତାଙ୍କର ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ତାଙ୍କୁ ପିଟି ମାରି ଦେଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ ସୋମବାର ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମା କହିଛନ୍ତି ଯେ, ଜାତୀୟ ମାନବାଧିକାର କମିଶନ ନିୟମ ଅନୁସାରେ ତଦନ୍ତ କରାଯିବ। ଜଣେ ଡିଏସ୍‌ପି ପାହ୍ୟା ଅଧିକାରୀଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ସିସିଟିଭି ଯାଞ୍ଚ, ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ, ବ୍ୟବଚ୍ଛେଦ ରିପୋର୍ଟ ଏବଂ ସମସ୍ତ ଦିଗରୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ। ତଦନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ଶର୍ମା କହିଛନ୍ତି।

ସୂଚନାଥାଉ କି, ଚୋରା ମଦ କାରବାର ଅଭିଯୋଗରେ ଶନିବାର ରାତିରେ ପୋଲିସ ଛବୀନ୍ଦ୍ରଙ୍କୁ ପଚରାଉଚରା ପାଇଁ ଉଠାଇ ନେଇଥିଲା। ରବିବାର ସେ ଅସୁସ୍ଥ ଅନୁଭବ କରିବାରୁ ସକାଳ ୭ଟା ୩୦ରେ ପୋଲିସ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ପୋଲିସ ଭ୍ୟାନ୍‌ରେ ତାଙ୍କୁ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ବାଣପୁର ପୋଲିସ ଛବୀନ୍ଦ୍ରଙ୍କୁ ଉଠାଇ ନେଇ ପିଟି ମାରିଦେଇଛି ବୋଲି ତାଙ୍କ ସ୍ତ୍ରୀ ରୀତା ନାୟକ ଅଭିଯୋଗ ଆଣିଛନ୍ତି। ତେବେ ପୋଲିସ ଛବୀନ୍ଦ୍ରଙ୍କୁ ପିଟି ମାରିଦେବା ଅଭିଯୋଗକୁ ଥାନା ଅଧିକାରୀ ରମେଶ କୁମାର ଦେବତା ଖଣ୍ଡନ କରିଛନ୍ତି।

# ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର



ଜନଅଭିଯୋଗ ଶୁଣାଣି ଶିବିରରେ ବିଧାୟକ ପ୍ରଦୀପ ସାହୁ ଏବଂ ଅଧିକାରୀମାନେ।

**ବେଗୁନିଆ,୧୫।୧୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଦୁର୍ଗାପୁର ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୯୯ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରେ ଗୃହ ଯୋଜନା ସମ୍ବନ୍ଧୀୟ ୧୦୯, ଭତ୍ତା ୪୬, ଖାଦ୍ୟ ସୁରକ୍ଷା ୨୯, ବିଦ୍ୟୁତ୍ ବିଭାଗ ୧, ଶ୍ରମିକ ସମ୍ବନ୍ଧୀୟ ୪ଟି ଏବଂ ଅନ୍ୟ ବିଭାଗରୁ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ବିଧାୟକ ପ୍ରଦୀପ ସାହୁ, ତହସିଲଦାର ତାପସ ବିଶି,ଏବିଡିଓ କଳ୍ପନା ଶାସମଲ, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ବିନୋଦିନୀ ପଣ୍ଡା, ସହକାରୀ କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ଐଶର୍ଯ୍ୟ ଭଞ୍ଜ ଦେଓ, ସରପଞ୍ଚ ଦେବାଶିଷ ବେହେରା ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ।

# ବିଦ୍ୟାଳୟରେ ପୁସ୍ତକ ମେଳା



ପୁସ୍ତକ ମେଳାରେ ଛାତ୍ରୀଛାତ୍ରମାନେ ବହି ଦେଖୁଛନ୍ତି।

**ଜଟଣୀ,୧୫।୧୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅନ୍ତର୍ଗତ ବିଶିଆପଡ଼ାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସୋମବାର ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ଓଡ଼ିଶାର ପ୍ରମୁଖ କାର୍ଯ୍ୟକର୍ତ୍ତା ଅଶ୍ୱନୀ କୁମାର ନାୟକ ଯୋଗଦେଇ ରଜତ ଜୟନ୍ତୀ ଉତ୍ସବ ଏବଂ ପୁସ୍ତକ ମେଳା ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାଇଯମୁନା ପବ୍ଲିକେଶନର ମୁଖ୍ୟ ଚନ୍ଦ୍ରମଣି ଭୂୟାଁ, ବିଦ୍ୟାମନ୍ଦିର ସମ୍ପାଦକ ଶ୍ରୀନିବାସ ବଳିୟାରସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟରେ ପୁସ୍ତକ ମେଳା ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୁସ୍ତକ ପ୍ରତି ଆଗ୍ରହ ଏବଂ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ବହି ପ୍ରତି ଆଗ୍ରହ ସୃଷ୍ଟି କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତପ୍ରକାଶ ପାଇଥିଲା। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗୋରାଚାନ୍ଦ ରାୟ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଆୟୋଜକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ ନିକଟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପୁସ୍ତକ ମେଳା ବୁଲିବା ସହିତ ବିଭିନ୍ନ ବହି କିଣିଥିବା ଦେଖିବାକୁ ମିଳିଥିଲା। ପୁସ୍ତକ ମେଳା ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


**Government of Odisha, e-Procurement Notice**

INVITATION FOR BIDS (IFB)

Bid Identification No. C.C.E.Dkl. (R&B) 12/2025-26

Email Id - sedklpwd@gmail.com

Letter No. 2561/Dt. 09.12.2025

No.B-824 : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Road works as detailed below :

| | | |
|---|---|---|
| 1 | Name of the work | : Road works |
| 2 | No. of works | : 02 (Two) Nos. |
| 3 | Estimated cost | : Rs. 4.97 Crore to 5.12 Crore (as given in column No. 03 of table) |
| 4 | Cost of tender paper | : Rs. 10,000.00 |
| 5 | Class of contractor | : 'A' Class (as given in column No. 07 of table) |
| 6 | Period of completion of work | : 09 (Nine) Calendar months (as given in column No. 08 of table) |
| 7 | Date and time of availability of bid document in the website | : From Dt. 16.12.2025 to 05.00 P.M. of Dt. 30.12.2025 |
| 8 | Date of opening of bid | : Dt. 31.12.2025 at 11.00 A.M. |

The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal

OIPR-34132/11/0045/2526

**कार्यपालक अभियंता का कार्यालय, लघु सिंचाई प्रमण्डल, बोकारो**

शुद्धि पत्र

इस कार्यालय के पत्रांक 699 दिनांक 29.11.2025 एवं निविदा आमंत्रण सूचना सं0– WRD/MID/BOKARO/ B.D/M.M.S. L.I-02/2025- 26 द्वारा आमंत्रित निविदा जिसका पी0 आर0 संख्या 367452 दिनांक 02.12.2025 (Minor Irrigation) 25-26 है, जिसमें निम्नलिखित संशोधित किया जाता है :–

(I) Date of Publication of Tender on website: 19.12.2025 _ 2:00 P.M.

(ii) Last date/Time for receipt of bids online: 29.12.2025 Up to 2.00 P.M.

(iii) Date of Opening of Tender on website: 31.12.2025 _ 3:00 P.M.

निविदा की अन्य नियम एवं शर्तें पूर्ववत् रहेंगें।

PR 368600 Minor Irrigation(25-26).D

कार्यपालक अभियंता,
लघु सिंचाई प्रमण्डल, बोकारो


# ୱାଇଏସ୍‌ସି ବାଇଗୁଣିଆ ସେମିଫାଇନାଲରେ

**ବୋଲଗଡ଼,୧୫।୧୨(ଦେବବ୍ରତ ହୋତା)**

ବୋଲଗଡ଼ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ସୋମବାର ଜଟଣୀର କ୍ଲବ ୭୨କୁ ୨-୧ ଗୋଲରେ ହରାଇ ଖଣ୍ଡପଡ଼ା ବାଇଗୁଣିଆର ୱାଇଏସସି ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ରେଫରିଭାବେ ସୁଶାନ୍ତ ମିଶ୍ର ପରିଚାଳନା କରିଥିବା ବେଳେ ଲାଇନ୍ସରେ ଲକ୍ଷ୍ମୀଧର ଚୌଧୁରୀ ଏବଂ ଏମ୍.ଏସ୍. ବେଗ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ଭଞ୍ଜକିଶୋର ଯତି ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୀତବାସ ଲେଙ୍କା ଏବଂ ଖେଳଶିକ୍ଷକ ଅଭିଷେକ ମହାନ୍ତି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଲଲାଟେନ୍ଦୁ କେଶରୀ ସିଂ, ଅଶ୍ୱିନୀ ପଟ୍ଟନାୟକ, ରାକେଶ ମହାପାତ୍ର, ଜିତେନ୍ଦ୍ର ମାର୍ଥା, ବାବୁ ସିଂଙ୍କ ସମେତ ଫ୍ରେଣ୍ଡସ କ୍ଲବ ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ଖୋର୍ଦ୍ଧା କେରଙ୍ଗର ଅହମ୍ମଦିଆନ କ୍ଲବ ଏବଂ ଆୟୋଜକ ଫ୍ରେଣ୍ଡସ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।





ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ରାଧାକାନ୍ତ ଦେବ ମନ୍ଦିରରୁ ଚୋରି

**ବାଣପୁର,୧୫।୧୨ (ଦିଲୀପ କୁମାର ସ୍ୱାଇଁ)**

ଗମ୍ଭାରୀମୁଣ୍ଡା ଅଞ୍ଚଳର ଦେଓଗାଁ ସ୍ଥିତ ପଥରା ପାହାଡ଼ରେ ଥିବା ରାଧାକାନ୍ତ ଦେବ ମନ୍ଦିରରୁ ଗତ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମୁଖ୍ୟ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଥିବା କବାଟ ଭାଙ୍ଗି ପ୍ରବେଶ କରି ମନ୍ଦିରର ଗର୍ଭଗୃହର କବାଟକୁ ମଧ୍ୟ ଭାଙ୍ଗି ସେଠାରେ ପୂଜା ପାଉଥିବା ଦୁଇଟି ରୁପା ମୂର୍ତ୍ତି, ଦୁଇଟି ରୁପାର କିରଟି, ରୁପାର ଗୁରୁଣ୍ଡି ଗୋପାଳଙ୍କ ମୂର୍ତ୍ତି ଚୋରି କରିନେଇଛନ୍ତି। ଏନେଇ ନାଚୁଣୀ ଥାନାରେ ଗ୍ରାମବାସୀ ଏବଂ ରାଧାକାନ୍ତ ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡର ମୁଖ୍ୟ ଟ୍ରଷ୍ଟି ସୁକାନ୍ତ ଚନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ନାଚୁଣୀ ପୋଲିସ ସହ ଏକ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଶନିବାର ଉକ୍ତ ମନ୍ଦିରର ପୂଜକ କାର୍ଯ୍ୟ ସାରି ରାତ୍ରକୁ ଘରକୁ ଫେରିଥିଲେ। ରବିବାର ସକାଳେ ସେ ମନ୍ଦିରକୁ ଆସିଥିବାବେଳେ ମନ୍ଦିର କବାଟ ଭଙ୍ଗା ହେବା ସହିତ ମୂର୍ତ୍ତି ଚୋରି ହୋଇଥିବା ଦେଖି ଗ୍ରାମବାସୀ ଏବଂ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟମାନଙ୍କୁ ଜଣାଇଥିଲେ।


**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1
This is for information of all the bidders that following Corrigendum is being made in tender for **"Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand".**
The bidders are advised to take into account the following Corrigendum before submission of their bids against this tender.

**Corrigendum - 1**

| Sl. No. | Bid Document Ref. | Description | As per NIT | As per Corrigendum 1 |
|---|---|---|---|---|
| 1. | NIT | Last Date & Time of submission of Bid, Tender Fee and EMD online | 16.12.2025 at 17:00 Hrs | 24.12.2025 at 17:00 Hrs |
| 2. | | Date & Time of Bid Opening | 17.12.2025 at 17:00 Hrs | 26.12.2025 at 17:00 Hrs |

Note: Other terms and conditions remain unchanged.

Sd/-
Project Director (Technical)
JUIDCO Ltd.

PR 368643 Urban Development(25-26).D

## ସଂକ୍ଷେପରେ

### ୨୪ ଘଣ୍ଟାରେ ୧୨ ଫେରାର ଅଭିଯୁକ୍ତ ଗିରଫ

ପୁରୀ,୧୫।୧୨ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ଆଇନଶୃଙ୍ଖଳା ରକ୍ଷା ଏବଂ ଦୀର୍ଘଦିନ ଧରି ପଳାତକ ଥିବା ଫେରାର ଅଭିଯୁକ୍ତମାନଙ୍କୁ ଧରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ଦ୍ୱାରା ଏକ ଅଭିଯାନ ଜାରିରହିଛି। ଅଭିଯାନ ଫଳରେ ଗତ ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ଥାନା ଅଞ୍ଚଳରୁ ୧୪ଟି ମାମଲାରେ ମୋଟ ୧୨ ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ତାଳବଣିଆ ଥାନା ଅଧୀନ ବାଲିଘାଟ ଗୋପାଳପୁର ରୋଡ୍ ଅଞ୍ଚଳର ସୁଶାନ୍ତ କୁମାର ସ୍ୱାଇଁ (୪୫), ପୁରୀ ଟାଉନ୍ ଥାନା ଅଞ୍ଚଳର ବଳରାମ ବଡ଼ପଣ୍ଡା, କୁମ୍ଭାରପଡ଼ା ଥାନା ଅଞ୍ଚଳର ଖାକିମଠ ନୂଆସାହି, ବାଲିଉପର ଅଞ୍ଚଳର ଧନୀ ଦଳେଇ, ସଦର ଥାନା ଅନ୍ତର୍ଗତ ଆମ୍ବପଡ଼ା ଗ୍ରାମର ଲକ୍ଷ୍ମୀଧର ଖଟେଇ, ଚନ୍ଦନପୁର ଥାନା ଅନ୍ତର୍ଗତ ଚନ୍ଦନପୁର ଗୌଡ଼କେରା ବିଷ୍ଣୁ ମଲ୍ଲିକ, ଗଡ଼ିଶାଗୋଡ଼ା ଥାନା ଅନ୍ତର୍ଗତ ଗଜେନ୍ଦ୍ର ସାହୁ ଓ ମହେନ୍ଦ୍ର ସାହୁ। ସେହିପରି କୃଷ୍ଣପ୍ରସାଦ ଥାନା ଅଞ୍ଚଳର ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର, ନିମାପଡ଼ା ଥାନା ଅନ୍ତର୍ଗତ ଆର୍ତ୍ତ ସ୍ୱାଇଁ, ବଳଙ୍ଗା ଥାନା ଅଞ୍ଚଳର ମନୋଜ କୁମାର ବେହେରା, ସତ୍ୟବାଦୀ ଥାନା ଅଞ୍ଚଳର ବଚନ ମଲ୍ଲିକ ଓ ଇନ୍ଦୁଆ ମଲ୍ଲିକଙ୍କୁ ଗିରଫ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ନାଟ୍ୟପ୍ରଭା ପକ୍ଷରୁ ନାଟକ ବଳଦ ମଞ୍ଚସ୍ଥ

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠାନ ଆମର ପକ୍ଷରୁ ଆୟୋଜିତ ୧୭ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତାର ନବମ ଦିନରେ ସୋନପୁର ନାଟ୍ୟପ୍ରଭା ଅନୁଷ୍ଠାନ ପକ୍ଷରୁ ନାଟକ 'ବଳଦ' ମଞ୍ଚସ୍ଥ ହୋଇଛି। ଅନୁଷ୍ଠାନର ସଭାପତି ଭରତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂଜାପଣ୍ଡା ନିଯୋଗର ସଭାପତି ଜଗନ୍ନାଥ ପୂଜାପଣ୍ଡା, ସମାଜସେବୀ ରାଜା ମହାନ୍ତି, ଅଲ୍ଇଣ୍ଡିଆ ଖୋ ଖୋ ସଂଘର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମିଶ୍ର, ଭାରତୀୟ ଜନତା ପାର୍ଟିର ଜିଲା ସମ୍ପାଦକ ଉମାକାନ୍ତ ନାୟକ, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ ଯୋଗଦେଇଥିଲେ। ନାଟକକୁ ବଞ୍ଚେଇ ରଖିବାକୁ ଅନୁଷ୍ଠାନ ଆମର ପ୍ରୟାସ ଜାରି ରଖିଛି, ତେଣୁ ସମ୍ପାଦକଙ୍କୁ ଧନ୍ୟବାଦ।

### ୨୦୦୬ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

ବଳଙ୍ଗା,୧୫।୧୨(କେଦାରେଶ୍ୱର ନନ୍ଦ)

ଭଗବତୀ ଉଚ୍ଚ ବିଦ୍ୟାଳୟ ରୂପଦେଇପୁର ୨୦୦୬ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ସଭାପତି ବିଜୟ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ହରେକୃଷ୍ଣ ଦୀକ୍ଷିତ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିବେଶ ସୁରକ୍ଷା ନିମନ୍ତେ ପ୍ରତିବର୍ଷ କିଛି ବୃକ୍ଷରୋପଣ କରିବା, ଭ୍ରାମ୍ୟମାଣ ଗ୍ରାମର ସଫେଇ ଓ କିଛି ଗରିବ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସାହାଯ୍ୟ କରିବା ସହ ପାଠ୍ୟ ଉପକରଣ ଯୋଗାଇଦେବା ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ଲିଟୁ ଜେନା, ମାନସ କୁମାର ସାହୁ, ଉମାକାନ୍ତ ସ୍ୱାଇଁ, ଦାମୋଦର ପାତ୍ର, ମିତାଲି ମହାନ୍ତି, ଯୋଗମାୟା ପାତ୍ର, ପ୍ରତିମା ସାହୁ, ତୃପ୍ତିମୟୀ ସିଂ ପ୍ରମୁଖ ୧୦୦ରୁ ଊର୍ଦ୍ଧ୍ୱ ବନ୍ଧୁ ଏକତ୍ରିତ ହୋଇଥିଲେ।

# ନିମାପଡ଼ାରେ ହେବ ୪ ଆକର୍ଷଣୀୟ ଯାତ୍ରୀ ବିଶ୍ରାମାଗାର

ନିମାପଡ଼ା,୧୫।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୪ଟି ନୂତନ ଅତ୍ୟାଧୁନିକ ଆକର୍ଷଣୀୟ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଯୋଜନା କରାଯାଇ ପ୍ରସ୍ତାବ ଆଗତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ପରିକଳ୍ପନା କରାଯାଇ ପ୍ରସ୍ତାବ ରଖାଯାଇଥିବା ଏନ୍ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଗୋଟିଏ ବିଶ୍ରାମାଗାର ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କାର ବ୍ୟୟବରାଦ ରଖାଯାଇଛି। ନିମାପଡ଼ା ଏନ୍ଏସି ଅନ୍ତର୍ଗତ ୯ନଂ. ୱାର୍ଡର ଜୟଶ୍ରୀ ଛକ, ୮ନଂ. ୱାର୍ଡର ପୁରୁଣା ବସ୍‌ଷ୍ଟାଣ୍ଡ ସମ୍ମୁଖ, ୧୧ନଂ. ୱାର୍ଡର ଡେଲ୍‌ଟା ଛକ ଓ କଲେଜ ଛକ ଆଦି ୪ଟି ମୁଖ୍ୟ ଜନଗହଳିପୂର୍ଣ୍ଣ ଛକରେ



ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ପ୍ରସ୍ତାବିତ ଫଟୋଚିତ୍ର।

ବିଶ୍ରାମାଗାର ନିର୍ମାଣ ପାଇଁ ପ୍ରସ୍ତାବ ରଖାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ସୂଚନା ଦେଇଛନ୍ତି। ଏହି ନୂତନ ଯାତ୍ରୀ ବିଶ୍ରାମାଗାରଗୁଡ଼ିକ ୩୦ ଫୁଟ ଲମ୍ବ, ୧୮ ଫୁଟ ଓସାର ବିଶିଷ୍ଟ ଆକର୍ଷଣୀୟ ଭାବେ ନିର୍ମିତ ହେବବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ କହିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ନିମାପଡ଼ା ଜୟଶ୍ରୀ ଛକଠାରେ ଏହି ନୂତନ ଯାତ୍ରୀ ବିଶ୍ରାମାଗାରର କାର୍ଯ୍ୟ ଚାଲିଛି। ଏହି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ଟଙ୍କା ଅନୁଦାନ ଏନ୍ଏସିକୁ ଯୋଗାଇ ଦେଇଛନ୍ତି। ପ୍ରକଳ୍ପ ନିର୍ମାଣ ନିମନ୍ତେ ଆବଶ୍ୟକ ଅନୁଦାନ ଯୋଗାଇ ଦିଆଯିବା ବ୍ୟବସ୍ଥା ଖୁବ୍‌ଶୀଘ୍ର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏନ୍ଏସି ଅଞ୍ଚଳର ବିଭିନ୍ନ ଜନଗହଳି ଛକ ନିକଟରେ ଏହି ନୂତନ ଅତ୍ୟାଧୁନିକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହେଲେ ସାଧାରଣ ଜନତା, ଛାତ୍ରୀଛାତ୍ର, ବସ୍‌ରେ ଯାତାୟାତ କରୁଥିବା ଶତାଧିକ ଯାତ୍ରୀ ବହୁଳଭାବେ ଉପକୃତ ହୋଇପାରିବେ। ନିମାପଡ଼ା ଏନ୍ଏସି ରାଜ୍ୟରେ ଏକ ଅଗ୍ରଣୀ, ବିକଶିତ ଏନ୍ଏସିରେ ପରିଣତ ହେବା ସହ ନିମାପଡ଼ା ସହରକୁ ଏକ ସ୍ମାର୍ଟ ସହର ଭାବେ ଗଢ଼ିତୋଳିବା ମୋର ସ୍ୱପ୍ନର ପରିକଳ୍ପନା ଓ ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

# ଶ୍ରୀପଦ୍ମାଳୟା ଦ୍ୱିତୀୟ ନୃତ୍ୟ ମହୋତ୍ସବ



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜୟଦେବ କକ୍ଷରେ ରବିବାର ଲିଙ୍ଗରାଜ କଳା ନିକେତନ ଦ୍ୱାରା ଶ୍ରୀପଦ୍ମାଳୟା ଦ୍ୱିତୀୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ବରିଷ୍ଠ ସେବାୟତ ଭଗବାନ ସୁଆର, ନୃତ୍ୟାୟନର ଉପଦେଷ୍ଟା ଆରତି ରଣବୀର, ସେବାୟତ ତଥା ପୁରୀ ଏମ୍‌ପିଙ୍କ ପ୍ରତିନିଧି ରବିନାରାୟଣ ଦାଶ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ପ୍ରତିଷ୍ଠାତା ଗୁରୁ ଧବଳେଶ୍ୱର ମିଶ୍ର, ଉପାଧ୍ୟକ୍ଷ ଲୋକନାଥ ମିଶ୍ର, ମୁଖ୍ୟ ଉପଦେଷ୍ଟା ଶୁକଦେବ ମହାନ୍ତି, ମୁଖ୍ୟ ପରାମର୍ଶଦାତା ଧୀରେନ୍ଦ୍ରନାଥ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଗୁରୁ ରବିନାରାୟଣ ଦାଶ, ଗୁରୁ ପ୍ରକାଶ କୁମାର ରଥ, ଗୁରୁ ଚିରସ୍ରୋତା ଖୁଣ୍ଟିଆ ଏବଂ ଗୁରୁ ଗାୟତ୍ରୀ ରଣବୀରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ମାର୍ଗଦର୍ଶନରେ ତାଙ୍କ ପଟ୍ଟଶିଷ୍ୟ ଗୁରୁ ମନୋଜ କୁମାର ପ୍ରଧାନଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟନାଟିକା 'ଗଙ୍ଗା ଅବତରଣ' ପରିବେଷଣ କରାଯାଇଥିଲା। ଧୀରେନ୍ଦ୍ରନାଥ ପଟ୍ଟନାୟକ ଏହାର ସଙ୍ଗୀତ ରଚନା କରିଥିଲେ। ଗୁରୁ ପ୍ରଦୀପ କୁମାର ରାୟ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଗୁରୁ ଧନେଶ୍ୱର ସ୍ୱାଇଁ ବାଦ୍ୟ ସଂଯୋଜନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ର ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପଠନ କରିଥିବାବେଳେ ଉଦ୍‌ଘୋଷକ ବିଶ୍ୱଜିତ ବଳିୟାରସିଂ, କୋଷାଧ୍ୟକ୍ଷ ସାରଦା ପ୍ରସନ୍ନ ମିଶ୍ର, ଲକ୍ଷ୍ମୀପ୍ରିୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି, ବିଧାୟକ

ପିପିଲି,୧୫।୧୨(ଦୁର୍ଗା ମାଧବ ମିଶ୍ର)

ପିପିଲି ଥାନା ଅନ୍ତର୍ଗତ ଡେଲାଙ୍ଗ ଅରିଶଲ ପଞ୍ଚାୟତ ସୁନାମଇ ଗ୍ରାମର ଚାଷୀ ଗଜେନ୍ଦ୍ର ସ୍ୱାଇଁ ଧାନ ବିଲରେ ନିଆଁ ଲିଭାଇବାକୁ ପ୍ରୟାସ କରି ନିଜେ ଜଳିଯାଇ ମୃତ୍ୟୁବରଣ କରିଥିଲେ। ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ସୁଧାଂଶୁ ମୋହନ ପାଢ଼ୀ ଓ ଟିମ ଏବଂ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ମୃତ ଚାଷୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ତତ୍‌ସହିତ ଜିଲା କୃଷକ ମୋର୍ଚ୍ଚା ସଭାପତି, ଡେଲାଙ୍ଗ ତହସିଲଦାର, ସ୍ଥାନୀୟ ଆର୍‌ଆଇ, ପିପିଲି ଏସ୍‌ଡିପିଓ, ପିପିଲି ଥାନାଧିକାରୀଙ୍କ ସମେତ ଅନେକ ସାମାଜିକ କର୍ମୀ ମଧ୍ୟ ଶୋକସନ୍ତପ୍ତ ପରିବାରକୁ ଭେଟି ଆଶ୍ୱାସନା ଦେବା ପରେ ଧାନ ଜମି ଅଞ୍ଚଳ ମଧ୍ୟ ବୁଲି ଦେଖିଥିଲେ। ତେବେ ରେଡକ୍ରସ ପକ୍ଷରୁ ମୃତ ଚାଷୀଙ୍କ ପତ୍ନୀଙ୍କୁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଦଳ ଓ ସରକାରଙ୍କ ପକ୍ଷରୁ ଯାହା ଦରକାର ତାହା ଠିକ୍ ସମୟରେ ମୃତ ଗଜେନ୍ଦ୍ରଙ୍କ ପରିବାରଙ୍କୁ ପ୍ରଦାନ କରାଯିବ ବୋଲି ଉଭୟ କୃଷକ ମୋର୍ଚ୍ଚା ସଭାପତି ପାଢ଼ୀ ଏବଂ ସ୍ଥାନୀୟ ବିଧାୟକ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି।

### ବୃହତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)

ଭୁବନେଶ୍ୱରର ଅଗ୍ରଣୀ ଚିକିତ୍ସାଳୟ ଶୁଶ୍ରୂତ ହସ୍ପିଟାଲ ଓ ଟ୍ରମା କେୟାର ସହଯୋଗରେ ନିମାପଡ଼ା ମହାବିଦ୍ୟାଳୟର ଆଇକିଉସି ସେଲ୍ ଓ ପୁରାତନ ଛାତ୍ର ସଂସଦର ମିଳିତ ଭାବେ ଏକ ବୃହତ୍ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ପ୍ରାୟ ଏକଶହରୁ ଊର୍ଦ୍ଧ୍ୱ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ଶିବିରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଡ. ଅମରେଶ ପ୍ରହଲ୍ଲାଦ, ଡ. ବିଭାସ ରାଜ, ଡ. ପଲ୍ଲୀଶ୍ରୀ ଦଳେଇଙ୍କ ଭଳି ୩ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ରୋଗର ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ପୁରାତନ ଛାତ୍ର ତଥା ଶୁଶ୍ରୁତ ହସ୍ପିଟାଲର ପ୍ରଶାସନିକ ଅଧିକାରୀ ତ୍ରିଲୋଚନ ସାହୁଙ୍କ ତତ୍ତ୍ୱାବଧାନରେ ୩ ଜଣ ଡାକ୍ତର ଓ ୬ ଜଣ ଷ୍ଟାଫ୍ ଯୋଗ ଦେଇଥିଲେ। ଅଧ୍ୟକ୍ଷା ଅମିତା ମହାନାୟକ, ପୁରାତନ ଛାତ୍ର ସଂସଦର ସମ୍ପାଦକ ବସନ୍ତ କୁମାର ପାତ୍ର, ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ର ନାଥ ପାଢ଼ୀ, ପ୍ରଦୀପ ଦାଶ, ଆଇକିଉସିର ସହ ସଂଯୋଜିକା ସ୍ୱପ୍ନାରାଣୀ ମିଶ୍ର, ବିଷ୍ଣୁପ୍ରସାଦ ସାହୁ, ଦେବୀଦତ୍ତ ବେହେରା, ପ୍ରବୀର କୁମାର ବେହେରା, ପ୍ରେମରାଜ ଗହୀର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା, ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡ୍‌କ୍ରସର ୨୦ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

# ଧାନକଟାକୁ କେନ୍ଦ୍ର କରି ଗଣ୍ଡଗୋଳ

କଣାସ,୧୫।୧୨(ବିଭୂତି ଭୂଷଣ ତ୍ରିପାଠୀ)

**ଉଭୟ ପକ୍ଷରୁ କଣାସ ଥାନାରେ ଏତଲା**

ପୁରୀ ଜିଲା କଣାସ ଥାନା ପାଣ୍ଡିଆକେରା ପଞ୍ଚାୟତ ବଗିପଡ଼ା ମୌଜାରେ ଗତ ୧୧ତାରିଖରେ ଧାନ କଟାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି। ଏନେଇ ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗକୁ ଭିତ୍ତି କରି କଣାସ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁସାରେ, ମାଟିଆପଡ଼ା ଗ୍ରାମର ସତ୍ୟବାନ ଶ୍ରୀଚନ୍ଦନ ଯିଏକି ଖୋର୍ଦ୍ଧାରେ ରୁହନ୍ତି, ତାଙ୍କର ବଗିପଡ଼ା ମୌଜାରେ ଜମି ରହିଛି। ଘଟଣା ଦିନ ସତ୍ୟବାନ ଏବଂ ତାଙ୍କ ସ୍ତ୍ରୀ ପୁଷ୍ପା ଶ୍ରୀଚନ୍ଦନ ଜମି ନିକଟକୁ ଆସିଥିଲେ। ଏହି ସମୟରେ ଘରଛୁଆ ଗ୍ରାମର କରୁଣାକର ଜେନା ଓ ତାଙ୍କର ପରିବାରର କେତେଜଣ ବ୍ୟକ୍ତି ସତ୍ୟବାନ୍‌ଙ୍କ ଜମିରୁ ଧାନ କାଟୁଥିବା ଦେଖିବାକୁ ପାଇଥିଲେ। ଏହାକୁ ସେ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏପରି କି ଗଣ୍ଡଗୋଳ ସ୍ଥିତି ଉପୁଜିଥିଲା। କରୁଣାକର ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଠେଙ୍ଗା ଓ ମାରଣାସ୍ତ୍ର ଆକ୍ରମଣରେ ସତ୍ୟବାନ, ତାଙ୍କ ସ୍ତ୍ରୀ ପୁଷ୍ପା ଏବଂ ପୁଅ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପରେ ଖୋର୍ଦ୍ଧା ଓ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ୧୨ତାରିଖ ସନ୍ଧ୍ୟାରେ ପୁଷ୍ପା କଣାସ ଥାନାରେ କରୁଣାକର ଜେନାଙ୍କ ସମେତ ୬ଜଣ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କଣାସ ଥାନାରେ ଏକ ମାମଲା(ନଂ.୨୯୨/୨୫) ରୁଜୁ ହୋଇଥିବାବେଳେ ଅପରଗୋଷ୍ଠୀର କରୁଣାକର ଜେନା କରିଥିବା ପାଲଟା ଅଭିଯୋଗକୁ ଭିତ୍ତି ପୋଲିସ ଆଉ ଏକ ମାମଲା(ନଂ. ୨୯୩/୨୫) ରୁଜୁ କରିଛି। ଉଭୟ ମାମଲାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ କହିଛନ୍ତି।

# ଦୁଇ ଗୋଷ୍ଠୀ ମଧ୍ୟରେ ହଣାକଟା: ୪ ଗିରଫ

ପୁରୀ,୧୫।୧୨ (ଅଜିତ୍ କୁମାର ମହାନ୍ତି)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ଓ ହଣାକଟା ଘଟିଛି। ଏଥିରେ ଉଭୟ ପକ୍ଷର ୪ ଜଣଙ୍କୁ ବାସେଳିସାହି ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାସେଳିସାହି ଥାନା ଅଧୀନ ମାର୍କଣ୍ଡେଶ୍ୱର ସାହି ଅଞ୍ଚଳର ଅଖିଳ ନାୟକ(୨୩) ଓ ନିଖିଳ ନାୟକ(୨୫)। ଉଭୟ ଦୁଇଭାଇ। ପୋଲିସ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଭୁଜାଲି ଜବତ କରିଛି। ଏନେଇ ପୋଲିସ ଏକ କେସ୍ (ନଂ.୨୭୨/୨୫) ରୁଜୁ କରିଛି। ସୂଚନା ଅନୁଯାୟୀ, କୁମ୍ଭାରପଡ଼ା ଥାନା ଅଞ୍ଚଳର ଜ୍ୟୋତି ମହାପାତ୍ର ବାସେଳିସାହି ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କ ଭଣଜା ପ୍ରିୟାଂଶୁ ପଣ୍ଡା ଅଭିଯୁକ୍ତମାନଙ୍କ ନିକଟକୁ ଏକ ପୂର୍ବ ବିବାଦର ସମାଧାନ ପାଇଁ ଯାଇଥିଲେ। ସେଠାରେ ସେମାନଙ୍କ ସହ କଥା ହେବା ସମୟରେ ହଠାତ୍ ଅଖିଳ ଓ ନିଖିଳ ପ୍ରିୟାଂଶୁଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ପ୍ରିୟାଂଶୁଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ପୋଲିସ ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଉଭୟଙ୍କ ବିରୋଧରେ ପୂର୍ବରୁ ଥାନାରେ କେସ୍ ରହିଛି। ଅପରପକ୍ଷରେ ରୂପା ନାୟକ ଥାନରେ ଅଭିଯୋଗ କରିଛନ୍ତି ଯେ, ରାଜା ବେହେରା ଓ ତାଙ୍କ ବଡ଼ଭାଇ ଗୁଡୁ ବେହେରା ୭ରୁ ୮ଜଣ ଯୁବକଙ୍କୁ ନେଇ ଘର ନିକଟକୁ ଆସି ଅଖିଳଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଗ୍ରୀଲ ଗେଟ୍‌କୁ ଆକ୍ରମଣ କରିଥିଲେ। ପୋଲିସ ଏକ କେସ୍ (ନଂ. ୨୭୩/୨୫) ରୁଜୁ କରି ରାଜା ଓ ଗୁଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ଭୁଜାଲି, ଗନ ପାଉଡର ଓ କିଛି ବିସ୍ଫୋରକ ସାମଗ୍ରୀ ଜବତ କରିଛି।


**Government of Odisha, e-Procurement Notice**

INVITATION FOR BIDS (IFB)

Bid Identification No. C.C.E.Dkl. (R&B) 12/2025-26

Email Id - sedklpwd@gmail.com

Letter No. 2561/Dt. 09.12.2025

No.B-824 : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Road works as detailed below :

| | | |
|---|---|---|
| 1 | Name of the work | : Road works |
| 2 | No. of works | : 02 (Two) Nos. |
| 3 | Estimated cost | : **Rs. 4.97 Crore to 5.12 Crore (as given in column No. 03 of table)** |
| 4 | Cost of tender paper | : Rs. 10,000.00 |
| 5 | Class of contractor | : 'A' Class **(as given in column No. 07 of table)** |
| 6 | Period of completion of work | : 09 (Nine) Calendar months **(as given in column No. 08 of table)** |
| 7 | Date and time of availability of bid document in the website | : From Dt. 16.12.2025 to 05.00 P.M. of Dt. 30.12.2025 |
| 8 | Date of opening of bid | : Dt. 31.12.2025 at 11.00 A.M. |

The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal

OIPR-34132/11/0045/2526



**कार्यपालक अभियंता का कार्यालय, लघु सिंचाई प्रमण्डल, बोकारो**

शुद्धि पत्र

इस कार्यालय के पत्रांक 699 दिनांक 29.11.2025 एवं निविदा आमंत्रण सूचना सं0– **WRD/MID/BOKARO/ B.D/M.M.S. L.I-02/2025- 26** द्वारा आमंत्रित निविदा जिसका पी0 आर0 संख्या **367452** दिनांक 02.12.2025 (Minor Irrigation) 25-26 है, जिसमें निम्नलिखित संशोधित किया जाता है :–

(I) Date of Publication of Tender on website: 19.12.2025_2:00 P.M.

(ii) Last date/Time for receipt of bids online: 29.12.2025 Up to 2.00 P.M.

(iii) Date of Opening of Tender on website: 31.12.2025_3:00 P.M.

निविदा की अन्य नियम एवं शर्तें पूर्ववत् रहेंगें।

कार्यपालक अभियंता,
लघु सिंचाई प्रमण्डल, बोकारो

PR 368600 Minor Irrigation(25-26).D


# ଅଗ୍ନି ନିରାପତ୍ତା ନିୟମ ଯାଞ୍ଚ ପାଇଁ କଡ଼ା ନିର୍ଦ୍ଦେଶ

**ଆକ୍ସନ ମୋଡ୍‌ରେ ଅଗ୍ନିଶମ ବିଭାଗ, ବିଭିନ୍ନ ବାର୍ ଯାଞ୍ଚ**

କାକଟପୁର/ଅସ୍ତରଙ୍ଗ,୧୫।୧୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ୍)

ଆକ୍ସନ ମୋଡ୍‌ରେ ଅଗ୍ନିଶମ ବିଭାଗ। ଅଚାନକ ବିଭିନ୍ନ ମଦ ବାର୍‌ରେ ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚି ଯାଞ୍ଚ କରିଥିଲା। ଅଗ୍ନି ନିରାପତ୍ତା ଯନ୍ତ୍ର ସହ ନିୟମ ପାଳନ କରିବାକୁ ବିଭାଗ ତରଫରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଗୋଆର ଏକ ନାଇଟ୍ କ୍ଲବ୍‌ରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଦେଶବ୍ୟାପୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସେଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ୨୫ ଜଣ ପ୍ରାଣ ହରାଇଥିଲେ। ଗୋଆ ଘଟଣା ମନରୁ ନ ଲିଭୁଣୁ ଗତ ଶୁକ୍ରବାର ଭୁବନେଶ୍ୱରର ଏକ ହୁକା ବାର୍‌ରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଥିଲା। ଏଭଳି ସ୍ଥିତିରେ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଥିବା ହୋଟେଲ, ରେଷ୍ଟୁରାଣ୍ଟ ଅବା ବାର୍‌ରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିବାର ସୂଚନା ରବିବାର



ଅଗ୍ନିଶମ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି ।

'ଧରିତ୍ରୀ'ରେ ପ୍ରକାଶ ପରେ ଆକ୍ସନ ମୋଡ୍‌ରେ ଅସ୍ତରଙ୍ଗ ଅଗ୍ନିଶମ ବିଭାଗ। ସୋମବାର ପୂର୍ବାହ୍ନରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ୩ଟି ବାର୍ ମଧ୍ୟରୁ ୨ ବାର୍ ଓ ୧ଟି ବାର୍ ଆଣ୍ଡ ହୋଟେଲ ଲଜିଂ ଯାଞ୍ଚ କରିଥିଲେ। ଏହାସହ ଏକ ବିଦେଶୀ ମଦ ଦୋକାନରେ ଅଗ୍ନି ନିର୍ବାପକ ଯାଞ୍ଚ କରିଥିଲେ। ୩ ଜଣିଆ ସ୍ୱତନ୍ତ୍ର ଟିମ୍ ମଧ୍ୟରେ ଅସ୍ତରଙ୍ଗ ଅଗ୍ନିଶମ ବିଭାଗର ଷ୍ଟେଶନ ଅଧିକାରୀ ପ୍ରହଲ୍ଲାଦ ରାୟ, ହାବିଲ୍‌ଦାର ଅଟଳ ବିହାରୀ ମହାନ୍ତି, ଅଗ୍ନିକ ଇନ୍ଦ୍ରଜିତ୍ ସାହୁ ରହିଥିଲେ। ଯାଞ୍ଚ ସମୟରେ ଦେଖିଥିଲେ ୩ଟି ବାର୍‌ରେ ଅଗ୍ନିଶମ ବିଭାଗ ନିୟମ ଅନୁସାରେ କୌଣସି ସରଞ୍ଜାମ ନାହିଁ। ୭ ଦିନ ମଧ୍ୟରେ ଅଗ୍ନି ନିର୍ବାପକ ସରଞ୍ଜାମ ସହ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ୭ ଦିନରେ ଥରେ ଯାଞ୍ଚ ହେବ ବୋଲି ଷ୍ଟେଶନ ଅଧିକାରୀ ରାୟ ସୂଚନା ଦେଇଥିଲେ। ତଦନ୍ତ ରିପୋର୍ଟ ଜିଲା ଏଏଫ୍‌ଓଙ୍କୁ ଦିଆଯିବ ବୋଲି କହିଥିଲେ। ଅନ୍ୟପଟେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, କେଉଁଠି ଅଗ୍ନି ସୁରକ୍ଷା ପ୍ରମାଣପତ୍ର ଅଛି, ଆଉ କେଉଁଠି ନାହିଁ, ଯେଉଁଠି ନାହିଁ ସେଠାରେ ସମ୍ପୃକ୍ତ କର୍ତ୍ତୃପକ୍ଷ ଅବକାରୀ ବିଭାଗକୁ ଜଣାଇ ଦିଆଯିବ।

# ଶ୍ରୀବିଶ୍ୱନୟନ ଐଶ୍ୱରୀୟ ପରିଷଦର ସପ୍ତମ ବାର୍ଷିକ ମହୋତ୍ସବ

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀବିଶ୍ୱନୟନ ଐଶ୍ୱରୀୟ ପରିଷଦର ସପ୍ତମ ବାର୍ଷିକ ମହୋତ୍ସବ ଜିଲା ସଂସ୍କୃତି ଭବନ ଠାରେ ପାଳିତ ହୋଇଛି। ଏହି ଅବସରରେ ପୁସ୍ତକ ଉନ୍ମୋଚନ, ସାରସ୍ୱତ ପ୍ରତିଭା ସମ୍ବର୍ଦ୍ଧନା ଓ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରର ପ୍ରସଙ୍ଗ ଥିଲା 'ବିଶ୍ୱନୟନ ଓ ବିଶ୍ୱ ପ୍ରେମ'। ପରିଷଦର ସଭାପତି ଡାକ୍ତର ସୌମ୍ୟକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପରିଷଦର ମୁଖପତ୍ର ବିଶ୍ୱନୟନ ଓ ସମ୍ପାଦିକା ତୃପ୍ତି ପଣ୍ଡାଙ୍କ ପ୍ରବନ୍ଧ ସଙ୍କଳନ 'ମଣିଷ ଖୋଜିବାରେ ବେଳ' ଉନ୍ମୋଚନ ହୋଇଥିଲା। ରାଧାବଲ୍ଲଭ ମଠ ମହନ୍ତ ଶ୍ରୀନିବାସ ଦାସମହାରାଜ



ମହୋତ୍ସବକୁ ଉଦ୍‌ଘାଟନ କରି କହିଥିଲେ, ଆମ ସଂସ୍କୃତି ଜଗନ୍ନାଥ ସଂସ୍କୃତି, ଆମର ଲକ୍ଷ୍ୟ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବା ଓ ଏହି ଦିଗରେ ଶ୍ରୀବିଶ୍ୱନୟନ ଟ୍ରଷ୍ଟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରୁଛି। ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ଧର୍ମ ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଏକମାତ୍ର ସଂସ୍କୃତି, ଯେଉଁଠାରେ ବିଶ୍ୱପ୍ରେମ ଓ ବିଶ୍ୱ ଭାତୃତ୍ୱର ନିଦର୍ଶନ ଦେଖିବାକୁ ମିଳେ ବୋଲି ସେ କହିଥିଲେ। ମହିମା ଧର୍ମ ପ୍ରଚାରକ ଓ ସଂସ୍କାରକ ଅମିତ୍ କୁମାର ଜେନା ଯୋଗଦେଇ ତାଙ୍କ ବକ୍ତବ୍ୟରେ ମାତାପିତା, ଗୁରୁ ଗୁରୁଜନଙ୍କ ପ୍ରତି ପିଲାମାନଙ୍କର ଭକ୍ତି ଓ ଭଲପାଇବା କମିଯାଉଛି। ଗାଁ ଗାଁ ବୁଲି ଲୋକମାନଙ୍କ ମଧ୍ୟରେ ଚେତନା ଆଣିବା ନିହାତି ଜରୁରୀ ବୋଲି ସେ ପ୍ରକାଶ କରିଥିଲେ। ଡ. ଦେବେନ୍ଦ୍ର ନାଥ ତରେଇ, ଡ. ପ୍ରଭାତ କୁମାର ମହାପାତ୍ର ଏବଂ ଅଧ୍ୟାପକ ପଣ୍ଡିତ ପ୍ରଶାନ୍ତ କୁମାର ଶତପଥି ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦିକା ତୃପ୍ତି ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଶିକ୍ଷାବିତ୍ ଶିବ ସୁନ୍ଦର ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ସମ୍ବର୍ଦ୍ଧନା ସମାରୋହକୁ ଶ୍ୟାମପ୍ରକାଶ ସେନାପତି ଓ ପ୍ରସନ୍ନ ପଣ୍ଡା ସଞ୍ଚାଳନ କରିଥିଲେ। ମୋହନ ମହାରଣା ଧନ୍ୟବାଦ ଦେଇଥିଲେ। ଡ. ତପନ କୁମାର ଦାଶ ଓ ଶିବ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
**JUIDCO Bhawan, Kutchery Road, Ranchi-834001, Jharkhand.**
**Ph No.: +91-651-2225878,**
**CIN: U45200JH2013SGC001752, e-mail Id-juidcolimited@gmail.com**

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1
This is for information of all the bidders that following Corrigendum is being made in tender for **"Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand".**
The bidders are advised to take into account the following Corrigendum before submission of their bids against this tender.

**Corrigendum - 1**

| Sl. No. | Bid Document Ref. | Description | As per NIT | As per Corrigendum 1 |
|---|---|---|---|---|
| 1. | NIT | Last Date & Time of submission of Bid, Tender Fee and EMD online | 16.12.2025 at 17:00 Hrs | 24.12.2025 at 17:00 Hrs |
| 2. | | Date & Time of Bid Opening | 17.12.2025 at 17:00 Hrs | 26.12.2025 at 17:00 Hrs |

Note: Other terms and conditions remain unchanged.

Sd/-
Project Director (Technical)
JUIDCO Ltd.

PR 368643 Urban Development(25-26).D

# ବିମାନ ବିଭ୍ରାଟ

ବିଶ୍ୱ ବିମାନ ଚଳାଚଳ କ୍ଷେତ୍ର ପାଇଁ ୨୦୨୫ ଏକ କଳଙ୍କିତ ବର୍ଷ ଥିଲା। ଆଲୋଚ୍ୟ ବର୍ଷରେ ଭାରତ ସମେତ ଆମେରିକା ଓ ରୁଷିଆରେ ୯ ବିମାନ ଦୁର୍ଘଟଣାରେ ୪୦୪ ଜଣଙ୍କ ପ୍ରାଣହାନି ଘଟିଥିଲା। ସେମାନଙ୍କ ମଧ୍ୟରୁ ୨୬୦ ଜଣଙ୍କ ମୃତ୍ୟୁ କେବଳ ଅହମଦାବାଦ ବିମାନ ଦୁର୍ଘଟଣାରେ ହୋଇଥିଲା। ପୂର୍ବରୁ ବିମାନ ଯାତ୍ରାକୁ ଯାତ୍ରୀ ପରିବହନର ଏକ ସୁରକ୍ଷିତ ମାଧ୍ୟମ ବୋଲି ବିବେଚନା କରାଯାଉଥିବାବେଳେ ବିଦାୟୀ ବର୍ଷ ଏହି ଧାରଣାକୁ ଭୁଲ୍ ପ୍ରମାଣିତ କରିଥିଲା। ଏହାବାଦ୍ ବିମାନ ସେବା ପ୍ରଦାନ କ୍ଷେତ୍ରରେ ଇଣ୍ଡିଗୋ ସଙ୍କଟ ଭାରତରେ ଅଭୂତପୂର୍ବ ଅଚଳାବସ୍ଥା ସୃଷ୍ଟି କରିଥିଲା। ଅହମଦାବାଦ ଏୟାରକ୍ରାଫ୍ଟ କ୍ରାଶ୍ ଏବଂ ବର୍ଷ ଶେଷ ଆଡ଼କୁ ଇଣ୍ଡିଗୋ କ୍ରାଇସିସ୍ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

## ୩୨ ସେକେଣ୍ଡରେ ୨୬୦ମୃତ





ଜୁନ୍ ୧୨ରେ ଗୁଜରାଟର ଅହମଦାବାଦରେ ଭାରତ ଦେଖିଥିଲା ଦେଶର ଇତିହାସରେ ସବୁଠୁ ଭୟଙ୍କର ବିମାନ ଦୁର୍ଘଟଣା। ଅପରାହ୍ନ ୧ଟା ୩୯ ମିନିଟ୍‌ରେ ସର୍ଦ୍ଦାର ବଲ୍ଲଭଭାଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବ୍ରିଟେନ୍‌ର ଗଟ୍‌ୱିକ୍ ଏୟାରପୋର୍ଟ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ବୋଇଂ ୭୮୭-୮ ଡ୍ରିମ୍‌ଲାଇନର। କିନ୍ତୁ ଉଡ଼ାଣର ମାତ୍ର ୩୨ ସେକେଣ୍ଡ ମଧ୍ୟରେ ଏହା ବି.ଜେ. ମେଡିକାଲ କଲେଜର ହଷ୍ଟେଲ ବ୍ଲକ୍ ଉପରେ ଖସିପଡ଼ିଥିଲା। ଫଳରେ ବିମାନରେ ଥିବା ୨୪୨ ଯାତ୍ରୀଙ୍କ ମଧ୍ୟରୁ ୨୪୧ ଜଣଙ୍କ ମୃତ୍ୟୁ ଘଟିଥିଲା। ସୌଭାଗ୍ୟବଶତଃ ଜଣେ ଯାତ୍ରୀ ଏମର୍ଜେନ୍ସି ଡୋର୍ ଦେଇ ତଳକୁ ଡେଇଁ ବର୍ତ୍ତିଯାଇଥିଲେ। ହଷ୍ଟେଲ ସମ୍ପୂର୍ଣ୍ଣ ଧରାଶାୟୀ ହୋଇଯାଇଥିବାବେଳେ ସେଠାରେ ଥିବା ୧୯ ଛାତ୍ରୀଛାତ୍ର ମଧ୍ୟ ପ୍ରାଣ ହରାଇଥିଲେ। ଏହି ଘାତକ ଦୁର୍ଘଟଣା ପରେ ଦେଶରେ ବିମାନ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିଲା। ଦ୍ୱୈତ ଇଞ୍ଜିନ୍‌କୁ ଇନ୍ଧନ ତୈଳ ଯୋଗାଣ ପାଇଁ ଉଦ୍ଦିଷ୍ଟ ବଟନ୍ ହଠାତ୍ ରନ୍ ମୋଡ୍‌ରୁ କଟ୍‌ଅଫ୍ ମୋଡ୍‌କୁ ଚାଲିଯାଇ ବନ୍ଦ ହୋଇଯିବାରୁ କକ୍‌ପିଟ୍ ନିୟନ୍ତ୍ରଣ ବ୍ୟବସ୍ଥା ବିଫଳ ହୋଇଥିବା ନେଇ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋର ପ୍ରାଥମିକ ତଦନ୍ତରୁ ଜୁଲାଇ ୧୨ରେ ଜଣାପଡ଼ିଥିଲା। ଏହି ବିମାନ ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ବିଜୟ ରୂପାନୀଙ୍କ ପରଲୋକ ହୋଇଥିବାବେଳେ ଖସିଥିବା ସ୍ଥାନରେ ଅନେକେ ଆହତ ହୋଇଥିଲେ।

## ଆମେରିକା ବିମାନ-ହେଲିକପ୍ଟର ଧକ୍କା ୬୭ ମୃତ



ଜାନୁଆରୀ ୨୯ରେ ଆମେରିକାନ୍ ଏୟାରଲାଇନ୍ସର ଇଗଲ୍ ଫ୍ଲାଇଟ୍ ୫୩୪୨ ରୂପେ ନିୟୋଜିତ ସେନାର ଏକ ଯୁଦ୍ଧବିମାନ ସହ ଏକ ଆର୍ମି ସିକୋର୍ସ୍କି ୟୁଏସ୍-୬୦ ହେଲିକପ୍ଟର ଧକ୍କା ହୋଇଥିଲା। ରାତି ୮ଟା ୪୭ରେ ଭର୍ଜିନିଆର ରୋନାଲ୍ଡ ରେଗାନ୍ ୱାଶିଂଟନ୍ ନ୍ୟାଶନାଲ ଏୟାରପୋର୍ଟରେ ଅବତରଣର କିଛି ସମୟ ପୂର୍ବରୁ ଘଟିଥିବା ଏହି ଦୁର୍ଘଟଣାରେ ଉଭୟ ଏୟାରକ୍ରାଫ୍ଟରେ ଥିବା ସମସ୍ତ ୬୭ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରେ ୨ ଭାରତୀୟ ବଂଶୋଦ୍ଭବଙ୍କ ସମେତ ୬୪ ଯାତ୍ରୀ ଥିବାବେଳେ ୩ ଜଣ କ୍ରିଉ ମେମ୍ବର ଥିଲେ। ବିମାନ ଓ ହେଲିକପ୍ଟର ଦୁର୍ଘଟଣା ପରେ ପୋଟୋମାକ୍ ନଦୀରେ ଖସିପଡ଼ିଥିବାରୁ ରାତିରେ ଉଦ୍ଧାର କାର୍ଯ୍ୟ ବିଳମ୍ବିତ ହୋଇଥିଲା। ୨୦୦୧ ପରେ ଆମେରିକାରେ ଏହା ଥିଲା ସବୁଠୁ ଘାତକ ବିମାନ ଦୁର୍ଘଟଣା। ସେହିପରି ୨୦୦୯ ପରେ ପ୍ରଥମ ଥର ପାଇଁ ଦେଶର କୌଣସି କମର୍ସିଆଲ ପାସେଞ୍ଜର ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେଣୁ ଫେଡେରାଲ ଆଭିଏଶନ୍ ଏଜେନ୍ସି (ଏଫ୍ଏଏ)କୁ ନ୍ୟାଶନାଲ ଟ୍ରାନ୍ସପୋର୍ଟ ସେଫ୍ଟି ବୋର୍ଡ (ଏନ୍‌ଟିଏସ୍‌ବି) ପକ୍ଷରୁ ବିମାନ ଚଳାଚଳ କ୍ଷେତ୍ରରେ ଅନେକ ସୁରକ୍ଷା ପରାମର୍ଶ ଦିଆଯାଇଥିଲା। ଏହି ବିମାନ ଦୁର୍ଘଟଣାର ପୁନରାବୃତ୍ତି ଏଡ଼ାଇବା ପାଇଁ ଆମେରିକାରେ କେତେକ ସୁରକ୍ଷାତ୍ମକ ପଦକ୍ଷେପ ନିଆଯାଇଛି।

## ସମୁଦ୍ରରେ ଖସିଲା ଚାର୍ଟାର୍ଡ ଫ୍ଲାଇଟ୍ ୧୨ ମୃତ

କେନ୍ଦ୍ରୀୟ ଆମେରିକୀୟ ରାଷ୍ଟ୍ର ହୋଣ୍ଡୁରାସ୍‌ରେ ମାର୍ଚ୍ଚ ୧୭ରେ ଏକ ଘାତକ ବିମାନ ଦୁର୍ଘଟଣା ଘଟିଥିଲା। ଏରୋଲିନିଆ ଲାନ୍‌ଶା ଫ୍ଲାଇଟ୍ ୦୧୮ ଜୁଆନ୍ ମାନୁଏଲ୍ ଗଲ୍‌ଭେଜ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ଗୋଲୋସନ୍ ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ଯାତ୍ରା କରୁଥିବାବେଳେ ଉଡ଼ାଣର କିଛି ସମୟ ପରେ ସମୁଦ୍ରରେ ଖସିପଡ଼ିଥିଲା। ବିମାନରେ ଥିବା ୧୭ ଯାତ୍ରୀଙ୍କ ମଧ୍ୟରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ୧ କି.ମି. ଦୂରରେ ଏହାର ଭଗ୍ନାବଶେଷ ଠାବ ହୋଇଥିଲା।



## ଥାଇଲାଣ୍ଡ ବିମାନ ଦୁର୍ଘଟଣା ୬ ମୃତ

ରୟାଲ ଥାଇ ପୋଲିସ ୱିଙ୍ଗ୍‌ର ଏକ ବିମାନ ହୁଆ ହିନ୍ ଏୟାରପୋର୍ଟରୁ ଏପ୍ରିଲ୍ ୨୫ରେ ଉଡ଼ାଣ ଆରମ୍ଭ କରିବା ମାତ୍ରେ ସମୁଦ୍ରରେ ଖସିପଡ଼ିଥିଲା। ଏଚ୍‌ଡିସି-୬-୪୦୦ ପାରାଚ୍ୟୁଟ୍ ଟ୍ରେନିଂ ପାଇଁ ପ୍ରସ୍ତୁତି ଚଳାଇବା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ୩ ପାଇଲଟ୍ ଓ ୩ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ବିମାନଟି ଉପକୂଳଠାରୁ ୧୦୦ ମିଟର ସମୁଦ୍ର ଭିତରେ ଖସିପଡ଼ି ୨ ଖଣ୍ଡ ହୋଇଯାଇଥିଲା। ୫ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ହସ୍ପିଟାଲରେ ପ୍ରାଣ ହରାଇଥିଲେ।

## ରୁଷିଆ: ୪୮ ମୃତ

ଜୁଲାଇ ୨୪ରେ ରୁଷିଆର ଏକ ଯାତ୍ରୀବାହୀ ବିମାନ ଚାଇନା ସୀମାବର୍ତ୍ତୀ ଟିଣ୍ଡା ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୫ ଛୋଟ ପିଲାଙ୍କ ସମେତ ସମସ୍ତ ୪୮ ଜଣଙ୍କ ମୃତ୍ୟୁ ଘଟିଥିଲା। ସାଇବେରିଆର ଆଙ୍ଗାରା ଏୟାରଲାଇନ୍ସ ପରିଚାଳିତ ଆଣ୍ଟୋନୋଭ୍ ଏଏନ୍-୨୪ ବିମାନଟି ସୋଭିଏଟ୍ ଅମଳର। ୫୦ ବର୍ଷ ପୁରୁଣା ଏହି ଏୟାରକ୍ରାଫ୍ଟ ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କରୁଥିବାବେଳେ ରାଡାରରେ ଅଦୃଶ୍ୟ ହୋଇଯାଇଥିଲା। କମ୍ ଦୃଶ୍ୟମାନ ହେଉଥିବାରୁ ପାଇଲଟ୍ ବିମାନ ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କଲାବେଳେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଉଦ୍ଧାରକାରୀ ଟିମ୍ ବିମାନର ଜଳିଯାଇଥିବା ଫୁଜ୍‌ଲେଜ୍‌ର ବିଭିନ୍ନ ଅଂଶକୁ ଠାବ କରିବା ପରେ ପାଇଲଟଙ୍କ ତ୍ରୁଟି କିମ୍ବା ବୈଷୟିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥିବା କୁହାଯାଇଥିଲା।



## ଉଡ଼ାଇଦେବାକୁ ଧମକ, ଉଡ଼ାଣ ବାତିଲ

ବାସ୍ତବ ହେଉ କି ଗୁଜବ, କୌଣସି ଫ୍ଲାଇଟ୍‌କୁ ବୋମା ବିସ୍ଫୋରଣରେ ଉଡ଼ାଇଦେବାକୁ ଧମକ ମିଳିଲେ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ପାଇଁ ତାହା ଚିନ୍ତାର କାରଣ ହୋଇଥାଏ। ୨୦୨୫ରେ ଭାରତରେ ଏଭଳି ବହୁ ସଂଖ୍ୟକ ବିମାନକୁ ଇ-ମେଲ୍ ଓ ମୋବାଇଲ ମେସେଜ୍ ଜରିଆରେ ବୋମା ଧମକ ମିଳିଥିଲା। ଫଳରେ ବିମାନ ଯାତ୍ରୀଙ୍କ ସୁରକ୍ଷା ପାଇଁ ବିପଦ ଆଶଙ୍କା ସୃଷ୍ଟି ହୋଇଥିଲା। ଏୟାରପୋର୍ଟ ପୋଲିସ ଓ ଜାତୀୟ ସୁରକ୍ଷା ଏଜେନ୍ସିର ତତ୍କାଳ ତତ୍ପରତା ସତ୍ତ୍ୱେ ବିମାନ ଉଡ଼ାଣ ରଦ୍ଦ କିମ୍ବା ବାତିଲ କରାଯାଇଥିଲା। ଏହା ଦେଶର ଆଭିଏଶନ୍ ସେକ୍ଟର ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଥିଲା। ଏପ୍ରିଲରେ ଲଣ୍ଡନ୍-ଅହମଦାବାଦ ଫ୍ଲାଇଟ୍‌ରେ ଏକ ଧମକପୂର୍ଣ୍ଣ ପତ୍ର ମିଳିବା ପରେ ଯାଞ୍ଚ କରାଯାଇଥିଲା। କିନ୍ତୁ ସେଠାରୁ କୌଣସି ବିସ୍ଫୋରକ ଉପକରଣ ମିଳି ନ ଥିଲା। ଜୁନ୍‌ରେ ଏୟାର ଇଣ୍ଡିଆର ଏକ ଫ୍ଲାଇଟ୍ ବର୍ମିଂହାମ୍‌ରୁ ଦିଲ୍ଲୀ ଆସିବା ପୂର୍ବରୁ ବୋମା ଧମକ ମିଳିବାରୁ ତାକୁ ରିୟାଧକୁ ଡାଇଭର୍ଟ କରାଯାଇଥିଲା। ନଭେମ୍ବରରେ ମୁମ୍ବାଇରୁ ବାରାଣସୀ ଅଭିମୁଖେ ଯାତ୍ରା କରୁଥିବା ଏକ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌କୁ ମଧ୍ୟ ଅନୁରୂପ ଧମକ ମିଳିଥିଲା। ସେହିପରି ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ବିମାନବନ୍ଦରକୁ ଉଡ଼ାଇଦେବା ନେଇ ଧମକ ମିଳିଥିଲେ ମଧ୍ୟ ବାସ୍ତବରେ ସେସବୁ ଗୁଜବ ବୋଲି ପୋଲିସ ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଥିଲା।

## କୋଠା ଉପରେ ଖସିପଡ଼ିଲା ଏୟାର ଆମ୍ବୁଲାନ୍ସ

ଜାନୁଆରୀ ୩୧ରେ ଆମେରିକାର ଉତ୍ତରପୂର୍ବ ଫିଲାଡେଲ୍‌ଫିଆ ବିମାନବନ୍ଦରରୁ ଏକ ଏୟାର ଆମ୍ବୁଲାନ୍ସ ଟିଜୁଆନା ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ଅଭିମୁଖେ ଇନ୍ଧନ ଭର୍ତ୍ତି କରିବାକୁ ଯାଉଥିଲା। ମେଡ୍ ଜେଟ୍ସ ଫ୍ଲାଇଟ୍ ୦୫୬ ଉଡ଼ାଣର କିଛି ସମୟ ପରେ କାଷ୍ଟୋର ଗାର୍ଡେନ୍ସ ନିକଟରେ କୋଠା ଉପରେ ଖସିପଡ଼ିଥିଲା। ଫଳରେ ବିମାନରେ ଥିବା ଜଣେ ରୋଗୀଙ୍କ ସମେତ ସମସ୍ତ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଯେଉଁ କୋଠାଗୁଡ଼ିକୁ ଧକ୍କା ଦେଇଥିଲା, ସେଠାରେ ଥିବା ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୩ ଜଣ ଆହତ ହୋଇଥିଲେ। ସେହି ସମୟରେ ବିମାନ ସହ କୋଠାଗୁଡ଼ିକ ଜଳିଯାଉଥିବାର ଦୃଶ୍ୟ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।



## ଇଣ୍ଡିଗୋ ସଙ୍କଟ




ନଭେମ୍ବର ଶେଷରୁ ଡିସେମ୍ବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଦେଖିବାକୁ ମିଳିଥିଲା ସବୁଠୁ ବଡ଼ ଅଚଳାବସ୍ଥା। ଦେଶର ସର୍ବବୃହତ୍ ଘରୋଇ ବିମାନ କମ୍ପାନୀ ଇଣ୍ଡିଗୋ ଏୟାରଲାଇନ୍ସରେ ଫ୍ଲାଇଟ୍ ଓ କର୍ମଚାରୀ ପରିଚାଳନାକୁ ନେଇ ଅଭୂତପୂର୍ବ ସଙ୍କଟ ଉପୁଜିଥିଲା। ଅପରେଶନାଲ ଫେଲ୍ୟୁୟର ଯୋଗୁ ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁ ସମେତ ଦେଶର ବିଭିନ୍ନ ବିମାନବନ୍ଦରରେ ବିମାନଗୁଡ଼ିକ ଚଳାଚଳ କରି ପାରି ନ ଥିଲା। ବିଶେଷକରି ଡିସେମ୍ବର ୨ରେ ଫସିରହିଥିବା ଯାତ୍ରୀମାନେ ଏୟାରପୋର୍ଟଗୁଡ଼ିକରେ ସେଲ୍ଫି ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଏହି ଅସୁବିଧା ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କିଏ ବିବାହରେ ଯୋଗଦେଇ ପାରି ନ ଥିଲେ ତ ଆଉ କିଏ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଶେଷ ସମୟରେ ଫ୍ଲାଇଟ୍ କ୍ୟାନ୍‌ସଲ ହେବାରୁ ଯାତ୍ରୀମାନେ ବିକଳ୍ପ ଏୟାରଲାଇନ୍ ବିମାନରେ ଯାତ୍ରା କରିବା ପାଇଁ ବହୁଗୁଣ ଅଧିକ ଅର୍ଥ ଖର୍ଚ୍ଚକରି ଚଢ଼ାଦରରେ ଟିକେଟ କିଣିବାକୁ ବାଧ୍ୟ ହୋଇଥିଲେ। ଏପରି କି ସିଟିଗୁଡ଼ିକରେ ଯାତ୍ରୀଙ୍କ ରହଣି ବଢ଼ୁଥିବା ଦେଖି ରେଷ୍ଟୁରାଣ୍ଟ ମାଲିକମାନେ ମଧ୍ୟ ରାତାରାତି ରୁମ୍ ଭଡ଼ା ବଢ଼ାଇ ଦେଇଥିଲେ। ଏହି ସଙ୍କଟରୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ବିଫଳତା ଧରାପଡ଼ିଯାଇଥିଲା। ବିରୋଧୀ ଦଳଗୁଡ଼ିକ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବା ପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଇଣ୍ଡିଗୋକୁ ୧୦% ଫ୍ଲାଇଟ୍ ଉଡ଼ାଣ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲା। ଭାରତ ଭଳି ଏକ ଉଦୀୟମାନ ଆଭିଏଶନ୍ ମାର୍କେଟରେ ଇଣ୍ଡିଗୋ ସଙ୍କଟ ଏୟାରଲାଇନ୍ ଅପରେଶନ କ୍ଷେତ୍ରରେ ରହିଥିବା ମାନବସମ୍ବଳ ଓ ରକ୍ଷଣାବେକ୍ଷଣଜନିତ ଚାପର ଦୁର୍ବଳ ଦିଗକୁ ଉଜାଗର କରିଥିଲା।



## ନିଖୋଜ ବିମାନ ଭଗ୍ନାବଶେଷ ଠାବ: ୧୦ ମୃତ

ଫେବୃଆରୀ ୬ରେ ଆମେରିକାର ଆଲାସ୍କାରେ ବେରିଙ୍ଗ୍ ଏୟାର୍ ଅଫ୍ ନୋମ୍ ପରିଚାଳିତ ଏକ ବିମାନ ନିଖୋଜ ହୋଇଯାଇଥିଲା। ଫ୍ଲାଇଟ୍ ୪୪୫ ଉନାଲାକ୍ଲିଟ୍‌ରୁ ନୋମ୍ ଏୟାରପୋର୍ଟକୁ ଯାଉଥିବାବେଳେ ରାଡାରରୁ ହଠାତ୍ ଉଭାନ ହୋଇଯାଇଥିଲା। ଏହାର ଦିନକ ପରେ ବିମାନର ଭଗ୍ନାବଶେଷ ଠାବ ହୋଇଥିଲା। ଏହି ଦୁର୍ଘଟଣାରେ ସମସ୍ତ ୧୦ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।



# ନିମ୍ନମାନର କାର୍ଯ୍ୟ, ଉଠିଯାଉଛି ପିଚୁ

**ବେଗୁନିଆ,୧୫।୧୨(ହର ପ୍ରସନ୍ନ ପଣ୍ଡା)**

ପଥଚାରୀଙ୍କ ସୁରକ୍ଷିତ ଗମନାଗମନ ପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନାରେ ରାସ୍ତା ମରାମତି ଏବଂ ନୂତନ ନିର୍ମାଣ କାର୍ଯ୍ୟ କରାଯାଉଛି। ହେଲେ ନିର୍ମାଣ କାର୍ଯ୍ୟ ପରିଚାଳନା ଓ ଗୁଣବତ୍ତା ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେଉଥିବା ପରିଲକ୍ଷିତ ହୋଇଛି। ଏଭଳି ଦୃଶ୍ୟ ବାଘମାରୀ-ଦେଗପଲ୍ଲା ୪୮ନମ୍ବର ରାଜ୍ୟ ରାଜପଥରେ ଦେଖିବାକୁ ମିଳିଛି। ଏହାର ନୂତନ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭରୁ ବିଳମ୍ବ ଓ ନିମ୍ନମାନର ହୋଇଥିବା ନେଇ ଜନ ଅସନ୍ତୋଷ ଦେଖାଦେଇଥିଲା। ତେବେ ପିଚୁ କାର୍ଯ୍ୟ ଶେଷ ହେବାର ୧୦ଦିନ ପରେ ଏକାଧିକ ସ୍ଥାନରେ ଗୋଡ଼ି ଉଠି ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ପୂର୍ତ୍ତ ବିଭାଗ ଏବଂ ଠିକାଦାରଙ୍କୁ ଲୋକେ ସେତେବେଳେ ଦାୟୀ କରୁଥିଲେ। ଏବେ ପୁଣି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ମରାମତି କାର୍ଯ୍ୟ ଜାରି ରହିଥିବା ବେଳେ ପୁଣି କେତେକ ସ୍ଥାନରୁ ପିଚୁ ଉଠିବା ଆରମ୍ଭ ହେଲାଣି। ତେବେ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ରାସ୍ତାରୁ ପିଚୁ ଉଠିଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି।



ରାସ୍ତା ମରାମତି କରାଯାଉଛି।

ସୂଚନାଥାଉ କି, ଓଡ଼ିଶା ସରକାରଙ୍କ ପୂର୍ତ୍ତବିଭାଗ ଅଧୀନ (ନିର୍ମାଣ ବିଭାଗ) ଆନୁକୂଲ୍ୟରେ ନୂତନ ଭାବେ ଉନ୍ନତୀକରଣ କାର୍ଯ୍ୟ ଗତ ଦୁଇ ବର୍ଷ ତଳେ ଆରମ୍ଭ ହୋଇଥିଲା। ରାଜ୍ୟ ପାଣ୍ଠିରୁ ପ୍ରକଳ୍ପ ଖର୍ଚ୍ଚ ଅଟକଳ ୧୮.୧ କୋଟି ମୂଲ୍ୟରେ ଅନୁଦାନ ମିଳିଥିଲା। ବାଘମାରୀ -ଗଣିଆ-ଦଶପଲ୍ଲା ଭାୟା କଣ୍ଟିଲୋ ଦେଇ ରାସ୍ତା ଉନ୍ନତୀକରଣ କରାଯିବ ବୋଲି ଧାର୍ଯ୍ୟ କରାଯାଇଥିଲା। ହେଲେ ବାଘମାରୀଠାରୁ ଆରମ୍ଭ ହୋଇ ମଧୁଆପଲ୍ଲୀ ଛକ ପର୍ଯ୍ୟନ୍ତ ୧୬କିମି ପାଇଁ ଠିକାଦାର ଚୟନ କରାଯାଇଥିଲା। ରାସ୍ତା ପ୍ରଶସ୍ତୀକରଣ ଓ ବଜାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଡ୍ରେନେଜ ନିର୍ମାଣ ପାଇଁ ୯.୪୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ଯାହାର ଅବଧି ୧୦.୧.୨୦୨୪ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ନିର୍ଦ୍ଧାରିତ ଅବଧି ସମୟର ଦେଢ଼ ମାସ ଗଡ଼ିଯାଇଥିଲେ ମଧ୍ୟ କାର୍ଯ୍ୟ ବିଳମ୍ବକୁ ନେଇ ଉକ୍ତ ସମୟରେ ପ୍ରତିବାଦ ହୋଇଥିଲା। ଏପରିକି ଉକ୍ତ ପିଚୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୧୦ଦିନ ପରେ ଏକାଧିକ ସ୍ଥାନରେ ପିଚୁ ଉଠି ଗର୍ତ୍ତ ସୃଷ୍ଟି ହେଲାଣି। ଧଳାପଥର, ଗେଡ଼ିଆପଲ୍ଲି, କଡ଼ାମଲ୍ଲ ଏବଂ କୋଇଁପଳେଇ ଛକ ନିକଟରେ ବହୁଟି ବିଛାଇ ମରାମତି କାର୍ଯ୍ୟ ଜାରି ରହିଛି। ସେହିପରି ଗୋବିନ୍ଦପୁର, ବଡ଼ବେରଣା, ସିମୋର ଏବଂ ବାଘମାରୀ ଛକ ନିକଟରେ ପିଚୁ ଉଠି ରାସ୍ତା ଉପରେ ଗୋଡ଼ି ଗଡ଼ୁଛି। ଅପରପକ୍ଷରେ ବଜାରରେ ଆବଶ୍ୟକତା ଦୃଷ୍ଟିରୁ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ ନିର୍ମାଣ ପାଇଁ ଅନୁଦାନ ମିଳିଥିଲା। ହେଲେ ନୂତନ ଡ୍ରେନେଜ ନିର୍ମାଣ ନ ହେବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଏମାନେ ଯାହା କୁହନ୍ତି...

"ରାସ୍ତାରେ ପଥଚାରୀ ସୁବିଧାରେ ଯାତାୟାତ ପାଇଁ ସରକାର ଅନେକ ଯୋଜନାରେ ଅର୍ଥ ବିନିଯୋଗ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଏବଂ ଠିକାଦାରଙ୍କ ଲାଭଖୋର ମାନସିକତା ଯୋଗୁ ପଥଚାରୀମାନେ ଦୁର୍ଭୋଗ ଭୋଗୁଛନ୍ତି।

**-ଦିଲୀପ ମହାପାତ୍ର, ସାମାଜିକ କର୍ମୀ**

"ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ହେଉ କିମ୍ବା ରାଜପଥ ଓ ରାଜ୍ୟ ସଡ଼କ ପଥ ନିର୍ମାଣ କାର୍ଯ୍ୟ ପାଇଁ ସରକାରଙ୍କ ଗୁଣବତ୍ତା ବିଭାଗ ପକ୍ଷରୁ ଲାବରେଟୋରିଆନ ଜରିଆରେ କାର୍ଯ୍ୟର ମାନ ଯାଞ୍ଚ କରାଯିବାର ବ୍ୟବସ୍ଥା ଓ ନିୟମ ରହିଛି। ହେଲେ ଯେକୌଣସି ରାସ୍ତାକୁ ମରାମତି କିମ୍ବା ନୂତନ ନିର୍ମାଣ କାର୍ଯ୍ୟ ଜାରି ରହୁଛି। ସେହି ସମୟରେ ଉପଯୁକ୍ତ ପରିଚାଳନା କରାଯାଉ ନାହିଁ କି ଠିକ୍ ଭାବେ ତଦାରଖ କରାଯାଉନାହିଁ। ଫଳରେ ଅନୁଦାନ ମିଳୁଥିବା କୋଟି କୋଟି ଟଙ୍କା ପାଣିରେ ପଡୁଛି।

**-ଅକ୍ଷୟ ରଥ, ବରିଷ୍ଠ ନାଗରିକ**

"ଏହି ରାସ୍ତା ନୂତନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବା ସମୟରେ ବିଧିବଦ୍ଧ ଭାବେ ତଦାରଖ କରାଯାଇଥିଲା। ନିମ୍ନମାନର କାର୍ଯ୍ୟକୁ ନେଇ ଅଭିଯୋଗ ହୋଇଥିଲା। ଏହାକୁ ନେଇ ମଧ୍ୟ ରାସ୍ତାର ଗୁଣବତ୍ତା ଉପରେ ତଦାରଖ କରାଯିବ। କାର୍ଯ୍ୟ ନିମ୍ନମାନର ହୋଇଥିଲେ ଠିକାଦାରଙ୍କ ବିଲ୍ ମଞ୍ଜୁର ସମୟରେ ଜରିମାନା କରାଯିବ। ଆଗକୁ ମଧ୍ୟ ମରାମତି (ରେକ୍ଟିଫାଏ) ପାଇଁ ସମୟ ବାକିଥିବା ରହିଛି। ଯେଉଁ ସ୍ଥାନଗୁଡ଼ିକରେ ଗର୍ତ୍ତ ସୃଷ୍ଟି ହୋଇଛି ତାହା ପୁଣି ମରାମତି କରାଯିବ।

**-ଫକୀର ଚରଣ ବେହେରା, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ବେଗୁନିଆ**

# ୨୨୭ ଅଭିଯୋଗ ଶୁଣିଲେ ଅଧିକାରୀ




ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ ସାହୁ ଏବଂ ଅଧିକାରୀମାନେ।

**ବୋଲଗଡ଼,୧୫।୧୨(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ସାନପଦର ପଞ୍ଚାୟତସ୍ତରୀୟ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଭକ୍ତଚରଣ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇଥିଲେ। ତହସିଲଦାର ବିଜୟ କୁମାର ସେଠୀ, ଏବିଡିଓ ଡ.ରତିକାନ୍ତ ମିଶ୍ର, ପିଇଓ ସମରେନ୍ଦ୍ର ପଣ୍ଡା, ଏଡିଓ ସୁଶାନ୍ତ ଦାସ, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲୀପ ମହାପାତ୍ର, ନାଏବ ସରପଞ୍ଚ ସୁଜାତା ପାଲଟାସିଂହ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ପଞ୍ଜୀକରଣ ଓ ଏହାର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମୋଟ୍ ୨୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିରୁ ୧୨୫ଟିର ତତ୍କାଳ ସମାଧାନ କରାଯାଇଛି। ଆଉ ୧୦୨ ଅଭିଯୋଗର ବିଭାଗୀୟ ତର୍ଜମା ପରେ ସମାଧାନ କରାଯିବ। ନୋଡାଲ ଅଧିକାରୀ ଡିପିଓ ଶ୍ୟାମଳେନ୍ଦୁ ନାୟକ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

# ଧାନକଟାକୁ କେନ୍ଦ୍ର କରି ଗଣ୍ଡଗୋଳ

**କଣାସ,୧୫।୧୨(ବିଭୂତି ଭୂଷଣ ତ୍ରିପାଠୀ)**

ପୁରୀ ଜିଲା କଣାସ ଥାନା ପାଣ୍ଡିଆକେରା ପଞ୍ଚାୟତ ବଗିପଡ଼ା ମୌଜାରେ ଗତ ୧୧ତାରିଖରେ ଧାନ କଟାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି। ଏନେଇ ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗକୁ ଭିତ୍ତି କରି କଣାସ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ମାଟିଆପଡ଼ା ଗ୍ରାମର ସତ୍ୟବାନ ଶ୍ରୀଚନ୍ଦନ ଯିଏକି ଖୋର୍ଦ୍ଧାରେ ରୁହନ୍ତି, ତାଙ୍କର ବଗିପଡ଼ା ମୌଜାରେ ଜମି ରହିଛି। ଘଟଣା ଦିନ ସତ୍ୟବାନ ଏବଂ ତାଙ୍କ ସ୍ତ୍ରୀ ପୁଷ୍ପା ଶ୍ରୀଚନ୍ଦନ ଜମି ନିକଟକୁ ଆସିଥିଲେ। ଏହି ସମୟରେ ଘରଛୁଆ ଗ୍ରାମର କରୁଣାକର ଜେନା ଓ ତାଙ୍କର ପରିବାରର କେତେଜଣ ବ୍ୟକ୍ତି ସତ୍ୟବାନ୍‌ଙ୍କ ଜମିରୁ ଧାନ କାଟୁଥିବା ଦେଖିବାକୁ ପାଇଥିଲେ। ଏହାକୁ ସେ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏପରି କି ଗଣ୍ଡଗୋଳ ସ୍ଥିତି ଉପୁଜିଥିଲା। କରୁଣାକର ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଠେଙ୍ଗା ଓ ମାରଣାସ୍ତ୍ର ଆକ୍ରମଣରେ ସତ୍ୟବାନ, ତାଙ୍କ ସ୍ତ୍ରୀ ପୁଷ୍ପା ଏବଂ ପୁଅ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପରେ ଖୋର୍ଦ୍ଧା ଓ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ୧୨ତାରିଖ ସନ୍ଧ୍ୟାରେ ପୁଷ୍ପା କଣାସ ଥାନାରେ କରୁଣାକର ଜେନାଙ୍କ ସମେତ ୬ଜଣ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କଣାସ ଥାନାରେ ଏକ ମାମଲା(ନଂ.୨୯୨/୨୫) ରୁଜୁ ହୋଇଥିବାବେଳେ ଅପରଗୋଷ୍ଠୀର କରୁଣାକର ଜେନା କରିଥିବା ପାଲଟା ଅଭିଯୋଗକୁ ଭିତ୍ତି ପୋଲିସ ଆଉ ଏକ ମାମଲା(ନଂ. ୨୯୩/୨୫) ରୁଜୁ କରିଛି। ଉଭୟ ମାମଲାର ତଦନ୍ତ ଚାଲିଛିବୋଲି ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ କହିଛନ୍ତି।

## ସଂକ୍ଷେପରେ

### ୩ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ

**ବୋଲଗଡ଼,୧୫।୧୨(ଦେବବ୍ରତ ହୋତା):** ଖୋର୍ଦ୍ଧା ଜିଲାସ୍ତରୀୟ ଜୁନିଅର ରେଡ୍‌କ୍ରସ ପ୍ରଶିକ୍ଷଣ ଓ ତାଲିମ ଶିବିର ଅବସରରେ ଭୁବନେଶ୍ୱର ୟୁନିଟ-୧ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଭାଗନେଇ ପ୍ରଥମ ସ୍ଥାନ ହାସଲ କରିଥିବା ୩ଜଣ ବିଦ୍ୟାର୍ଥୀଙ୍କୁ ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ଏହି ଶିକ୍ଷା ବ୍ଲକ ଅଧୀନ ଅସରଳା ସ୍ଥିତ ହରିହର ବିଦ୍ୟାପୀଠର ଛାତ୍ର ମଳୟ ରଞ୍ଜନ ପ୍ରଧାନ, ବିଶ୍ୱଜିତ୍ ବେହେରା ଏବଂ ଓମ୍ ପ୍ରତାପ ଚମ୍ପତି। ସୋମବାର ଉକ୍ତ ବିଦ୍ୟାଳୟ ପ୍ରକୋଷ୍ଠରେ ପ୍ରଧାନଶିକ୍ଷକ କ୍ଷେତ୍ର ମୋହନ ରଣାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଇଓ ପ୍ରମୋଦ ସ୍ୱାଇଁ, ବିଆର୍‌ସିସି କୈଳାସନାଥ ସ୍ୱାଇଁ ଯୋଗଦେଇ ଉକ୍ତ ୩ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ପ୍ରସନ୍ନ କର, ନୃସିଂହ ଚରଣ ଶତପଥୀ, ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ର,ଅଞ୍ଜଳିବାଳା ଦେଇ, ଜୁନିଅର ରେଡ୍‌କ୍ରସ ସଂଯୋଜକ ପ୍ରଭାକର ସୁନ୍ଦରାୟ, ନୀଳକଣ୍ଠ ରଣସିଂହ, ବଂଶୀଧର ସ୍ୱାଇଁଙ୍କ ସମେତ ଅଭିଭାବକ ଦୀପକ କୁମାର ପ୍ରଧାନ, ସୁମିତ୍ରା ସ୍ୱାଇଁ, ଦିଲୀପ ବେହେରା, ମମତା ବେହେରା, ଦାଶରଥି ଚମ୍ପତି, ସସ୍ମିତା ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ।

### ୧୦୪ ୟୁନିଟ୍ ରକ୍ତ ସଂଗ୍ରହ

**ବେଗୁନିଆ,୧୫।୧୨(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆସ୍ଥିତ ପତିତପାବନ ଯୁବକ ସଂଘ ଆନୁକୂଲ୍ୟରେ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୧୦୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟ ଅତିଥିଭାବେ ଡ.ମଧୁସୂଦନ ସୁବୁଦ୍ଧି, ସମ୍ମାନିତ ଅତିଥି ବେଗୁନିଆ ନୂଆସାହି ଜଗନ୍ନାଥ କମିଟି ସଭାପତି ଦୀନବନ୍ଧୁ ଦାସ ଏବଂ ସମ୍ପାଦକ ଭାଗୀରଥି ପରିଡ଼ା ଯୋଗଦେଇଥିଲେ। ସଂଘ ସଭାପତି ରଶ୍ମିଚାନ୍ଦ କର, ସମ୍ପାଦକ ଗଙ୍ଗାଧର ମାର୍ଥା, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଉପସଭାପତି ବିଶ୍ୱରଞ୍ଜନ ଦାସ, ସହସମ୍ପାଦକ ବଟକୃଷ୍ଣ ମହାପାତ୍ର, ଉପଦେଷ୍ଟା ଦିବାକର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଖୋର୍ଦ୍ଧା,୧୫।୧୨(ପ୍ରଭାତ ପାଣିଗ୍ରାହୀ):** ଭାଜପା ଯୁବମୋର୍ଚ୍ଚା ଖୋର୍ଦ୍ଧା ଜିଲା ପକ୍ଷରୁ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କୁ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଗୋପବନ୍ଧୁ ଜେନାଙ୍କ ନେତୃତ୍ୱରେ ଶତାଧିକ ଯୁବତୀଯୁବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଦେଶ ଏବଂ ରାଜ୍ୟର ଯୁବଗୋଷ୍ଠୀ ବର୍ତ୍ତମାନ ଭାଜପା ସହ ଅଛନ୍ତି। ଆଗାମୀ ସମୟରେ ଜିଲା ତଥା ସାରା ରାଜ୍ୟରେ କିପରି ଯୁବ ସଙ୍ଗଠନକୁ ସୁଦୃଢ଼ ହେବ ସେଥିପାଇଁ ପ୍ରଚେଷ୍ଟା କରାଯିବ ବୋଲି ଅଭିଳାଷ କହିଛନ୍ତି। ଏହି ଅବସରରେ ମାନସ ରଞ୍ଜନ ସାହୁ, ଶକ୍ତି ସ୍ୱାଇଁ, ବିଶ୍ୱଦୀପ ପ୍ରଧାନ, ଗୁପ୍ତେଶ୍ୱର ରାୟ, ସ୍ୱୟଂ ସ୍ୱାଇଁ, ଶୁଭ୍ରଜିତ୍ ମଙ୍ଗରାଜ, ପ୍ରଭୁଦତ୍ତ ଝୁଣ୍ଟିଆ, ଅଂଶୁମାନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଖଣିକାର୍ଯ୍ୟ ବନ୍ଦ ନେଇ ଖୋର୍ଦ୍ଧା ଖଣି ମାଲିକ ସଂଘର ପ୍ରତିବାଦ



**ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)**

### ଶ୍ରୀମନ୍ଦିର ପ୍ରଶାସକ ଉଦ୍ଦେଶ୍ୟରେ ଦାବିପତ୍ର

ଖୋର୍ଦ୍ଧା ଜିଲାରେ ଥିବା ମହାପ୍ରଭୁଙ୍କ ଖଣି କାର୍ଯ୍ୟ ବନ୍ଦ କରାଯିବାକୁ ନେଇ ଖୋର୍ଦ୍ଧା ଖଣି ମାଲିକ ସଂଘ ପ୍ରତିବାଦ କରିଛି। ତୁରନ୍ତ ଖଣି କାର୍ଯ୍ୟ ଆରମ୍ଭ କରିବା ପାଇଁ ଅନୁମତି ଦେବାକୁ ସଂଘ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଖୋର୍ଦ୍ଧା ଜିଲାରେ ମହାପ୍ରଭୁଙ୍କର ଅନେକ ପଥର ଖଣି ଅଛି। ପ୍ରତିବର୍ଷ ପଥର ଖଣିରୁ ୬୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମହାପ୍ରଭୁଙ୍କ ପାଣ୍ଠିକୁ ଆସିଥାଏ। ଗତ ମାର୍ଚ୍ଚ ମାସରୁ ଖଣି କାମ ବନ୍ଦ କରିଦିଆଯିବାରୁ ଖୋର୍ଦ୍ଧା ଜିଲାର ଖଣି ମାଲିକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଓଏମ୍‌ଏମ୍‌ସି ରୁଲ୍-୨୦୧୬ ଅନୁଯାୟୀ ବିଦ୍ୟମାନ ଲିଜ୍‌ଗୁଡ଼ିକୁ ପ୍ରଥମେ ଅଗ୍ରାଧିକାର ଦିଆଯାଉ। ନୂତନ ଟେଣ୍ଡର ପ୍ରକ୍ରିୟାରେ ଓଏମ୍‌ଏମ୍‌ସି ୨୦୨୫ରେ ନୂତନ ଏମ୍‌ଜିଓ ହାର ସରକାରୀ ସ୍ତରରେ ସ୍ଥିର କରାଯାଉ। ଯଦି ଇ-ଲଟେରି ଟେଣ୍ଡର ପ୍ରକ୍ରିୟାରେ ଲିଜ୍‌ଧାରୀଙ୍କୁ ଅଗ୍ରାଧିକାର ଦିଆଯିବ, ତେବେ ସରକାରଙ୍କୁ ଆର୍ଥିକ କ୍ଷତି ହେବନାହିଁ। ସେହିପରି ଲିଜଧାରୀ ଆଇନ ଅନୁଯାୟୀ କ୍ଷତିପୂରଣ ଦାବି କରିପାରିବେ ନାହିଁ, ଯଦ୍ୱାରା ଶହେ କୋଟିର ମନ୍ଦିର ପାଣ୍ଠି ସଞ୍ଚୟ ହୋଇପାରିବ। ନିୟମିତ ବାର୍ଷିକ ରୟାଲ୍‌ଟି ରାଶି ଲିଜଧାରୀମାନଙ୍କଠାରୁ ସଂଗ୍ରହ କରାଯିବ ଏବଂ ବେଆଇନ ଖଣି କାରବାର ବନ୍ଦ ହୋଇପାରିବ ବୋଲି କୁହାଯାଇଛି।

## କ୍ରିକେଟ ଟୁର୍ନାମେଣ୍ଟ: ଭାଲିଆବାଡ଼ିକୁ ହରାଇ ମେଣ୍ଢାଶାଳ ସେମିରେ

**ବାଘମାରୀ,୧୫।୧୨(ମିହିର ରଞ୍ଜନ ମହାପାତ୍ର)**

ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ଅନ୍ତର୍ଗତ ପତନିବର ଗ୍ରାମରେ ରେନ୍‌ବୋ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୩୧ତମ ବାର୍ଷିକ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସୋମବାର ଭାଲିଆବାଡ଼ି ଏବଂ ମେଣ୍ଢାଶାଳ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଭାଲିଆବାଡ଼ି ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ମେଣ୍ଢାଶାଳ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୩୦ରନ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡ଼ି ଟିମ୍ ୧୯ ଓଭରରେ ୧୯୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ମେଣ୍ଢାଶାଳ ଟିମ୍ ବିଜୟୀ ହେବାସହ ସେମିଫାଇନାଲରେ ପ୍ରବେଶ କରିଛି। ଅତୁଲ ସାମନ୍ତରାୟ ୪ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥିଭାବେ ସାମାଜିକକର୍ମୀ ଦେବାଶିଷ ଦଳେଇ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏମ୍.ଡି ସୁଲେମାନ ଏବଂ ସ୍ମୃତିରଞ୍ଜନ ପାଇକରାୟ ମ୍ୟାଚ ପରିଚାଳନା କରିଥିବା ବେଳେ ଶୁଭେନ୍ଦୁ ପାଇକରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ନିରାକାରପୁରରେ ସତ୍‌ସଙ୍ଗ, ନାମସଂକୀର୍ତ୍ତନ



**ନିରାକାରପୁର,୧୫।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ସତ୍‌ସଙ୍ଗ ଉପାସନା କେନ୍ଦ୍ର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ପରମ ପୂଜ୍ୟପାଦ ଶ୍ରୀ ଆଚାର୍ଯ୍ୟଦେବଙ୍କ ନିରାକାରପୁର ଶୁଭାଗମନର ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମାବେଶ ସତ୍‌ସଙ୍ଗର ସହ-ପ୍ରତି-ଋତ୍ୱିକ ଧୃତିକାମ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସହ-ପ୍ରତି-ଋତ୍ୱିକ ସୁଧୀର କୁମାର ଜେନା, ବଟକୃଷ୍ଣ ତ୍ରିପାଠୀ, ନିତ୍ୟସୁନ୍ଦର ମାଲୁ, ପ୍ରତାପ ଚନ୍ଦ୍ର ମହାପାତ୍ର ପ୍ରମୁଖ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ସହ-ପ୍ରତି-ଋତ୍ୱିକ କୃତିକାମ ମହାନ୍ତି ଏବଂ ଧୃତିରଞ୍ଜନ ପାଲଟାସିଂ ସଦାଲୋଚନା କରିଥିଲେ। ଏହି ସତ୍‌ସଙ୍ଗ ନାମ ସଂକୀର୍ତ୍ତନରେ ସ୍ଥାନୀୟ ଅଞ୍ଚଳର ଭକ୍ତଙ୍କ ସହିତ କଣାସ, ଖୋର୍ଦ୍ଧା ଓ ଭୁବନେଶ୍ୱରର ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ସହ-ପ୍ରତି-ଋତ୍ୱିକ କସ୍ତୁରୀ ଚରଣ ଚମ୍ପତି, ସଦାଶିବ ନାୟକ, ବିଷ୍ଣୁମୋହନ ପାତ୍ର ଏବଂ ସତ୍‌ସଙ୍ଗର ବହୁ ଯାଜକ ଓ ଅଧ୍ୱର୍ଯ୍ୟୁ କର୍ମୀ ଯୋଗଦେଇଥିଲେ। ଏହାପରେ ଉପସ୍ଥିତ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ନୀଳକଣ୍ଠ ସାହୁ, ମନମୋହନ ନାୟକ, ଫକୀର ହରିଚନ୍ଦନ, ବାଉରିବନ୍ଧୁ ଦଳାଇ, ଆର୍ତ୍ତବନ୍ଧୁ ସାହୁ, ପର୍ଶୁରାମ ମହାନ୍ତି, ପ୍ରଦୀପ ରଥ, ଦୀପକ ପରିଡ଼ା, ସନ୍ତୋଷ କୁମାର ବରାଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଧାନ କଳେଇ, ନଡ଼ିଆ ଗଛ ନଷ୍ଟ କଲେ ହାତୀ

**ବେଗୁନିଆ,୧୫।୧୨ (ସନ୍ଧ୍ୟାରାଣୀ ମିଶ୍ର)**



ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋରେ ରବିବାର ସନ୍ଧ୍ୟାରେ ୧୭ଟିକିଆ ହାତୀପଲ ଧାନ କଳେଇ ସହିତ ନଡ଼ିଆ ଗଛ ଭାଙ୍ଗି ନଷ୍ଟ କରିଛନ୍ତି । ସିକୋସ୍ଥିତ ପୂର୍ଣ୍ଣମାସୀପାଟଣା ସାହିରେ ଥିବା ରବି ନାରାୟଣ ଚମ୍ପତିଙ୍କ ୩ଟି ନଡ଼ିଆ ଗଛ ଭାଙ୍ଗି ଦେଇଛନ୍ତି। ସେହିପରି ଚାଷୀ ଅପର୍ତ୍ତି ବାହୁବଳେନ୍ଦ୍ର, କିଶୋର ରାଉତରାୟ, ଶ୍ରୀନିବାସ ରାଉତରାୟ, ପ୍ରଶାନ୍ତ ରାଉତରାୟ ଏବଂ ଭାଗୀରଥି ରଣସିଂହଙ୍କ ବିଲରେ ଥିବା ଧାନ କଳେଇ ହାତୀପଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି । ବନ ବିଭାଗ କର୍ମଚାରୀଙ୍କ ଅନୁପସ୍ଥିତିରେ ସ୍ଥାନୀୟ ଲୋକେ ବାଣ ଫୁଟାଇ ନିଆଁ ଲଗାଇ ହାତୀଙ୍କୁ ଘଉଡ଼ାଇଥିଲେ। ସିକୋସ୍ଥିତ ବନ ବିଭାଗ ବିଟ୍ ହାଉସରେ କେହି କର୍ମଚାରୀ ରହୁ ନ ଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ ଆଣୁଥିବା ବେଳେ ଦାୟିତ୍ୱରେ ଥିବା ରେଞ୍ଜ ଅଧିକାରୀ ଦୁଇଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ବୋଲି କହିଛନ୍ତି। ତେବେ ହାତୀ ଆସୁଥିବା ସମୟରେ କର୍ମଚାରୀମାନେ କୁଆଡେ ଯାଉଛନ୍ତି ବୋଲି ସାମାଜିକ କର୍ମୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି।

# ରାଜ୍ୟ ବ୍ୟାଡ୍‌ମିଣ୍ଟନ ଦଳରେ ସ୍ୱୟମ ପ୍ରକାଶ

**ଖୋର୍ଦ୍ଧା,୧୫।୧୨(ପ୍ରଭାତ ପାଣିଗ୍ରାହୀ)**

### ୬୯ତମ ଜାତୀୟ ସ୍କୁଲ ଗେମ୍ସ-୨୦୨୫

ଖୋର୍ଦ୍ଧା ଶାଗୁଆନ ବଗିଚା ଅଞ୍ଚଳର ସ୍ୱୟମ୍ ପ୍ରକାଶ ସାହୁ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଦଳରେ ସାମିଲ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଆସନ୍ତା ୧୭ରୁ ୨୧ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ସିଟି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ୬୯ତମ ଜାତୀୟ ସ୍କୁଲ ଗେମ୍ସ-୨୦୨୫ ବ୍ୟାଡମିଣ୍ଟନ (୧୪ ବର୍ଷରୁ କମ୍ ବର୍ଗ) ଶ୍ରେଣୀରେ ଓଡ଼ିଶା ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବା ନିମନ୍ତେ ଚୟନ ହୋଇଛନ୍ତି। ସ୍ୱୟମ୍ ପ୍ରକାଶ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିଆଳିଆ ଖୋର୍ଦ୍ଧାର ଛାତ୍ର। ସେ ଖୋର୍ଦ୍ଧାସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ା ଷ୍ଟାଡିୟମଠାରେ ଦିବ୍ୟଜ୍ୟୋତ୍ କୁମାର ସେଠୀଙ୍କ ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ ତତ୍ତ୍ୱାବଧାନରେ ନିୟମିତ ଅଭ୍ୟାସ କରିଆସୁଛନ୍ତି। ଖୋର୍ଦ୍ଧା ଜିଲା ଯୁବ ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ସ୍ୱୟମ୍‌ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ୟାଡମିଣ୍ଟନ ଖେଳ କ୍ଷେତ୍ରରେ ଖୋର୍ଦ୍ଧାର ଯୁବବର୍ଗ ଉତ୍ସାହିତ ହେବେ ବୋଲି କ୍ରୀଡାପ୍ରେମୀ ମତବ୍ୟକ୍ତ କରିଛନ୍ତି ।




# ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଖୋର୍ଦ୍ଧା,୧୫।୧୨(ପ୍ରଭାତ ପାଣିଗ୍ରାହୀ)**




ଖୋର୍ଦ୍ଧା ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ୨୯ତମ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା-୨୦୨୫ ଦୁଇଦିନ ଧରି ଖୋର୍ଦ୍ଧା ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ସଂସଦର ସଭ୍ୟ ଜ୍ୟୋତିପ୍ରକାଶ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଡାନିଏଲ୍ ନାଏକ ଏବଂ ଅନିଲ କୁମାର ସାହୁ ଉପସ୍ଥିତ ଥିଲେ। ସେହିପରି ଉଦ୍‌ଯାପନ ଉତ୍ସବରେ କ୍ରୀଡ଼ା ସଂସଦର ବରିଷ୍ଠ ସଭ୍ୟ ତଥା ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଅକ୍ଷୟ କୁମାର ମହାନ୍ତି, ଭବାନୀ ଶଙ୍କର ମହାପାତ୍ର, ପ୍ରେମାନନ୍ଦ ବରାଳ, ଦିଲୀପ କୁମାର କର, ହାସିମୁଦ୍ଦିନ ଖାଁ, ମନୋଜ କୁମାର ନିଶଙ୍କ, ବିଜୟ କୁମାର ସେଠୀ, କାଳୀ ପ୍ରସାଦ ଚାଟାର୍ଜୀ, ଭାଗୀରଥି ଜେନା ପ୍ରମୁଖ ଯୋଗଦେଇ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ପ୍ରାରମ୍ଭରେ କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସଂସଦର ସଭ୍ୟ ପ୍ରଫୁଲ୍ଲ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୪୮୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳକ ଓ ବାଳିକା ବର୍ଗର ୧୦୦ ମିଟର, ୨୦୦ମି., ୪୦୦ମି, ୬୦୦ମି., ୮୦୦ମି, ୧୫୦୦ମି., ୩୦୦୦ମି., ୫୦୦୦ମିଟର ଦୌଡ ସହିତ ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ସଟ୍‌ପୁଟ୍ ଥ୍ରୋ, ଲମ୍ବଡିଆଁ, ଉଚ୍ଚଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାକୁ ଜିଲା କ୍ରୀଡ଼ା ସଂସଦର ସଭ୍ୟ ଏବଂ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ-ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଆସନ୍ତା ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ କଟକ ରିଜର୍ଭ ପୋଲିସ୍ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସାଧାରଣ ସମ୍ପାଦକ ଦାସ ଜଣାଇଛନ୍ତି।

## ୨୩ରେ ରାଜଧାନୀ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ପୁରୁଣା ଭୁବନେଶ୍ୱର,୧୫।୧୨(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ୨୩ ତାରିଖରେ ରାଜଧାନୀ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ହେବ। ବିଧାୟକ ଅନନ୍ତ ନାରାୟଣ ଜେନା ପୁରାତନ ଛାତ୍ର ସଂସଦ ସଭାପତି ରହିଥିବା ବେଳେ ବିଧାୟକ ବାବୁ ସିଂ ସୁବର୍ଣ୍ଣ ଜୟନ୍ତୀ ପାଳନ ଉତ୍ସବର ମୁଖ୍ୟ ପୃଷ୍ଠପୋଷକ ଏବଂ ପ୍ରହଲ୍ଲାଦ ସିଂ ମୁଖ୍ୟ ସଂଯୋଜକ ରହିଛନ୍ତି। ରଜତ ପରିଡ଼ା ଉତ୍ସବ ସମିତିର ମୁଖ୍ୟ ସଂଯୋଜକ ଓ ସମ୍ପାଦନା କମିଟି ସଭ୍ୟଭାବେ ରଜନୀ ରଞ୍ଜନ ଦାଶ, ପ୍ରସନ୍ନ ମହାନ୍ତି, ସ୍ମୃତି ମହାନ୍ତି, ରଞ୍ଜିତା ପାଣିଗ୍ରାହୀ, ପ୍ରସନ୍ନ ମିଶ୍ର ରହିଛନ୍ତି। ପ୍ରତିଦିନ ସନ୍ଧ୍ୟା ୬ରୁ ରାତି ୮ଟା ପର୍ଯ୍ୟନ୍ତ ଏକାମ୍ର ହାଟଠାରେ ପୂର୍ବତନ ଛାତ୍ରମାନେ ନାମ ପଞ୍ଜୀକରଣ ପାଇଁ ପୁରାତନ ଛାତ୍ର ସଂସଦ ସମ୍ପାଦକ ଦେବ ପ୍ରସାଦ ପରିଜା ଅନୁରୋଧ କରିଛନ୍ତି।

# ଗୁଜରାଟରୁ ଗିରଫ ମହିଳାଙ୍କ ଲିଙ୍କ୍‌ରେ ବଡ଼ ଅଧିକାରୀ

**ପୋଲିସ୍ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା**

ଭୁବନେଶ୍ୱର,୧୫।୧୨(ତ୍ରିନାଥ ମହାନ୍ତି)

ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ଗୁଜରାଟରୁ ଗିରଫ କରିଥିବା ନିତୁ ଆରୋରାଙ୍କୁ ଭୁବନେଶ୍ୱର ସ୍ପେଶାଲ ସିବିଆଇ କୋର୍ଟରେ ହାଜର କରିବା ପରେ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ନିତୁ, ଶଙ୍କର ଏବଂ ମୁନାଙ୍କୁ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିବାକୁ ସିବିଆଇ ଯୋଜନା କରିଛି। ସେମାନଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ସିବିଆଇ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଯେ, ନିତୁ ମୋବାଇଲ୍‌ରେ ଓଡ଼ିଶାର ବଡ଼ ବଡ଼ ପୋଲିସ ଅଧିକାରୀଙ୍କ ସହ ଲିଙ୍କ୍‌ରେ ଥିଲେ। ସେମାନଙ୍କ ସହ ନିତୁ ପ୍ରତିଦିନ କଥା ହେଉଥିଲେ। ତେଣୁ ସିବିଆଇ ନିତୁଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କଲେ ବଡ଼ ଅଧିକାରୀ ଧରାପଡ଼ିବେ। ଏହି ମାମଲାରେ ଆନ୍ତଃରାଜ୍ୟ ଲିଙ୍କ୍ ପଦାକୁ ଆସିବା ପରେ ସିବିଆଇର ୪ଟି ଟିମ୍ ରାଜ୍ୟ ବାହାରେ ଅର୍ଥାତ୍ ପଶ୍ଚିମବଙ୍ଗ, ଗୁଜରାଟ, ବିହାର ଏବଂ ମହାରାଷ୍ଟ୍ରରେ ଡେରା ପକାଇଥିବା ଜଣାପଡ଼ିଛି। ଓଡ଼ିଶା ସିବିଆଇ ପାଉଥିବା ଲିଙ୍କ୍ ଆଧାରରେ ଡେରା ପକାଇଥିବା ଅଧିକାରୀମାନଙ୍କୁ ଗିରଫ କରିବା ପାଇଁ କୁହାଯାଉଛି। ଅନ୍ୟପକ୍ଷରେ ସିବିଆଇ ଜବତ କରିଥିବା ୧୩୩ଟି ମୋବାଇଲ୍ ଫୋନ୍‌ର ଯାଞ୍ଚ ପାଇଁ ରାଜ୍ୟ ବାହାର ସଂସ୍ଥାକୁ ଦେବା ପାଇଁ ଏକ ପ୍ରକାର ନିଷ୍ପତ୍ତି ହୋଇଛି। କେବଳ କୋର୍ଟ ଅନୁମତି ଦେବା ପରେ ସିବିଆଇ ମୋବାଇଲ୍‌ଗୁଡ଼ିକୁ ଘରୋଇ ସଂସ୍ଥାକୁ ଦେବ। ତେଣୁ ସୋମବାର ସିବିଆଇ କୋର୍ଟଙ୍କୁ ଶୀଘ୍ର ଅନୁମତି ଦେବାକୁ ନିବେଦନ କରିଛି।

ସୂଚନାଯୋଗ୍ୟ, କ୍ରାଇମବ୍ରାଞ୍ଚ ହାତରୁ ମାମଲା ନେଇ ତଦନ୍ତ କରିବା ପରେ ସିବିଆଇ ୫ଜଣଙ୍କୁ ଗିରଫ କରିଛି। ଏହି ମାମଲାରେ କ୍ରାଇମବ୍ରାଞ୍ଚ ୧୨୩ ଜଣଙ୍କୁ ଗିରଫ କରିଥିବା ବେଳେ ସିବିଆଇର ଗିରଫ ସଂଖ୍ୟା ମିଶିବା ପରେ ଏହା ୧୨୮ରେ ପହଞ୍ଚିଛି। ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲ ରିମାଣ୍ଡ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛନ୍ତି। ଉକ୍ତ ତଥ୍ୟ ଆଧାରରେ ସିବିଆଇ ଏକାଧିକ ବ୍ୟକ୍ତିଙ୍କୁ ନୋଟିସ୍ କରିବା ସହ ପଚରାଉଚରା କରି ଗିରଫଦାରିକୁ ବ୍ୟାପକ କରିଛି।

## ପରିବା ବୋଝେଇ ଗାଡ଼ିରେ ଚୋରା ମଦ ଚାଲାଣ

- ମଦ ଗନ୍ଧ ନ ହେବା ପାଇଁ ଗାଡ଼ିରେ ଶୁଖୁଆ ରଖିଥିଲେ
- ୪ଅଭିଯୁକ୍ତଙ୍କୁ ବାନ୍ଧିଲା ଅବକାରୀ ବିଭାଗ



ଭୁବନେଶ୍ୱର,୧୫। ୧୨(ତ୍ରିନାଥ ମହାନ୍ତି)

ବିଭିନ୍ନ ଜିଲାରୁ ରାଜଧାନୀକୁ ଭିନ୍ନ ଉପାୟରେ ବିପୁଳ ପରିମାଣର ଚୋରାମଦ ଆସୁଛି। କିଏ ଗାଡ଼ିରେ ସିକ୍ରେଟ ଚାମ୍ବର କରି ନିଶା ଦ୍ରବ୍ୟ ଆଣୁଥିବାବେଳେ ଆଉ କିଏ ଆଳୁ ଗାଡ଼ି ବସ୍ତା ଭିତରେ ନିଶା ଦ୍ରବ୍ୟ ଆଣୁଛନ୍ତି। ସୋମବାର ଗଞ୍ଜାମରୁ ଭୁବନେଶ୍ୱରକୁ ଅଭିନବ ଉପାୟରେ ଚୋରା ଦେଶୀମଦ ଆସୁଥିବାବେଳେ ପିତାପଲ୍ଲୀ ଛକ ନିକଟରେ ଏକାଧିକ ଗାଡିକୁ ଅବକାରୀ ବିଭାଗର ମୋବାଇଲ୍ ସ୍କ୍ୱାଡ୍ ଧରିଛି। ଗାଡ଼ିରୁ ୨ହଜାର ଲିଟର ମଦ, ୩ଟି ଗାଡ଼ିକୁ ଜବତ କରାଯାଇଥିବାବେଳେ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତହେଲେ ଗଞ୍ଜାମ ଜିଲା ବୁଗୁଡ଼ାର କାହ୍ନୁଚରଣ ପରିଡ଼ା, ବିକାଶ ଗଉଡ଼, ଆସ୍କାର ଜଗଦୀଶ ପାତ୍ର ଏବଂ ମନୋଜ କୁମାର ଗଉଡ଼।

ସୂଚନା ଅନୁସାରେ, ଅଭିଯୁକ୍ତମାନେ ନିୟମିତ ଉପାୟରେ ଭୁବନେଶ୍ୱରକୁ ଚୋରା ମଦ ଆଣନ୍ତି। ସୋମବାର ମଦ ବସ୍ତା ଉପରେ ଫୁଲକୋବି, ଆଳୁ ଏବଂ ଅନ୍ୟାନ୍ୟ ପରିବା ରଖି ଆଣୁଥିଲେ। ଏପରି କି ଟୋଲ୍‌ଗେଟ୍ ଏବଂ ପୋଲିସର ସନ୍ଦେହ ନ ହେବା ପାଇଁ ସେମାନେ ଗାଡ଼ିରେ ଶୁଖୁଆ ରଖିଥିଲେ। ଫଳରେ ମଦର ବାସ୍ନା ବାହାରକୁ ଆସିପାରୁ ନ ଥିଲା। ପୋଲିସ ଏବଂ ଅବକାରୀ ବିଭାଗକୁ ସନ୍ଦେହ ନ ହେବା ପାଇଁ ନୂଆ କାର୍ ଭଳି ବନେଟରେ ଫିତା ମଧ ଲଗାଇ ଦେଇଥିଲେ। ସୋମବାର ସକାଳ ୮ଟା ସମୟରେ ସେମାନେ ଚୋରା ମଦ ଲୋଡ଼ କରି ଭୁବନେଶ୍ୱର ଆସୁଥିବାବେଳେ ପୂର୍ବରୁ ଅବକାରୀ ବିଭାଗର ମୋବାଇଲ୍ ସ୍କ୍ୱାଡ୍ ଏନେଇ ଖବର ପାଇଯାଇଥିଲା। ସେମାନେ ପିତାପଲ୍ଲୀ ଛକରେ ଜଗି ରହିଥିବାବେଳେ ପ୍ରଥମେ ଏକ ଓମ୍ନି ଭ୍ୟାନ୍‌କୁ ଅଟକାଇଥିଲେ। ଗାଡିକୁ ଯାଞ୍ଚ କରିବା ପରେ ୨ଟି ଚୋରାମଦ ଭର୍ତ୍ତି ବସ୍ତା ତଳେ ରହିଥିବାବେଳେ ଉପରେ ପରିବା ରହିଛି। ପଛରେ ଆସୁଥିବା ଅନ୍ୟ ଦୁଇଟି ଗାଡ଼ିକୁ ଅଟକାଇ ବିପୁଳ ପରିମାଣର ମଦ ଠାବ କରାଯାଇଥିଲା।

## ଦକ୍ଷିଣ ଏସୀୟ ମୈତ୍ରୀ ଉତ୍ସବରେ ଚିତ୍ତରଞ୍ଜନଙ୍କ ନୃତ୍ୟ



ଭୁବନେଶ୍ୱର,୧୫।୧୨(ଅନୁରାଧା ମହାରଣା)

ଗଞ୍ଜାମ ଗୋପାଳପୁରସ୍ଥିତ ସମୁଦ୍ର ବେଳାଭୂମିରେ ତିନିଦିନବ୍ୟାପୀ ଚାଲିଥିବା ଦକ୍ଷିଣ ଏସୀୟ ରାଷ୍ଟ୍ର ସମୂହର ୩୫ତମ ରାଷ୍ଟ୍ରୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଛି। ସମ୍ମିଳନୀରେ ଭାରତର ୧୮ ରାଜ୍ୟର ୨ଶହରୁ ଅଧିକ ପ୍ରତିନିଧି ଯୋଗଦେଇ ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଓଡିଶାରୁ ନୃତ୍ୟଶାଳା ସଂସ୍କୃତିକେନ୍ଦ୍ର କଟକର ପ୍ରତିଷ୍ଠାତା ଅଧକ୍ଷ ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଅଧାପକ ଡ. ଚିତ୍ତରଞ୍ଜନ ସାହାଣୀଙ୍କ ଆଧାମ୍ତିକଭରା ରାମାୟଣ ଓ ମହାଭାରତର କଥାବସ୍ତୁ ସମ୍ବଳିତ ଓଡ଼ିଶୀ ନୃତ୍ୟରେ ଉପସ୍ଥିତ ଅତିଥି ଓ ଦର୍ଶକମାନେ ମନ୍ତ୍ରମୁଗ୍ଧ ହୋଇଥିଲେ। ଏହି ଅବସରରେ ଏମ୍‌ପି ଡ. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଡ. ଗୀତାଞ୍ଜଳି ଦାସ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ନୂଆ ଶ୍ରମ କୋଡ ବାତିଲ ଦାବିରେ ରାଜ୍ୟସ୍ତରୀୟ ଧାରଣା




ରାଜ୍ୟସ୍ତରୀୟ ଧାରଣାରେ ସିଆଇଟିୟୁ ସଭାପତି ସାଥୀ ଜନାର୍ଦ୍ଦନ ପତିଙ୍କ ସହ ଅନ୍ୟ ନେତୃବୃନ୍ଦ।

ଭୁବନେଶ୍ୱର,୧୫।୧୨(ବନ୍ଦନା ସେଠୀ)

କେନ୍ଦ୍ର ସରକାର ଲାଗୁ କରିଥିବା ୪ଟି ଶ୍ରମକୋଡ଼ ବାତିଲ ଦାବିକରି ଓଡ଼ିଶାର ମେଡ଼ିକାଲ ଓ ସେଲ୍ସ ରିପ୍ରେଜେଣ୍ଟେଟିଭ୍ (ଓସ୍ରୁ) ଏବଂ ସିଆଇଟିୟୁଗୁଡିକର ରାଜ୍ୟସ୍ତରୀୟ ଧାରଣା ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ବିରୋଧୀ ଶ୍ରମ କୋଡଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବାତିଲ କରିବା ସହ ପୁରୁଣା ଶ୍ରମ ଆଇନ୍‌ଗୁଡ଼ିକୁ ବିଶେଷକରି ୧୯୭୬ର ଶ୍ରମ ଆଇନକୁ ବଳବତ୍ତର ରଖିବା ନେଇ କେନ୍ଦ୍ର ସରକାରଙ୍କ ସମ୍ମୁଖରେ ଦାବି ରଖିଛନ୍ତି। ଏହି ଅବସରରେ କେନ୍ଦ୍ର ଶ୍ରମ କମିଶନରଙ୍କ ଜରିଆରେ କେନ୍ଦ୍ର ଶ୍ରମ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ସେଲ୍ସ ପ୍ରମୋଶନ ଏମ୍ପ୍ଲଇଜ୍ ଆକ୍ଟ ୧୯୭୬କୁ ବଳବତ୍ତର ରଖିବା, ମେଡ଼ିକାଲ ଓ ସେଲ୍ସ ରିପ୍ରେଜେଣ୍ଟେଟିଭଙ୍କ ପାଇଁ କାର୍ଯ୍ୟ କରିବାର ସାମ୍ବିଧାନିକ ନିୟମ ତଥା କାର୍ଯ୍ୟ ସର୍ତ୍ତାବଳୀ ଲାଗୁ କରିବା, ସେଲ୍ସ ଟାର୍ଗେଟ ହାସଲ କରିବାର ଚାପ ଓ ଚାକିରିରେ ଅତ୍ୟାଚାର ବନ୍ଦ କରିବା, ବେଆଇନ ବଦଳି ଓ ବରଖାସ୍ତକୁ ବନ୍ଦ କରିବା, ସର୍ଭେଲାନ୍ସ ମାଧ୍ୟମରେ ମେଡିକାଲ ଓ ସେଲ୍ସ ରିପ୍ରେଜେଣ୍ଟେଟିଭଙ୍କ ଉପରେ ତଦାରଖ ବନ୍ଦ କରିବା ଆଦି ୮ଦଫା ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି। ଆନ୍ଦୋଳନରେ ସିଆଇଟିୟୁ ସଭାପତି ସାଥୀ ଜନାର୍ଦ୍ଦନ ପତି ଯୋଗଦେଇ ଶ୍ରମ କୋଡ୍‌ଗୁଡିକୁ ପ୍ରତ୍ୟାହାର ହେଲା ପର୍ଯ୍ୟନ୍ତ ନିରନ୍ତର ଆନ୍ଦୋଳନ ତଥା ଦୁର୍ବାର ଲଢ଼ାଇ ଜାରୀ ରଖିବା ପାଇଁ ଆହ୍ୱାନ ଜଣାଇଥିଲେ। ଓସ୍ରୁ ସଭାପତି ମହେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଉପସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସମ୍ପାଦକ ପ୍ରଦୀପ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ

**ଭ୍ୟାନିଟ ଲୁଟ୍ ବେଳେ ସ୍କୁଟିରୁ ପଡି ମହିଳାଙ୍କ ମୃତ୍ୟୁ ମାମଲା**

ଭୁବନେଶ୍ୱର,୧୫।୧୨
(ସତ୍ୟଜିତ ରାଉତ)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ଭ୍ୟାନିଟି ଝାମ୍ପିନେବା ବେଳେ ସ୍କୁଟିରୁ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ମାମଲାରେ ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଦୌରା ଜଜ୍ ବନ୍ଦନା କର ସୋମବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ରବିନାରାୟଣ ସାହୁଙ୍କୁ ୧୦ବର୍ଷ ଜେଲଦଣ୍ଡ ହୋଇଛି। ଆଇପିସି ଦଫା ୩୯୪ ଓ ୩୦୪(୨)ରେ ତାଙ୍କୁ ବିଚାରପତି ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ଅଭିଯୋଗକାରିଣୀ ଉଷାରାଣୀ ଛୋଟରାୟ ଖୋର୍ଦ୍ଧା ଟାଉନ ଗାନ୍ଧିପଡ଼ିଆ ଅଞ୍ଚଳରେ ପରିବାର ସହ ରୁହନ୍ତି। ୨୦୧୮ ନଭେମ୍ବର ୨୨ ସନ୍ଧ୍ୟା ପ୍ରାୟ ୬ଟା ୩୦ ବେଳେ ସେ ମା' ଶାନ୍ତିଲତାଙ୍କୁ ସ୍କୁଟିରେ ବସାଇ ଭୁବନେଶ୍ୱରରୁ ଘରକୁ ଫେରୁଥିବାବେଳେ ଯାଁଳା ଡାକଘର ନିକଟରେ ଅଭିଯୁକ୍ତ ରବିନାରାୟଣ ଏବଂ ତାଙ୍କର ଜଣେ ସହଯୋଗୀ ପିଛା କରି ଶାନ୍ତିଲତାଙ୍କ ହାତରୁ ଭ୍ୟାନିଟି ବ୍ୟାଗକୁ ରବି ନାରାୟଣ ଝାମ୍ପି ନେଇଯାଇଥିଲେ। ଏହି ସମୟରେ ଶାନ୍ତିଲତା ସ୍କୁଟିରୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ହସ୍ପିଟାଲ ଓ ପରେ ଭୁବନେଶ୍ୱରସ୍ଥିତ ବିବେକାନନ୍ଦ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଶାନ୍ତିଲତାଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ନଭେମ୍ବର ୨୪ରେ ଉଷାରାଣୀଙ୍କ ଏତଲାକ୍ରମେ ଜଟଣୀ ଥାନା ମାମଲା (ନଂ.୪୦୦/୨୦୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସରକାରୀ ଓକିଲ ରଞ୍ଜନ ମହାନନ୍ଦିଆ ଓ ବିଶ୍ୱରଞ୍ଜନ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

ବାଲିଅନ୍ତା,୧୫।୧୨(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଧୀନ ବେଣୁପୁର ମିନି ଷ୍ଟାଡିୟମରେ ନିକଟସ୍ଥ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ଜିଲାପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଜେନା ଓ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ ଅତିଥିଭାବେ ଯୋଗଦେଇଥିଲେ। ୨ ଦିନ ଧରି ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତାର ୫୦ରୁ ଊର୍ଦ୍ଧ୍ୱ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବକୁ ଗୁରୁଜୀ ଦିଲୀପ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ଗୁରୁମା ଅରୁନ୍ଧତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ଭୁବନେଶ୍ୱର,୧୫।୧୨(ବନ୍ଦନା ସେଠୀ)

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା କରଙ୍କ ୮୮ବର୍ଷ ବୟସରେ ଶନିବାର ରାତିରେ ପରଲୋକ ଘଟିଛି। ଜୟଦୁର୍ଗା ନଗରସ୍ଥିତ 'କୈବଲ୍ୟ'ରେ ସଂଯୁକ୍ତାଙ୍କ ହୃଦ୍‌ଘାତରୁ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ରବୀନ୍ଦ୍ର କୁମାର ପ୍ରହରାଜ, କନ୍ୟା



ମାନସୀ, ଉଷସୀ, ଶ୍ରେୟସୀ, ବୈଜୟନ୍ତୀ ଓ ଜାମାତା ଶଚ୍ଚିଦାନନ୍ଦ, ବିଭୁ ପ୍ରସାଦ, ସମୀର କୁମାର ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ବରିଷ୍ଠ ଆଡଭୋକେଟ୍ ଜଗତ ବନ୍ଧୁଙ୍କର କନ୍ୟା ଓ ପ୍ରାଣବନ୍ଧୁ କରଙ୍କ ଝିଆରୀ ଥିଲେ। ସଂଯୁକ୍ତା ଜୟଦୁର୍ଗା ନଗର ଉନ୍ନୟନ ସମିତିର ଦୀର୍ଘକାଳ ଧରି କୋଷାଧ୍ୟକ୍ଷା ଥିଲେ। ତାଙ୍କ ବିୟୋଗରେ ଜୟଦୁର୍ଗା ନଗରରେ ଶୋକର ଛାୟା ଖେଳିଯାଇଛି।

# ପଠାଣି ସାମନ୍ତଙ୍କ ଜୟନ୍ତୀ ଡିସେମ୍ବର ୧୩ରେ ପାଳନ ହେଉ

**ସୋଆ ପକ୍ଷରୁ ୧୯୦ତମ ଜୟନ୍ତୀ ପାଳିତ**

ଭୁବନେଶ୍ୱର,୧୫।୧୨(ଅନୁରାଧା ମହାରଣା)




ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ୧୯୦ତମ ଜୟନ୍ତୀ ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମର ପୂର୍ବତନ ନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ଯୋଗଦେଇ ପଠାଣିଙ୍କ ଜ୍ୟୋତିର୍ବିଜ୍ଞାନ ଓ ଗାଣିତ୍ୟିକ ଗବେଷଣା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀଙ୍କ ଜୟନ୍ତୀ ବିଭିନ୍ନ ତାରିଖରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଉଥିବା ବେଳେ ଏହା ଅନୁଚିତ ବୋଲି କହିବା ସହ ରାଜ୍ୟ ସରକାର ସାରା ରାଜ୍ୟରେ ତାଙ୍କ ଜୟନ୍ତୀକୁ ଡିସେମ୍ବର ୧୩ ତାରିଖରେ ପାଳନ କରିବାକୁ ଅନୁରୋଧ କରିଥିଲେ। ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କହିଲେ, ଦୁଇବର୍ଷ ତଳେ ବର୍ତ୍ତମାନର ଖଣ୍ଡପଡ଼ା ରାଜା ତଥା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜଙ୍କ ଉଦ୍ୟମରେ ସୋଆର ସହଭାଗିତାରେ ଖଣ୍ଡପଡ଼ାଠାରେ ପଠାଣି ସାମନ୍ତଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ସୋଆ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ ପଠାଣିଙ୍କ ଜୀବନୀ ଆଲୋଚନା କରିବା ସହିତ କିଭଳି ପ୍ରତିକୂଳ ପରିସ୍ଥିତି ତାଙ୍କର ବାଟ ଓଗାଳି ପାରି ନ ଥିଲା ସେ ବିଷୟରେ କହିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ମଧ ଆମେ ପଠାଣି ସାମନ୍ତଙ୍କ ଜ୍ୟୋତିର୍ବିଜ୍ଞାନକୁ ଅନୁସରଣ କରୁଛୁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଆକାଶକୁ ନିରୀକ୍ଷଣ କରିବା ଦ୍ୱାରା କିଭଳି ଏକ ଭବିଷ୍ୟତର ଆକାଶ ବିଜ୍ଞାନୀର ମୂଳଦୁଆ ପଡ଼ିପାରେ ସେ ବିଷୟରେ କହିଥିଲେ। ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି ମଧ ପଠାଣି ସାମନ୍ତଙ୍କ ଜନ୍ମ ଓ କୃତି ବିଷୟରେ ତଥ୍ୟ ରଖିଥିଲେ। ସୋଆ ଇଣ୍ଡିଆନ ନଲେଜ ସିଷ୍ଟମ (ଭାରତୀୟ ଜ୍ଞାନ ପରମ୍ପରା) କେନ୍ଦ୍ରର ମୁଖ୍ୟ ପ୍ରଫେସର ନଚିକେତା କେ. ଶର୍ମା ଆଇକେଏସ୍ ପ୍ରକଳ୍ପ ଅନ୍ତର୍ଗତ ପଠାଣିଙ୍କ ଜ୍ୟୋତିର୍ବିଜ୍ଞାନ ଯନ୍ତ୍ରର କ୍ଷୁଦ୍ର ପ୍ରତିରୂପ କିଭଳି ଜାତୀୟ ସ୍ତରରେ 'ଜ୍ୟୋତିର୍ବିଜ୍ଞାନ ଯନ୍ତ୍ର ନିର୍ମାଣ' ପ୍ରତିଯୋଗିତାର ଆଧାର ପାଲଟିଛି ତାହା କହିଥିଲେ। ସୋଆର ଅନୁବାଦ ଓ ଗବେଷଣା ପ୍ରବନ୍ଧକ ଡ. ଦୀପକ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚୋରା ମଦକୁ ବିରୋଧ କରିବାରୁ ଆକ୍ରମଣ

**ଦୋକାନରେ ବସିଥିବା ବେଳେ ୧୦ ଯୁବକ ଖଣ୍ଡାରେ ହାଣିଲେ**

ଭୁବନେଶ୍ୱର,୧୫। ୧୨(ତ୍ରିନାଥ ମହାନ୍ତି)



ଚୋରା ମଦକୁ ବିରୋଧ କରିବାକୁ ଜଣେ ବ୍ୟକ୍ତିଙ୍କୁ ଖଣ୍ଡା ଏବଂ ମଦ ବୋତଲରେ ଆକ୍ରମଣ କରାଯାଇଛି। ଏଭଳି ଘଟଣା କ୍ୟାପିଟାଲ ଥାନା ଫାଳିକିଆ ବସ୍ତିରେ ଦେଖିବାକୁ ମିଳିଛି। ବସ୍ତିରେ ଦୋକାନ କରିଥିବା ସୀମା ସେଠୀ ତାଙ୍କ ଝିଅଙ୍କୁ ଆକ୍ରମଣ କରାଯାଇଛି। ସୀମାଙ୍କ ମୁଣ୍ଡ ଫାଟିଯିବା ସହ ଦେହରେ କ୍ଷତଚିହ୍ନ ରହିଛି। ସୀମା ଥାନାକୁ ଫୋନ୍ କରିଥିଲେ ମଧ ତାଙ୍କ ଫୋନ୍ କେହି ଉଠାଇ ନ ଥିଲେ। ତେବେ ଅଭିଯୁକ୍ତମାନେ ସେଠାରୁ ଚାଲିଯିବା ପରେ ପିସିଆର ଭ୍ୟାନ୍ ଆସିଥିଲା। ସୀମା ରକ୍ତାକ୍ତ ଅବସ୍ଥାରେ ଥାନାକୁ ଯାଇ ଅଭିଯୋଗ କରିଥିଲେ ମଧ ପୋଲିସ ତାଙ୍କ ଅଭିଯୋଗକୁ ଗ୍ରହଣ କରି ନ ଥିଲା। ସୀମାଙ୍କୁ ଚିକିତ୍ସା କରାଇବା ପାଇଁ ନ ନେଇ ଥାନାରେ ବସାଇଥିଲେ।

ପ୍ରକାଶ ଯେ, ଫାଳିକିଆ ବସ୍ତିରେ ଜଣେ ମଦ ମାଫିଆ ଚୋରା ମଦ ବେପାର କରୁଛନ୍ତି। ଏହି ମଦ ପିଇ ଯୁବକ ଏବଂ ସ୍କୁଲ ପିଲା ଅବାଟକୁ ଯାଉଛନ୍ତି। ଏହାକୁ ସୀମା ବିରୋଧ କରୁଛନ୍ତି। ସୋମବାର ସୀମା ବସ୍ତିରେ ଥିବା ଦୋକାନରେ ବସିଥିଲେ। ଏହି ସମୟରେ ୧୦ଜଣ ଯୁବକ ଆସି ଦୋକାନରେ ବସିଥିବା ଗ୍ରାହକଙ୍କୁ ମାଡ଼ ମାରିବା ସହ ଥଣ୍ଡା ବୋତଲ ଭାଙ୍ଗିଥିଲେ। ପରେ ସୀମାଙ୍କ ମ୍ୟୁଜିକ୍ ବକ୍ସ ଏବଂ ଟଙ୍କା ନେବା ପରେ ଖଣ୍ଡାରେ ସୀମାଙ୍କୁ ଆକ୍ରମଣ କରି ଚମ୍ପଟ ମାରିଥିଲେ।

## ଶ୍ରମିକ ସୁରକ୍ଷା ପାଇଁ ମିନି ମାରାଥନ



ଭୁବନେଶ୍ୱର,୧୫।୧୨(ଅନୁରାଧା ମହାରଣା)

ଶ୍ରମିକଙ୍କ ସୁରକ୍ଷିତ ଭବିଷ୍ୟତ ଦିଗରେ ଅଧିକ ସଚେତନତା ଓ ଏହା ପ୍ରାଥମିକ ଦାୟିତ୍ୱ ଭାବେ ଏସ୍‌ପିଡି କନ୍‌ଷ୍ଟ୍ରକ୍ସନ ଲିମିଟେଡ ପକ୍ଷରୁ ରବିବାର ଏକ ସେଫ୍ଟି ମିନି ମାରାଥନ ଆୟୋଜିତ ହୋଇଯାଇଛି। ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ଶତାଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଏହି ମାରାଥନ ଖଣ୍ଡଗିରି ନିକଟସ୍ଥ ଜୟଦେବ ବାଟିକାରୁ ଆରମ୍ଭ ହୋଇ ସମ୍ ହସ୍ପିଟାଲ ନିକଟ ସୋଆ କ୍ରିକେଟ ଗ୍ରାଉଣ୍ଡରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମକୁ ଏସ୍‌ପିଡି କନ୍‌ଷ୍ଟ୍ରକ୍ସନର ପରିଚାଳନା ନିର୍ଦ୍ଦେଶକ ସୌରଭ ଖୈତାନ ଉଦ୍‌ଘାଟନ କରିଥିଲେ। ସଂସ୍ଥାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିରାଗ ଖୈତାନ ଏବଂ ନିର୍ଦ୍ଦେଶକ ସଞ୍ଜୟ ଜ ଲାନ ମଧ ଉପସ୍ଥିତ ଥିଲେ।

# ଯୁବପିଢ଼ିଙ୍କ ମଧରେ ବଢୁଛି ପ୍ରେମଜନିତ ହତ୍ୟା, ଆତ୍ମହତ୍ୟା ପ୍ରବଣତା

- ରିଲ୍ସ, ଫିଲ୍ମର ପ୍ରଭାବ ଯୁବପିଢ଼ିଙ୍କ ଉପରେ ପଡୁଛି: ମନସ୍ତତ୍ତ୍ୱବିତ୍
- ନିଜ ଭବିଷ୍ୟତ ଅନ୍ଧାର ଆଡକୁ ନେଉଛନ୍ତି: ଏସ୍‌ପି

ଭୁବନେଶ୍ୱର,୧୫। ୧୨(ତ୍ରିନାଥ ମହାନ୍ତି)

ରାଜ୍ୟରେ ଏବେ ଯୁବପିଢିଙ୍କ ମଧରେ ପ୍ରେମଜନିତ ଆତ୍ମହତ୍ୟ ଏବଂ ହତ୍ୟା ମାମଲା ବଢ଼ିବାରେ ଲାଗିଛି। ରବିବାର କନ୍ଧମାଳ ଜିଲା ପିଅନପଡ଼ାରେ ଜଣେ ଯୁବକ ପ୍ରେମରେ ବିଫଳ ହେବାପରେ ପ୍ରେମିକାଙ୍କ ତଣ୍ଟିକୁ ଛୁରିରେ କାଟି ଦେବାପରେ ନିଜ ତଣ୍ଟିକୁ ବି କାଟିଦେଇଥିଲେ। ପ୍ରେମିକାଙ୍କ ଘର ଲୋକ ଅନ୍ୟତ୍ର ବିବାହ ଠିକ କରିଦେଇଥିଲେ ବୋଲି ପ୍ରେମିକ ରାଗରେ ତାଙ୍କ ଘରକୁ ଆସି ଏଭଳି କରିଥିବା ଜଣାପଡ଼ିଥିଲା। ସେହିପରି ସୋମବାର ନୟାଗଡ଼ ଜିଲା ମଗରବନ୍ଧ ଗାଁର ପୂର୍ଣ୍ଣଚନ୍ଦ୍ର ନାୟକ ଜଣେ ନାବାଳିକାଙ୍କୁ ପ୍ରେମ କରି ବିଫଳ ହେବା ପରେ ତାଙ୍କୁ ବିଷ ଦେଇ ପିଟି ହତ୍ୟା କରିବାପରେ ନିଜେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି।

ଏନ୍‌ସିଆରବି-୨୦୨୩ ତଥ୍ୟ ଅନୁସାରେ, ପ୍ରେମରେ ବିଫଳ ହୋଇ ୪.୭ ପ୍ରତିଶତ ଆତ୍ମହତ୍ୟା କରିଛନ୍ତି। ଗତ ବର୍ଷ ୫,୯୮୯ ଜଣ ଆତ୍ମହତ୍ୟା କରିଥିବାବେଳେ ସେଥିରୁ କେବଳ ଦେଢ ହଜାରରୁ ଅଧିକ ବ୍ୟକ୍ତି ପ୍ରେମରେ ବିଫଳ ହୋଇ ଆତ୍ମହତ୍ୟା କରିଛନ୍ତି। ବିଶେଷ କରି ଗଞ୍ଜାମ, ଗଜପତି, କନ୍ଧମାଳ ଏବଂ ବୌଦ୍ଧ ଜିଲାରେ ପ୍ରେମଜନିତ ଆତ୍ମହତ୍ୟା ଏବଂ ହତ୍ୟା ମାମଲା ଅଧିକ ଆସୁଛି। ୨୦୨୨ରେ ୧,୩୭୮ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ୬୮ ହତ୍ୟା କେବଳ ପ୍ରେମଜନିତ ହୋଇଥିବା ଜଣାପଡ଼ିଛି।

ମନସ୍ତତ୍ତ୍ୱବିତ୍ ଡା.ଉମାପ୍ରସାଦ ମିଶ୍ର କହିଛନ୍ତି ଯେ, ପ୍ରେମ ବ୍ୟାପାରକୁ ନେଇ ହତ୍ୟା, ଆତ୍ମହତ୍ୟା ଭଳି ଘଟଣା ଘଟିବା ପଛର ମୁଖ୍ୟ କାରଣ ହେଉଛି ସୋସିଆଲ ମିଡିଆର ପ୍ରଭାବ। ଯୁବପିଢ଼ି ବିଭିନ୍ନ ଉତ୍ତେଜନା ସୃଷ୍ଟି କରିଥିବା ଭିଡ଼ିଓ ରିଲ୍ସ, ସିରିଏଲ୍ ଏବଂ ଫିଲ୍ମ ଦେଖୁଛନ୍ତି, ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କ ଉପରେ ପ୍ରଭାବ ପକାଉଛି। ପ୍ରେମରେ ବିଫଳ ହେଲେ 'ମୋର ନୁହେଁ ତ କାହାର ନୁହେଁ' ବୋଲି ସେମାନେ ମନରେ ପୂରାଇ ଦେଉଛନ୍ତି। ଆଉ ପ୍ରତିଶୋଧ ନେବା ଲକ୍ଷ୍ୟରେ ପ୍ରେମିକାଙ୍କୁ ହତ୍ୟା କିମ୍ବା ନିଜେ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ପ୍ରେମ ସମ୍ପର୍କରେ ବିଶ୍ୱାସ, ସମ୍ମାନ ଏବଂ ବୁଝାମଣା ରହିବା ଆବଶ୍ୟକ। ଏହି ୩ଟାରୁ ଗୋଟିଏ ନ ରହିଲେ ପ୍ରେମରେ ଫାଟ ଆସିବା ସହ ହତ୍ୟା ଏବଂ ଆତ୍ମହତ୍ୟା ବଢୁଛି। ତେଣୁ ପିଲାଙ୍କୁ ସ୍କୁଲରୁ ନୈତିକ ଶିକ୍ଷା ଦେବାର ଆବଶ୍ୟକ ରହିଛି। ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ କହିଛନ୍ତି, ଏଭଳି ମାନସିକତା ରଖିବା ଠିକ୍ ନୁହେଁ। ଯେଉଁମାନେ ଏଭଳି କରୁଛନ୍ତି ସେମାନେ ନିଜ ଭବିଷ୍ୟତକୁ ଅନ୍ଧାର କରୁଛନ୍ତି। ଆଇନ ହାତକୁ ନେଲେ ପୋଲିସ ଦ୍ୱାରା ଗିରଫ ହେବେ। ମୁଖ୍ୟତଃ ପରିବାର ଲୋକେ ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଶୋଭନୀୟ ଦେବଶିଶୁ ଭଲିବଲ୍ ଦଳ ଗଠିତ

କଟକ,୧୫।୧୨(କାର୍ତ୍ତିକ ସାହୁ)

ବିଡ଼ାନାସୀସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନର ଦେବଶିଶୁ (ମାତୃପିତୃହୀନ) ଓ ଶିକ୍ଷାଶ୍ରମର ଛାତ୍ରୀମାନଙ୍କୁ ନେଇ ଏକ ଭଲିବଲ୍ ଦଳ ଗଠନ କରାଯାଇଛି। ଓଡ଼ିଶା ଭଲିବଲ୍ ଆସୋସିଏଶନ୍ ପୂର୍ବତନ ସଭାପତି ଡ. ସୁବୋଧ କୁମାର ରାଉତରାୟ ଭଲିବଲ ଦଳକୁ ଆନୁଷ୍ଠାନିକ ଭାବେ ରବିବାର ଉଦ୍‌ଘାଟନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ୱାର୍ଲଡ ଓଡ଼ିଶା ସୋସାଇଟି ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଏବଂ ସମ୍ମାନିତ ଅତିଥି ଇଂ. ଆଲୋକ ରଞ୍ଜନ ମହାନ୍ତି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ ଅଧ୍ୟକ୍ଷତା କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଭଲିବଲ୍ କୋଚ୍ ଅମର ଭଞ୍ଜ ପ୍ରଶିକ୍ଷକ ଭାବେ ଛାତ୍ରୀମାନଙ୍କୁ ପ୍ରାଥମିକ ପ୍ରଶିକ୍ଷଣ ଦେବାକୁ ବାଛିଥିଲେ। ଶୋଭନୀୟ ଶିକ୍ଷାଶ୍ରମର ଗୁରୁମା, ଗୁରୁଜୀମାନେ ଉପସ୍ଥିତ ଥିଲେ।

### ଆଷାଢ଼ ସାହିତ୍ୟ ସଂସଦର ସାରସ୍ୱତ ସମ୍ମାନ

କଟକ ସଦର,୧୫।୧୨(ସୁଶାନ୍ତ କୁମାର ଜେନା)

କନ୍ଦରପୁର ନିକଟସ୍ଥ ହାଜିପୁର ଧାନକୁଦ ପୀଠରେ ରବିବାର ଆଷାଢ଼ ସାହିତ୍ୟ ସଂସଦର ୩୪ତମ ସାରସ୍ୱତ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବାବା ଅରକ୍ଷିତ ଦାସ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସରୋଜ ରଞ୍ଜନ ମହାନ୍ତି, ଡ. ଶ୍ରୀ ଚରଣ ଦାସ, କବି ସଚ୍ଚିଦାନନ୍ଦ ରଥ ଯୋଗଦେଇଥିଲେ। ଗୁରୁ ପ୍ରସାଦ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କବି ପୀତାମ୍ବର ମହାପାତ୍ର ଅତିଥି ପରିଚୟ ଦେଇଥିବା ବେଳେ କାଦମ୍ବିନୀ ପରିଜା ସ୍ୱାଗତ ଭାଷଣ ଦେଇଥିଲେ। ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ କବି ଓ ଲେଖକଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦିକା କୁନ୍ତଳା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜେଜେମା’, ଜେଜେବାପା ସମ୍ମିଳନୀ

କଟକ ସଦର,୧୫।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଜେଜେମା’, ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଭାଗ ସଂଘ ଚାଳକ ତଥା ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଡ. ଗୌତମ ମହାରଣା, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ସାଧୁ ଜେନା, ଉପସଭାପତି ସଂଯୁକ୍ତା ମହାରଣା, ରାଧାକୃଷ୍ଣ ସ୍ୱାଇଁ, ହୃଷୀକେଶ ଜେନା, ନବଘନ ରାଉତ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ସ୍ୱାଗତ ଭାଷଣ ଓ ଦିଲୀପ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱୀକୃତି ପଟ୍ଟନାୟକ ନୃତ୍ୟ ପରିବେଷଣ କରିଥିଲେ। ଗୁରୁମା ଅନିତା ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଚିତ୍ରାଙ୍କନ ପ୍ରତିଯୋଗିତା

କଟକ,୧୫।୧୨(କାର୍ତ୍ତିକ ସାହୁ)

ସାମାଜିକ ସଙ୍ଗଠନ ଲୋକସେବା ପକ୍ଷରୁ ସୁରକ୍ଷିତ ବଚ୍‌ପନ, ସୁରକ୍ଷିତ ଭାରତ କାର୍ଯ୍ୟକ୍ରମ ବିଡ଼ାନାସୀସ୍ଥିତ ବସୁନ୍ଧରା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଅଂଶରୂପେ ଅନ୍ତେବାସୀ ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଶିଶୁମାନେ ରଙ୍ଗତୂଳୀରେ ଚିତ୍ର ଆଙ୍କି ନିଜ ସୃଜନଶୀଳତାର ପରିପ୍ରକାଶ କରିଥିଲେ। ଲୋକସେବା କାର୍ଯ୍ୟକର୍ତ୍ତା ଜୟଶ୍ରୀ ସାହୁ, ପୀତବାସ ସାହୁ, ଅଭିଷେକ ନାୟକ, କରିଶ୍ମା ବେଉରା, ପୁଷ୍ପାଞ୍ଜଳି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନା କରିଥିଲେ। ବସୁନ୍ଧରା ନିର୍ଦ୍ଦେଶିକା ଶୈଳ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଶିଶୁଙ୍କ ସୁରକ୍ଷା, ସୃଜନଶୀଳତା ଓ ସୁସଂସ୍କାର କରିଗଢ଼ି ତୋଳିବା ପାଇଁ ଏପରି ପଦକ୍ଷେପ ନିରନ୍ତର ଜାରି ରହିବ ବୋଲି ଲୋକସେବା ପକ୍ଷରୁ କୁହାଯାଇଛି।

# ପ୍ରଥମ ଥର ଲାଗିଲା ଅଟୋ ଆନାଲାଇଜର ମେଶିନ

କଟକ,୧୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁ ଚିକିତ୍ସା ପ୍ରତିଷ୍ଠାନ (ଶିଶୁଭବନ)ରେ ଅତ୍ୟାଧୁନିକ ଚିକିତ୍ସା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରଥମ କରି ଶିଶୁଭବନରେ ଅଟୋ ଆନାଲାଇଜର ମେଶନ କାର୍ଯ୍ୟକ୍ଷମ ହୋଇଛି। ଏହି ମେଶିନଟିର ପ୍ରାରମ୍ଭିକ ପର୍ଯ୍ୟାୟରେ ଟେଷ୍ଟିଂ ଜାରି ରହିଥିବା ବେଳେ ଏହାକୁ ଯଥାଶୀଘ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ। ଏହି ମେଶିନ ଶିଶୁରୋଗୀଙ୍କ ରକ୍ତ ନମୁନା ପରୀକ୍ଷାରେ ସହାୟକ ହେବ ବୋଲି ସୂଚନା ମିଳିଛି।

## ଏସ୍‌ସିବି ଉପରେ ନିର୍ଭର କରିବେନି ଶିଶୁଭବନ ରୋଗୀ

ମିଳିଥିବା ସୂଚନା ମୁତାବକ, ପୂର୍ବରୁ ବିଭିନ୍ନ ପ୍ରକାର ଶିଶୁ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା ନିମନ୍ତେ ଏସ୍‌ସିବି ମେଡିକାଲ ପଠାଯାଉଥିଲା। ଏସ୍‌ସିବିରୁ ରିପୋର୍ଟ ଆସିବା ପରେ ଚିକିତ୍ସା ପଦ୍ଧତି ଆଗକୁ ବଢୁଥିଲା। ଏହାଦ୍ୱାରା ଶିଶୁଙ୍କ ଅଭିଭାବକମାନେ ମଧ୍ୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶିଶୁଭବନରେ ଇନ୍‌ଡୋରରେ ବେଡ ସଂଖ୍ୟା ୨୦୦ରୁ ପ୍ରାୟ ୮୦୦କୁ ବୃଦ୍ଧି ପାଇଛି। ଏଥିସହ ଆଉଟଡୋରରେ ମଧ୍ୟ ପ୍ରତିଦିନ ୮୦୦ ରୁ ୯୦୦ ଶିଶୁ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଫଳରେ ରକ୍ତ ନମୁନା ସଂଖ୍ୟା ବଢ଼ିବାରୁ ବହୁ ସମସ୍ୟା ଦେଖାଦେଉଥିଲା। ଏପରିସ୍ଥଳେ ଏକ କମ୍ପାନୀ ପକ୍ଷରୁ ଶିଶୁଭବନକୁ ପ୍ରାୟ ୬୦ ଲକ୍ଷ ମୂଲ୍ୟର ଅଟୋ ଆନାଲାଇଜର ମେଶିନ ପ୍ରଦାନ କରାଯାଇଛି। ଏହାଦ୍ୱାରା ସମସ୍ତ ପ୍ରକାର ରକ୍ତ ପରୀକ୍ଷା ଶିଶୁଭବନରେ ହିଁ ସମ୍ଭବ ହୋଇପାରିବ। ଏ ସମ୍ପର୍କରେ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡ. ପ୍ରଭାକର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଏବେ ଶିଶୁଭବନରେ ଅତ୍ୟାଧୁନିକ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଉଛି। ନିକଟରେ ସିଟି ସ୍କାନ ମେଶିନ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏକ ସଂସ୍ଥା ପକ୍ଷରୁ ଅଟୋ ଆନାଲାଇଜର ମେଶିନ ପ୍ରଦାନ କରାଯାଇଛି। ଏହାକୁ ଆମେ ଏବେ ଟେଷ୍ଟିଂ ଆରମ୍ଭ କରିଛୁ। ଯଦି ଏହା ସଫଳ ହେଲେ, ଏହାକୁ ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରାଯିବ। ସମସ୍ତ ପ୍ରକାର ରକ୍ତ ପରୀକ୍ଷା ଶିଶୁଭବନରେ ହୋଇପାରିବ ବୋଲି ସେ କହିଛନ୍ତି।



ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଦଳ।

## ସ୍କୁଲ ଅଫ୍ ଇଞ୍ଜିନିୟରିଂ ଚାମ୍ପିୟନ

### ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କ୍ରିକେଟ୍

କଟକ,୧୫।୧୨(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟରେ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଡ୍ରିମ୍‌ସ ସ୍କୁଲ ଅଫ ଇଞ୍ଜିନିୟରିଂ ୫ ରନ୍‌ରେ ଫାର୍ମାସୀ ଉଇଙ୍ଗକୁ ପରାସ୍ତ କରି ଚାମ୍ପିୟନ୍ ହୋଇଛି। ଫାର୍ମାସୀ ଉଇଙ୍ଗ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ଆରମ୍ଭ ସହ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ବିନିମୟରେ ୧୧୮ ରନ୍ ସଂଗ୍ରହ କରିଥିଲା। ଏହା ବିପକ୍ଷରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଦଳ ଗୋଟିଏ ଉଇକେଟ୍ ହରାଇ ୬.୪ ଓଭରରେ ୧୨୩ ରନ୍ କରି ବିଜୟୀ ହୋଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ‘ଡିନ୍’ ଡ. ନୟନ ରଞ୍ଜନ ସାମଲ, ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ପ୍ରାଧ୍ୟାପକ ଡ. ପ୍ରତାପ କୁମାର ପ୍ରଧାନ, ପ୍ରାଧ୍ୟାପକ ରଶ୍ମୀ ରଂଜନ ବିଶ୍ୱାଳ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ପ୍ରମୁଖ ବିଜୟୀ ଓ ରନରଅପ୍ ଦଳକୁ ଅଭିନନ୍ଦନ ଜଣାଇଥିଲେ।

# ପ୍ରଭାତ, ବିରଞ୍ଚି ଶ୍ରେଷ୍ଠ ପ୍ରୁଫ୍ ସଂଶୋଧକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକ,୧୫।୧୨(କାର୍ତ୍ତିକ ସାହୁ)

ପ୍ରଯୁକ୍ତିବିଦ୍ୟାର ଦ୍ରୁତ ବିକାଶ ସତ୍ତ୍ୱେ ପ୍ରୁଫ-ସଂଶୋଧନ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ଓଡ଼ିଆ ଭାଷାରେ ନିର୍ଭୁଲ୍ ଭାବରେ ପ୍ରକାଶିତ ପୁସ୍ତକ ଦୃଷ୍ଟିଗୋଚର ହେଉନାହିଁ। ବ୍ୟବସାୟ ପ୍ରତିଷ୍ଠାନରେ ଲାଗିଥିବା ନାମଫଳକ, ସଭା ଓ ଶୋଭାଯାତ୍ରାରେ ବ୍ୟବହୃତ ବ୍ୟାନରରେ ମଧ୍ୟ ବର୍ଣ୍ଣାଶୁଦ୍ଧି ପରିଲକ୍ଷିତ ହେଉଛି। ଓଡ଼ିଆ ଭାଷାକୁ ତ୍ରୁଟିଶୂନ୍ୟ କରିବାକୁ ହେଲେ ପ୍ରୁଫ-ସଂଶୋଧନର ଗୁରୁତ୍ୱ ସମାଜ ଆଗରେ ଉପସ୍ଥାପନ କରିବା ଆବଶ୍ୟକ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି।

ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ-ସଂଶୋଧକଙ୍କୁ ପୁରସ୍କାର ପ୍ରଦାନ ଉତ୍ସବ ଗାନ୍ଧୀ ଭବନଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡ. ଶଚୀନ୍ଦ୍ର ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. କମଳ ପ୍ରସାଦ ମହାନ୍ତି ଓ ମୁଖ୍ୟବକ୍ତା ଡ. ବୈଷ୍ଣବ ଚରଣ ମହାନ୍ତି ଯୋଗ ଦେଇଥିଲେ। ଚଳିତବର୍ଷ ପାଇଁ ଭୁବନେଶ୍ୱରର ପ୍ରଭାତ ରଞ୍ଜନ ବେହୁରା ଓ ରାଉରକେଲାର ବିରଞ୍ଚି ନାରାୟଣ ମିଶ୍ରଙ୍କୁ ଶ୍ରେଷ୍ଠ ପ୍ରୁଫ-ସଂଶୋଧକ ଭାବରେ ଅର୍ଥରାଶି ସହ ସମ୍ମାନିତ କରାଯାଇଛି। ଡ. ନାରାୟଣ ମହାନ୍ତି ପ୍ରାରମ୍ଭିକ ସୂଚନା, ଡ. ବନଜ କୁମାର ବିଶ୍ୱାଳ ଅତିଥି ପରିଚୟ ଓ ଡ. ବିଭୁଦତ୍ତ ଖଣ୍ଡାୟତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ମଞ୍ଚ ପରିଚାଳନା ଓ ଶିକ୍ଷାବିତ୍ ତୁଷାରକାନ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ‘ଅଭିରାମଙ୍କ ରଚନା ସମାଜ ପାଇଁ ଆଲୋକବର୍ତ୍ତିକା ସଦୃଶ’

କଟକ,୧୫।୧୨(କାର୍ତ୍ତିକ ସାହୁ)

ମହାନଦୀ ବିହାର ଅନନ୍ତ ବିହାରସ୍ଥିତ ପୌର୍ଣ୍ଣମାସୀ ପାଠାଗାର ଆନୁକୂଲ୍ୟରେ ‘ଶ୍ରୀଅଭିରାମଙ୍କ ରଚନାରେ ଉପନିଷଦୀୟ ତତ୍ତ୍ୱ’ ଶୀର୍ଷକ ଜାତୀୟ ଆଲୋଚନାଚକ୍ର ପୌର୍ଣ୍ଣମାସୀ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ବୟୋଜ୍ୟେଷ୍ଠ ସନ୍ନ୍ୟାସୀ ବାବାଜୀ ପ୍ରେମାନନ୍ଦ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ହଂସନାଥ ସାହୁ ଅଧ୍ୟକ୍ଷତା କରି ଅଭିରାମଙ୍କ ରଚନା ସମାଜ ପାଇଁ ଆଲୋକବର୍ତ୍ତିକା ସଦୃଶ ବୋଲି କହିଥିଲେ। ପାଠାଗାର ପକ୍ଷରୁ ସମର୍ପଣ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅନନ୍ତ ନିର୍ଝର ପତ୍ରିକାର ମୁଖ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠାଗାର ସଭାପତି ପ୍ରତାପ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଏବଂ ଭିତ୍ତି ପ୍ରବକ୍ତା ଭାବେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ବୈଷ୍ଣବ ସମ୍ପ୍ରଦାୟ ଓ ଶ୍ରୀଅଭିରାମ ପରମହଂସ ଦେବଙ୍କ ବିଷୟରେ ଆଲୋକପାତ କରିଥିଲେ। ପ୍ରଫେସର ବ୍ରଜକିଶୋର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ପ୍ରଫେସର ଲକ୍ଷ୍ମୀକାନ୍ତ ପାଢ଼ୀ, ଡ. ନିରଞ୍ଜନ ମହାନ୍ତି, ଡ. ଅଜୟ କୁମାର ନାୟକ, ଡ. ଅର୍ଜୁନ ଚରଣ ମଲ୍ଲିକ, ଡ. ସୁରେନ୍ଦ୍ର କୁମାର ଷଡ଼ଙ୍ଗୀ, ଡ. ଭୂପେଶ ସାହୁ, ଡ. ବିକାଶ ଆଚାର୍ଯ୍ୟ, ଡ. କବିତା ମହାପାତ୍ର, ସୁଲତା ଦେ ଏବଂ ଡ. ରମାକାନ୍ତ ରାଉତ ପ୍ରମୁଖ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ ସଭାପତି ପ୍ରଫେସର ସୁନାମଣି ରାଉତ, ମୁଖ୍ୟ ଅତିଥି ଡ. ବୈଜୟନ୍ତୀ ମିଶ୍ର, ସମ୍ମାନିତ ବକ୍ତା ପ୍ରଫେସର ରବୀନ୍ଦ୍ରନାଥ ମିଶ୍ର ଯୋଗଦେଇଥିଲେ। ସରୋଜିନୀ ମିଶ୍ର ଧନ୍ୟବାଦ ଦେଇଥିଲେ। କରମଳା ଆଶ୍ରମର ବାବାଜୀ ହରେକୃଷ୍ଣ ଦାସ, ବାବାଜୀ ବନବିହାରୀ ଦାସ, ବାବାଜୀ ବିଭୁପ୍ରସାଦ, ବାବାଜୀ କେଶବାନନ୍ଦ, ବାବାଜୀ ଜ୍ୟୋତି ପ୍ରକାଶ, ବାବାଜୀ ବିଷ୍ଣୁପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ଡ. ବିଭୂତି ଭୂଷଣ ମହାପାତ୍ର, ଅନନ୍ତ କୁମାର ମହାରଣା, ସ୍ୱୟଂପ୍ରଭା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜାତୀୟ ଆଲୋଚନାଚକ୍ରରେ ପାଠାଗାର ପକ୍ଷରୁ ସମର୍ପଣ ପୁସ୍ତକ ଉନ୍ମୋଚନ କରାଯାଉଛି।

# ପ୍ରିମିୟର ଲିଗ୍ କ୍ରିକେଟ: ଚାମ୍ପିୟନ ଚେଞ୍ଜର୍ସ ଚାମ୍ପିୟନ

କଟକ ସଦର,୧୫।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ୫୧ ନଂ. ୱାର୍ଡ ଅନ୍ତର୍ଗତ ବାଲିସାହିସ୍ଥିତ ଲକ୍ଷ୍ମୀନାରାୟଣ କ୍ରିକେଟ କ୍ଲବ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଟୁର୍ନାମେଣ୍ଟରେ ଫାଇନାଲ ମ୍ୟାଚ ରୟାଲ ଏକାଦଶ ଓ ଚାମ୍ପିୟନ ଚେଞ୍ଜର୍ସ ଟିମ ମଧ୍ୟରେ ହୋଇଥିଲା। ଏଥିରେ ଚାମ୍ପିୟନ ଚେଞ୍ଜର୍ସ ବିଜୟୀ ହୋଇଥିବା ବେଳେ ରୟାଲ ଏକାଦଶ ରନରଅପ୍ ହୋଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୟୁନିୟନ ଫର କଟକ ସଦର ଡେଭେଲପମେଣ୍ଟ ସଭାପତି ପ୍ରଫେସର ମନୋଜ କୁମାର ନାୟକ ଓ ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ମହାପାତ୍ର ଯୋଗଦେଇ ଚାମ୍ପିୟନ ଦଳକୁ ୮ ହଜାର ଟଙ୍କା ସହ ଟ୍ରଫି ଓ ରନର ଅପ୍ ଦଳକୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ କ୍ଲବର ଅଜିତ କୁମାର ଦାସ, ଦେବ ପ୍ରସାଦ ଭୋଇ, ପ୍ରିୟଂଶୁ ରାଉତ, ଶୁଭମ ରାଉତ, ରୋହିତ କୁମାର ବିଶ୍ୱାଳ, ରୋମିତ ଜେନା, ପ୍ରକାଶ ମାଝୀ, ଦେବୀ ଦାସ, ସରୋଜ ସାସମଲ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ପାଲା ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ଚୌଦ୍ୱାର,୧୫।୧୨(ଆଶୁତୋଷ ଦାସ)



ବୈଠକରେ ଉପସ୍ଥିତ ପାଲା ଗାୟକ ଏବଂ ଅନ୍ୟମାନେ।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ଅଙ୍ଗଦରାଢ଼ିହସ୍ଥିତ କନକେଶ୍ୱର ମନ୍ଦିରରେ ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ପାଲା ମଣ୍ଡଳ ପକ୍ଷରୁ ପଞ୍ଚମ ବାର୍ଷିକ ପାଲା ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଲା ମଣ୍ଡଳ କାର୍ଯ୍ୟକାରୀ ସଭାପତି ଅନାଦି ଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପାଲାକାର ବିଚିତ୍ରାନନ୍ଦ ପଣ୍ଡାଙ୍କ ସମେତ ବହୁ ପାଲାକାର ଓ ପାଲା କଳାକାର ଯୋଗଦେଇ ସମ୍ମିଳନୀ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ୨୬ରୁ ୨୮ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଉତ୍ସବକୁ ଓଡ଼ିଶାର ପ୍ରାଚୀନତମ ବିଦଗ୍ଧ କଳା ପାଲା ପାଇଁ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ, ପାଲାକାର ତଥା ସାହିତ୍ୟିକମାନଙ୍କୁ ଆମନ୍ତ୍ରଣ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଏହି ସାହିତ୍ୟ, ସଂସ୍କୃତି ଓ ପୌରାଣିକ ମହାକୁମ୍ଭରେ ପାଲାପ୍ରେମୀ ଓ ସାହିତ୍ୟପ୍ରେମୀଙ୍କ ସହିତ ଆଗ୍ରହୀ ଜନସାଧାରଣ ଯୋଗଦେବା ପାଇଁ ମଣ୍ଡଳ ପକ୍ଷରୁ ନିବେଦନ କରାଯାଇଛି।

# ଓଟିଏମ୍ କଲୋନୀର ସମସ୍ୟା ଜଣାଇଲା ଟେକ୍ସଟାଇଲ ବିଭାଗ

ଚୌଦ୍ୱାର,୧୫।୧୨(ଆଶୁତୋଷ ଦାସ)

ଚୌଦ୍ୱାରରେ ଦୀର୍ଘବର୍ଷ ଧରି ବନ୍ଦ ପଡିଥିବା ଓଟିଏମ୍ ମିଲ୍ କଲୋନୀରେ ରହୁଥିବା ଶ୍ରମିକ ଓ କର୍ମଚାରୀମାନଙ୍କୁ ସେମାନଙ୍କ ମୌଳିକ ସୁବିଧାରୁ ବଞ୍ଚିତ କରାଯାଇଛି ବୋଲି କଲୋନୀବାସୀଙ୍କ ପକ୍ଷରୁ ଦୀର୍ଘଦିନ ହେଲା ଅଭିଯୋଗ ହୋଇ ଆସୁଛି। ଏହାକୁ ନେଇ ଗତ ୫ ତାରିଖରେ କଟକ ଟେକ୍ସଟାଇଲ ବିଭାଗ ପକ୍ଷରୁ ଏକ ଉଚ୍ଚପଦାଧିକାରୀ ଟିମ୍ ଲୋକଙ୍କ ଥିବା ବିଭିନ୍ନ ସମସ୍ୟା ବୁଝିବା ସହିତ ଏ ସଂକ୍ରାନ୍ତରେ ଏକ ରିପୋର୍ଟ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ଅତିରିକ୍ତ ସଚିବଙ୍କୁ ଗତ ୬ ତାରିଖରେ ଚିଠି ସଂଖ୍ୟା ୧୨୬୮୭ରେ ପ୍ରଦାନ କରାଯାଇଥିବା ଜଣାପଡିଛି। ଫଳରେ କଟକ ଟେକ୍ସଟାଇଲ ବିଭାଗ ଅଧିକାରୀ କଲୋନୀ ଅଞ୍ଚଳ ଗସ୍ତକରି କଲୋନୀ ପରିବେଶ ପରିଦର୍ଶନ କରିଥିଲେ। ଅଞ୍ଚଳର ଲୋକଙ୍କଠାରୁ ଅଭିଯୋଗ ଓ ଦାବିଗୁଡ଼ିକ ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ କରି ଏ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। କଲୋନୀର ମୌଳିକ ସୁବିଧା ଯଥା ପରିମଳ, ଗମନାଗମନ ପାଇଁ ପକ୍କା ରାସ୍ତା ଓ ବିଭିନ୍ନ ଡ୍ରେନ ଆଦି ମରାମତି ଦାବିରେ କଲୋନୀବାସୀ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ ମଧ୍ୟ କରିଆସୁଥିଲେ। କଲୋନୀର ଜଣେ ପୂର୍ବତନ କର୍ମଚାରୀ ତଥା ସାମାଜିକ କର୍ମୀ ରବିନାରାୟଣ ରାଉତ ମୁଖ୍ୟମନ୍ତ୍ରୀଙ୍କ ପୋର୍ଟାଲରେ ମଧ୍ୟ ନିବେଦନ କରିଥିଲେ।

# ବାସ୍ତବଧର୍ମୀ କବିତା ହିଁ କାଳଜୟୀ କବିତା

କଟକ,୧୫।୧୨(କାର୍ତ୍ତିକ ସାହୁ)




ଶିଶିର ଉତ୍ସବ ଉଦ୍‌ଘାଟନୀରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ୬୬ତମ ଶିଶିର ଉତ୍ସବ ଉଦ୍‌ଘାଟିତ

ସାହିତ୍ୟ ସଂସଦ ପକ୍ଷରୁ ୬୬ତମ ଶିଶିର ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ସୋମବାର ଆରମ୍ଭ ହୋଇଛି। ଡ. ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଡ. ବିଜୟାନନ୍ଦ ସିଂହ ଉଦ୍‌ଘାଟନ କରି କହିଲେ, ଦୀର୍ଘ ୬୬ବର୍ଷ ପୂର୍ବେ ଓଡ଼ିଶାର ବିଶେଷ କରି କଟକ ସହରର ପରିବେଶ ତଥା ପରିସ୍ଥିତି ସମ୍ପର୍କରେ ଥରେ ଭାବିଲେ ସାହିତ୍ୟ ସଂସଦ ସେ ସମୟରେ କଟକରେ ସାହିତ୍ୟ ଆସର ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲା ତାହା ବହୁ କଷ୍ଟକର ଥିଲା। ମୁଖ୍ୟ ଅତିଥି ଡ. ଗୌତମ ଜେନା କହିଲେ, କେବଳ ବାସ୍ତବଧର୍ମୀ କବିତା ହିଁ କାଳଜୟୀ କବିତା ହୋଇଥାଏ। ବରେଣ୍ୟ ଅତିଥି ଡାକ୍ତର ଅମୀୟ ରଂଜନ ମହାପାତ୍ର କବିମାନେ ସାମ୍ପ୍ରତିକ ଘଟଣାକୁ ନେଇ ବାସ୍ତବଧର୍ମୀ କବିତା ଲେଖନ୍ତୁ ବୋଲି କହିଥିଲେ। ଏହି ଅବସରରେ ଅପର୍ଣ୍ଣା ମିଶ୍ରଙ୍କ ରଚିତ ୨ଟି ପୁସ୍ତକ ଭକ୍ତିମୟୀ ଶ୍ରୀରାଧା ଓ ତଥାପି ଅସମାପ୍ତ ଉନ୍ମୋଚିତ ହୋଇଥିଲା। ଡ. ନଳିନୀ ବେହେରା ଓ ଡ. ସରସ୍ୱତୀ ପାତ୍ରଙ୍କ ସଂଯୋଜନାରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିସହ କବି ଡ. ସଂଗ୍ରାମ ସାମନ୍ତରାୟ, ପ୍ରଭାତ ମଲ୍ଲିକ, ସ୍ନେହଲତା ଦ୍ୱିବେଦୀ, ସରିତା ପ୍ରଧାନ, ଡ. ଅଭୟ ରାଉତ ଓ ଆଶିଷ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍କଳ ସାହିତ୍ୟ ସମାଜ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ସଭା ପରିଚାଳନା କରିଥିଲେ। ଅଜିତ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ସୁରଜିତ ନାଥ ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର




ଆଶା କର୍ମୀମାନଙ୍କ ଭତ୍ତା ବୃଦ୍ଧି ଦାବି କରି ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ସୋମବାର କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ସିଡିଏମ୍‌ଓ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




କଟକ ସହରର ସ୍ୱାଭାବିକ ଜୀବନ ଶୈଳୀକୁ ଫେରାଇ ଆଣିବା ପାଇଁ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା ଯୁବ ଛାତ୍ରସମାଜ ଓଡ଼ିଶାର ପ୍ରତିନିଧିମାନେ। (ଫଟୋ: ରାଜକିଶୋର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୧୨।୨୦୨୫

| | |
|---|---|
| ୭,୧୧,୫୩୮ ଟଙ୍କା | |
| ସୁନା | ୧୮୦ ମିଲିଗ୍ରାମ୍ |
| ରୁପା | ୯୭.୬୮୦ ଗ୍ରାମ୍ |

# ସତର୍କତା, ସଚେତନତା ଶକ୍ତି ସଂରକ୍ଷଣକୁ ତ୍ୱରାନ୍ୱିତ କରିବ

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)

ଅକ୍ଷୟ ଶକ୍ତିର ବ୍ୟାପକ ଉପଯୋଗ ସହ ବିଦ୍ୟୁତ୍ ଅପଚୟକୁ ରୋକିବା ଆମ ସମସ୍ତଙ୍କ ଦାୟିତ୍ୱ। ଏଥିପାଇଁ ସବୁସ୍ତରରେ ବ୍ୟାପକ ସତର୍କ ଓ ସଚେତନ କରାଇବା ସମ୍ପର୍କରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଗୁରୁତ୍ୱ ଦେଇଛନ୍ତି। ଜିଲା ସ୍କୁଲ ପରିସରରେ ଟିପିସିଓଡିଏଲ୍ ପକ୍ଷରୁ ସୋମବାର ଉର୍ଜା ମେଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ ଏହି ମେଳାର ବିଭିନ୍ନ ପ୍ରତିଯୋଗିତାକୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍, ସ୍ଲୋଗାନ ଲିଖନ ଓ ବିଜ୍ଞାନ ପ୍ରକଳ୍ପ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସେଠୀ ପୂର୍ବାପେକ୍ଷା ବିଦ୍ୟୁତ୍ ବ୍ୟବହାର ଓ ଚାହିଦା ଅନେକ ବୃଦ୍ଧି ପାଇଛି। ସେହିପରି ଅପଚୟ ମାତ୍ରା ମଧ୍ୟ ବଢୁଛି।



ପୁରୀ ଜିଲା ସ୍କୁଲ୍ ପରିସରରେ ଅନୁଷ୍ଠିତ ଟିପିସିଓଡିଏଲ୍‌ର ଉର୍ଜା ମେଳାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ।

ଏବେଠାରୁ ଯଦି ଆମେ ସତର୍କ ଓ ସଚେତନ ନ ହେବା ତେବେ ଭବିଷ୍ୟତ ପିଢ଼ି ଆମକୁ କ୍ଷମା କରିବ ନାହିଁ। ସେମାନେ ଏକ ବିଶାଳ ଶକ୍ତି ସଂକଟର ସମ୍ମୁଖୀନ ହେବେ। ବିଶ୍ୱ ତାପାୟନ ବା ଗ୍ଲୋବାଲ ୱାର୍ମିଂ ପାଇଁ ମଧ୍ୟ ସମସ୍ତେ ଦାୟିତ୍ୱବାନ୍ ହେବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଯୋଗଦେଇ ବିଦ୍ୟୁତ୍ ଅପଚୟକୁ ରୋକିବା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଭୂମିକା ଓ ମାତାପିତାଙ୍କୁ ସଚେତନ କରାଇବା ଜିଲା ଆଇନସେବା ପ୍ରାଧିକରଣର ସଦସ୍ୟ ସୁଧିର ଘୋଷ୍ ଅକ୍ଷୟ ଶକ୍ତିର ଉତ୍ସକୁ ଆହୁରି ଅଧିକ ପରିବ୍ୟାପ୍ତ କରିବା, ଶକ୍ତି ସଂରକ୍ଷଣ କରିବା, ଟିପିସିଓଡିଏଲ୍ ସର୍କଲ ହେଡ୍ ପ୍ରଦୀପ କୁମାର ଦାସ ଓ ବିଜ୍ଞାନ ସୁପରଭାଇଜର ଶ୍ରୀକୁମାର ଆଚାର୍ଯ୍ୟ ଶକ୍ତି ଉତ୍ପାଦନ, ସଞ୍ଚୟ, ସଂରକ୍ଷଣ ଓ ଅପଚୟ ରୋକିବାକୁ ଅନୁରୋଧ କରିଥିଲେ। ଟିପିସିଓଡିଏଲ ସିଏସ୍ଆର୍‌ର ଓଡ଼ିଶା ହେଡ୍ ପ୍ରଦୀପ ଘୋଷ୍‌ଲା ଉର୍ଜା ମେଳା ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମଙ୍ଗଳବାର ଦିଲ୍ଲୀରେ ଜାତୀୟ ମେଳା ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ଓଡ଼ିଶାର ୨୩ ଜଣ ପ୍ରତିଭାବାନ୍ ଯୋଗଦେବାକୁ ମନୋନୀତ ହୋଇଛନ୍ତି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମକୁ ରଶ୍ମିତା ପଟ୍ଟନାୟକ ସଞ୍ଚାଳନ କରିଥିବା ବେଳେ ସତ୍ୟ ବିଶ୍ୱାଳ ଓ ଟିପିସିଓଡିଏଲ୍‌ର କର୍ମଚାରୀମାନେ ସହଯୋଗ କରିଥିଲେ।

# ଶ୍ରୀମନ୍ଦିରରେ ଆଜିଠୁ ପହିଲି ଭୋଗ ନୀତି

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ମଙ୍ଗଳବାର ଧନୁସଂକ୍ରାନ୍ତିରେ ମହାପ୍ରଭୁଙ୍କ ପହିଲିଭୋଗ ନୀତି ଅନୁଷ୍ଠିତ ହେବ। ପହିଲିଭୋଗ ନୀତି ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଦୀର୍ଘ ୧ମାସ ଧରି ଚାଲିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ପହିଲି ଭୋଗରେ ମହାପ୍ରଭୁଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନ, ବଡ଼ଝିଲି, ବଡ଼ବଡ଼ା, କାକରା, ଅମାଲୁ, ଝିଲି, ଏଣ୍ଡୁରି, ଲଡ୍ଡୁ, ବଡ଼ି ଓ ଖଇରଚୂଳ ପରି ବିଭିନ୍ନ ଭୋଗ ଲାଗି କରାଯିବ। ପହିଲିଭୋଗ ନୀତି ସମୟରେ ରାତ୍ର ୨ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତରଶୋଧ, ମଙ୍ଗଳଆଳତି, ରୋଷହୋମ, ମଇଲମ ଓ ତଡ଼ପଲାଗି, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବେଶ ଶେଷ ପରେ ପହିଲି ଭୋଗ ଓ ଗୋପାଳ ବଲ୍ଲଭ ଅନୁଷ୍ଠିତ ହେବ। ସେହିପରି ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ରାତ୍ର ପହୁଡ଼ ୧୧ଟାରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ସହ ପୁରୀରେ ଥିବା ଦେବଦେବୀ ଏବଂ ଜାଗା ଆଖଡ଼ା ପରିସରରେ ମଧ୍ୟ ପହିଲି ଭୋଗ ଆରମ୍ଭ ହେବ।

## ସଂକ୍ଷେପରେ

### ବାର୍‌ହା ଆକ୍ରମଣରେ ୩ ଗୁରୁତର

ବ୍ରହ୍ମଗିରି,୧୫।୧୨(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବନବିଭାଗ ଅଧୀନ ଅଞ୍ଚଳରେ ବାର୍‌ହା ଆକ୍ରମଣରେ ୩ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ରେଞ୍ଜ ଅଧୀନ ସିରିଆପୁର ଗ୍ରାମରେ ସଦାନନ୍ଦ ସ୍ୱାଇଁ ଜମିରେ କାମ କରୁଥିବା ସମୟରେ ତାଙ୍କୁ ହଠାତ୍ ଏକ ବାରହା ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ସେହିପରି ଉକ୍ତ ବାରହା ଆକ୍ରମଣରେ ଲମ୍ବିତଲ ଓ ଯାଉଖିଆ ଗ୍ରାମର ଅନ୍ୟ ଦୁଇଜଣ ଗୁରୁତର ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

### ହୋଟେଲ, ମଲ୍‌ରେ ଅଗ୍ନି ନିରାପତ୍ତା ଯାଞ୍ଚ

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)

ଗୋଆସ୍ଥିତ ନାଇଟ୍ କ୍ଲବ ଓ ଭୁବନେଶ୍ୱରର ଏକ ବାର୍‌ରେ ଅଗ୍ନିକାଣ୍ଡ ଘଟିବା ପରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରସଙ୍ଗରେ ପର୍ଯ୍ୟଟନ ସହର ପୁରୀ କେତେ ସୁରକ୍ଷିତ ସେ ନେଇ ଯାଞ୍ଚ ପ୍ରକ୍ରିୟା ରବିବାରଠାରୁ ଆରମ୍ଭ ହୋଇଛି। ପୁରୀର ପ୍ରତ୍ୟେକ ହୋଟେଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଗ୍ନିଶମ ବିଭାଗ ଯାଞ୍ଚ କରିଛି। ପୁରୀ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସମ୍ପୃକ୍ତ ଟିମ୍ ବିଭିନ୍ନ ହୋଟେଲ୍‌ରେ ଚଢ଼ାଉ ସହ କଡ଼ାକଡ଼ି ଯାଞ୍ଚ କରୁଛି। ଯେଉଁମାନେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପାଇନାହାନ୍ତି ବା ଯେଉଁମାନଙ୍କର ଅଗ୍ନି ନିରାପତ୍ତା ନେଇ ସମସ୍ୟା ରହିଛି, ସେମାନଙ୍କୁ ଚିହ୍ନଟ କରାଯିବ। ଆଗକୁ ବଡ଼ଦିନ ଓ ଇଂଲିଶ ନୂଆବର୍ଷ ପାଇଁ ପୁରୀରେ ପର୍ଯ୍ୟଟକଙ୍କ ପ୍ରବଳ ଗହଳି ସାଙ୍ଗକୁ ସମସ୍ତ ହୋଟେଲରେ ଭିଡ଼ ଲାଗିରହିବ। ତେଣୁ ପ୍ରତ୍ୟେକ ହୋଟେଲରେ ଅଗ୍ନିନିରାପତ୍ତା ରହିବା ନିହାତି ଆବଶ୍ୟକ। ବିଶେଷକରି ପୁରୀରେ ଯେଉଁ ହୋଟେଲ, ଧର୍ମଶାଳା, ଗେଷ୍ଟ ହାଉସ ଏବଂ ଶପିଙ୍ଗ୍ ମଲ୍‌ରେ ଅଗ୍ନି ନିରାପତ୍ତା ନିୟମ ଉଲ୍ଲଂଘନ ହେଉଥିବ, ସମ୍ପୃକ୍ତ ଅନୁଷ୍ଠାନ ବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଭାତ କୁମାର ରାଉତ କହିବା ସହ ଏହି ଯାଞ୍ଚ ପ୍ରକ୍ରିୟା ୧୦ ଦିନ ଧରି ଚାଲିବ ବୋଲି ସୂଚନା ଦେଇଛନ୍ତି।



ସିଡ୍‌ନୀର ବଣ୍ଡାଇ ବିଚ୍‌ରେ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ବାଲୁକା କଳା ମାଧ୍ୟମରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ନମୁନା ପରୀକ୍ଷା ପାଇଁ ୩ ପ୍ରକାର ଔଷଧ ଜବତ

## ଜିଲା ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଗୋପ,୧୫।୧୨ (ଭାରତୀ ଭୂଷଣ ଉପାଧ୍ୟାୟ)


ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଔଷଧ ଭଣ୍ଡାରକୁ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଜ୍ଞାନଦା ଶୁଭଦର୍ଶନୀ ନନ୍ଦ ଦେଖୁଛନ୍ତି।

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ସରକାରୀ ଔଷଧ ଭଣ୍ଡାରକୁ ସୋମବାର ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଜ୍ଞାନଦା ଶୁଭଦର୍ଶନୀ ନନ୍ଦ ଅଚାନକ ପରିଦର୍ଶନ କରିଛନ୍ତି। ସେ ଔଷଧ ଭଣ୍ଡାର ବୁଲି ଦେଖିବା ସହ ସରକାରଙ୍କ ପକ୍ଷରୁ ଆସୁଥିବା ୨୪୬ ପ୍ରକାରର ଔଷଧ ତନ୍ନତନ୍ନ କରି ଯାଞ୍ଚ କରିବା କରିଥିଲେ। ସେ ନମୁନା ପରୀକ୍ଷା ସହ ଯାଞ୍ଚ ପାଇଁ ୩ ପ୍ରକାରର ଔଷଧ ଜବତ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଜ୍ୟ ସରକାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମାଗଣାରେ ଔଷଧ ଯୋଗାଇ ଦେଉଛନ୍ତି। ଏପରିକି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ତ୍ତବ୍ୟରତ ଡାକ୍ତରମାନେ ପ୍ରେସ୍‌କ୍ରିପ୍‌ସନବେଳେ ମାଗଣା ଔଷଧ ଲେଖିବାକୁ ନିର୍ଦ୍ଦେଶ ରହିଛି। ତେବେ ଡାକ୍ତରମାନେ ସବୁ ସମୟରେ ମାଗଣା ଔଷଧ ଲେଖୁଛନ୍ତି କି ନାହିଁ ଓ ସେଗୁଡ଼ିର ଏକ୍ସପାଏରି ସମୟ ଅଛି କି ନାହିଁ ତାହା କର୍ତ୍ତୃପକ୍ଷଙ୍କ ଦ୍ୱାରା ପରଖାଯାଉନାହିଁ। ତେଣୁ ସରକାରୀ ଔଷଧ ଭଣ୍ଡାର କିପରି ଚାଲିଛି ଏବଂ ସମସ୍ତ ଔଷଧର ମାନ ଠିକ୍ ଅଛି କି ନାହିଁ ସେ ନେଇ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ନନ୍ଦ ଯାଞ୍ଚ କରିଥିବା ଜଣାପଡ଼ିଛି। ଏହି ସମୟରେ ଔଷଧ ଭଣ୍ଡାରର ସିନିୟର ଫାର୍ମାସିଷ୍ଟ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ରୋଗୀଙ୍କୁ ମାଗଣା ସରକାରୀ ଔଷଧ ଯୋଗାଇ ଦିଆଯାଉଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡା. ଜସ୍ମିନୀ ଆପ୍ରୋଜ ପ୍ରକାଶ କରିଛନ୍ତି।

# ପିପିଲି ବ୍ଲକରେ ଅଭିଯୋଗ ଶୁଣାଣି

ପିପିଲି,୧୫।୧୨(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୨୨ଟି ଅଭିଯୋଗ ହୋଇଥିଲା। ଅଭିଯୋଗ ମଧ୍ୟରେ ପିପିଲି ତହସିଲ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବେଆଇନ ବାଲି, ମାଟି, ମୋରମ ଓ ପଥର ଚୋରାଚାଲାଣ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସରକାରଙ୍କର କୋଟି କୋଟି ଟଙ୍କା ରାଜସ୍ୱହାନି ହେଉଛି। ବାଲି ଚୋରାଚାଲାଣ ରୋକିବା ପାଇଁ ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଜିଲାପରିଷଦ ଧରଣୀଧର ସାହୁ ଓ ସୁଶାନ୍ତ ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରକାଶ ଧଳ ଓ ସାମାଜିକ କର୍ମୀ ବିଶ୍ୱଜିତ୍ ଦାଶ ପ୍ରମୁଖ ଅଭିଯୋଗ ଆଣିଥିଲେ। ସେହିପରି ତେଇଶିପୁରଠାରେ ଥିବା ରାଜ୍ୟରେ ଏକମାତ୍ର କତା ଉତ୍ପାଦନ ଶିଳ୍ପ ଓ ରୂପାଙ୍କନ କେନ୍ଦ୍ରରେ କାର୍ଯ୍ୟ ନ ହୋଇ ବନ୍ଦ ହୋଇ ପଡ଼ିରହିଥିବା ଏବଂ ଏହାକୁ ପୁନରୁଦ୍ଧାର ପାଇଁ ଅଭିଯୋଗ ହୋଇଛି। ଏହାସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବ୍‌ସେଣ୍ଟର ଗୃହ ନିର୍ମାଣ ସରିଥିଲେ ସୁଦ୍ଧା ସେଠାରେ ସବ୍‌ସେଣ୍ଟର ଖୋଲା ନ ଯାଇ ଭଡ଼ାଘରେ ଚାଲୁଛି। ଗତ ଫନିରେ ତେଇଶିପୁର ସେବା ସମବାୟ ସମିତିର ଅଫିସ୍ ଗୃହଭାଙ୍ଗି ଯାଇଥିଲା। ଏହାର ନିର୍ମାଣ ପାଇଁ ୪୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ସୁଦ୍ଧା ଟେଣ୍ଡର୍ ନ ହୋଇ ୩ବର୍ଷ ହେଲା କାର୍ଯ୍ୟ ନ ହୋଇ ପଡ଼ିରହିଛି। ଫଳରେ ଅଫିସ କାର୍ଯ୍ୟ କରିବାରେ ନାନା ସମସ୍ୟା ଦେଖାଦେଇଛି। ସାତଶଙ୍ଖ ବଳଙ୍ଗା ରାସ୍ତା ପୂର୍ତ୍ତବିଭାଗ ଅଧୀନରେ ନିର୍ମାଣ ଚାଲୁଥିବା ବେଳେ ତାହା ଅତି ନିମ୍ନମାନର କାର୍ଯ୍ୟ ଚାଲୁଥିବା ନେଇ ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ପୂର୍ତ୍ତବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ଅତିରିକ୍ତ ଜିଲାପାଳ ବେହେରା ସେମାନଙ୍କ ଉପରେ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଖଣିକାର୍ଯ୍ୟ ବନ୍ଦ ନେଇ ଖୋର୍ଦ୍ଧା ଖଣି ମାଲିକ ସଂଘର ପ୍ରତିବାଦ

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)

## ଶ୍ରୀମନ୍ଦିର ପ୍ରଶାସନ ଉଦ୍ଦେଶ୍ୟରେ ଦାବିପତ୍ର

ଖୋର୍ଦ୍ଧା ଜିଲାରେ ଥିବା ମହାପ୍ରଭୁଙ୍କ ଖଣି କାର୍ଯ୍ୟ ବନ୍ଦ କରାଯିବାକୁ ନେଇ ଖୋର୍ଦ୍ଧା ଖଣି ମାଲିକ ସଂଘ ପ୍ରତିବାଦ କରିଛି। ତୁରନ୍ତ ଖଣି କାର୍ଯ୍ୟ ଆରମ୍ଭ କରିବା ପାଇଁ ଅନୁମତି ଦେବାକୁ ସଂଘ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଖୋର୍ଦ୍ଧା ଜିଲାରେ ମହାପ୍ରଭୁଙ୍କର ଅନେକ ପଥର ଖଣି ଅଛି। ପ୍ରତିବର୍ଷ ପଥର ଖଣିରୁ ୬୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମହାପ୍ରଭୁଙ୍କ ପାଣ୍ଠିକୁ ଆସିଥାଏ। ଗତ ମାର୍ଚ୍ଚ ମାସରୁ ଖଣି କାମ ବନ୍ଦ କରିଦିଆଯିବାରୁ ଖୋର୍ଦ୍ଧା ଜିଲାର ଖଣି ମାଲିକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଓଏମ୍ଏମ୍ସି ରୁଲ୍-୨୦୧୬ ଅନୁଯାୟୀ ବିଦ୍ୟମାନ ଲିଜ୍‌ଗୁଡ଼ିକୁ ପ୍ରଥମେ ଅଗ୍ରାଧିକାର ଦିଆଯାଉ। ନୂତନ ଟେଣ୍ଡର ପ୍ରକ୍ରିୟାରେ ଓଏମ୍ଏମ୍ସି ୨୦୨୫ରେ ନୂତନ ଏମ୍‌ଜିଓ ହାର ସରକାରୀ ସ୍ତରରେ ସ୍ଥିର କରାଯାଉ। ଯଦି ଇ-ଲଟେରି ଟେଣ୍ଡର ପ୍ରକ୍ରିୟାରେ ଲିଜ୍‌ଧାରୀଙ୍କୁ ଅଗ୍ରାଧିକାର ଦିଆଯିବ, ତେବେ ସରକାରଙ୍କୁ ଆର୍ଥିକ କ୍ଷତି ହେବନାହିଁ। ସେହିପରି ଲିଜଧାରୀ ଆଇନ ଅନୁଯାୟୀ କ୍ଷତିପୂରଣ ଦାବି କରିପାରିବେ ନାହିଁ, ଯଦ୍ୱାରା ଶହେ କୋଟିର ମନ୍ଦିର ପାଣ୍ଠି ସଞ୍ଚୟ ହୋଇପାରିବ। ନିୟମିତ ବାର୍ଷିକ ରୟାଲ୍‌ଟି ରାଶି ଲିଜଧାରୀମାନଙ୍କଠାରୁ ସଂଗ୍ରହ କରାଯିବ ଏବଂ ବେଆଇନ ଖଣି କାରବାର ବନ୍ଦ ହୋଇପାରିବ ବୋଲି କୁହାଯାଇଛି।


ନ୍ୟାୟ ଦାବିରେ ପଥରଖଣି ମାଲିକମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

# ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ



ଏସ୍‌ୟୁସିଆଇ ପକ୍ଷରୁ ପ୍ରତିବାଦ କରାଯାଉଛି।

ଡେଲାଙ୍ଗ,୧୫।୧୨(ରଶ୍ମୀରଞ୍ଜନ ପ୍ରଧାନ)

ଏସ୍‌ୟୁସିଆଇ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଡେଲାଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ୧୦ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟଙ୍କୁ ଦିଆଯାଇଛି। କମ୍ରେଡ ଦୀନବନ୍ଧୁ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ପୁରୀ ଜିଲା କମିଟିର ସମ୍ପାଦକ କମ୍ରେଡ ସୁବାସ ଚନ୍ଦ୍ର ବରାଳ, ପଦ୍ମଚରଣ ଜେନା, ବଟକୃଷ୍ଣ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ସହିତ ଡେଲାଙ୍ଗ ଅଞ୍ଚଳବାସୀଙ୍କ କେତେକ ମୌଳିକ ଦାବି ପୂରଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବୁଲାଗୋରୁ ଓ ଅନ୍ୟ ପଶୁଙ୍କ ଉପଦ୍ରବରୁ ଚାଷୀଙ୍କ ଫସଲହାନି ହେଉଥିବା ବେଳେ ଏହାର ସୁରକ୍ଷା, ମୁନିନ୍ଦା ପଞ୍ଚାୟତର ଲୁଣାନଦୀ ବନ୍ଧ ସଂଲଗ୍ନ ସେବତୀପୁର ପୂର୍ବପାରି ନିକଟରେ ଆନିକଟ ନିର୍ମାଣ କରି ରବିଋତୁ ସମୟରେ ଚାଷୀଙ୍କ କ୍ଷେତକୁ ଜଳସେଚନ କରିବା, ସ୍ମାର୍ଟ ମିଟର ବସାଇ ଉପଭୋକ୍ତାଙ୍କୁ ଲୁଟ୍ କରିବା ନିୟମ ବନ୍ଦ କରିବା,୨୦୨୩ ମସିହାର ବକେୟା ବିଦ୍ୟୁତ ଶୁଳ୍କ ବାତିଲ କରିବା, ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି କରିବା, ଚାଷୀଙ୍କ ଉତ୍ପାଦିତ ଫସଲ ସୁରକ୍ଷା ପାଇଁ ଶୀତଳ ଭଣ୍ଡାର ନିର୍ମାଣ କରିବା, ନିଶା କାରବାର କରିବା ଆଦି ଦାବି କରାଯାଇଛି। କମ୍ରେଡ ତ୍ରିନାଥ ପ୍ରଧାନ, ଜଗବନ୍ଧୁ ସ୍ୱାଇଁ, ପ୍ରଶାନ୍ତ ବେହେରା ପ୍ରମୁଖଙ୍କ ସମେତ ଶତାଧିକ ଏସ୍‌ୟୁସିଆଇ କର୍ମୀ ବିକ୍ଷୋଭରେ ସାମିଲ ଥିଲେ।

# ‘ଭାଗବତ ଜନଜୀବନର ବେଦ’

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)

ଭାଗବତ ଜନଜୀବନର ବେଦ। ଭକ୍ତିଭାବ ଉଦୟ ହେଲେ ଭକ୍ତର ଜୀବନ ରସମୟ ହୋଇଉଠେ। ସନାତନ ଧର୍ମ ପରମ୍ପରାରେ ଜଗନ୍ନାଥ ଦାସଙ୍କ କୃତ ଭାଗବତ ଘରେଘରେ ପାଠ ହେବାର ଆବଶ୍ୟକତା ରହିଛି ବୋଲି ସିଦ୍ଧବକୁଳ ମଠରେ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ କଥାମୃତ, ଓଡ଼ିଶା ଗ୍ରୁପ୍‌ର ପଞ୍ଚମ ବାର୍ଷିକ ସମାରୋହରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି। ପରମଶାସ୍ତ୍ର ଭାଗବତ ଓ ଶ୍ରୀମଦ୍ ଭାଗବତ କଥାମୃତ ଓଡ଼ିଶା ଗ୍ରୁପ୍‌ର ମିଳିତ ପଞ୍ଚମ ବାର୍ଷିକ ସମାରୋହରେ ଅତିଥି ଭାବେ ଶ୍ରୀମନ୍ଦିର ଛତିଶା ନିଯୋଗର ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ପ୍ରବକ୍ତା ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ, ଘୋଷକ ପଣ୍ଡିତ ଶୁକଦେବ ମହାନ୍ତି, ମଠର ମଠାଧୀଶ ମହନ୍ତ ଶ୍ରୀନିବାସ ମହାରାଜ, କାର୍ଯ୍ୟକାରୀ ସଭାପତି ପ୍ରବକ୍ତା ପ୍ରତାପ କିଶୋର ନନ୍ଦ, କବି ଡ. କାଳୀପଦ ପଣ୍ଡା, ପ୍ରବକ୍ତା ବିଜୟ କୁମାର ପାଢ଼ୀ, ପ୍ରବକ୍ତା ଦୟାନିଧି ତ୍ରିପାଠୀ, ପ୍ରବକ୍ତା ପଣ୍ଡିତ ସଂଗ୍ରାମ କେଶରୀ ବଳ, ସମୀକ୍ଷକ ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ, ସମୀକ୍ଷିକା ବିଦୂଷୀ କିରଣବାଳା ହୋତା, ବ୍ୟାସ ପଣ୍ଡିତ ଗୋପାଳକୃଷ୍ଣ ସେନାପତି, ପଣ୍ଡିତ କିଶୋର ଚନ୍ଦ୍ର ଭଞ୍ଜ, ଦୟାନିଧି ତ୍ରିପାଠୀ, କୁମାର ମିଟ୍ଟୁ, ପ୍ରଭାତ ଜେନା, ସୁଲୋଚନା ମିଶ୍ର, ଦିଲ୍ଲୀପ କୁମାର ସ୍ୱାଇଁ, ଶିବପ୍ରସାଦ ସାହୁ, ପ୍ରଦ୍ୟୁମ୍ନ ମହାପାତ୍ର ପ୍ରମୁଖ ଯୋଗଦେଇ ଆଜିର ଯୁଗରେ ହ୍ୱାଟ୍ସ ଆପ୍ ମାଧ୍ୟମରେ ଭାଗବତ ପାରାୟଣ ଓ ଧାରାବାହିକ ଅଧ୍ୟାୟ ଭିତ୍ତିକ ତତ୍ତ୍ୱପୂର୍ଣ୍ଣ ଆଲୋଚନା ପାଇଁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ପ୍ରବକ୍ତା ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଢେଙ୍କାନାଳର କାର୍ଯ୍ୟକାରୀ ସଭାପତି ପଣ୍ଡିତ ପ୍ରତାପ କିଶୋର ନନ୍ଦ ସଭାପତିତ୍ୱ କରିଥିଲେ। ହବନ କାର୍ଯ୍ୟକ୍ରମରେ ପରିବାରର ବ୍ୟାସ ଗୋପାଳକୃଷ୍ଣ ସେନାପତି ଦାୟିତ୍ୱ ନିର୍ବାହ କରିଥିବାବେଳେ ସଂଗଠକ କୁମାର ମିଟ୍ଟୁ ଓ ପ୍ରଭାତ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାରୋହରେ ଘରେ ଘରେ ଓ ଗାଁ ଗାଁରେ ଭାଗବତର ବ୍ୟାସ ବଦ୍ରି ମିଶ୍ର ଓ ପ୍ରବଚିକା ନିର୍ମଳା ଫତେସିଂହ, ସେବାୟତ ନୀଳମଣି ଗୁରୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଓ ଛତିଶଗଡ଼ର ବହୁ ଭାଗବତ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ କେତେଜଣ ଭାଗବତପ୍ରେମୀଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରବକ୍ତା ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ମୌଳିକଗ୍ରନ୍ଥ ‘ଭାଗବତ ବିଚାର’ ପାଠାର୍ପଣ କରାଯାଇଥିଲା।


ବଦ୍ରି ମିଶ୍ର, ନିର୍ମଳା ଫତେସିଂହ, ନୀଳମଣି ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପ୍ଲଗିଂ, ବୈଜ୍ଞାନିକ ଉପାୟରେ ବର୍ଜ୍ୟ ଅଡିଟ୍ ସଚେତନତା

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)



ଚକ୍ରତୀର୍ଥ ବେଳାଭୂମିରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ।

ପରିବେଶ- ପର୍ଯ୍ୟାବରଣ ସୁରକ୍ଷା ଦିଗରେ କାର୍ଯ୍ୟରତ ଇକୋ ୱାକ୍ ଫାଉଣ୍ଡେଶନ ଚକ୍ରତୀର୍ଥ ବେଳାଭୂମିରେ ରବିବାର ହାପିନେସ୍ ଫାଉଣ୍ଡେଶନ୍, ପୁରୀ ଇକୋ ୱାରିୟର୍ସ ଫାଉଣ୍ଡେଶନ୍ ଏବଂ ଜଙ୍ଗଲ୍‌ଲୋର୍ ଫାଉଣ୍ଡେଶନ୍ ସହଯୋଗରେ ଏକ ପ୍ଲଗିଂ ସହ ବୈଜ୍ଞାନିକ ଉପାୟରେ ବର୍ଜ୍ୟ ଅଡିଟ୍ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଓଡ଼ିଶା ଉପକୂଳର ସୁରକ୍ଷା ପାଇଁ ଶିକ୍ଷଣ-କୈନ୍ଦ୍ରିକ, ତଥ୍ୟ-ଆଧାରିତ ପରିବେଶଗତ କାର୍ଯ୍ୟାନୁଷ୍ଠାନକୁ ପ୍ରୋତ୍ସାହିତ କରିବା। ଜଳବାୟୁକର୍ମୀ ଜଳେନ୍ଦ୍ର ମହାଲିକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାଲିକ କହିଥିଲେ, ପରିବେଶଗତ କାର୍ଯ୍ୟକ୍ରମମାନ ପ୍ରତୀକାତ୍ମକ ପରିଷ୍କାର ଅଭିଯାନରୁ ଆଗକୁ ବଢ଼ିବା ଉଚିତ୍। ସେ ବର୍ଜ୍ୟରୁ ଶିଖିବା ମାଧ୍ୟମରେ ବୈଜ୍ଞାନିକ ବିଶ୍ଳେଷଣର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ, ଯାହା ସମୁଦ୍ର ପ୍ରଦୂଷଣ ପାଇଁ ଦୀର୍ଘକାଳୀନ, ପ୍ରମାଣ-ଆଧାରିତ ସମାଧାନ ଡିଜାଇନ୍ କରିବାରେ ସାହାଯ୍ୟ କରିବ। କର୍ମଶାଳା ପ୍ଲଗିଂକୁ ବୈଜ୍ଞାନିକ ବର୍ଜ୍ୟ ଅଡିଟ୍ ପଦ୍ଧତି ସହ ଏକତ୍ରିତ କରିଥିଲା। ଅଂଶଗ୍ରହଣକାରୀମାନେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ବର୍ଜ୍ୟ ସଂଗ୍ରହ କରିଥିଲେ ଏବଂ ବ୍ୟବସ୍ଥିତ ଭାବେ ବର୍ଗୀକରଣ, ଦସ୍ତାବିଜ୍ ଓ ବିଶ୍ଳେଷଣ କରିଥିଲେ। ଏହା ବର୍ଜ୍ୟର ଗଠନ, ଉତ୍ସ ଏବଂ ସମୁଦ୍ର ପରିସ୍ଥିତି ତନ୍ତ୍ର ଉପରେ ପ୍ରଭାବ ପକାଉଥିବା ପ୍ରଦୂଷଣ ଟ୍ରେଣ୍ଡସ ବୁଝିବାରେ ସାହାଯ୍ୟ କରିଥିଲା। କର୍ମଶାଳାରେ ଜଙ୍ଗଲ୍‌ଲୋର୍ ଫାଉଣ୍ଡେଶନ୍‌ର ସଦସ୍ୟ ଆକାଶ ରଞ୍ଜନ ରଥ, ପ୍ରଭାତ ବିଶ୍ୱାଳ ଏବଂ ହାପିନେସ୍ ଫାଉଣ୍ଡେଶନ୍‌ର ପ୍ରଦୀପ୍ତ ପ୍ରଧାନ ଅଂଶଗ୍ରହଣ କରିଥିଲେ। ସମୁଦ୍ର ଜୈବ ବିବିଧତାର ସୁରକ୍ଷା ପାଇଁ ସେମାନେ ସ୍ୱର ଉଠାଇଥିଲେ। ଜଳବାୟୁ କର୍ମୀ ଆକାଶ ରଞ୍ଜନ ରଥ ବ୍ଲୁ ଫ୍ଲାଗ୍ ବିଚ୍‌ର ଗୁରୁତ୍ୱ, ବିଶ୍ୱବ୍ୟାପୀ ମାନକ, ପରିଷ୍କାର-ପରିଚ୍ଛନ୍ନତା, ସୁରକ୍ଷା ଏବଂ ପରିସ୍ଥିତି ତନ୍ତ୍ରର ଅଖଣ୍ଡତା ରକ୍ଷା କରିବାର ଦାୟିତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଅଡିଟ୍ ସମୟରେ ସଂଗୃହୀତ ବର୍ଜ୍ୟକୁ ଏକକ-ବ୍ୟବହାରଚପ୍ଲାଷ୍ଟିକ୍, ମତ୍ସ୍ୟପାଳନ-ସମ୍ପର୍କିତ ଧ୍ୱଂସାବଶେଷ, ବହୁସ୍ତରୀୟ ପ୍ୟାକେଜିଂ, କାଚ, ଧାତୁ, କପଡ଼ା, ଜୋତା ଏବଂ ବିବିଧ ବର୍ଜ୍ୟରେ ବର୍ଗୀକୃତ କରାଯାଇଥିଲା। ତେବେ ଏକକ-ବ୍ୟବହାର ପ୍ଲାଷ୍ଟିକ୍ ଓ ମତ୍ସ୍ୟ ଉପକରଣ ବର୍ଜ୍ୟର ପ୍ରାଧାନ୍ୟ ଦେଖାଇଥିଲା, ଯାହା ଉନ୍ନତ ବର୍ଜ୍ୟ ପରିଚାଳନା ଅଭ୍ୟାସ, ଉତ୍ପାଦକଙ୍କ ଦାୟିତ୍ୱ ବୃଦ୍ଧି ଏବଂ ସମ୍ପ୍ରଦାୟ ସ୍ତରରେ ଆଚରଣଗତ ପରିବର୍ତ୍ତନର ଜରୁରୀ ଆବଶ୍ୟକତାକୁ ଉଜାଗର କରିଥିଲା। ଏହି କାର୍ଯ୍ୟକ୍ରମରେ ବନ ବିଭାଗର ଅଧିକାରୀ ଏବଂ ସ୍ୱଚ୍ଛତା କର୍ମୀମାନେ ଅଂଶଗ୍ରହଣ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମାନତ


@ ମାନସ


@ ପ୍ରସନ୍ନଜିତ୍


@ ରଶ୍ମିରଞ୍ଜନ


@ ବାପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ଡିଜିଟାଲ ଅର୍ଥନୀତିରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣ ରହୁ'

**ଆଇସିଏସ୍ଏସ୍ଆର ପକ୍ଷରୁ ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ**

**୩ କାରଣରୁ ଡିଜିଟାଲ ଆର୍ଥିକ ସଶକ୍ତ ହୋଇପାରୁ ନାହାନ୍ତି ମହିଳା**

ଭୁବନେଶ୍ୱର,୧୫।୧୨(ସୁଚିସ୍ମିତା ସାହୁ)

ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଆଇସିଏସ୍ଏସ୍ଆର୍) ପକ୍ଷରୁ 'ଡିଜିଟାଲ ଆର୍ଥିକ ସାକ୍ଷରତା ଏବଂ ଡିଜିଟାଲ ଦେୟ ପରିବର୍ତ୍ତନ ମାଧ୍ୟମରେ ମହିଳା ସଶକ୍ତୀକରଣ' ଶୀର୍ଷକ ଦୁଇଦିନିଆ କର୍ମଶାଳା ସୋମବାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ମହିଳାମାନେ ଡିଜିଟାଲ ଆର୍ଥିକ ସେବା ସମ୍ବନ୍ଧରେ ସଚେତନ ହେବା ସହ ସେମାନେ କିଭଳି ସୁରକ୍ଷିତ ଭାବେ ନିର୍ଭୟରେ ସହ ଏହାକୁ ପରିଚାଳନା କରିପାରିବେ, ସେଥିପାଇଁ ଆତ୍ମବିଶ୍ୱାସ ସୃଷ୍ଟି ହେଉଛି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। କର୍ମଶାଳାକୁ ମହାବିଦ୍ୟାଳୟ ଅଧକ୍ଷା ଝୁମକୀ ରଥ ଉଦ୍‌ଘାଟନ କରି କହିଲେ, ଭାରତର ଡିଜିଟାଲ ଅର୍ଥନୀତିରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣ ରହିବା ଦରକାର। ମହିଳାମାନେ ଡିଜିଟାଲ ଯୁଗ ସହିତ ତାଳ ଦେଇ ଆଗକୁ ବଢ଼ିବା ଜରୁରୀ ବୋଲି ସେ କହିଛନ୍ତି। ଆଇସିଏସ୍ଏସ୍ଆର୍‌ର ପ୍ରକଳ୍ପ ନିର୍ଦ୍ଦେଶିକା ଡ. ଏଲିନା କାନୁନ୍‌ଗୋ, ସହ-ପ୍ରକଳ୍ପ ନିର୍ଦ୍ଦେଶକ ଡ. ଦେବିକା ଓ ଡ. ଦେବବ୍ରତ ଶର୍ମା ଯୋଗଦେଇ କହିଲେ, ଡିଜିଟାଲ ଆର୍ଥିକ ବ୍ୟବହାରକୁ ନେଇ ଗାଁ ଓ ସହରର ମହିଳାଙ୍କ ମଧ୍ୟରେ ତୁଳନା କରାଯାଇଥିଲା। ଓଡ଼ିଶାର ଖୋର୍ଦ୍ଧା, ଭଦ୍ରକ, ପୁରୀ, ନୟାଗଡ଼, କଟକ, ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ଏହି ସର୍ଭେ ଓ ଗବେଷଣା କରାଯାଇଥିଲା। ମହିଳାଙ୍କ ମଧ୍ୟରେ ଡିଜିଟାଲ ଢାଞ୍ଚା ବୃଦ୍ଧି ପାଇଥିଲେ ସୁଦ୍ଧା ଅନେକ ମହିଳା ଆର୍ଥିକ ସାକ୍ଷରତାର ଅଭାବ, ସାଇବର ଠକେଇର ଭୟ ଓ ସୀମିତ ଡିଜିଟାଲ ଦକ୍ଷତା କାରଣରୁ ଡିଜିଟାଲ ଆର୍ଥିକ କାରବାର କରୁ ନ ଥିବା ଗବେଷଣାରୁ ଜଣାପଡ଼ିଛି ବୋଲି କହିଛନ୍ତି।

ପ୍ରଥମ ଅଧିବେଶନରେ ନୂଆଦିଲ୍ଲୀ ମଇଦାନ ଗାର୍ହି ଇଗ୍ନୁର ପ୍ରଫେସର ପଭନିସ କୁମାର ଯୋଗଦେଇ ମହିଳାମାନେ ଡିଜିଟାଲରେ କିଭଳି ଦକ୍ଷ ହୋଇପାରିବେ ସେଥିପ୍ରତି ସଚେତନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ପୂର୍ବତନ ପ୍ରଫେସର ଜୟନ୍ତ କୁମାର ପରିଡ଼ା ଯୋଗଦେଇ ମହିଳାଙ୍କ ଡିଜିଟାଲ ଆର୍ଥିକ ପରିବର୍ତ୍ତନ ପାଇଁ ପଦକ୍ଷେପ ଏବଂ ସରକାରୀ ଯୋଜନା ବିଷୟରେ କହିଥିଲେ। ତୃତୀୟ ଅଧିବେଶନରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସୋସିଓଲୋଜି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଅତଶୀ ରଣ ଯୋଗଦେଇ ଡିଜିଟାଲ ପେମେଣ୍ଟ ସିଷ୍ଟମର ନିରାପଦ ବ୍ୟବହାର ଉପରେ କହିଥିଲେ। ଓଏସ୍ଏଚ୍‌ସି ଅର୍ଥନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଲିପ୍‌ସା ମିଶ୍ର ମହିଳାଙ୍କ ଡିଜିଟାଲ ପରିଚୟ ଏବଂ ସଶକ୍ତୀକରଣ ଉପରେ ବକ୍ତବ୍ୟ ରଖିଥିଲେ। ରାଜଧାନୀ କଲେଜ ବାଣିଜ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସ୍ମିତରେଖା ସାହୁ ୟୁପିଆଇ, ମୋବାଇଲ ୱାଲେଟ ସମ୍ପର୍କରେ ଅବଗତ କରାଇଥିଲେ।



କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

## ଥାନା ଅଧିକାରୀଙ୍କ ସ୍ତରରେ ଅଦଳବଦଳ



ଭୁବନେଶ୍ୱର,୧୫।୧୨(ତ୍ରିନାଥ ମହାନ୍ତି)

କମିଶନରେଟ୍ ପୋଲିସରେ ସୋମବାର ଇନ୍ସପେକ୍ଟରସ୍ତରରେ ଛୋଟ ଧରଣର ଅଦଳବଦଳ କରିଛି। ଏସିପି ତଥା ନୂଆପଲ୍ଲୀ ଥାନାଧିକାରୀ ଥିବା ସତ୍ୟରଞ୍ଜନ ପ୍ରଧାନଙ୍କୁ କମିଶନରେଟ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ଜଟଣୀ ଥାନାଧିକାରୀ ଥିବା ଷ୍ଟାଲିନ ବିଶ୍ୱାଳଙ୍କୁ ନୂଆପଲ୍ଲୀ ଥାନାଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି କ୍ୟାପିଟାଲ ଥାନାରେ ଅତିରିକ୍ତ ଥାନା ଅଧିକାରୀ ଥିବା ମାନସ କୁମାର ସାହୁଙ୍କୁ ଜଟଣୀ ଥାନାଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ୩ଦିନ ତଳେ ମଞ୍ଚେଶ୍ୱର ଥାନା, ନନ୍ଦନକାନନ ଥାନା, ଧଉଳି ଥାନା ଏବଂ ୪୨ମଉଜା ଥାନା ଅଧିକାରୀଙ୍କ ମଧ୍ୟ ଅଦଳବଦଳ କରାଯାଇଥିଲା।

# ରାଜ୍ୟପାଳଙ୍କ ଏଡିସି ହେଲେ ଲ୍ୟୁଟ୍‌ନାଣ୍ଟ ହର୍ଷିତ ଦେଓ

ଭୁବନେଶ୍ୱର,୧୫।୧୨(ସୁଚିସ୍ମିତା ସାହୁ)

ନୌସେନା ଅଧିକାରୀ ଲ୍ୟୁଟ୍‌ନାଣ୍ଟ ହର୍ଷିତ ଦେଓ ସୋମବାର ଓଡ଼ିଶା ରାଜ୍ୟପାଳଙ୍କ ଏଡ୍-ଡି-କ୍ୟାମ୍ପ (ଏଡିସି) ଭାବେ ନିଯୁକ୍ତ ହୋଇଛନ୍ତି। ଲୋକସେବା ଭବନରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ତାଙ୍କୁ ଏହି ସମ୍ମାନଜନକ ପଦବୀ ପ୍ରଦାନ କରିଛନ୍ତି।

ଲ୍ୟୁଟ୍‌ନାଣ୍ଟ ଦେଓ ଆଇଏନ୍ଏସ୍ ଆଦିତ୍ୟରେ ୱାଚ୍ କିପିଂ ଅଫିସର(ଡବ୍ଲ୍ୟୁକେଓ) ଥିଲେ। ସେ ପ୍ରତିଷ୍ଠିତ ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ)ର ପୂର୍ବତନ ଛାତ୍ର ଏବଂ ଆପ୍ଲାଏଡ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନରେ ବି.ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ୨୦୨୨ ମେ'ରେ ଆଇଏନ୍ଏସ୍ ଦିଲ୍ଲୀରେ ସବ୍-ଲ୍ୟୁଟ୍‌ନାଣ୍ଟ (ଆଫ୍ଲୋଟ) ପର୍ଯ୍ୟାୟ ସମ୍ପୂର୍ଣ୍ଣ କରିବା ପରେ ସେ ଏସ୍ଏଲ୍‌ଟି (ଏକ୍ସ) ଟେକ୍ କୋର୍ସ କରିଥିଲେ। ୨୦୨୩ ଏପ୍ରିଲରେ ୱାଚ୍ କିପିଂ ଡ୍ୟୁଟି ପାଇଁ ଆଇଏନ୍ଏସ୍ ଆଦିତ୍ୟରେ ନିଯୁକ୍ତ ହୋଇଥିଲେ ଓ ଡିସେମ୍ବରରେ ଆଇଏନ୍ଏସ୍ ଆଦିତ୍ୟରେ ୱାଚ୍ କିପିଂ ଅଫିସର ଭାବେ ନିଯୁକ୍ତ ହୋଇଥିଲେ। ନିଜ କାର୍ଯ୍ୟକାଳ ମଧ୍ୟରେ ସେ ଏକାଧିକ ଫ୍ଲିଟ୍ ଡିପ୍ଲୟମେଣ୍ଟ ଏବଂ ଅନ୍ତର୍ଜାତୀୟ ନୌସେନା ଅଭ୍ୟାସରେ ଭାଗ ନେଇ ବହୁ ଅପରେଶନାଲ ଅଭିଜ୍ଞତା ହାସଲ କରିଛନ୍ତି।

